

**ରୀଚାଙ୍କ ଲଢୁଆ ଇନିଂସ୍**

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-104 ◆FRIDAY ◆10 OCTOBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୦୪ ◆ଶୁକ୍ରବାର ◆୧୦ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


**ପୁଲିସ ଚାକିରି ବିକ୍ରି**

# ଜାନୁଆରୀରୁ ହୋଇଥିଲା ଷଡ଼ଯନ୍ତ୍ର

## ଆଭ୍ୟନ୍ତରୀଣ କନ୍ଦଳ ଯୋଗୁଁ ମାର୍ଚ୍ଚରେ ଯୋଜନା ଭଣ୍ଡୁର

■ **ଭୁବନେଶ୍ୱର, ୯ ।୧୦ (ସମିସ):** ପୁଲିସ୍ ଏସ୍ଆଇ ଚାକିରି ବିକ୍ରି ରାକେଟ୍ ଧରିପଡ଼ିବାର ୧୦ଦିନ ବିତିଥିଲେ ମଧ୍ୟ ମାଷ୍ଟରମାଇଣ୍ଡଙ୍କ ପାଖରେ ପହଞ୍ଚି ପାରିନି କ୍ରାଇମ୍‌ବ୍ରାଞ୍ଚ । ସବୁ ତଦନ୍ତ ସିଲିକନ୍ ଓ ପଞ୍ଚସଫ୍ଟ ଲିମିଟେଡ୍ ପାଖରେ ତଦନ୍ତ ଅଟକି ଯାଇଛି, ଏପରିକି ଓପିଆର୍‌ବି ବା ଆଇଟିଆଇ ଲିମିଟେଡ୍‌ର କୌଣସି ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ସାମାନ୍ୟ ପଚରାଉଚରା କରାଯାଇ ନାହିଁ । ରାଜ୍ୟର ଏହି ଚର୍ଚ୍ଚିତ ଦୁର୍ନୀତିର ମୁଖ୍ୟ କାର୍ପଟଦାରଙ୍କ ସମ୍ପର୍କରେ ଜାଣିବାକୁ ସବୁ ମହଲରେ ଆଗ୍ରହ ସୃଷ୍ଟି ହୋଇଥିଲେ ହେଁ ଓପିଆର୍‌ବି ରହସ୍ୟମୟ ନିରବତା ଅବଲମ୍ବନ କରୁଛି । ଏପରିକି ଘଟଣାର ତଦନ୍ତ ଅଗ୍ରଗତି ସମ୍ପର୍କରେ କ୍ରାଇମବ୍ରାଞ୍ଚ ମାତ୍ର ଗୋଟିଏ ପ୍ରେସ ବିବରଣୀ ଜାରି କରି ଏବେ ନିରବ । ତେବେ ଏହାରି ଭିତରେ ଆଉ ଯେଉଁ ତଥ୍ୟଟି ସାମ୍ନାକୁ ଆସିଛି ତାହା ଅତ୍ୟନ୍ତ ସାଂଘାତିକ ମନେ ହେଉଛି । ଗତ ମାର୍ଚ୍ଚ ମାସରେ ଏହି ପରୀକ୍ଷାକୁ ଅଚାନକ ଭାବେ ସ୍ଥଗିତ ରଖିବା ପଛରେ ରହସ୍ୟର ସୂତା ଗଣ୍ଠି ଫିଟିବାରେ ଲାଗିଛି । ପ୍ରଥମ ପର୍ଯ୍ୟାୟରେ ଆଇଟିଆଇଠାରୁ ପରୀକ୍ଷା ପରିଚାଳନା ଠିକା ପାଇଥିବା ଗୁଜରାଟର ରିଚ୍‌ମାଇଣ୍ଡ ଅଂଶୀଦାରଙ୍କ ମଧ୍ୟରେ ବିବାଦ ଓ ଏହାପରେ ଚାକିରି ବିକ୍ରି ପାଇଁ ହୋଇଥିବା ଷଡ଼ଯନ୍ତ୍ରର ସମ୍ପର୍କରେ ଜଣା ପଡ଼ିଥିଲା । ଜଣେ ଅଂଶୀଦାରଙ୍କ ଅଭିଯୋଗ ଆଧାରରେ ସେତେବେଳେ ରିଚ୍‌ମାଇଣ୍ଡକୁ ପରୀକ୍ଷା ପରିଚାଳନାରୁ ବାଦ ଦିଆଯାଇଥିଲା ଓ ଏହାର ତଦନ୍ତ ପାଇଁ ଓପିଆର୍‌ବି ଏକ ଆଭ୍ୟନ୍ତରୀଣ କମିଟି ଗଠନ କରିଥିଲା । ମାତ୍ର ଏହି କମିଟି କ'ଣ ରିପୋର୍ଟ ଦେଲା ତାହା ଆଜିଯାଏ ସାର୍ବଜନୀନ ହୋଇନାହିଁ । ଅପରପକ୍ଷରେ ଚାକିରି ବିକ୍ରି ଷଡ଼ଯନ୍ତ୍ର ସମ୍ପର୍କରେ ସୁରାକ ପାଇବା ପରେ ତତ୍କାଳୀନ ଓପିଆର୍‌ବି ଅଧ୍ୟକ୍ଷ ତଥା

### ଜାଲିଆତି ସଂକ୍ରାନ୍ତରେ ଅଭିଯୋଗ କରିଥିଲେ ରିଚ୍‌ମାଇଣ୍ଡ ଅଂଶୀଦାର

### ନିଯୁକ୍ତିରେ ଦୁର୍ନୀତି ଗନ୍ଧ ବାରି ଇସ୍ତଫା ଦେଇଥିଲେ ପୂର୍ବ ଅଧ୍ୟକ୍ଷ

ଅବସରପ୍ରାପ୍ତ ଆଇପିଏସ୍ ସନ୍ତୋଷ ଉପାଧ୍ୟାୟ ଅଧ୍ୟକ୍ଷ ପଦରୁ ଓହରି ଯାଇଥିବା ସୂଚନା ମିଳିଛି ।

ଅଭିଯୋଗ ଅନୁସାରେ କେନ୍ଦ୍ରୀୟ ପିଏସ୍‌ୟୁ ସଂସ୍ଥା ଆଇଟିଆଇ ଲିମିଟେଡ୍ ଏହି ପରୀକ୍ଷା ପାଇଁ ଟେଣ୍ଡର ନେଇଥିବାବେଳେ ରିଚ୍‌ମାଇଣ୍ଡ ଏହାଠାରୁ ସବ୍-କଣ୍ଟ୍ରାକ୍ଟ ପାଇଥିଲା । ଗତ ମାର୍ଚ୍ଚ ୮ ଓ ୯ ତାରିଖରେ ଏସ୍ଆଇ ପରୀକ୍ଷା କରିବା ପାଇଁ ଆଡମିଟ୍ କାର୍ଡ ପ୍ରକାଶ ପାଇବାରୁ ବହୁ ପୂର୍ବରୁ ▶ପୃଷ୍ଠା-୧୦



## ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

■ **କଟକ, ୯।୧୦ (ସମିସ):** ବହୁଚର୍ଚ୍ଚିତ ପୁଲିସ ସବ୍-ଇନ୍ସପେକ୍ଟର(ଏସ୍ଆଇ) ନିଯୁକ୍ତି ପରୀକ୍ଷା ଜାଲିଆତିକୁ ନେଇ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିବା ବେଳେ ମାମଲା ଏବେ ହାଇକୋର୍ଟରେ ପହଞ୍ଚିଛି । ବଡ଼ଧରଣର ଏହି କେଳେଙ୍କାରୀର ସିବିଆଇ ତଦନ୍ତ ପାଇଁ ପ୍ରାର୍ଥନା କରି ଆଇନଜୀବୀ ଶିବଶଙ୍କର ମହାନ୍ତି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରିଛନ୍ତି ।


**ସିବିଆଇ ତଦନ୍ତ ଦାବି**

ଆବେଦନକାରୀ ସେ ଦର୍ଶାଇଛନ୍ତି ଯେ ପରୀକ୍ଷା ପୂର୍ବରୁ ଅସାଧୁ ଉପାୟ ଅବଲମ୍ବନ କରି ଅଭ୍ୟାସ ପାଇଁ ହାଇଦ୍ରାବାଦ ଯାଇଥିବା ୧୧୭ଜଣ ପିଲା ଧରାପଡ଼ିବା ପରେ ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆରବି) ପକ୍ଷରୁ ଗତ ଅକ୍ଟୋବର ୫ ଓ ୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଏସ୍ଆଇ ନିଯୁକ୍ତି ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା । ଗଞ୍ଜାମର ଗୋଳନ୍ଥରା ଥାନାରେ ଏକ ମାମଲା ରୁଜୁ ହେବା ପରେ କ୍ରାଇମବ୍ରାଞ୍ଚ ଏହି ଜାଲିଆତି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ସେହିଭଳି ଗତ ମାର୍ଚ୍ଚ ୮ ଓ ୯ରେ ହେବାକୁ ଥିବା ପରୀକ୍ଷାକୁ ମଧ୍ୟ ଓପିଆର୍‌ବି ସ୍ଥଗିତ ରଖିଥିଲା । ସେହି ସମୟରେ କେତେକ ▶ପୃଷ୍ଠା-୧୦

## ସାମ୍ବାଦିକ ସମ୍ମିଳନୀ ଡାକି ବାତିଲ କଲା ଓପିଆର୍‌ବି

■ **ଭୁବନେଶ୍ୱର, ୯ ।୧୦ (ସମିସ):** ପୁଲିସ୍ ଏସ୍ଆଇ ଚାକିରି ବିକ୍ରି ଘଟଣା ସାରା ଦେଶରେ ଆଲୋଡନ ସୃଷ୍ଟି କରିଛି । ମଧ୍ୟପ୍ରଦେଶର ବ୍ୟାପମ୍ ସ୍କାମ୍‌ଠାରୁ ମଧ୍ୟ ଏହି ଚାକିରି ବିକ୍ରି ଘୋଟାଲା ବଡ଼ଧରଣର ହୋଇଥିବା ଜାତୀୟ ଗଣମାଧ୍ୟମରେ ଖବର ବାଜିଲାଣି । ପ୍ରାୟ ଦେଢ଼ ଲକ୍ଷରୁ ଅଧିକ ଆଶାୟୀଙ୍କ ସମେତ ସାରା ଦେଶବାସୀ ଘୋଟାଲା ପ୍ରସଙ୍ଗରେ ଅଧିକାରିକ ବିବୃତିକୁ ଅପେକ୍ଷା କରିଛନ୍ତି । ଏପରି ସ୍ଥିତିରେ ରାଜ୍ୟ ସରକାର, ପୁଲିସ୍ ମହାନିର୍ଦ୍ଦେଶକ କିମ୍ବା ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡର ଅଧ୍ୟକ୍ଷ ଏଯାଏଁ ମୁହଁ ଖୋଲୁ ନାହାନ୍ତି । ଆଜି ଅପରାହ୍ଣ ସାଢ଼େ ୪ଟାରେ କଳ୍ପନାସ୍ଥିତ କାର୍ଯ୍ୟାଳୟରେ ଓପିଆର୍‌ବି ଅଧ୍ୟକ୍ଷ ସୁଶାନ୍ତ କୁମାର ନାଥ ସାମ୍ବାଦିକ ସମ୍ମିଳନୀ ଡାକିଥିଲେ । ଗଣମାଧ୍ୟମ ଜରିଆରେ ପରୀକ୍ଷାର୍ଥୀଙ୍କ ଉଦ୍ଦେଶ୍ୟରେ ସନ୍ଦେଶ ଦିଆଯିବ ବୋଲି ଉଲ୍ଲେଖ କରିଥିଲେ । ହେଲେ ସାମ୍ବାଦିକ ସମ୍ମିଳନୀ ଆରମ୍ଭ ହେବା ପୂର୍ବରୁ ତାହାକୁ ବାତିଲ୍ କରିଦିଆଗଲା । ନିର୍ଦ୍ଦିଷ୍ଟ କେଉଁ କାରଣ ପାଇଁ ବାତିଲ୍ କରାଗଲା ଦର୍ଶାଇ ନ ଥିବାବେଳେ ଅନିବାର୍ଯ୍ୟ କାରଣବଶତଃ ସାମ୍ବାଦିକ ସମ୍ମିଳନୀକୁ ସ୍ଥଗିତ ରଖାଯାଇଥିବା ଓ ପରବର୍ତ୍ତୀ ସାମ୍ବାଦିକ ସମ୍ମିଳନୀର ସମୟ ଓ ସ୍ଥାନ ଧାର୍ଯ୍ୟ କରାଯାଇ ଖୁବ୍‌ଶୀଘ୍ର ସୂଚନା ▶ପୃଷ୍ଠା-୧୦

## ହଙ୍ଗେରୀର ଲାସ୍‌ଜ୍ଲୋଙ୍କୁ ସାହିତ୍ୟରେ ନୋବେଲ



■ **ଷ୍ଟକହାମ୍, ୯ ।୧୦ (ଏଜେନ୍ସି):** ୭୧ ବର୍ଷୀୟ ହଙ୍ଗେରୀ ଲେଖକ ଲାସ୍‌ଜ୍ଲୋ କ୍ରାସ୍‌ନାହୋରକାଇଙ୍କୁ ଚଳିତ ବର୍ଷ ସାହିତ୍ୟ ପାଇଁ ନୋବେଲ ପୁରସ୍କାର ପ୍ରଦାନ କରାଯିବ । ସ୍ୱିଡିସ୍ ଏକାଡେମୀ ପକ୍ଷରୁ ଆଜି ଏହି ଘୋଷଣା କରାଯାଇଛି । ଲାସ୍‌ଜ୍ଲୋଙ୍କ ଲେଖା ତଥା ସାହିତ୍ୟ କୃତି ବହୁତ ପ୍ରଭାବଶାଳୀ ଓ ଦୂରଦୃଷ୍ଟିସମ୍ପନ୍ନ ବୋଲି ଏକାଡେମୀ ତରଫରୁ କୁହାଯାଇଛି । ବିଶ୍ୱରେ ଦେଖାଦେଇଥିବା ଆତଙ୍କର ବାତାବରଣ ମଧ୍ୟରେ ସେ ନିର୍ଭୀକ ଭାବେ କଳା ତଥା ସାହିତ୍ୟର ଶକ୍ତି ପ୍ରଦର୍ଶନ କରିବାରେ ସଫଳ ହୋଇଛନ୍ତି । ପୁରସ୍କାର ବାବଦରେ ତାଙ୍କୁ ୧୦ କୋଟି ୩୦ ଲକ୍ଷ ଟଙ୍କା, ଏକ ସ୍ୱର୍ଣ୍ଣ ପଦକ ଓ ପ୍ରମାଣପତ୍ର ପ୍ରଦାନ କରାଯିବ । ଡିସେମ୍ବର ୧୦ରେ ସ୍ୱିଡେନ ରାଜଧାନୀ ଷ୍ଟକ୍‌ହୋମ୍‌ରେ ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନୋବେଲ ପୁରସ୍କାର ▶ପୃଷ୍ଠା-୧୦

## ସରକାରଙ୍କ କାର୍ଯ୍ୟ ସମୀକ୍ଷା କଲେ ବିଜେପି ମହାମନ୍ତ୍ରୀ

### ପଚାରି ବୁଝିଲେ ସରକାରଙ୍କ ୧୫ ମାସର ଉପଲବ୍ଧି

■ **ଭୁବନେଶ୍ୱର, ୯।୧୦ (ସମିସ):** ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ମନ୍ତ୍ରୀ ପରିଷଦର ସଦସ୍ୟମାନଙ୍କଠାରୁ ସରକାରଙ୍କ ଗତ ୧୫ ମାସର ଉପଲବ୍ଧି ପଚାରି ବୁଝିଛନ୍ତି ବିଜେପି ରାଷ୍ଟ୍ରୀୟ ସଂଗଠନ ମହାମନ୍ତ୍ରୀ ବି.ଏଲ୍.ସନ୍ତୋଷ । ସରକାରଙ୍କ ପ୍ରଦର୍ଶନ ଓ ମନ୍ତ୍ରୀମାନଙ୍କ ବ୍ୟକ୍ତିଗତ ରିପୋର୍ଟ କାର୍ଡ ସମୀକ୍ଷା କରିବା ଅବସରରେ ସେ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତିକୁ ନେଇ ଚିନ୍ତା ପ୍ରକଟ କରିବା ସହ ସରକାର ଏ ଦିଗରେ ଅଧିକ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିବା ସୂଚନା ମିଳିଛି ।

ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଗୁରୁବାର ଜନଜାତି ସଙ୍କୁଳ ବିକାଶ ପରିଯୋଜନା କର୍ମଶାଳା ପରେ ମନ୍ତ୍ରୀ ପରିଷଦର ସଦସ୍ୟଙ୍କ ସହ ସଂଗଠନ ମହାମନ୍ତ୍ରୀ ବୈଠକ କରିଥିଲେ । ବୈଠକରେ ରାଜ୍ୟ ସରକାରଙ୍କ ୧୫ ମାସର ଉପଲବ୍ଧି ସମ୍ପର୍କରେ ବିଶଦ୍ ଆଲୋଚନା ହୋଇଥିଲା । ଏଯାବତ୍ କେଉଁ କେଉଁ ପ୍ରତିଶ୍ରୁତି ପୂରଣ ହୋଇଛି, କେଉଁ ପ୍ରତିଶ୍ରୁତି ଉପରେ ସରକାର କାର୍ଯ୍ୟ କରୁଛନ୍ତି ଏବଂ ଆଗାମୀ ଦିନରେ ରାଜ୍ୟ ସରକାର କେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି, ସେନେଇ ପଚାରି ବୁଝିଥିଲେ । ଏଥିସହ ନୂଆପଡ଼ା ଉପନିର୍ବାଚନରେ ଦଳୀୟ ପ୍ରାର୍ଥୀ ଚୟନକୁ ନେଇ ମଧ୍ୟ ଆଲୋଚନା ହୋଇଥିଲା । ସଂଗଠନ ଏବଂ ସରକାର ମଧ୍ୟରେ ସମନ୍ୱୟକୁ ବିଜେପି ଶୀର୍ଷ ନେତୃତ୍ୱ ସବୁବେଳେ ଗୁରୁତ୍ୱ ଦେଉଥିବାରୁ ବୈଠକରେ ଏହା ଉପରେ ମହାମନ୍ତ୍ରୀ ଶ୍ରୀ ସନ୍ତୋଷ ଗୁରୁତ୍ୱାରୋପ କରିଥିଲେ । ▶ପୃଷ୍ଠା-୧୦

**ରାଜ୍ୟର ଆଇନଶୃଙ୍ଖଳା ସ୍ଥିତିକୁ ନେଇ ଚିନ୍ତା ପ୍ରକଟ**

**ନୂଆପଡ଼ା ଉପନିର୍ବାଚନ ପ୍ରାର୍ଥୀ ସଂପର୍କରେ ଆଲୋଚନା**

**ସରକାର ଓ ସଂଗଠନ ମଧ୍ୟରେ ସମନ୍ୱୟ ପାଇଁ ପରାମର୍ଶ**

**ଯୋଗଦେଲେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ**







ସକାଳ
www.sakalaepaper.com

# ଶାନ୍ତି ଚୁକ୍ତି ନେଇ ହମାସ- ଇସ୍ରାଏଲ ସହମତି

ୱାସିଂଟନ, ୯ ।୧୦(ଏଜେନ୍ସି): ଗତ ଦୁଇବର୍ଷ ହେବ ଗାଜାରେ ଇସ୍ରାଏଲ ଓ ହମାସ ମଧ୍ୟରେ ଚାଲିଥିବା ସଂଘର୍ଷ ଏବେ ଶେଷ ହେବା ନେଇ ଆଶା ସଞ୍ଚାର ସୃଷ୍ଟି ହୋଇଛି। ଆମେରିକା ମଧ୍ୟସ୍ଥତାରେ ଶାନ୍ତି ଚୁକ୍ତିର ପ୍ରଥମ ପର୍ଯ୍ୟାୟ ନେଇ ଇସ୍ରାଏଲ ଓ ହମାସ ସହମତି ପ୍ରକାଶ କରିଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁରୁବାର ବିଳମ୍ବିତ ରାତିରେ ସାମାଜିକ ଗଣମାଧ୍ୟମରେ ଏ ସଂକ୍ରାନ୍ତରେ ଘୋଷଣା କରିଛନ୍ତି। ଖୁବଶୀଘ୍ର ସବୁ ପଣବନ୍ଦୀଙ୍କୁ ମୁକ୍ତ କରାଯିବ ଓ ଇସ୍ରାଏଲ ମଧ୍ୟ ତା'ର ସେନାକୁ ଏକ ନିର୍ଦ୍ଧାରିତ ରେଖାକୁ ଫେରାଇଆଣିବ ବୋଲି ସେ ଟ୍ରୁଥ ସୋସିଆଲରେ ଉଲ୍ଲେଖ କରିଛନ୍ତି। ଏହା ମଜଭୁତ ଓ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ଏକ ପ୍ରଥମ ପଦକ୍ଷେପ ବୋଲି ସେ କହିଛନ୍ତି। ସୋମବାର ସୁଦ୍ଧା ଇସ୍ରାଏଲର ପଣବନ୍ଦୀଙ୍କୁ ମୁକ୍ତ କରାଯିବ ବୋଲି ଆଶା କରାଯାଉଛି ବୋଲି ସେ କହିଛନ୍ତି। ପୁଣି ଏହି ସପ୍ତାହ ଶେଷ ଆଡକୁ ଟ୍ରମ୍ପ ଇଜିପ୍ଟ ଯାଇପାରିନ୍ତି। ଇଜିପ୍ଟରେ ଅକ୍ଟୋବର ୮ ରେ ଶାନ୍ତି ଚୁକ୍ତି ନେଇ ପରୋକ୍ଷରେ ଆଲୋଚନା ହୋଇଛି। ଶାନ୍ତି ଚୁକ୍ତିର ୭୨ ଘଣ୍ଟା ମଧ୍ୟରେ ସବୁ ପଣବନ୍ଦୀଙ୍କୁ ମୁକ୍ତି କରାଯିବ। ଶାନ୍ତି ଚୁକ୍ତି ଅନୁସାରେ ଇସ୍ରାଏଲ ବନ୍ଧକ ରଖିଥିବା ସବୁ ୨, ୦୦୦ ପାଲେଷ୍ଟାଇନ୍ କଏଦୀଙ୍କୁ ଛାଡିବ। ପ୍ରତିବଦଳରେ ଜୀବୀତ ଥିବା ଇସ୍ରାଏଲର ସବୁ ବନ୍ଧକଙ୍କୁ ହାମାସ ମଧ୍ୟ ମୁକ୍ତ କରିବ। ମୃତ୍ୟୁବରଣ କରିଥିବା ବନ୍ଧକଙ୍କ ମୃତଦେହ ମଧ୍ୟ ଫେରାଇ ଦିଆଯିବ ବୋଲି କୁହାଯାଇଛି। ଇସ୍ରାଏଲ ମଧ୍ୟ ଗାଜାରୁ ତା'ର ସେନାକୁ ହଟାଇବ ବୋଲି କୁହାଯାଇଛି।

# ଜୈସ ଗଢୁଛି ମହିଳା ଆତଙ୍କବାଦୀ ସଂଗଠନ

ଇସଲାମାବାଦ୍, ୯ ।୧୦(ଏଜେନ୍ସି): କୁଖ୍ୟାତ ପାକିସ୍ତାନ ଆତଙ୍କବାଦୀ ସଂଗଠନ ଜୈସ- ଇ- ମହମ୍ମଦ ପ୍ରଥମଥର ପାଇଁ ତା'ର ସଂଗଠନରେ ଏକ ସ୍ୱତନ୍ତ୍ର ମହିଳା ୟୁନିଟ୍ ଅର୍ଥାତ ବିଭାଗ ସୃଷ୍ଟି କରିବାକୁ ଯାଉଛି। ଏହାର ନାମ 'ଜମାନ-ଅଲ-ମୋମିନାତ' ରଖାଯାଇଛି। ଜଣାଶୁଣା ଆତଙ୍କାବାଦୀ ନେତା ମୌଲାନା ମାସୁଦ ଆଝାର ନାମରେ ଆସିଥିବା ଏକ ଚିଠିରୁ ଏହି ସୂଚନା ମିଳିଛି ବୋଲି ଗଣମାଧ୍ୟମଗୁଡିକ ଉଲ୍ଲେଖ କରିଛନ୍ତି। ପାକିସ୍ତାନର ବାହାବଲପୁରର ମରକଜ ଉସମାନ- ଓ- ଅଲିରେ ଅକ୍ଟୋବର ୮ ତାରିଖରେ ଏହି ମହିଳା ୟୁନିଟ୍ ପାଇଁ ମହିଳା ଆତାଙ୍କବାଦୀଙ୍କ ଭର୍ତ୍ତି କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ମାସୁଦ ଆଝାରର ଭଉଣୀ ସାଦିଆ ଆଝାର ଏହି ମହିଳା ସଂଗଠନର ନେତୃତ୍ୱ ନେବ। ଅପରେସନ ସିନ୍ଦୂରରେ ସାଦିଆର ସ୍ୱାମୀ ୟୁସୁଫ ଆଝାର ମେ ୭ ତାରିଖରେ ଭାରତୀୟ ବାୟୁସେନାର ଆକ୍ରମଣରେ ନିହତ ହୋଇଥିଲା। ଏହି ସଂଗଠନରେ ଆତଙ୍କବାଦୀଙ୍କ ପତ୍ନୀ ଓ ଗରିବ ମହିଳାଙ୍କୁ ଭର୍ତ୍ତି କରାଯାଉଛି। ଏହି ମହିଳାମାନେ ବାହାବଲପୁର, କରାଚୀ, ମୁଜାଫରାବାଦ୍, କୋଟଲି, ହରିପୁର ଓ ମାନସେରାରେ ଥିବା ମାଦ୍ରାସାରେ ପଢୁଛନ୍ତି। ଏହି ମହିଳା ଆତଙ୍କବାଦୀମାନଙ୍କୁ ଆତ୍ମଘାତୀ ଆକ୍ରମଣ ପାଇଁ ପ୍ରସ୍ତୁତ କରାଯିବ ବୋଲି ଅନୁମାନ କରାଯାଉଛି। ଉଲ୍ଲେଖଥାଉକି, ଆଇଏସ୍ଆଇଏସ୍ ଓ ବୋକୋ ହାରାମ ଭଳି ଆତଙ୍କବାଦୀ ସଂଗଠନଗୁଡିକ ମହିଳା ଆତଙ୍କବାଦୀଙ୍କୁ ଆତ୍ମଘାତୀ ଆକ୍ରମଣ ପାଇଁ ବ୍ୟବହାର କରୁଛନ୍ତି। ଯଦିଓ ଜୈଶ-ଇ- ମହମ୍ମଦ, ଲସ୍କର, ହିଜବୁଲ ଭଳି ସଂଗଠନ ଏପର୍ଯ୍ୟନ୍ତ ମହିଳାଙ୍କୁ ଏହି କାର୍ଯ୍ୟପାଇଁ ନିୟୋଜିତ କରିନାହାନ୍ତି। ଭାରତର ଅପରେସସନ ସିନ୍ଦୂର ପରେ ଆତଙ୍କବାଦୀ ସଂଗଠନଗୁଡିକର ଠିକଣା ଏବେ ପାକିସ୍ତାନର ଉତ୍ତରପ୍ରାନ୍ତରେ ଥିବା ଖାଇବର ପଖତୁନଖ୍ୱାକୁ ସ୍ଥାନାନ୍ତର କରାଯାଉଛି।

# ଅଯୋଧ୍ୟାରେ ବିସ୍ଫୋରଣ; ଘର ଭୁଶୁଡ଼ି ୫ ମୃତ

ଅଯୋଧ୍ୟା, ୯।୧୦ (ଏଜେନ୍ସି): ଅଯୋଧ୍ୟାର ପୁରା କାଲାନ୍ଦର ଥାନା ଅନ୍ତର୍ଗତ ପଗଲା ଭରି ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ଭୟଙ୍କର ବିସ୍ଫୋରଣ ହୋଇଛି। ଏଥିଯୋଗୁଁ ଏକ ଦୁଇ ମହଲା କୋଠା ସମ୍ପୂର୍ଣ୍ଣ ଭୁଶୁଡ଼ି ଯାଇଛି। ଏଥିରେ ୫ ଜଣଙ୍କ ମୃତ୍ୟୁ ହୋଇଛି। ଅବଶେଷ ତଳେ ଅନେକ ମଧ୍ୟ ଫସି ରହିଥିବା କୁହାଯାଉଛି। ଉଦ୍ଧାରକାର୍ଯ୍ୟ ଜାରି ରହିଛି। ସ୍ଥାନୀୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରୁଛନ୍ତି।ଏ ପର୍ଯ୍ୟନ୍ତ ବିସ୍ଫୋରଣର କାରଣ ଜଣାପଡି ନ ଥିବାବେଳେ ସ୍ଥାନୀୟ ଅଧିକାରୀ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ହୋଇଥିବା କହିଛନ୍ତି। ସେହିପରି ଅନ୍ୟ ଏକ ରିପୋର୍ଟରେ କୁହାଯାଇଛି ଯେ ଏହି ଘରେ ବେଆଇନ ବାଣ କାରଖାନା ଚାଲିଥିଲା। ବାଣ ପ୍ରସ୍ତୁତି ସମୟରେ ନିଆଁ ଲାଗି ବିସ୍ଫୋରଣ ହୋଇଥିଲା।

# ଆଇଜି ଆତ୍ମହତ୍ୟା ଘଟଣା: ହଟିବେ ହରିୟାଣା ଡିଜିପି

ଚଣ୍ଡିଗଡ଼, ୯।୧୦ (ଏଜେନ୍ସି): ହରିୟାଣା ଆଇପିଏସ ଅଧିକାରୀ ଆଇଜି ୱାଇ ପୁରନ କୁମାରଙ୍କ ଆତ୍ମହତ୍ୟା ମାମଲା ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହାକୁ ନେଇ ରାଜ୍ୟ ସରକାର ଡିଜିପି ଶତ୍ରୁଜିତ କପୁର ଏବଂ ରୋହତକ ଏସ୍‌ପି ନରେନ୍ଦ୍ର ବିଜାରଣିଆଙ୍କୁ ହଟାଇ ପାରନ୍ତି। ସୁଇସାଇଡ ନୋଟରେ ନାମ ଥିବା ଡିଜିପି, ଏସ୍‌ପିଙ୍କ ସମେତ ସବୁ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ ସହିତ ଗିରଫ କରିବା ପାଇଁ ମୃତ ଆଇଜିଙ୍କ ଆଇଏଏସ ପତ୍ନୀ ଅମନୀତ ପି. କୁମାର ମୁଖ୍ୟମନ୍ତ୍ରୀ ନାଏବ ସିଂହ ସାଇନିଙ୍କ ନିକଟରେ ଦାବି କରିଛନ୍ତି। ଏଥିଯୋଗୁଁ ଗୁରୁବାର ମଧ୍ୟ ଆଇଜିଙ୍କ ମୃତଦେହର ବ୍ୟବଚ୍ଛେଦ ହୋଇପାରି ନାହିଁ। ଚଣ୍ଡିଗଡ଼ର ସେକ୍ଟର-୧୬ ସ୍ଥିତି ସରକାରୀ ହସ୍ପିଟାଲର ଶବଗୃହରେ ତାଙ୍କ ମୃତଦେହ ରଖାଯାଇଛି। ପତ୍ନୀଙ୍କ ଦାବି ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ ସମୟ ମାଗିଛନ୍ତି। ଏହା ପରେ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ଏଥିରେ ମୁଖ୍ୟ ସଚିବ ଅନୁରାଗ ରସ୍ତୋଗି, ଡିଜିପି ଶତ୍ରୁଜିତ କପୁର ଏବଂ ମନ୍ତ୍ରୀ କୃଷ୍ଣଲାଲ ପନୱାର ସାମିଲ ହୋଇଥିଲେ। ବୈଠକ ପରେ ଗଣମାଧ୍ୟମ ସହ ଆଲୋଚନା ନ କରି ଡିଜିପି ପଳାଇ ଥିଲେ। କପୁରଙ୍କୁ ହଟାଇ ଓପି ସିଂହଙ୍କୁ ନୂଆ ଡିଜିପି ନିଯୁକ୍ତି କରାଯାଇପାରେ।

## ସରୋଗେସି ଆଇନକୁ ନେଇ ସୁପ୍ରିମକୋର୍ଟଙ୍କ ରାୟ

# ମା'-ବାପା କିଏ, ତାହା ସ୍ଥିର କରିପାରିବେନି ସରକାର



ନୂଆଦିଲ୍ଲୀ, ୯।୧୦ (ଏଜେନ୍ସି): ସରୋଗେସି ଆଇନକୁ ନେଇ ସୁପ୍ରିମକୋର୍ଟ ଗୁରୁବାର ବଡ଼ ରାୟ ଦେଇଛନ୍ତି। ୨୦୨୨ ପୂର୍ବରୁ ଭ୍ରୁଣ (ଫର୍ଟିଲାଇଜ ଏଗ୍) ଫ୍ରିଜ କରାଇ ଥିଲେ, ସରୋଗେସି ଆଇନ ଅଧିନରେ ଆଶ୍ୱସ୍ତି ମିଳିପାରେ ବୋଲି ଜଷ୍ଟିସ ବିଭି ନାଗରତ୍ନା ଏବଂ ଜଷ୍ଟିସ କେଭି ବିଶ୍ୱନାଥାନଙ୍କ ଖଣ୍ଡପୀଠ କହିଛନ୍ତି। ଏହି ମାମଲାରେ କେନ୍ଦ୍ର ପକ୍ଷରୁ ବର୍ଦ୍ଧିତ ବୟସ ଉପରେ ଚିନ୍ତା ପ୍ରକଟ କରାଯାଇଥିଲା। ମାତ୍ର ସୁପ୍ରିମକୋର୍ଟ ଏହାକୁ ନେଇ କେନ୍ଦ୍ରକୁ ଭର୍ତ୍ସନା କରିଥିଲେ। ଆଉ କହିଥିଲେ ଯେ କିଏ ମା'-ବାପା ହେବେ ତାହା ସରକାର ଧାର୍ଯ୍ୟ କରିପାରିବେ ନାହିଁ। କାରଣ ପ୍ରାକୃତିକ ପ୍ରକ୍ରିୟାରେ ବି ବୟସ ନେଇ କୌଣସି ସୀମା ନାହିଁ। ଏହି ସମ୍ପୂର୍ଣ୍ଣ ମାମଲା ସରୋଗେସି ଆଇନ-୨୦୨୧ ସମ୍ବନ୍ଧିତ। ଏହା ୨୦୨୨ ଜାନୁଆରୀରେ କାର୍ଯ୍ୟକାରୀ ହୋଇଥିଲା। ଆଇନ ଅନୁଯାୟୀ ୨୬-୫୫ ବର୍ଷର ପୁରୁଷ ଏବଂ ୨୩-୫୦ ବର୍ଷର ମହିଳାଙ୍କୁ ସରୋଗେସି ପାଇଁ ଅନୁମତି ଦିଆଯିବ। ଏହି ଆଇନ ବିରୋଧରେ ଅନେକ ଆବେଦନ ଦାଏର କରାଯାଇଛି। ଚେନ୍ନାଇର ଇନଫର୍ଟିଲିଟି ସ୍ପେସିଆଲିଷ୍ଟ ଡ. ଅରୁଣ ମୁଥୁୱେଲ ମୁଖ୍ୟ ଆବେଦନକାରୀ ଅଛନ୍ତି। ସେ ବାଣିଜ୍ୟିକ ସରୋଗେସିରୁ କଟକଣା ହଟାଇବା ପାଇଁ ଦାବି କରିଥିଲେ। ମାସାଧିକ କାଳ ଏହା ଉପରେ ଶୁଣାଣି କରି ସୁପ୍ରିମକୋର୍ଟ ଗତ ଜୁଲାଇରେ ରାୟ ସଂରକ୍ଷିତ ରଖିଥିଲେ।

ଖଣ୍ଡପୀଠ ରାୟ ଶୁଣାଇ କହିଛନ୍ତି ଯେ ଆଇନ ହେବା ପୂର୍ବରୁ ଦମ୍ପତିମାନେ ଭ୍ରୁଣ ଫ୍ରିଜ୍ କରାଇ ଥିଲେ। ସେତେବେଳେ ଏ ନେଇ କୌଣସି ବୟସ ସୀମା ନ ଥିଲା। ତେଣୁ ତାଙ୍କ ପାଖରେ ପୂର୍ବରୁ ସରୋଗେସି ଅଧିକାର ରହିଛି। ତେଣୁ ପୁରୁଣା ମାମଲା ଉପରେ ନୂଆ ଆଇନ ଲାଗୁ ହେବ ନାହିଁ। ଦମ୍ପତିଙ୍କ ସ୍ପର୍ମ ଏବଂ ଏଗ୍ ବାହାର କରି ଭ୍ରୁଣ ପ୍ରସ୍ତୁ ପରେ ଫ୍ରିଜ କରିଦିଆଯାଇଥିଲେ ସରୋଗେସି ପ୍ରକ୍ରିୟା ଆରମ୍ଭ ହେଲା ବୋଲି ଧରାଯିବ। ଏହା ପରେ ଦମ୍ପତିଙ୍କ କାମ ଶେଷ ହୋଇ ଯାଇଥାଏ। ପରବର୍ତ୍ତୀ ପ୍ରକ୍ରିୟା ସରୋଗେଟ ମାଆଙ୍କ ସମ୍ବନ୍ଧିତ ହୋଇଥାଏ। ତେବେ ଶୁଣାଣି ସମୟରେ ବୟସ୍କ ମାତାପିତା ପିଲାଙ୍କ ଯତ୍ନ ନେଇପାରିବେନି ବୋଲି କେନ୍ଦ୍ର ପକ୍ଷରୁ ଯୁକ୍ତି କରାଯାଇଥିଲା। ମାତ୍ର ଖଣ୍ଡପୀଠ ଏହାକୁ ଖାରଜ କରିଦେଇଥିଲେ। ମାତାପିତା ହେବାକୁ କିଏ ଯୋଗ୍ୟ ଏବଂ ଅଯୋଗ୍ୟ ତାହା ସରକାର ଧାର୍ଯ୍ୟ କରିପାରିବେ ନାହିଁ ବୋଲି କୋର୍ଟ କହିଥିଲେ। ଅଭିଭାବକଙ୍କ କ୍ଷମତା ଉପରେ ପ୍ରଶ୍ନ ଉଠାଇବା ଅନୁଚିତ। ପ୍ରଜନନରେ ସ୍ୱାଧୀନତାକୁ ଆଇନ ମାନ୍ୟତା ଦେଉଛି। ବୟସ ସମ୍ବନ୍ଧିତ ଚିନ୍ତା ସଂସଦର ବିଷୟ, କିନ୍ତୁ ପୁରୁଣା ମାମଲାରେ ଏହାକୁ କାର୍ଯ୍ୟକାରୀ କରାଯାଇପାରିବ ନାହିଁ।

# ବିହାରରେ ବାଦ୍ ପଡ଼ିଥିବା ଭୋଟରଙ୍କୁ ମିଳିବ ମାଗଣା ଆଇନ ସହାୟତା: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୯।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ ତଥା ଏସଆଇଆର ବିରୋଧରେ ଦାଏର ଆବେଦନ ଉପରେ ଗୁରୁବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। ଆବେଦନକାରୀଙ୍କ ପାଖରେ ତଥ୍ୟର ଅଭାବ ଏବଂ ଭାବପ୍ରବଣତା ଅଧିକ ରହିଛି ବୋଲି ଜଷ୍ଟିସ ଜୟମାଲ୍ୟ ବାଗଚୀ କହିଛନ୍ତି। କାରଣ ଭୁଲ୍ ଭାବେ ଭୋଟର ତାଲିକାରୁ ବାଦ୍ କରାଯାଇଥିବା ବହୁତ କମ୍ ଲୋକ ଯାଞ୍ଚ ଆବେଦନ କରୁଥିବା ଓକିଲ ଯୁକ୍ତି ବାଢିଥିଲେ। ତେବେ ସୁପ୍ରିମକୋର୍ଟ କହିଥିଲେ ଯେ ପ୍ରକ୍ରିୟାରେ ଯାହା ବି ଫଳାଫଳ ବାହାରୁନା କାହିଁକି, ଚୂଡ଼ାନ୍ତ ତାଲିକାରୁ ବାଦ୍ ପଡିଥିଲା ଲୋକଙ୍କ ଆଇନଗତ ସୁରକ୍ଷା କରିବା ବାଧ୍ୟତାମୂଳକ। ତେଣୁ ସେ ଏଭଳି ଲୋକଙ୍କୁ ମାଗଣା ଆଇନ ସହାୟତା ଦେବାକୁ ରାଜ୍ୟ ଲିଗାଲ ସର୍ଭିସ ଅଥରିଟି (ଏଲଏସଏ)କୁ ନିର୍ଦ୍ଦେଶ ଦେଇଛନ୍ତି। ବାଦ୍ ପଡ଼ିଥିବା ଲୋକଙ୍କ ତାଲିକା ସଂଗ୍ରହ କରି ଚିଠା ପ୍ରସ୍ତାବ ପ୍ରସ୍ତୁତ କରିବାକୁ ଏବଂ ଆଇନଗତ ସହାୟତା ଦେବାକୁ କୋର୍ଟ ଏଲଏସଏକୁ କହିଛନ୍ତି।

ଆବେଦନକାରୀ ଦର୍ଶାଇ ଥିଲେ ଯେ ଚୂଡ଼ାନ୍ତ ତାଲିକାରୁ ବାଦ ପଡ଼ିଥିବା ପ୍ରାୟ ୩.୬୬ ଲକ୍ଷ ଲୋକ ଆବେଦନ କରିପାରି ନଥିଲେ। କାରଣ ଭୋଟର ତାଲିକାରୁ ବାଦ ଦିଆଯାଇଥିବା ନେଇ ନିର୍ବାଚନ କମିଶନଙ୍କ ପକ୍ଷରୁ କୌଣସି ବିଜ୍ଞପ୍ତି ଜାରି କରାଯାଇ ନ ଥିଲା। ଲୋକଙ୍କୁ ନିଜେ ଯାଞ୍ଚ କରିବା ପାଇଁ ଛାଡ଼ି ଦେଇଥିଲେ। ତେଣୁ ଇସି ପ୍ରକ୍ରିୟାରେ ଅବହେଳା କରିଛନ୍ତି ବୋଲି ଆବେଦନକାରୀ ଏଡିଆର ପକ୍ଷରୁ ଓକିଲ ପ୍ରଶାନ୍ତ ଭୂଷଣ ଯୁକ୍ତି ବାଢିଥିଲେ। ଏ ନେଇ ବାଦ ପଡିଥିବା ଶହେ ଲୋକଙ୍କୁ କୋର୍ଟରେ ହାଜର କରାଯାଇଥିଲା। କିନ୍ତୁ ସେମାନଙ୍କୁ ଇସିଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇ ନ ଥିଲା। ମାତ୍ର ବାଦ ପଡିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ନୋଟିସ ଦିଆଯାଇଥିବା ଇସିଙ୍କ ପକ୍ଷରୁ କୁହାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଦାଏର ସତ୍ୟପାଠ ଉପରେ ମଧ୍ୟ ପ୍ରଶ୍ନ ଉଠା ଯାଇଥିଲା। ଶହେ ଲୋକଙ୍କ ବିବରଣୀ ମଧ୍ୟ ସନ୍ଦେହଘେରେରେ ଥିବା କୁହାଯାଇଥିଲା। ନିର୍ବାଚନ କମିଶନ ବିବରଣୀଗୁଡ଼ିକୁ ପୁଣି ଯାଞ୍ଚ ପାଇଁ ସମୟ ମାଗିଥିଲେ, ଯେଉଁଥିରେ ଦର୍ଶାଯାଇଥିଲା ଯେ ଭୋଟର ତାଲିକା ୧୭ ତାରିଖରେ ଅକାମୀ ହୋଇଯିବ। ଏହାକୁ ନେଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଥିଲେ ଯେ ଆମେ ଏହା ଉପରେ ବିଚାର କରିବୁ। ଯଦି ସମୟସୀମା ନାହିଁ, ତେବେ ଆମେ ସେଗୁଡ଼ିକୁ ସ୍ଥିର କରିପାରିବା। ନଚେତ ଧାଡିକିଆ ନିର୍ଦ୍ଦେଶ ସହିତ ଆବେଦନ ଖାରଜ କରିଦିଆଯିବ। ପୁଣିଥରେ ଏ ନେଇ କୋର୍ଟ ଆବେଦନକାରୀଙ୍କୁ ଆଶ୍ୱାସନା ଦେଇଛନ୍ତି।

# ଏନ୍‌ଡିଏ, ଇଣ୍ଡିଆର ଛିଡୁନି ଭାଗ; ଆସିଲା ପିକେଙ୍କ ପ୍ରାର୍ଥୀ ତାଲିକା

ପାଟନା, ୯।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନକୁ ନେଇ ରାଜନୀତି ସରଗରମ ହେବାରେ ଲାଗିଛି। ଲୋକଙ୍କୁ ନିଜ ଆଡକୁ ଆକୃଷ୍ଟ କରିବା ପାଇଁ ରାଜନୈତିକ ଦଳଗୁଡିକ ମାଗଣା ପ୍ରତିଶ୍ରୁତି ଦେବାରେ ଲାଗିଛନ୍ତି। କିନ୍ତୁ ପ୍ରମୁଖ ଶାସକ ଏବଂ ବିରୋଧୀ ମେଣ୍ଟର ଅଙ୍କ କଷା ଏ ପର୍ଯ୍ୟନ୍ତ ଛିଡି ପାରୁନାହିଁ। ମାତ୍ର ରାଜନୈତିକ ରଣନୀତିକାର ପ୍ରଶାନ୍ତ କିଶୋର (ପିକେ)ଙ୍କ ଦଳ ଜନ ସୁରାଜ ପାର୍ଟି ଆଗରେ ରହିଛି। ଆସନ ବଣ୍ଟନକୁ ନେଇ କ୍ଷମତାସୀନ ଦଳ ଅକଳରେ ପଡିଛି। କିଏ କେତେ ଆସନରେ ଲଢ଼ିବ ତାହାକୁ ନେଇ ବିଜେପି, ନୀତୀଶ କୁମାରଙ୍କ ଜେଡିୟୁ, ଜିତନ ରାମ ମାନ୍‌ଝୀଙ୍କ ହାମ୍, ଚିରାଗ ପାଶ୍ୱାନଙ୍କ ଆରଏଲଜେପି ଏବଂ ଉପେନ୍ଦ୍ର କୁଶ୍ୱାହଙ୍କ ଆରଏଲଏସପି ମଧ୍ୟରେ ଚିନ୍ତା ବୃଦ୍ଧି ପାଇଛି। ଏ ନେଇ ବିଜେପି ବିଭିନ୍ନ ଦଳଙ୍କ ସହ ଆଲୋଚନା ଜାରି ରଖିଛି। ଆଉ ଏହା ସକରାତ୍ମକ ରହିଥିବା କୁହାଯାଉଛି। ୧୩ ତାରିଖରେ ଏନ୍‌ଡିଓ ପକ୍ଷରୁ ଆସନ ବୁଝାମଣା ନେଇ ଘୋଷଣା କରାଯାଇପାରେ।

ଅନ୍ୟପଟେ ଇଣ୍ଡିଆ ମେଣ୍ଟର କଂଗ୍ରେସ, ଆରଜେଡି, ଭିଆଇପି, ସିପିଆଇ, ସିପିଆଇଏମଏଲ ଭଳି ଦଳ ସାମିଲ ରହିଛନ୍ତି। ଏହି ମେଣ୍ଟରେ ମଧ୍ୟ ଆସନ ବଣ୍ଟନକୁ ନେଇ ଅକଲ ଗୁଡମ ହୋଇଛି। କଂଗ୍ରେସ ଅଧିକ ଆସନ ମାଗୁଥିବାବେଳେ ଆରେଜେଡି ଏଥିରେ ରାଜି ହେଉନାହିଁ। ଗତ ବର୍ଷ ଯେତିକି ଆସନରେ କଂଗ୍ରେସ ଲଢିଥିଲା ସେତିକି ଦେବାକୁ ଚାହୁଁଛି। ନିଜ ପାଇଁ ଅଧିକ ଆସନ ଦାବି କରୁଛି। ଏଥିପାଇଁ ଗତ ଥରର ସମୀକରଣକୁ ଦର୍ଶାଉଛି। ସେହିପରି ମହାମେଣ୍ଟରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀକୁ ନେଇ ମଧ୍ୟ ବିବାଦ ରହିଛି। ତେଜସ୍ୱୀ ଯାଦବଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବାକୁ ଆରଜେଡି ଚାହୁଁଛି। କିନ୍ତୁ କଂଗ୍ରେସ ମୁଖ୍ୟମନ୍ତ୍ରୀ ଚେହେରା ବିନା ଲଢିବାକୁ ଚାହୁଁଛି। କିଏ କେତେ ଆସନରେ ଲଢିବା ତାହାକୁ ନେଇ ଦଳଗୁଡିକ ମଧ୍ୟରେ ବିବାଦ ଲାଗି ରହିଛି। ଏହା ମଧ୍ୟରେ ଜନସୁରାଜ ପାର୍ଟି ଗୁରୁବାର ନିଜର ପ୍ରଥମ ପ୍ରାର୍ଥି ତାଲିକା ଜାରି କରିଛି। ଏଥିରେ ୫୧ ଜଣଙ୍କ ନାମ ରହିଛି। ମାତ୍ର ଯାହାକୁ ଟିକଟ ମିଳିନି ସେମାନେ ହଙ୍ଗାମା ଆରମ୍ଭ କରିଦେଇଛନ୍ତି।

# ଟ୍ରମ୍ପଙ୍କ ସହ କଥା ହେଲେ ମୋଦୀ

ୱାସିଂଟନ, ୯।୧୦ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ କଥା ହୋଇଛନ୍ତି। ଗାଜା ଅସ୍ତ୍ରବିରତି ଯୋଜନାର ସଫଳତାକୁ ନେଇ ମୋଦୀ ଏହି ଅବସରରେ ଶୁଭେଚ୍ଛା ଜଣାଇଛନ୍ତି। ପଣବନ୍ଦୀଙ୍କୁ ମୁକ୍ତ ଏବଂ ଲୋକଙ୍କୁ ସହାୟତା କରିବାରେ ଏହି ଯୋଜନା ଉପଯୋଗୀ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଭାରତ ଏଭଳି ପ୍ରୟାସକୁ ସର୍ବଦା ସମର୍ଥନ କରିବ। ଆଜି ସନ୍ଧ୍ୟାରେ



ଫୋନ କରି ଟ୍ରମ୍ପଙ୍କ ସହିତ କଥା ହେବାପରେ ପ୍ରଧାନମନ୍ତ୍ରୀ 'ଏକ୍ସ'ରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, 'ଆଜି ମୁଁ ମୋର ମିତ୍ର, ଆମେରିକାର ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପଙ୍କ ସହିତ କଥା ହୋଇ ଗାଜା ଶାନ୍ତି ଯୋଜନାର ସଫଳତା ପାଇଁ ଅଭିନନ୍ଦନ ଜଣାଇଲି। ଭାରତ ଓ ଆମେରିକା ମଧ୍ୟରେ ଚାଲିଥିବା ବାଣିଜ୍ୟ କଥାବାର୍ତ୍ତାର ଅଗ୍ରଗତି ସଂପର୍କରେ ମଧ୍ୟ ଟ୍ରମ୍ପଙ୍କ ସହ କଥା ହୋଇଛି।' ବାଣିଜ୍ୟ ଆଲୋଚନାରେ ଭଲ ଅଗ୍ରଗତି ହୋଇଛି ବୋଲି ସୂଚନା ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆଗାମୀ ଦିନରେ ମଧ୍ୟ ସେ ଏସଂପର୍କରେ ଆଲୋଚନା ଜାରି ରଖିବେ। ଏହା ସହିତ ପ୍ରଧାନମନ୍ତ୍ରୀ ମୋଦୀ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କୁ ମଧ୍ୟ ଫୋନ୍ କରି ଗାଜା ଶାନ୍ତି ଯୋଜନା ସଂପର୍କରେ ଆଲୋଚନା କରିଛନ୍ତି।

# ୨୫ ମୃତ୍ୟୁ ପରେ ଚେତା ପଶିଲା

## ସାରାଦେଶରେ କଫ୍ ସିରପ୍ କମ୍ପାନୀର ଯାଞ୍ଚ ହେବ

## ରାଜ୍ୟମାନଙ୍କୁ ତାଲିକା ମାଗିଲା କେନ୍ଦ୍ର

ନୂଆଦିଲ୍ଲୀ, ୯ ।୧୦(ଏଜେନ୍ସି): ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ବିଷାକ୍ତ କୋଲଡ୍ରିଫ କଫ୍ ସିରପ୍ ପିଇ ୨୫ ଜଣ ଶିଶୁଙ୍କ ମୃତ୍ୟୁ ପରେ କେନ୍ଦ୍ର ସରକାରଙ୍କ ଚେତା ପଶିଛି। ଔଷଧ କମ୍ପାନୀଗୁଡିକର ଯାଞ୍ଚ ଓ ନମୁନା ପରୀକ୍ଷା କରିବାକୁ କେନ୍ଦ୍ରୀୟ ଡ୍ରଗ୍ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେସନ (ସିଡିଏସ୍‌ସିଓ) ନିଷ୍ପତ୍ତି ନେଇଛି। ସରକାର ମଧ୍ୟ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶକୁ ସିରପ ପ୍ରସ୍ତୁତ କରୁଥିବା କମ୍ପାନୀଗୁଡିକର ତାଲିକା ମାଗିଛନ୍ତି। କମ୍ପାନୀଗୁଡିକର ମାନ ଓ ସୁରକ୍ଷା ଯାଞ୍ଚ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ୩ଟି ସିରପ ଯଥା କୋଲଡ୍ରିଫ, ରେସ୍ପିଫ୍ରେସ-ଟିଆର ଓ ରିଲାଇଫ୍‌ର ବିକ୍ରିକୁ ବଜାରେ ସମ୍ପୂର୍ଣ୍ଣ ରୂପେ ନିଷେଧ କରାଯାଇଛି ବୋଲି ସିଡିଏସ୍‌ସିଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନକୁ କହିଛି। ପୁଣି ସବୁ ଔଷଧ ପସ୍ତୁତି କରିବା ପୂର୍ବରୁ କଞ୍ଚାମାଲ ଓ ପସ୍ତୁତ ହୋଇସାରିଥିବା ଔଷଧର ପରୀକ୍ଷା କରିବାକୁ ସିଡିଏସ୍‌ସିଓ ସବୁ ରାଜ୍ୟକୁ ନିର୍ଦ୍ଦେଶ ଦେଇଛି। ଏ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଚିନ୍ତା ପ୍ରକଟ କରିଛି।

ମଧ୍ୟପ୍ରଦେଶ ଓ ତାମିଲନାଡୁ ପୁଲିସର ମିଳିତ କାର୍ଯ୍ୟାନୁଷ୍ଠାନ କ୍ରମେ ଶ୍ରୀସାନ ଫାର୍ମା କମ୍ପାନୀର ନିର୍ଦ୍ଦେଶକ ଗୋବିନ୍ଦନ ରଙ୍ଗନାଥନଙ୍କୁ ଗୁରୁବାର ଗିରଫ କରାଯାଇଛି। ମଧ୍ୟପ୍ରଦେଶ ସରକାର ଦ୍ୱାରା ଗଠନ କରାଯାଇଥିବା ସ୍ପେଶିଆଲ ଇନ୍‌ଭେଷ୍ଟିଗେଟିଭ ଟିମ୍ (ଏସ୍‌ଆଇଟି) ବୁଧବାର ରାତିରେ ଚେନ୍ନାଇରୁ ରଙ୍ଗନାଥନ ଓ ତାଙ୍କ ପତ୍ନୀଙ୍କୁ ଗିରଫ କରିଛି। ଏସ୍‌ଆଇଟି ତାଙ୍କଠାରୁ କମ୍ପାନୀର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଔଷଧର ନମୁନା ଓ ପ୍ରଡକସନ ରେକର୍ଡ ଜବତ କରିଛି। ତାଙ୍କ ଉପରେ ୨୦ ହଜାର ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ସେ ତାଙ୍କ ପତ୍ନୀଙ୍କ ସହ ଫେରାର ଥିଲେ। ଚେନ୍ନାଇରେ ତାଙ୍କର ଚେନ୍ନାଇ- ବେଙ୍ଗାଲୁରୁ ରାଜପଥରେ ଥିବା ୨, ୦୦୦ ବର୍ଗଫୁଟ୍‌ର ଆପାର୍ଟମେଣ୍ଟକୁ ସିଲ୍ କରିଦିଆଯାଇଛି। ସେହିପରି କେଡାମ୍ବାକାମ୍‌ରେ ଥିବା ତାଙ୍କ କାର୍ଯ୍ୟାଳୟକୁ ମଧ୍ୟ ବନ୍ଦ କରିଦିଆଯାଇଛି। ଇତିମଧ୍ୟରେ ଏହି ବିଷାକ୍ତ କଫ୍ ସିରପ ସେବନ କରି ମଧ୍ୟପ୍ରଦେଶରେ ମୃତ୍ୟୁବରଣ କରିଥିବା ଶିଶୁଙ୍କ ସଂଖ୍ୟା ୨୫ରେ ପହଞ୍ଚିଛି। ରଙ୍ଗନାଥନକୁ ଚେନ୍ନାଇର କୋର୍ଟରେ ହଜାର କରାଯିବା ପରେ ଟ୍ରାନଜିଟ୍ ରିମାଣ୍ଡ ଅନୁସାରେ ତାଙ୍କୁ ମଧ୍ୟପ୍ରଦେଶର ଛିନ୍ଦୱାଡ଼ା ନିଆଯାଇଥିଲା। କୋଲଡ୍ରିଫ୍ ତିଆରି କରୁଥିବା ଶ୍ରୀସେନ ଫାର୍ମାସ୍ୟୁଟିକାଲ କମ୍ପାନୀର ଲାଇସେନ୍ସକୁ ମଧ୍ୟ ରଦ୍ଦ କରିଦିଆଯାଇଛି।


# ଭାରତରେ ତାଲିବାନ ବିଦେଶ ମନ୍ତ୍ରୀ



ନୂଆଦିଲ୍ଲୀ, ୯ ।୧୦(ଏଜେନ୍ସି): ଆଫଗାନିସ୍ତାନର କାର୍ଯ୍ୟକାରୀ ବିଦେଶ ମନ୍ତ୍ରୀ ଅମୀର ଖାନ୍ ମୁତ୍ତାକୀ ଶୁକ୍ରବାର ଭାରତରେ ପହଞ୍ଚିଛନ୍ତି। ସେ ଗୋଟିଏ ସପ୍ତାହ ଭାରତରେ ରହିବେ। ୨୦୨୧ ଅଗଷ୍ଟରେ ଆଫଗାନିସ୍ତାନର ଶାସନଭାର ତାଲିବାନ ହାତକୁ ଯାଇଥିଲା। ସେ ପ୍ରଥମ ତାଲିବାନ ମନ୍ତ୍ରୀ ଭାବେ ଭାରତ ଗସ୍ତ କରିଛନ୍ତି। ତେଣୁ ଗସ୍ତର ଗୁରୁତ୍ୱ ଯଥେଷ୍ଟ ରହିଛି। ମୁତ୍ତାକୀଙ୍କୁ ଦିଲ୍ଲୀ ବିମାନ ବନ୍ଦରରେ ଜୋରଦାର ସ୍ୱାଗତ କରାଯାଇଥିଲା ବୋଲି ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ତାଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କ ଓ ବିଭିନ୍ନ ଆଞ୍ଚଳିକ ସମସ୍ୟା ନେଇ କଥାବାର୍ତ୍ତା କରିବାକୁ ବେଶ୍ ଉତ୍ସାହିତ ଅଛୁ ବୋଲି ସେ ଉଲ୍ଲେଖ କରିଛନ୍ତି। ଦୁଇ ଦେଶ ମଧ୍ୟରେ ସମ୍ପର୍କର ଉନ୍ନତିକୁ ପାକିସ୍ତାନ ହଜମ କରିପାରିନାହିଁ। ମୁତ୍ତାକୀଙ୍କ ଯାତ୍ରାରେ ଭାରତ ପାଇଁ ଏକ କୂଟନୈତିକ ସମସ୍ୟା ସୃଷ୍ଟି ହୋଇଛି। ଶୁକ୍ରବାର ମୁତ୍ତାକୀ ଜୟଶଙ୍କରଙ୍କୁ ଭେଟିବେ। ନିୟମ ଅନୁସାରେ ଏହି ବୈଠକରେ ଦୁଇ ଦେଶର ପତାକା ପ୍ରଚ୍ଛଦରେ ଦେଖିବାକୁ ମଳିଥାଏ। କିନ୍ତୁ ଭାରତ ଏପର୍ଯ୍ୟନ୍ତ ତାଲିବାନ ସରକାରଙ୍କୁ ମାନ୍ୟତା ପ୍ରଦାନ କରିନାହିଁ। ପୁଣି ନୂଆଦିଲ୍ଲୀରେ ଥିବା ଆଫଗାନିସ୍ତାନ ଦୂତାବାସରେ ଆଫଗାନିସ୍ତାନର ପୂର୍ବ ପତାକା ଉଡାଯାଉଛି। ମାନ୍ୟତା ନେଇ ନ ଥିବାରୁ ଦୂତାବାସରେ ତାଲିବାନ ସରକାରଙ୍କ ପତାକା ଉଡାଇବାକୁ ଅନୁମତି ଦେଇନାହାନ୍ତି। ତେଣୁ ଏଭଳି ସ୍ଥିତିରେ ମୁତ୍ତାକୀ- ଜୟଶଙ୍କରଙ୍କ ବୈଠକରେ କେଉଁ ପତାକା ଦେଖିବାକୁ ମିଳିବ ସେ ନେଇ ସସ୍‌ପେନ୍ସ ଜାରି ରହିଛି।

# ବିମାନରେ ଆମିଷ ଖାଇ ଶାକାହାରୀ ଡାକ୍ତରଙ୍କ ମୃତ୍ୟୁ; କୋଟିଏ କ୍ଷତିପୂରଣ ଦାବି

କଲମ୍ବୋ, ୯।୧୦ (ଏଜେନ୍ସି): କାତାର ଏୟାରୱେଜର ଏକ ବିମାନରେ ଜଣେ ଶାକାହାରୀ ଡାକ୍ତରଙ୍କୁ ଆମିଷ ଖାଦ୍ୟ ଖାଇବାକୁ ଦିଆଯାଇଛି। ଏହା ଖାଇବା ପରେ ଅଣନିଃଶ୍ୱାସୀ ହୋଇ ୮୫ ବର୍ଷୀୟ ହୃଦ୍‌ରୋଗ ବିଶେଷଜ୍ଞ ଡ. ଅଶୋକ ଜୟବୀରଙ୍କ ମୃତ୍ୟୁ ହୋଇଛି। ଏହାକୁ ନେଇ ଡ.ଜୟବୀରଙ୍କ ପୁଅ କାତାର ଏୟାରୱେଜ ବିରୋଧରେ ହତ୍ୟା ଏବଂ ଚିକିତ୍ସାରେ ଅବହେଳା ମାମଲା ରୁଜୁ କରିଛନ୍ତି। ଏହା ସହିତ ୧.୧୫ କୋଟି





ଟଙ୍କାର କ୍ଷତିପୂରଣ ମାଗିଛନ୍ତି। ୨୦୨୩ ଜୁନ୍‌ରେ ଏହି ଘଟଣା ଘଟିଥିଲା। ଏବେ ତାହା ସାମ୍ନାକୁ ଆସିଛି। ସେ ସମୟରେ ଜୟବୀର ଲସ୍ ଏଞ୍ଜେଲ୍ସରୁ କଲମ୍ବୋ ଯାଉଥିଲେ। ଏହି ଯାତ୍ରା ୧୫.୫ ଘଣ୍ଟାର ଥିଲା। ଏହି ସମୟରେ ସେ ଶାକାହାରୀ ଭୋଜନ ମଗାଇ ଥିଲେ। ମାତ୍ର ଫ୍ଲାଇଟ୍ ଆଟେନଡାଣ୍ଟ ତାଙ୍କୁ ଶାକାହାରୀ ଖାଦ୍ୟ ନ ଥିବା କହିଥିଲେ। ଏହା ପରେ ମାଂସାହାରୀ ଖାଦ୍ୟ ପରସି ଖାଇବାକୁ କହିଥିଲେ। ରିପୋର୍ଟ ଅନୁଯାୟୀ ଏହି ଖାଦ୍ୟ ଖାଇବା ପରେ ହିଁ ଜୟବୀର ଅଣନିଃଶ୍ୱାସୀ ହେବାରେ ଲାଗିଥିଲେ। ସେ ଚେତା ହରାଇ ପଡ଼ି ଯାଇଥିଲେ। ଫ୍ଲାଇଟ୍‌ର କ୍ର୍ୟୁ ସଦସ୍ୟ ମଝି ଆକାଶରେ ଅନ୍‌ଲାଇନ ମାଧ୍ୟମରେ ଡାକ୍ତରଙ୍କ ସହାୟତା ନେଇଥିଲେ। କିନ୍ତୁ ତାଙ୍କ ସ୍ଥିତି ବିଗିଡ଼ି ଚାଲିଥିଲା। ଶେଷରେ ସ୍କଟଲାଣ୍ଡର ଏଡିନବର୍ଗରେ ବିମାନ ଓହ୍ଲାଇ ତାଙ୍କୁ ହସ୍ପିଟାଲକୁ ନିଆଯାଇଥିଲା। ଏହାର ମାସେ ତିନି ଦିନ ପରେ ଚିକିତ୍ସାଧୀନ ଅବସ୍ଥାରେ ଜୟବୀରଙ୍କ ପରଲୋକ ହୋଇଥିଲା। ଏସ୍ପିରେସନ ନିମୋନିଆ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିଲା। ଭୁଲ୍‌ରେ ଭୋଜନ କିମ୍ବା ତରଳ ପଦାର୍ଥ ଖାଇଲେ ଏହି ଫୁସଫୁସ ଜନିତ ରୋଗ ହୋଇଥାଏ।




ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-104 ◆FRIDAY ◆10 OCTOBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୦୪ ◆ଶୁକ୍ରବାର ◆୧୦ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

# ସାକ୍ଷୀଗୋପାଳରୁ ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ

ଭୁବନେଶ୍ୱର/ସାକ୍ଷୀଗୋପାଳ, ୯।୧୦(ସମିସ): ଓଡ଼ିଶାର ବରପୁତ୍ର ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ଆଜି ବିଜେଡିର ଜନସମ୍ପର୍କ ପଦଯାତ୍ରା ଉତ୍କଳମଣିଙ୍କ ଜନ୍ମମାଟି ସୁଆଣ୍ଡୋ ଗ୍ରାମରୁ ଆରମ୍ଭ ହୋଇଛି। ବିଜେଡି ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ ଦାସବର୍ମା, ଡ. ଅରୁଣ କୁମାର ସାହୁ, ଡ. ଅମର ପଟ୍ଟନାୟକ, ଉମାକାନ୍ତ ସାମନ୍ତରାୟ, ସୁନିଲ ମହାନ୍ତି, ଅମରେଶ ପତ୍ରୀ, ସଂଜିତ ମହାନ୍ତି, ସୁବ୍ରତ ଛାଟୋଇ, ସୁନୀଲ ପଣ୍ଡା ପ୍ରମୁଖ ସୁଆଣ୍ଡୋରେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରାଯାଇଥିଲା। ପରେ ସାକ୍ଷୀଗୋପାଳ ମନ୍ଦିର ନିକଟରୁ ସୁଆଣ୍ଡୋ ଗ୍ରାମ ପର୍ଯ୍ୟନ୍ତ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ହଜାର ହଜାର କର୍ମୀ ଅଂଶଗ୍ରହଣ କରିଥିଲେ। ଅପରପକ୍ଷେ, ଏହି ପଦଯାତ୍ରା ରାଜଧାନୀ ଭୁବନେଶ୍ୱର ସମେତ ସାରା ରାଜ୍ୟରେ ଅନୁଷ୍ଠିତ ହୋଇଛି। ଆଜିଠାରୁ ଆରମ୍ଭ ହୋଇ ଆସନ୍ତା ଏକ ମାସ ଅର୍ଥାତ ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ପଦଯାତ୍ରା ଜାରି ରହିବ। ଏହି ଅବସରରେ ବିଜେପି ସରକାରଙ୍କ ବିଫଳତା ଓ କୁଶାସନ ବିଷୟରେ ଲୋକଙ୍କୁ ଦଳ ସଚେତନ କରିବ ବୋଲି କହିଛି।

ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଦେବୀପ୍ରସାଦ ମିଶ୍ର କହିଥିଲେ ଯେ ରାଜ୍ୟବାସୀଙ୍କୁ ଅନେକ ମିଥ୍ୟା ପ୍ରତିଶ୍ରୁତି ଦେଇ ବିଜେପି କ୍ଷମତାକୁ ଆସିଛି। ଗତ ୧୫ମାସରେ ବିଜେପି ସରକାର ରାଜ୍ୟବାସୀଙ୍କୁ ସୁଶାସନ ପ୍ରଦାନ ଓ ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହୋଇଛି। ରାଜ୍ୟର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ସହ ମହିଳାମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ମଦମୁକ୍ତ ଓଡ଼ିଶା ଗଠନ ନାରା ଦେଇଥିବା ବେଳେ ସରକାର ରାଜ୍ୟରେ ନୂଆ ମଦ ଦୋକାନ ଓ ମଦ କାରଖାନା ଖୋଲୁଛନ୍ତି। ଆଜି ସାରମୁଠେ ପାଇବା ପାଇଁ ରାଜ୍ୟର କୃଷକମାନେ ରାଜରାସ୍ତାରେ। ମିଶନ ଶକ୍ତିକୁ ବନ୍ଦ କରିବା ପାଇଁ ସରକାର ଚକ୍ରାନ୍ତ କରୁଛନ୍ତି। ରାଜ୍ୟରେ ଓଡ଼ିଆ ଅସ୍ମିତା ଭୂଲୁଣ୍ଠିତ ହେଉଛି। ବିଏସ୍‌କେୱାଇ ବଦଳରେ ରାଜ୍ୟ ସରକାର ଆୟୁଷ୍ମାନ ଆଣିଲେ ହେଁ ବିଏସକେୱାଇରେ ମିଳୁଥିବା ସୁବିଧା ଆୟୁଷ୍ମାନରେ ମିଳି ପାରୁନାହିଁ। ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ପ୍ରତିନିଧିମାନଙ୍କ କ୍ଷମତାକୁ ସଂକୁଚିତ କରିଦେଇଛନ୍ତି। ଯୁବବର୍ଗଙ୍କୁ ଚାକିରି ଦେବା ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଥିବା ବେଳେ ଚାକିରି ଖୋଲା ବଜାରରେ ବିକ୍ରି ହେଉଛି। ଡବଲ ଇଞ୍ଜିନ ଡବଲ ବିକାଶ ନାରା ଦେଇ ଆସିଥିବା ବେଳେ, କେନ୍ଦ୍ର ସରକାରଙ୍କ ଅବହେଳା ଆହୁରି ବଢ଼ିଛି। ବିଜେପିର କୁଶାସନ ଓ ବିଫଳତାକୁ ପଦଯାତ୍ରା ମାଧ୍ୟମରେ ଲୋକଙ୍କୁ ସଚେତନ କରାଯିବ ବୋଲି ଶ୍ରୀ ମିଶ୍ର କହିଥିଲେ।



■ ୧୫ମାସର ଶାସନରେ ଲୋକଙ୍କୁ ସୁଶାସନ ଦେବାରେ ରାଜ୍ୟ ବିଜେପି ସରକାର ବିଫଳ
■ ବିଜେପି ସରକାରଙ୍କ ବିଫଳତା ଓ କୁଶାସନ ବିଷୟରେ ଲୋକଙ୍କୁ ସଚେତନ କରିବ ବିଜେଡି

ଭୁବନେଶ୍ୱରରେ ଆୟୋଜିତ ଜନସଂପର୍କ ପଦଯାତ୍ରା କାର୍ଯ୍ୟକ୍ରମରେ ଅଶୋକ ପଣ୍ଡା, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ସୁଲୋଚନା ଦାସ, ମନ୍ମଥ ରାଉତରାୟ, ମଞ୍ଜୁଲତା କହଁରଙ୍କ ସହ ବହୁ କର୍ପୋରେଟର୍, ପୂର୍ବତନ କର୍ପୋରେଟର୍, ମହିଳା, ଯୁବ ଓ ଛାତ୍ରଙ୍କ ସମେତ ବହୁ ନେତା ସାମିଲ ଥିଲେ।



■ ଛାତିରେ ଯନ୍ତ୍ରଣା ଅନୁଭବ କଲେ ଯାତ୍ରୀ

# ଭୁବନେଶ୍ୱର ବିମାନବନ୍ଦରରେ ଜରୁରୀ ଅବତରଣ

ଭୁବନେଶ୍ୱର, ୯।୧୦(ସମିସ): ବେଙ୍ଗାଲୁରୁରୁ ଗୌହାଟୀ ଯାଉଥିବା ଏୟାର୍ ଇଣ୍ଡିଆ ବିମାନ ଗୁରୁବାର ସନ୍ଧ୍ୟାରେ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ କରିଛି। ଉକ୍ତ ବିମାନରେ ଯାତ୍ରା କରୁଥିବା ଜଣେ ଯାତ୍ରୀ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ବିମାନକୁ ଜରୁରୀକାଳୀନ ଅବତରଣ କରାଯାଇଥିଲା। ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜଣେ ପୁରୁଷ ଯାତ୍ରୀ ବିମାନରେ ଯାତ୍ରା କରୁଥିବା ସମୟରେ ତାଙ୍କ ଛାତିରେ ପ୍ରବଳ ଛାତି ଯନ୍ତ୍ରଣା ହେଉଥିବା ନେଇ କ୍ରୁ-ମେମ୍ବର୍‌ଙ୍କୁ ଜଣାଇଥିଲେ। ପରେ ୧୭୪ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏୟାର ଇଣ୍ଡିଆର ଉକ୍ତ ବିମାନଟି ଭୁବନେଶ୍ୱର ଅଭିମୁଖେ ଆସିଥିଲା। ପାଇଲଟ୍ ତୁରନ୍ତ ବିମାନବନ୍ଦର ଏୟାର ଟ୍ରାଫିକ୍ କଣ୍ଟ୍ରୋଲ(ଏଟିସି) ସହ ଯୋଗାଯୋଗ କରିଥିଲେ ଏବଂ ଜରୁରୀକାଳୀନ ଅବତରଣ ପାଇଁ ଅନୁମତି ମାଗିଥିଲେ। ଅନୁମତି ପରେ ବିମାନଟି ଅପରାହ୍ଣ ୪ଟା ୫୩ରେ ସୁରକ୍ଷିତ ଭାବେ ଭୁବନେଶ୍ୱର ବିମାନବନ୍ଦରରେ ଅବତରଣ କରିଥିଲା। ବିମାନବନ୍ଦରରେ ନିୟୋଜିତ ଡାକ୍ତରୀ ଟିମ୍ ତୁରନ୍ତ ଯାତ୍ରୀଙ୍କୁ ଚିକିତ୍ସା ସେବା ଯୋଗାଇଦେବାକୁ ବିମାନରେ ଚଢ଼ିଥିଲେ। ପ୍ରାଥମିକ ଚିକିତ୍ସା ପରେ ଯାତ୍ରୀଙ୍କୁ ଅଧିକ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।

# ପ୍ରଦେଶ ମହିଳା କଂଗ୍ରେସ କମିଟି ଗଠିତ

ଭୁବନେଶ୍ୱର, ୯।୧୦ (ସମିସ): ରାଜ୍ୟରେ ମହିଳା କଂଗ୍ରେସକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି ନିଜର ଟିମ୍ ଗଠନ କରିଛନ୍ତି। ରାଜ୍ୟ ମହିଳା ସଭାନେତ୍ରୀଙ୍କ ମହିଳା କଂଗ୍ରେସ କମିଟି ପ୍ରସ୍ତାବକୁ ଏଆଇସିସି ଅନୁମୋଦନ ଦେବା ପରେ ଆଜି ଏହି କମିଟି ତାଲିକା ପ୍ରକାଶ ପାଇଛି। ମହିଳା କଂଗ୍ରେସ ପକ୍ଷରୁ ଜାରି ଏହି ତାଲିକାରେ ୧୦ଜଣ ଉପସଭାପତି ରହିଥିବା ବେଳେ ୨୨ ସାଧାରଣ ସମ୍ପାଦକ, ୪୫ ସମ୍ପାଦକ ଓ ୪ ଜଣ ବରିଷ୍ଠ ନେତ୍ରୀଙ୍କୁ ସ୍ୱତନ୍ତ୍ର ପରାମର୍ଶଦାତା ଭାବେ ନିଯୁକ୍ତି ମିଳିଛି। ଉପସଭାପତି ଭାବେ ଜୟଶ୍ରୀ ପଟ୍ଟନାୟକ, ଦେବାସ୍ମିତା ସାମଲ, ଯବାମଣି ଟୁଡୁ, ସୁନୀତା ବିଶ୍ୱାଳ, ବିଶ୍ୱକଲ୍ୟାଣୀ କର, ଦ୍ରୌପଦୀ ମାଝୀ, ପ୍ରତିମା ମଲ୍ଲିକ, ଅନିତା ନାୟକ, ସ୍ୱର୍ଣ୍ଣପ୍ରଭା ପଶାୟତ, ପ୍ରଣତି ମିଶ୍ର ରହିଥିବା ବେଳେ ସାଧାରଣ ସମ୍ପାଦିକା ଭାବେ ବାସନ୍ତୀ ସାମଲ, ହାରାବତି ଗଣ୍ଡ, ଶ୍ରୀୟାସ୍ମିତା ପଣ୍ଡା, ଗୋରେଟୀ ଏକ୍କା, ପ୍ରୀତିଛନ୍ଦା କୈବଲ୍ୟ ନାୟକ, ଦୀପ୍ତିରାଣୀ ପ୍ରଧାନ, ଅମିଶା ସାମନ୍ତରାୟ, ଲିଜାରାଣୀ ରାଉତ, ନିରୁପମା ପାତ୍ର, ସୁପ୍ରଭା ବରାଇ, ଶ୍ରୀୟା ମହାନ୍ତି, ବନ୍ଦିତା ମହାନ୍ତି, ସୁଭସ୍ମିତା ଦାସ, ଏଲିସ୍ ମିଞ୍ଜ, ପିଙ୍କି କଅଁର, ପ୍ରଗତି ନାୟକ, ସୁରଭି ବିଷୋୟୀ, ମଞ୍ଜୁଶ୍ରୀ ମିଶ୍ର, ମୀରା ମଣ୍ଡଳ, ଇସ୍ରାତ ଜାହାନ, ଲିଜାରାଣୀ ରାଉତ, ସୁନିତା ଲାକ୍ରା ରହିଛନ୍ତି।

# କେନ୍ଦୁପତ୍ର କର୍ମଚାରୀ ସଂଘର ୨୦ ଦିନିଆ ମହଲତ

ଭୁବନେଶ୍ୱର, ୯।୧୦ (ସମିସ): ବିଭିନ୍ନ ଦାବି ନେଇ ଆସନ୍ତା ୧୪ତାରିଖରେ 'ଅରଣ୍ୟ ଭବନ' ଘେରଉ ନିଷ୍ପତ୍ତିକୁ ସ୍ଥଗିତ କରିଛି କେନ୍ଦୁପତ୍ର କର୍ମଚାରୀ ସଂଘ। ପିସିସିଏଫ୍‌ଙ୍କ ସହ ଆଲୋଚନା ପରେ ସଂଘ ଏହି ନିଷ୍ପତ୍ତି ନେଇଛି। ଏହାସହ ସରକାରଙ୍କୁ ଦାବି ପୂରଣ ପାଇଁ ସଂଘ ୨୦ ଦିନିଆ ମହଲତ ଦେଇଛି। ସମୟ ସୁଦ୍ଧା ଦାବି ପୂରଣ ନ ହେଲେ, ୨୯ ତାରିଖରେ କେନ୍ଦୁପତ୍ର କର୍ମଚାରୀ ସଂଘର ହଜାରହଜାର କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରଉ କରିବ ବୋଲି ସଂଘ ନିଷ୍ପତ୍ତି ନେଇଛି। ସଂଘର ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତିଙ୍କ ନେତୃତ୍ୱରେ ସଂଘର ରାଜ୍ୟ କର୍ମକର୍ତ୍ତାମାନେ ଆଜି କେନ୍ଦୁପତ୍ର ପିସିସିଏଫ୍ ଉମା ନନ୍ଦୁରୀଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ଚଳିତ ମାସ ମଧ୍ୟରେ ତୋଳାଳି ଓ ବନ୍ଧେଇ ଶ୍ରମିକମାନଙ୍କ ସାମାଜିକ ସୁରକ୍ଷା ସହାୟତା ଦିଆଯିବାକୁ ପିସିସିଏଫ୍ ପ୍ରତିଶ୍ରୁତି ଦେଇଥିବା ସଂଘ କହିଛି। ଆଗାମୀ ବର୍ଷ ତୋଳାଳିମାନଙ୍କ ପତ୍ର ଦର ବୃଦ୍ଧି ହୋଇପାରେ ବୋଲି କହିବା ସହ ବର୍ତ୍ତମାନ ସୁଦ୍ଧା ସରକାର ବଜେଟ୍ ମଞ୍ଜୁରିପ୍ରାପ୍ତ ୧୨୦କୋଟି ଟଙ୍କା କେଏଲଡିଏଫ୍‌ରେ ଜମା ହୋଇନଥିବା ଦର୍ଶାଇଛନ୍ତି। ପିସିସିଏଫ୍‌ଙ୍କ ସହ ଆଲୋଚନା ବୈଠକରେ ସଂଘ ସଭାପତି ବିଜୟ କୁମାର ମହାନ୍ତି, ଉପସଭାପତି ଗୋକୁଳ ମେହେର, ବିନୋଦ ପ୍ରଧାନ, ସଂଗଠନ ସମ୍ପାଦକ ସଂଜିତ ମହାନ୍ତି, ରାଜ୍ୟ ସମ୍ପାଦକ ମହମ୍ମଦ ମୂରତାଜା, ଶିବାନନ୍ଦ ପରିଚ୍ଛା, ରାଜ୍ୟ କୋଷାଧ୍ୟକ୍ଷ କ୍ଷେତ୍ର ଚନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

■ ଜେଲ୍ ୱାର୍ଡର ମାନସ ନାୟକ ହତ୍ୟା ମାମଲା

# ବିକ୍ରମ ମଲ୍ଲିକ ସମେତ ୬ ନିର୍ଦ୍ଦୋଷ

ଭୁବନେଶ୍ୱର, ୯।୧୦ (ସମିସ): ବହୁଚର୍ଚ୍ଚିତ ଝାରପଡ଼ା ଜେଲ୍ ୱାର୍ଡର୍ ମାନସ ରଞ୍ଜନ ନାୟକ ହତ୍ୟା ମାମଲାର ରାୟ ୧୬ବର୍ଷ ପରେ ପ୍ରକାଶ ପାଇଛି। ଭୁବନେଶ୍ୱରସ୍ଥିତ ଏଡିଜେ-୪ର ବିଚାରପତି ଶୁଭଞ୍ଜନ ମହାନ୍ତି ପ୍ରମାଣ ଅଭାବରୁ ଗ୍ୟାଙ୍ଗଷ୍ଟର୍ ବିକ୍ରମ ମଲ୍ଲିକ ସମେତ ୬ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସେମାନେ ହେଲେ, ବିକ୍ରମ ଶେଖର ମଲ୍ଲିକ, ଶିବରାମ ସାହୁ, କାହ୍ନୁଚରଣ ମିଶ୍ର ଓରଫ୍ ବୁଢ଼ା, ଦେବାଶିଷ ଭୋଇ ଓରଫ୍ ବାପି, ଏମ୍ ଏଙ୍କେଟ୍ ରାଓ ଦୋରା ଓ ମିହିରକାନ୍ତ ତ୍ରିପାଠୀ। ତେବେ ଆସ୍କା ଅଞ୍ଚଳର ଏକ ମାମଲାରେ ବିକ୍ରମ ଦୋଷୀ ସାବ୍ୟସ୍ତ ହୋଇଥିବାରୁ ଏବେ ଜେଲରୁ ମୁକୁଳି ପାରିବ ନାହିଁ। ୨୦୦୯ ସେପ୍ଟେମ୍ବର ୧ ତାରିଖ ସନ୍ଧ୍ୟାରେ ଝାରପଡ଼ା ଜେଲ୍ ୱାର୍ଡର୍ ମାନସଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୁଲିସ ଶିବରାମ, କାହ୍ନୁଚରଣ, ଦେବାଶିଷ, ଏମ୍. ଭେଙ୍କଟରାଓ, ମିହିରକାନ୍ତ, କୃଷ୍ଣ ପ୍ରଧାନ ଓ କିଶୋର ମହାରଣାଙ୍କୁ ଗିରଫ କରିଥିଲା। ମୋଟ ୭ ଜଣଙ୍କୁ ଗିରଫ କରିଥିବା ବେଳେ ହତ୍ୟାକାଣ୍ଡ ସମୟରେ ଜେଲରେ ଥିବା ବିକ୍ରମକୁ ମଧ୍ୟ ମୁଖ୍ୟ ଷଡ଼ଯନ୍ତ୍ରକାରୀ ତଥା ଅନ୍ୟତମ ଅଭିଯୁକ୍ତ ଭାବେ ଦର୍ଶାଇଥିଲା। ଏହାରି ଭିତରେ କୃଷ୍ଣ ଓ କିଶୋରଙ୍କର ଜେଲ୍ ଭିତରେ ମୃତ୍ୟୁ ଘଟିଥିଲା।

# ନନ୍ଦନକାନନରେ ମାକାଓ ବଂଶ ଲୋପ

ବାରଙ୍ଗ, ୯।୧୦(ସମିସ): ନନ୍ଦନକାନନ ପ୍ରାଣୀଉଦ୍ୟାନର ୧୨ ନମ୍ବର ଖୁଆଡ଼ରେ ରହୁଥିବା ଗୋଟିଏ ନାଲି ଓ ସବୁଜ ରଙ୍ଗର ମାକାଓର ମୃତ୍ୟୁ ହୋଇଛି। ମୃତ୍ୟୁର କାରଣ ଜଣାପଡ଼ି ନଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ସୂଚନା ମିଳିଛି। କିଛି ଦିନ ହେବ ଏହି ମାକାଓଟି ଅସୁସ୍ଥ ରହିଥିଲା। ଠିକ୍ ଭାବେ ଖାଦ୍ୟ ଖାଉ ନଥିବା ବେଳେ ତା'ର ପତଳା ଝାଡ଼ା ହେଉଥିଲା। ଗୋଟିଏ ଜାଗାରେ ସେ ପଡ଼ି ରହୁଥିଲା। ପ୍ରାଣୀ ଉଦ୍ୟାନର ଚିକିତ୍ସକ ମାକାଓର ଚିକିତ୍ସା କରୁଥିବା ସତ୍ତ୍ୱେ ବୁଧବାର ବିଳମ୍ବିତ ରାତିରେ ତାର ମୃତ୍ୟୁ ହୋଇଯାଇଛି।

## ଦୁର୍ଗାପୂଜା ଭସାଣି ଗଣ୍ଡଗୋଳ ଓ ବେଆଇନ ଶୋଭାଯାତ୍ରା ଘଟଣା

# ଘରକୁ ଘର ବୁଲି ଛାନ୍‌ଭିନ୍ କରୁଛି ପୁଲିସ

କଟକ, ୭।୧୦ (ସମିସ): ଦୁର୍ଗାପୂଜା ଭସାଣି ଓ ବେଆଇନ ଶୋଭାଯାତ୍ରା କରିବା ଘଟଣାରେ ପୁଲିସ ଆଜି ସୁଦ୍ଧା ମୋଟ ୨୯ଜଣଙ୍କୁ ଗିରଫ କରିସାରିଲାଣି। ଶୋଭାଯାତ୍ରାରେ ଗଣ୍ଡଗୋଳ ଘଟଣାରେ ୨୦ ଜଣ ଗିରଫ ହୋଇଥିବା ବେଳେ ସୋସିଆଲ ମିଡିଆରେ ସମ୍ବେଦନଶୀ ଭିଡିଓ ଓ ଅଡିଓ ପ୍ରଚାର କରି ୯ଜଣ ଗିରଫ ହୋଇଛନ୍ତି। ଏହି ଘଟଣାରେ କମିଶନରେଟ୍ ପୁଲିସ ପକ୍ଷରୁ ଆଜିଠାରୁ କଡ଼ାକଡ଼ି ଭାବେ ଯାଞ୍ଚ ଆରମ୍ଭ

### ଗିରଫ ସଂଖ୍ୟା ୨୯ ଛୁଇଁଲା

କରାଯାଇଛି। ଦରଘାବଜାର ଥାନା ଅନ୍ତର୍ଗତ ହାତୀପୋଖରୀ ଅଞ୍ଚଳରେ ଘରେ ଘରେ ପଶି ପୁଲିସ ଯାଞ୍ଚ ଆରମ୍ଭ କରିଛି। ପ୍ରାଥମିକ ପର୍ଯ୍ୟାୟରେ ୫ଟି ଘରେ ଯାଞ୍ଚ କରାଯାଇଥିବା ଜଣାପଡ଼ିଛି।

ପୁଲିସ ସୂଚନାନୁସାରେ, ୨ ଏସିପି ଓ ୩ ଆଇଆଇସି ସହ ପୁଲିସ ଫୋର୍ସ ଓ କେନ୍ଦ୍ରୀୟ ଟିମ୍ ନିୟୋଜିତ ରହି ଯାଞ୍ଚ କରୁଛନ୍ତି। ଏନେଇ ଯାଞ୍ଚର ନେତୃତ୍ୱ ନେଉଥିବା ଏସିପି ଗିରିଜା ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି ଯେ କମିଶନରେଟ୍ ପୁଲିସ ଏହି ଘଟଣାକୁ ଗୁରୁତ୍ୱର ସହ ନେଇଛି। ପ୍ରଥମ ପର୍ଯ୍ୟାୟରେ ଘରକୁ ଘର ବୁଲି ଯାଞ୍ଚ କରାଯାଉଛି ଏବଂ ଯାଞ୍ଚ ସମୟରେ ଗଣ୍ଡଗୋଳକାରୀଙ୍କ ପରିଚୟପତ୍ର ଯାଞ୍ଚ ହେଉଛି। ସେମାନେ କଟକରେ କେବେଠୁ ରହିଛନ୍ତି, ପ୍ରକୃତରେ କେଉଁଠିକାର ବାସିନ୍ଦା, ସେମାନଙ୍କର ପରିଚୟ କ'ଣ, ସେନେଇ ପଚରାଉଚରା କରାଯାଇଛି। ଏହି ଘଟଣାରେ ଲିପ୍ତ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଟ୍ରାକ୍ କରାଯାଉଛି ଏବଂ ଗିରଫଦାରୀ ସଂଖ୍ୟା



ବଢ଼ିବ ବୋଲି ସେ କହିଛନ୍ତି।

ସହରରେ ଏବେ ସ୍ଥିତି ଧୀରେଧୀରେ ସୁଧୁରିବାରେ ଲାଗିଛି। ହେଲେ କୌଣସି ଅପ୍ରୀତିକାର ପରିସ୍ଥିତିକୁ ସମ୍ଭାଳିବାକୁ ପୁଲିସ ପୂରା ସଜାଗ ରହିବା ସହ ସତର୍କତାମୂଳକ ବ୍ୟବସ୍ଥା ଭାବେ ରାତି କଟକଣା ଲାଗୁ କରିଛି। ଏପରିକି, ରାତି ୯ଟାରୁ ୧୦ଟା ସୁଦ୍ଧା ପୁଲିସ ପକ୍ଷରୁ ସହରରେ ସମସ୍ତ ଦୋକାନ ବଜାର ବନ୍ଦ କରାଯିବାକୁ କୁହାଯାଉଛି। ଏହାସହ ରାସ୍ତାଘାଟରେ ଛିଡ଼ା ହୋଇଥିବା ଲୋକଙ୍କୁ ମଧ୍ୟ ପୁଲିସ ଘଉଡ଼ାଇଦେବା ସହ ରାତି ୧୦ଟା ପରେ କାମ ନ ଥିଲେ ରାସ୍ତାକୁ ଆସିବାକୁ ବାରଣ କରିଛି। ଏହି କ୍ରମରେ କଟକରେ ଏକପ୍ରକାରର ରାତ୍ରକାଳୀନ କଟକଣା ଜାରି କରାଯାଇଛି। ଆଗକୁ ଯେପରି ସାମ୍ପ୍ରଦାୟିକ ସଦ୍‌ଭାବନା ପ୍ରଭାବିତ ନ ହେବ, ସେଥିପାଇଁ କୌଣସି ଗୁଜବ କିମ୍ବା ମିଥ୍ୟା ସୂଚନାରେ ବିଶ୍ୱାସ ନ କରିବାକୁ ପୁଲିସ ନିବେଦନ କରିଛି।

ଗୁଜବ ସୃଷ୍ଟିକାରୀଙ୍କ ସମ୍ପର୍କରେ ସୂଚନା ଦେବାକୁ ପୁଲିସ ଦୁଇଟି ହ୍ୱାଟସଆପ୍ ନମ୍ବର (୭୩୨୮୦୭୭୩୪୨, ୮୪୮୦୫୧୩୦୦୭) ଜାରି କରିଛି। ଅନ୍ୟପଟେ, ଏଯାଏ ଦଶହରା ଭସାଣିର ଗଣ୍ଡଗୋଳ ସମାଧାନ ହୋଇ ନଥିବା ବେଳେ କାଳୀପୂଜାକୁ ଆଉ ମାତ୍ର ୧୦ ଦିନ ରହିଛି।

# ଘୂର୍ଣ୍ଣିବଳୟ ପ୍ରଭାବରେ ୧୨ ଯାଏଁ ବର୍ଷା

## ୧୬ ସୁଦ୍ଧା ବିଦାୟ ନେବ ମୌସୁମୀ

ଭୁବନେଶ୍ୱର, ୯।୧୦(ସମିସ): ବଙ୍ଗୋପସାଗରରେ ପୁଣି ଏକ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ବର୍ଷା ଆଶଙ୍କା ରହିଛି। ଏହି ଘୂର୍ଣ୍ଣିବଳୟ ବର୍ତ୍ତମାନ ଦକ୍ଷିଣ ବଙ୍ଗଳାଦେଶ ନିକଟରେ ରହିଛି। ଧୀରେ ଧୀରେ ଏହା ଓଡ଼ିଶା ନିକଟବର୍ତ୍ତୀ ହେବା ଯୋଗୁଁ ରାଜ୍ୟର ବିଭିନ୍ନ ସ୍ଥାନରେ ୧୨ ତାରିଖ ପର୍ଯ୍ୟନ୍ତ ବର୍ଷା ନେଇ ଆକଳନ କରାଯାଇଛି। ବର୍ଷାର ପ୍ରଭାବ ଉପକୂଳ ଓଡ଼ିଶା ସମେତ ଦକ୍ଷିଣ ଓଡ଼ିଶାରେ ଅଧିକ ରହିବା ନେଇ ଆଶଙ୍କା କରାଯାଉଥିବା

### ୨୨ରେ ପୁଣି ଏକ ଲଘୁଚାପ

ବେଳେ ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୩ ଦିନ ପାଇଁ ବିଭିନ୍ନ ଜିଲ୍ଲାକୁ ବର୍ଷା ଜନିତ ଆଲର୍ଟ ଜାରି କରାଯାଇଛି। ଶୁକ୍ରବାର ବିଶେଷ କରି ଗଞ୍ଜାମ, ଗଜପତି, କନ୍ଧମାଳ, କେନ୍ଦ୍ରାପଡ଼ା, ଭଦ୍ରକ, ଜଗତସିଂହପୁର ଓ ମୟୂରଭଞ୍ଜରେ ଅଧିକ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଅନ୍ୟପଟେ ଆସନ୍ତା ୨୨ ତାରିଖ ବେଳକୁ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ନେଇ ଆଶଙ୍କା କରାଯାଇଛି। ଏହି ଲଘୁଚାପ ଅଧିକ ଶକ୍ତିଶାଳୀ ହୋଇପାରେ ବୋଲି ପ୍ରାକ୍ ଆକଳନ କରାଯାଉଛି। ଯେହେତୁ ଏହି ସମୟ ସୁଦ୍ଧା ଦେଶକୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଅପସରି ଯାଇଥିବା ନେଇ ପୂର୍ବାନୁମାନ କରାଯାଉଛି, ତେଣୁ ଏହି ଲଘୁଚାପ ଘନୀଭୂତ ହେବାକୁ ପାଣିପାଗ ସୁହାଇବ ଓ ଏହା ଅଧିକ ଶକ୍ତିଶାଳୀ ହେବା ନେଇ ଆକଳନ କରାଯାଉଛି।

ସେହିପରି ଦେଶରୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସମ୍ପୂର୍ଣ୍ଣ ଅପସାରଣ ନେଇ ପାଗ ଅନୁକୂଳ ହେବାରେ ଲାଗିଛି। ଗୁରୁବାର ଆଇଏମ୍‌ଡି ବିସ୍ତାରିତ ପରିସର ଆକଳନରେ ସୂଚନା ଦେଇଛି ଯେ ଦେଶର ଅବଶିଷ୍ଟ ଅଞ୍ଚଳରୁ ଦକ୍ଷିଣ ପଶ୍ଚିମ-ମୌସୁମୀ ବାୟୁ ପ୍ରତ୍ୟାହାର ପାଇଁ ପାଗ ଅନୁକୂଳ ରହିଛି। ତେଣୁ ୧୬ ତାରିଖ ମଧ୍ୟରେ ମୌସୁମୀ ବିଦାୟ ନେବାର ପୂର୍ବାନୁମାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାରୁ ୧୪ ତାରିଖ ସୁଦ୍ଧା ମୌସୁମୀ ବିଦାୟ ନେଇପାରେ। ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ବିଦାୟ ସହ ଦକ୍ଷିଣ ଉପଦ୍ୱୀପୀୟ ଭାରତ, ଦକ୍ଷିଣ ଏବଂ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ପୂର୍ବାଳୀ ଓ ଉତ୍ତରା-ପୂର୍ବାଳୀ ବାୟୁ ପ୍ରବେଶ କରିବ। ଏଥିପାଇଁ ଦକ୍ଷିଣ-ପୂର୍ବ ଉପଦ୍ୱୀପ ଅଞ୍ଚଳରେ ଉତ୍ତର-ପୂର୍ବ ମୌସୁମୀ ବର୍ଷା ଆରମ୍ଭ ହେବାର ସମ୍ଭାବନା ରହିଛି।

## ପଦାରେ ପଡ଼ିଲା ବିଜେପି ନେତା ଅଙ୍କୁର ଅଗ୍ରୱାଲଙ୍କ ଅସଲ ଚେହେରା

# ସ୍ତ୍ରୀକୁ ବ୍ଲାକମେଲ୍, ସ୍ୱାମୀକୁ ହତ୍ୟା ଉଦ୍ୟମ

ବଲାଙ୍ଗିର, ୯।୧୦ (ସମିସ): ଟିଟିଲାଗଡ଼ର ହୋଟେଲ ମାଲିକ ଶିବ ଦୟାଲ ଜୈନଙ୍କୁ ହତ୍ୟା ଉଦ୍ୟମ ଘଟଣାର ପର୍ଦ୍ଦାଫାସ କରିଛି ବଲାଙ୍ଗିର ପୁଲିସ। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ବିଜେପି ନେତା ଅଙ୍କୁର ଅଗ୍ରୱାଲର ଆଉ ୨ ସହଯୋଗୀଙ୍କୁ ପୁଲିସ ଗିରଫ କରିଛି। ସେମାନେ ହେଲେ, ମୁରିବାହାଲ ଥାନା ଡୁଙ୍ଗୁରିଗୁଡ଼ା ଗାଁର ଭକ୍ତବନ୍ଧୁ

### ଅଙ୍କୁରର ଆଉ ୨ ସହଯୋଗୀ ଗିରଫ

ଖର୍ସେଲ ଓ ମୁରିବାହାଲ ହାଟପଦା ପଡ଼ାର ନରେଶ ବେହେରା। ସୂଚନାଯୋଗ୍ୟ, ଅଭିଯୁକ୍ତ ଅଙ୍କୁର ସ୍ଥାନୀୟ ବିଧାୟକ ନବୀନ ଜୈନଙ୍କ ସହଯୋଗୀ।

ଅଙ୍କୁର ପ୍ରାୟ ଦେଢ଼ବର୍ଷ ହେଲା ଶ୍ରୀ ଜୈନଙ୍କ ସ୍ତ୍ରୀଙ୍କୁ ବ୍ଲାକମେଲ କରିଆସୁଥିଲେ। ଶ୍ରୀ ଜୈନଙ୍କ ସ୍ତ୍ରୀଙ୍କ ଫଟୋ, ଭିଡିଓ ସାମାଜିକ ଗଣମାଧ୍ୟମରେ ଛାଡ଼ିବାକୁ ଧମକ ଦେଉଥିଲେ। ଶ୍ରୀ ଜୈନ ଓ ତାଙ୍କ ସ୍ତ୍ରୀଙ୍କ ସମ୍ପର୍କ ଛିନ୍ନ କରିବାକୁ ସେ ଏପରି ଉଦ୍ୟମ କରୁଥିଲେ। କିନ୍ତୁ ଲୋକଲଜ୍ଜା ଭୟରେ ଜୈନ ଦମ୍ପତି ଚୁପ୍ ରହିଥିଲେ। ତେବେ ବାରମ୍ବାର ଚେଷ୍ଟା କରି ନିଜ ଉଦ୍ଦେଶ୍ୟରେ ଅଙ୍କୁର ବିଫଳ ହେବାରୁ ଶ୍ରୀ ଜୈନଙ୍କୁ ରାସ୍ତାରୁ ହଟାଇବା ପାଇଁ ଭକ୍ତବନ୍ଧୁ ଓ ନରେଶ ସହ ମିଶି ଏହି ହତ୍ୟା ଷଡଯନ୍ତ୍ର କରିଥିଲେ। ଅଭିଯୁକ୍ତମାନେ ଗତ ୨୮ ତାରିଖରେ ଏକ ବେଲେରୋ ଚଢ଼ାଇ ଶ୍ରୀ ଜୈନଙ୍କୁ ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ହେଲେ ତାଙ୍କ ଉଦ୍ଦେଶ୍ୟ ସଫଳ ହୋଇନଥିଲା। ଶ୍ରୀ ଜୈନ ଗୁରୁତର ଆହତ ହୋଇଥିଲେ। ଏସ୍‌ପି ଅଭିଳାଷ ଜି. ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଏହି ଘଟଣାରେ ବିଧାୟକ ନବୀନ ଜୈନଙ୍କ କାର୍ଯ୍ୟକଳାପକୁ ନେଇ ବିଜେଡି ପ୍ରଶ୍ନ ଉଠାଇ ତାଙ୍କ ଗିରଫ ଦାବି କରିଥିଲା। ବିଧାୟକ ମାମଲାକୁ ପ୍ରଭାବିତ କରିଥିବା ବିଜେଡି ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଥିଲା।

## ପଞ୍ଜିକାରେ ରହୁନି ସମାନତା

# ଦୀପାବଳି, ପର୍ଯ୍ୟାଶ୍ରାଦ୍ଧକୁ ନେଇ ଦ୍ୱନ୍ଦ୍ୱ

ପୁରୀ, ୯।୧୦ (ସମିସ): ବାରମ୍ବାର ପଞ୍ଜିକା ସମୀକରଣ ବୈଠକ ବସୁଛି। ପର୍ବପର୍ବାଣୀର ତିଥି ବାରରେ ଯେପରି ସମାନତା ରହିବ ତା' ଉପରେ ଗୁରୁତ୍ୱ ଦିଆଯାଉଛି। ହେଲେ ତିଥି ବାରରେ ଭିନ୍ନତା ରହୁଥିବାରୁ ଲୋକେ ଦ୍ୱନ୍ଦ୍ୱରେ ପଡୁଛନ୍ତି। ଏବେ କେବେ ପାଳିବେ ଦୀପାବଳି ? କେବେ ଦେବେ ପର୍ଯ୍ୟାଶ୍ରାଦ୍ଧ? ପାଞ୍ଜିରେ ଭିନ୍ନଭିନ୍ନ ମତ ଯୋଗୁଁ ଏବେ ଜନସାଧାରଣଙ୍କ ମଧ୍ୟରେ ଦୀପାବଳି ପାଳନକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। କିଛି ପାଞ୍ଜିରେ ଦୀପାବଳି ୨୦ ତାରିଖରେ ଓ ଆଉ କିଛି ପାଞ୍ଜିରେ ୨୧ ତାରିଖରେ ପାଳନ ନେଇ ଉଲ୍ଲେଖ ରହିଛି।

ପାଞ୍ଜି ସମୀକ୍ଷକ ହରିଶଙ୍କର ମିଶ୍ର କହିଛନ୍ତି, ୨୦ ତାରିଖରେ ଦିନ ୩ଟା ୪୫ ପରେ ଅମାବାସ୍ୟା ପ୍ରବେଶ କରୁଛି। ୨୧ରେ ସନ୍ଧ୍ୟା ୫ଟା ୫୪ ମିନିଟ୍ ପର୍ଯ୍ୟନ୍ତ ଅମାବାସ୍ୟା ରହୁଛି। ୨୧ ତାରିଖ ଦିନ ୫ଟା ୧୫ ମିନିଟ୍ ୨୩ ସେକେଣ୍ଡରେ ସୂର୍ଯ୍ୟାସ୍ତ ରହୁଛି। ତେଣୁ ଉଭୟ ଦିନର ସୂର୍ଯ୍ୟାସ୍ତ ବେଳକୁ ଅମାବାସ୍ୟା ରହୁଥିବାରୁ ଶାସ୍ତ୍ରୀୟ ମତରେ ଦ୍ୱିତୀୟ ଦିନକୁ ଗ୍ରହଣ କରିବାର ବିଧି ରହିଛି। ସେହିପରି ପର୍ଯ୍ୟାଶ୍ରାଦ୍ଧ ତଥା ଦୀପଦାନ ଶ୍ରାଦ୍ଧ ସୂର୍ଯ୍ୟାସ୍ତ ସମୟରେ ସମାପନ ହେଉଥିବାରୁ ସୂର୍ଯ୍ୟାସ୍ତ ସମୟର ତିଥିକୁ ଗୁରୁତ୍ୱ ଦିଆଯାଏ। ସାମ୍ପ୍ରତିକ ସ୍ଥିତିରେ ଯେଉଁମାନେ ଆଶ୍ୱିନ ମାସ ଅମାବାସ୍ୟାରେ ମହାଳୟା ଶ୍ରାଦ୍ଧ କରି ନ ଥାଆନ୍ତି, ସେମାନେ କାର୍ତ୍ତିକ ଅମାବାସ୍ୟା ଦ୍ୱିପ୍ରହରରେ ମହାଳୟା ଶ୍ରାଦ୍ଧ ଏବଂ ସନ୍ଧ୍ୟାରେ ଦୀପଦାନ ଶ୍ରାଦ୍ଧ କରିବେ।

ମୁକ୍ତିମଣ୍ଡପ ପଣ୍ଡିତ ସଭା ସ୍ୱୀକୃତ ପାଞ୍ଜିରେ ୨୦ ତାରିଖ ଦିନ ପର୍ଯ୍ୟାଶ୍ରାଦ୍ଧ ନିର୍ଣ୍ଣୟ କରାଯାଇଛି। ମାତ୍ର ଅନ୍ୟ ସମସ୍ତ ଅଗ୍ରଣୀ ପଞ୍ଜିକାରେ ୨୧ ତାରିଖ ପର୍ଯ୍ୟାଶ୍ରାଦ୍ଧ ନିର୍ଣ୍ଣୟ ହୋଇଛି। ମୁକ୍ତିମଣ୍ଡପ ପଣ୍ଡିତ ସଭା ୨୦ ତାରିଖକୁ ପର୍ଯ୍ୟାଶ୍ରାଦ୍ଧ ନିର୍ଣ୍ଣୟ କରିଥିବା ବେଳେ କେଉଁ ଶାସ୍ତ୍ର ଆଧାରରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ସିଦ୍ଧାନ୍ତ ନେଇଛନ୍ତି, ତାହା ପାଞ୍ଜିରେ ଉଲ୍ଲେଖ ନାହିଁ। ଅପରପକ୍ଷେ ଯେଉଁମାନେ ମହାଳୟା ଶ୍ରାଦ୍ଧ କରି ନଥିବେ, ସେମାନେ ଯଦି ୨୦ ତାରିଖରେ ଦୀପଦାନ ଶ୍ରାଦ୍ଧ କରିଦିଅନ୍ତି, ତେବେ ପ୍ରଥମେ ପିତୃପୁରୁଷଙ୍କୁ ବିସର୍ଜନ କରି ତା'ପର ଦିନ ମହାଳୟା ଶ୍ରାଦ୍ଧ କରିପାରିବେ ତ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ମୁକ୍ତି ମଣ୍ଡପ ପଣ୍ଡିତ ସଭାର ସଭାପତି ଆଦିତ୍ୟ ମିଶ୍ର କହିଛନ୍ତି, ୨୦ ତାରିଖ ଦିନ ୩ଟା ୪୫ ବେଳେ ଚତୁର୍ଦ୍ଦଶୀ ସରୁଛି। ଅମାବାସ୍ୟା ରାତିରେ ପାଳନ ହେବା କଥା। ତେଣୁ ଯେଉଁଟା ଚାଲିଲା ରାତି ରହିଲା। ତା' ପରଦିନ ୫ଟା ୧୫ ବେଳକୁ ସୂର୍ଯ୍ୟାସ୍ତ ହୋଇ ଆଉ ମାତ୍ର କିଛି ସମୟ ଅମାବାସ୍ୟା ରହୁଛି। ତେଣୁ ସେଦିନ ଅମାବାସ୍ୟା କିଭଳି ପାଳନ ହେବ ବୋଲି ସେ ପ୍ରଶ୍ନ କରିଛନ୍ତି। ସମସ୍ତ ନିଯୋଗ ସହିତ ସ୍ଥିର କରାଯାଇ ୫ଟି ପାଞ୍ଜିରେ ଏ କଥାକୁ ସ୍ୱୀକୃତି ଦିଆଯାଇଛି। ତେଣୁ ଓଡ଼ିଶାବାସୀ ଏହିଦିନ ପାଳନ କରିବା ଆବଶ୍ୟକ ବୋଲି ସେ କହିଛନ୍ତି।

# ଯୁବ କଂଗ୍ରେସର 'ପ୍ରତାରଣା ପ୍ରତିବାଦ' ସମାବେଶ

ଭୁବନେଶ୍ୱର, ୯।୧୦(ସମିସ): କେନ୍ଦ୍ରରେ ବିଜେପି ଓ ରାଜ୍ୟରେ ମୋହନ ସରକାର ନିର୍ବାଚିତ ସରକାର ନୁହଁନ୍ତି। ଭୋଟ ଚୋରି କରି ସରକାର ଗଢ଼ିଛନ୍ତି। ମତଦାନ ଦିବସର ସନ୍ଧ୍ୟା ୫ଟାରୁ ରାତି ୯ଟା ମଧ୍ୟରେ ଓଡ଼ିଶାରେ ୪୨ଲକ୍ଷ ଭୋଟ ପଡ଼ିଛି, ଯାହାକି ଆଶ୍ଚର୍ଯ୍ୟଜନକ ଘଟଣା। ଏହା ଭୋଟ ଚୋରିକୁ ପ୍ରମାଣିତ କରିଛି ବୋଲି କହିଛନ୍ତି ଅଖିଳ ଭାରତ ଯୁବକଂଗ୍ରେସ ସଭାପତି ଉଦୟଭାନୁ ଚିବ୍। ଭୁବନେଶ୍ୱରରେ ରାଜ୍ୟ ଯୁବ କଂଗ୍ରେସ ପକ୍ଷରୁ ଆୟୋଜିତ 'ପ୍ରତାରଣା ପ୍ରତିବାଦ ସମାବେଶ'ରେ ଯୋଗଦେଇ ଶ୍ରୀ ଚିବ୍ କହିଛନ୍ତି ଯେ ୫୧ଟି ବିଧାନସଭା ଆସନରେ ଜିତିଥିଲେ ମଧ୍ୟ ବିଜେଡି ଗୋଟିଏ ବି ଲୋକସଭା ଆସନ ଜିତି ନ ପାରିବା ସ୍ପଷ୍ଟ ଭାବରେ ବିଜେପି କରିଥିବା ଭୋଟ ଚୋରିର ଜ୍ୱଳନ୍ତ ପ୍ରମାଣ।



ସେ କହିଛନ୍ତି ଯେ ମୋହନ ସରକାରରେ ସରକାରୀ ଚାକିରି ସବୁ ପରୀକ୍ଷା ପୂର୍ବରୁ ନିଲାମ ହୋଇଯାଉଛି। ଓଡ଼ିଶାରେ ପୁଲିସ ଏସଆଇ ପଦବୀକୁ ୨୫ଲକ୍ଷ ଟଙ୍କା ଧାର୍ଯ୍ୟ ହୋଇଥିବାର ଲୋକଲୋଚନକୁ ଆସିଛି। ଲୋକଦେଖାଣିଆ ଭାବେ କ୍ରାଇମବ୍ରାଞ୍ଚ ତଦନ୍ତ ହେଉଛି। ପୁଲିସଠାରୁ ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ପର୍ଯ୍ୟନ୍ତ ଏହି ଦୁର୍ନୀତିର ପରିସର ଭିତରକୁ ଆସୁଥିବାରୁ ଯୁବ କଂଗ୍ରେସ ଏହାର ବିଚାର ବିଭାଗୀୟ ତଦନ୍ତ ଦାବି କରୁଛି ବୋଲି ସେ କହିଛନ୍ତି। ଆସନ୍ତା ବର୍ଷ ସୁଦ୍ଧା ୫୦ ହଜାର ଚାକିରି ବିକ୍ରି କରି ବିଜେପି ସରକାର ଲକ୍ଷେ କୋଟି ରୋଜଗାର କରିବାକୁ ଲକ୍ଷ୍ୟ ରଖିଛି। ସେହିପରି ବିଜେପି ଓ ଏହାର ଛାମୁଆ ସଂଗଠନ ଦେଶରେ ବିଷମଞ୍ଜି ବୁଣିବା ପାଇଁ ଲଗାତାର ହୀନ ଚକ୍ରାନ୍ତ କରୁଛନ୍ତି ବୋଲି ଉଦୟଭାନୁ କହିଛନ୍ତି।

କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଭାରୀ ମହେଶ ଦେଶମୁଖ ଭୋଟ ଚୋରି ଓ ଚାକିରି ବିକ୍ରି ବିରୋଧରେ ନିର୍ବାଚନ କମିଶନର ଓ ମୋହନ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସେହିପରି ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ଓଡ଼ିଶାର ଯୁବକ ଯୁବତୀମାନଙ୍କର ଅଧିକାର ପାଇଁ ଯୁବ କଂଗ୍ରେସ ଲଢ଼େଇ ଜାରି ରଖିବ ବୋଲି କହିଛନ୍ତି। ବିକ୍ଷୋଭ ପରେ ଯୁବ କଂଗ୍ରେସର କର୍ମୀ ଓ କର୍ମକର୍ତ୍ତାମାନେ ମୁଖ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ ଯାଉଥିବା ବେଳେ ଲୋୟର ପିଏମଜି ଠାରେ ପୁଲିସ ପଥ ଅବରୋଧ କରିଥିଲା। ପୁଲିସ ସହିତ ଧସ୍ତାଧସ୍ତି ହେବାପରେ ଯୁବ କଂଗ୍ରେସ ରାଷ୍ଟ୍ରୀୟ ସଭାପତି ଓ ଅନ୍ୟମାନଙ୍କୁ ପୁଲିସ ଗିରଫ କରିଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ବିଧାୟକ ରମେଶ ଜେନା, ଅଖିଳ ଭାରତ ଯୁବ କଂଗ୍ରେସର ସମ୍ପାଦକ ରିୟାନା ରାଜୁ ପ୍ରମୁଖ ଯୋଗ ଦେଇଥିଲେ।

■ ଅନୁସୂଚିତ ବର୍ଗର ୫ ପରିବାରଙ୍କୁ ନିର୍ଯାତନା

# ଏସ୍‌ପିଙ୍କୁ ରିପୋର୍ଟ ତଲବ

ଭୁବନେଶ୍ୱର, ୯।୧୦(ସମିସ): ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା କଇଁଥପୋଖରୀ ଗ୍ରାମରେ ଅନୁସୂଚିତ ପରିବାରଙ୍କୁ ନିର୍ଯାତନା ଦିଆଯାଉଥିବା ନେଇ ରାଜ୍ୟ ମାନବାଧିକାର କମିଶନ(ଓଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ନୟାଗଡ଼ ଏସ୍‌ପିଙ୍କୁ ତଦନ୍ତ ରିପୋର୍ଟ ମାଗିଛନ୍ତି ଆୟୋଗ। ଏହାସହ ନିର୍ଯାତନାର ଶିକାର ହୋଇଥିବା ପରିବାର ଘରକୁ ଫେରିବାକୁ ଚାହୁଁଛନ୍ତି। ତେଣୁ, ସେମାନଙ୍କୁ ସୁରକ୍ଷା ଦେବାକୁ ଏସ୍‌ଡିପିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଆୟୋଗ। ଗାଁକୁ ଯିବା ପରେ ସେମାନଙ୍କ ଯେପରି କ୍ଷତି ନହେବ, ତାହା ସୁନିଶ୍ଚିତ କରି ଜଣାଇବାକୁ ଆୟୋଗ କହିଛନ୍ତି।

ସୂଚନା ଅନୁସାରେ, ଗ୍ରାମର ଜଣେ ଅନୁସୂଚିତ ଜାତି ବର୍ଗର ମହିଳାଙ୍କ ସହ ସବର୍ଣ୍ଣ ବର୍ଗର ଜଣେ ବ୍ୟକ୍ତି ଅସଦାଚରଣ ଉଦ୍ୟମ କରିଥିଲେ। ମହିଳାଙ୍କ ସ୍ୱାମୀ ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ୧୫ ଦିନ ହେବ ମହିଳାଙ୍କ ସ୍ୱାମୀ ମେଡ଼ିକାଲରେ ଚିକିତ୍ସାଧୀନ ଅଛନ୍ତି। ପୀଡ଼ିତା ଥାନାରେ ଏତଲା ଦେବା ପରେ ମାମଲା ରୁଜୁ ହେବାରୁ ପୀଡ଼ିତା ପରିବାର ସମେତ ଉକ୍ତ ଗ୍ରାମର ୫ଟି ଅନୁସୂଚିତ ଜାତି ପରିବାରବର୍ଗ ଉପରେ ଅଭିଯୁକ୍ତମାନେ ଅତ୍ୟାଚାର କଲେ। ପିଇବା ପାଣି ପାଇଁ ଥିବା ପାଣି ଟ୍ୟାପ୍ ଭାଙ୍ଗିଦେଲେ। ସାମାଜିକ ବାସନ୍ଦ କରିବା ସହ ଘରକୁ ଟେକାପଥର ମାଡ଼ କଲେ। ଏଥିଯୋଗୁଁ ପିଲାମାନଙ୍କର ସ୍କୁଲ ପାଠ ପଢ଼ାରେ ବି ଡୋରି ବାନ୍ଧି ହୋଇଗଲା। ଅଭିଯୋଗ କରିବାରୁ ପୁଲିସ୍ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ପୀଡ଼ିତ ପରିବାରଙ୍କ ବିରୋଧରେ ମିଥ୍ୟା ମାମଲା କରିଥିବା ଅଭିଯୋଗ ହୋଇଛି। ଗତ ୧ ସେପ୍ଟେମ୍ବରରୁ ଆଜି ପର୍ଯ୍ୟନ୍ତ ସେମାନେ ୫ ପରିବାର ଗାଁରୁ ଭୟରେ ବାହାରକୁ ଚାଲିଆସିଛନ୍ତି। କିଛି ସାମାଜିକ ଅନୁଷ୍ଠାନ ଏହି ପରିବାର ନିର୍ଯାତନା କଥା ଶୁଣିବା ପରେ ଓଏଚ୍‌ଆରସିରେ ଅଭିଯୋଗ କରିଥିଲେ।

## ଜନ୍ମମାଟି ହସନାବାଦରେ ୧୩ତମ ଶ୍ରାଦ୍ଧ ଉତ୍ସବ

# ମାନସ ମଲ୍ଲିକ ଥିଲେ ଜନମାନସର ନେତା

ଭଦ୍ରକ/ଧାମନଗର/ଧୁଷୁରୀ, ୯।୧୦(ସମିସ): ଧାମନଗରର ପୂର୍ବତନ ବିଧାୟକ, ଦୈନିକ 'ସକାଳ'ର ପ୍ରାକ୍ତନ ସମ୍ପାଦକ, ଜନମାନସର ନେତା ମାନସ ରଞ୍ଜନ ମଲ୍ଲିକଙ୍କ ତ୍ରୟୋଦଶତମ ଶ୍ରାଦ୍ଧ ଉତ୍ସବ ଉପଲକ୍ଷେ ଏକ ସ୍ମୃତିସଭା ଗୁରୁବାର ତାଙ୍କ ଜନ୍ମମାଟି ହସନାବାଦ ପଞ୍ଚାୟତର ଗୋପବନ୍ଧୁ ନଗରଠାରେ ପାଳିତ ହୋଇଯାଇଛି। ସ୍ୱର୍ଗତ ମାନସ ମଲ୍ଲିକ ପୂର୍ବତନ ଜନପ୍ରିୟ ବିଧାୟକ ସ୍ୱର୍ଗତ ହୃଦାନନ୍ଦ ମଲ୍ଲିକଙ୍କ ସୁଯୋଗ୍ୟ ସନ୍ତାନ ଭାବେ ଆଜି ବି ଜନମାନସରେ ଜୀବିତ ହୋଇ ରହିଛନ୍ତି। ତାଙ୍କ ଜନସେବା, ରାଜନୈତିକ ବ୍ୟକ୍ତିତ୍ୱ, ବିକାଶମୂଳକ କାର୍ଯ୍ୟ, ସାଧାରଣ ଲୋକଙ୍କୁ ଭଲ ପାଇବା ଓ ସାହାଯ୍ୟ କରିବା ଭଳି ମହତ୍ ଗୁଣ ତାଙ୍କୁ ସର୍ବଦା ସ୍ମରଣୀୟ କରି ରଖିବ। ୧୯୯୯ ମହାବାତ୍ୟା ବେଳେ ସେ ଯେଉଁଭଳି ଭାବେ ବାତ୍ୟାପ୍ରପୀଡ଼ିତ ଲୋକଙ୍କୁ ସହଯୋଗ କରିଥିଲେ, ତାହା ସମସ୍ତଙ୍କ ମନରେ ସବୁବେଳେ ସ୍ମୃତି ହୋଇ ରହିବ। କେବଳ ସେତିକି ନୁହେଁ, ସେଥିପାଇଁ ୨୦୦୦ ନିର୍ବାଚନରେ ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଓ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ



ପ୍ରଚାର ସତ୍ତ୍ୱେ ସ୍ୱାଧୀନ ପ୍ରାର୍ଥୀ ଭାବେ ସ୍ୱର୍ଗତ ମଲ୍ଲିକ ବିଜୟୀ ହୋଇପାରିଥିଲେ। ତେଣୁ ସ୍ୱର୍ଗତ ମଲ୍ଲିକ ସର୍ବଦା ଜନମାନସରେ ସ୍ମରଣୀୟ ହୋଇ ରହିବେ ବୋଲି ମାନ୍ୟଗଣ୍ୟ ବ୍ୟକ୍ତିମାନେ କହିଛନ୍ତି।

ମାନସ ରଞ୍ଜନ ମଲ୍ଲିକ ସ୍ମୃତି କମିଟି ସଭାପତି ତଥା କଟକ ହାଇକୋର୍ଟ ଆଇନଜୀବୀ ଦେବାଶିଷ ସାମଲଙ୍କ ସଞ୍ଚାଳନରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭାର ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ସାଂସଦ ମଂଜୁଲତା ମଣ୍ଡଳ, ଭଦ୍ରକ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଓ ରାଜେନ୍ଦ୍ର ଦାସ, ଭଣ୍ଡାରିପୋଖରୀ ବ୍ଲକ ଅଧ୍ୟକ୍ଷା, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ ପ୍ରମୁଖଙ୍କ ସମେତ ବହୁ ନେତା, ବୁଦ୍ଧିଜୀବୀ, ସାମ୍ବାଦିକମାନେ ଯୋଗ ଦେଇଥିଲେ।



# ସିକ୍ରେଟ୍ ଚାମ୍ବର୍‌ରେ ଚାଲିଥିଲା ମଦ କାରଖାନା

- ଅବକାରୀ ବିଭାଗ ଚଢ଼ଉ କରି ଜବତ କଲା ମଦ
- ବିଏମ୍‌ସିର ଅଳିଆ ଗାଡି ଡ୍ରାଇଭର ସାଜିଥିଲା ମାଷ୍ଟରମାଇଣ୍ଡ
- ଜଣେ ଗିରଫ, ନିଶା ଆଡ୍ଡାକୁ ଭାଙ୍ଗିଲା ଅବକାରୀ ବିଭାଗ

ଭୁବନେଶ୍ୱର, ୯ ।୧୦(ସମିସ): ସାଲିଆସାହି ବିରବସା ବସ୍ତିରେ ଏକ ଆଶ୍ଚର୍ଯ୍ୟଜନ ଘଟଣା ଦେଖିବାକୁ ମିଳିଛି। ବାହାରକୁ ଦେଖିଲେ ଘର ପୁରା ଚାକ୍‌ଚକ୍ୟ। ଘର ଭିତରେ ଦାମୀ ଖଟ ଏବଂ ସବୁ କିଛି ଲାଗିଛି। ହେଲେ କେହି ସନ୍ଦେହ ନକରିବା ପାଇଁ ଷ୍ଟଡି ରୁମ୍‌ରେ କରାଯାଇଛି ସିକ୍ରିଏ ଚାମ୍ବର। ଆଉ ତାହା ଭିତରେ ପ୍ରସ୍ତୁତ ହେଉଛି ବିପୁଳ ପରିମାଣର ଦେଶୀ ମଦ। ଏଭଳି ଖବର ପାଇ ଆଜି ଅବକାରୀ ବିଭାଗ ଉକ୍ତ ଘର ଉପରେ ଚଢଉ କରିଥିଲା। ଚଢଉ ସମୟରେ ଅବକାରୀ ବିଭାଗ ଘର ଭିତରକୁ ପଶିଥିଲା। ଘର ଭିତରେ ସୁଡ଼ଙ୍ଗ ଦେଖିବାକୁ ପାଇଥିଲେ। ଆଉ ସୁଡ଼ଙ୍ଗ ଭିତରେ ଭିତରକୁ ଗଲେ ଦେଖିବେ ସିକ୍ରେଟ ଚାମ୍ବର। ଆଉ ସିକ୍ରେଟ ଚାମ୍ବରରେ ରନ୍ଧା ଚାଲିଥିଲା ଦେଶୀ ମଦ। ଏଭଳି ଦେଶୀ ଭାଟି ଦେଖି ଅବକାରୀ ବିଭାଗର ମୁଣ୍ଡ ଗୋଲ ହୋଇଯାଇଛି।




ଯେତେ ଚଢ଼ାଉ କଲେ ବି ଦେଶୀ ମଦ ଭାଟି ଉପରେ କୌଣସି ପ୍ରଭାବ ପଡୁନି। ଦୁଇ ଫୁଟିଆ ରାସ୍ତା କଡରେ ଗଢି ଉଠିଥିବା ଏହି ବସ୍ତି ରେ ଦେଶୀ ମଦ ଭାଟି ପାଇଁ ତିଆରି ହୋଇଥିଲା ସିକ୍ରେଟ ଚାମ୍ବର। କହିବାକୁ ଗଲେ ମଦ ଭାଟି ପାଇଁ ଘର ଭିତରେ ତିଆର ହୋଇଥିଲା ଆଉ ଗୋଟେ ଘର। ଆଉ ସେଇ ସିକ୍ରେଟ ଚାମ୍ବରକୁ ଯିବାକୁ ପାଇଁ ମଦ ମାଫିଆ ତିଆର କରିଥିଲା ଏକ ସୁଡ଼ଙ୍ଗ। ଏହି ଚାମ୍ବର ଦେଇ ଜଣେ ମଣିଷ ଗୁରୁଣ୍ଡି ଗୁରୁଣ୍ଡି ଯିବା ପରି ଏକ ବାଟ ରଖାଯାଇଛି। ଏହି ଚାମ୍ବର ଭିତରକୁ ଦୁଇ ଜଣ ଯାଇପାରିବେ ନାହିଁ। ଅବକାରୀ ବିଭାଗ ଚଢଉ କରିବା ପାଇଁ ଘରେ ପହଞ୍ଚିବା ପରେ ସିକ୍ରେଟ ଚାମ୍ବର ପାଇବାକୁ ପ୍ରାୟ ଘଣ୍ଟାଏ ସମୟ ଲାଗିଥିଲା। ଆଉ ଯେତେବେଳେ ସିକ୍ରେଟ ଚାମ୍ବରର ସୁରାକ ପାଇଲା ଅବକାରୀ ବିଭାଗ। ଏହାକୁ ଦେଖି ତଜ୍ଜୁବ ହୋଇଗଲା। ବସ୍ତି ଭିତରେ ଗଢି ଉଠିଥିବା ଏହି ଘର ବେଡ଼ ରୁମ ଭିତରେ ଏକ ଟେବୁଲ ଥୁଆ ଯାଇଛି। ଟେବୁଲ ଉପରେ ପିଲାଙ୍କ ଖାତା ବହି ପଡ଼ିଛି। ଆଉ ଯେତେବେଳେ ଟେବୁଲକୁ ବାହାର କରିଦିଆଯାଉଛି ସେତେବେଳେ ସିକ୍ରେଟ ଚାମ୍ବରକୁ ଯିବା ପାଇଁ ଯେଉଁ ବାଟ ଥିବା ଦେଖିବାକୁ ମିଳୁଛି। ଆଉ ସେଇ ବାଟ ଦେଇ ଘର ସିକ୍ରିଏ ଚାମ୍ବରକୁ ଯିବାକୁ ପଡ଼ିଥିଲା। ଦେଶୀ ମଦ କାରଖାନା ପାଇବା ପରେ ଅବକାରୀ ବିଭାଗର ଅଧିକାରୀମାନେ ଦେଶୀ ମଦ ଆଉ ପୋଚକୁ ନଷ୍ଟ କରିବା ସହ ଜଣେଙ୍କୁ ଗିରଫ କରିଛି। ବଡ଼ କଥା ହେଲା ଦେଶୀ ମଦ ଭାଟି ତିଆର କରିଥିବା ମାଫିଆ ଜଣେ ଡ୍ରାଇଭର। ବିଏମ୍‌ସିର ଅଳିଆର ଗାଡି ଚାଳକ। ସକାଳୁ ଅଳିଆ ଗାଡି ଚଲେଇବା ପରେ ଘର ଦେଶୀ ଭାଟି ବସେଇ ଥିଲା। ଏସବୁ ମଦକୁ ରାଜଧାନୀର ବିଭିନ୍ନ ବସ୍ତି ଅଞ୍ଚଳରେ ବିକ୍ରି କରୁଥିଲା। ଘରେ ରେଡ ପରେ ସେ ଫେରାର ଥିବା ଜଣା ପଡ଼ିଛି।

ସେପଟେ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ଯେ, ସ୍ଥାନୀୟ ପୁଲିସ ଜାଣତରେ ବସ୍ତିରେ ମଦ ଭାଟି ବେପାର ଚାଲିଥିଲା। ଏନେଇ ଅବକାରୀ ବିଭାଗର ଅଧିକାରୀ କହିଛନ୍ତି ଯେ, ରାଜଧାନୀ ରେ ଦେଶୀ ମଦ ଭାଟି ରେ ଚଢ଼ାଉ ନୁଆଁ କଥା ନୁହେଁ। ଗତ କିଛି ଦିନ ତଳେ ସାଲିଆ ସାହିରେ ଅବକାରୀ ଚଢ଼ାଉ କରି ଦେଶୀ ମଦ ଭାଟି ଭାଙ୍ଗିବା ସହ ଅଭିଯୁକ୍ତ ଘର ଭାଙ୍ଗିଥିଲା। ବାରମ୍ବାର ବିପୁଳ ପରିମାଣର ଦେଶୀ ମଦ ମଧ୍ୟ ଜବତ ହେଉଛି। ସେହିପରି ଭରତପୁର ଥାନା ଭରତପୁର ଥାନା ଖଣ୍ଡୁଆଳ ବସ୍ତି ଏବଂ ପଣ୍ଡା କୁଦିଆ ବସ୍ତିରେ ଅବକାରୀ ଚଢଉ କରିଥିଲା। ବସ୍ତି ଠାରୁ ଦୂରରେ ଥିବା ଏକ ଘରେ ପ୍ରସ୍ତୁତ ହେଉଥିବା ଦେଶୀ ମଦ। ଏହି ଘରକୁ ଅବକାରୀ ବିଭାଗ ଭାଙ୍ଗିବା ସହ ପୋଚକୁ ନଷ୍ଟ କରି ୪ଜଣଙ୍କୁ ଗିରଫ କରିଛି।

● ଯୋଗାଣ ବିଭାଗର ଚଢ଼ଉ

# ୪୬ ଘରୋଇ ରନ୍ଧନ ଗ୍ୟାସ୍ ଜବତ




**ଗ୍ୟାସ୍ ଚୁଲା ମରାମତି ଦୋକାନ ପାଲଟିଛି କଳାବଜାରୀଙ୍କ ଆଡ୍ଡାସ୍ଥଳୀ**


ଭୁବନେଶ୍ୱର, ୯।୧୦(ସମିସ): ଚନ୍ଦ୍ରଶେଖରପୁର ଅଞ୍ଚଳରେ ଜଣେ ବ୍ୟବସାୟୀ ଘରୋଇ ରନ୍ଧନ ଗ୍ୟାସ କଳାବଜାରୀ କରିବା ସହ ଚଡା ମୂଲ୍ୟରେ ଅବୈଧ ବିକ୍ରି କରାଯାଉଥିବା ନେଇ ଅଭିଯୋଗ ହେଉଥିଲା। ଅଭିଯୋଗକୁ ଭିତ୍ତିକରି ଗୁରୁବାର ବିଏମସି ଯୋଗାଣ ଉପ ବିଭାଗ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଘରୋଇ ରନ୍ଧନ ଗ୍ୟାସର କଳାବଜାରୀ କରୁଥିବା ବ୍ୟବସାୟୀଙ୍କ ଉପରେ ଚଢ଼ାଉ କରିଥିଲା। ଚଢ଼ଉ ବେଳେ ୪୬ଟି ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର ଜବତ ହୋଇଛି ବୋଲି ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି।

ଅତିରିକ୍ତ ବିଏମସି ଯୋଗାଣ ଅଧିକାରୀ ରୋହିତ କୁମାର ଦାସଙ୍କ କହିବା ଅନୁଯାୟୀ ଜଣେ ବ୍ୟକ୍ତିଙ୍କ ନାମରେ ମାତ୍ର ଗୋଟିଏ କନେକ୍‌ସନ ରହିବ। ଏଣୁ ସେ ମାତ୍ର ୨ଟି ସିଲିଣ୍ଡର ନିଜ ପାଖରେ ରଖି ପାରିବ। ହେଲେ ଚଢାଉ ହୋଇଥିବା ବ୍ୟକ୍ତିଙ୍କ ପାଖରେ ପ୍ରାୟ ୫୦ଟି ସିଲିଣ୍ଡର ରହିଥିଲା। ଏସବୁ ସିଲିଣ୍ଡର ସେମାନେ କେଉଁଠୁ ଆଣିଲେ ତାହା ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ଚଢ଼ାଉରେ ଅନ୍ୟମାନଙ୍କ ମଧ୍ୟରେ ବିଏମସିର ଯୋଗାଣ ନିରୀକ୍ଷକ ଦୀପ୍ତି ରଞ୍ଜନ ଇନ୍ଦ୍ର ସିଂ, ଯତୀନ କୁମାର ରାଉତ ଓ ଅଲିଭା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକାଶ ଥାଉ କି ରାଜଧାନୀରେ ଗ୍ୟାସ୍ ଚୁଲା ମରାମତି ଦୋକାନ ପାଲଟିଛି ରନ୍ଧନ ଗ୍ୟାସ ସିଲିଣ୍ଡରର କଳାବଜରୀର ପେଣ୍ଠସ୍ଥଳୀ। ଏହି ଦୋକାନ ଗୁଡ଼ିକର ସାଇନବୋର୍ଡରେ ଲେଖା ଯାଉଛି ଚୁଲା ମରାମତି କେନ୍ଦ୍ର ବା ଦୋକାନ। ହେଲେ ଏମାନଙ୍କ ପ୍ରକୃତ ଧନ୍ଦା ହେଉଛି ରନ୍ଧନ ଗ୍ୟାସକୁ କଳାବଜାରୀ କରିବା। ବେଆଇନ୍ ଭାବେ ଏମାନେ ରନ୍ଧନ ଗ୍ୟାସର ଫିଲିଂ ଷ୍ଟେସନ ଚଳାଇଛନ୍ତି। ଚଢା ଦରରେ ଲୋକଙ୍କୁ ରନ୍ଧନ ଗ୍ୟାସ ବିକ୍ରି କରୁଛନ୍ତି। ଉଠା ଦୋକାନୀ, ହଷ୍ଟେଲ ଛାତ୍ରଛାତ୍ରୀ ଏବଂ ବସ୍ତି ବାସିନ୍ଦାଙ୍କୁ ଚଢା ଦରରେ ଗ୍ୟାସ ବିକ୍ରି କରୁଛନ୍ତି। ଘରୋଇ ରନ୍ଧନ ଗ୍ୟାସକୁ ଏମାନେ ଚଢା ଦରରେ ବିକ୍ରି କରି ମାଲାମାଲ୍ ହେଉଥିଲା ବେଳେ ରନ୍ଧନ ଗ୍ୟାସ ପାଇ ପାରୁ ନ ଥିବା ଲୋକେ ବିକଳ୍ପ ନ ପାଇ ଟଙ୍କା ଗଣିବାକୁ ବାଧ୍ୟ ହେଉଛନ୍ତି। ଏମାନଙ୍କ ଉପରେ ଯୋଗାଣ ବିଭାଗ ବାରମ୍ବାର ଚଢାଉ କରୁଥିଲେ ମଧ୍ୟ ପରିସ୍ଥିତି ଯାହାକୁ ସେଇଆ।

# ଯୁବତୀଙ୍କ ଫଟୋ ଭାଇରାଲ୍; ଘର ମାଲିକାଣୀର ଭାଇ ଗିରଫ

ଭୁବନେଶ୍ୱର, ୯।୧୦ (ସମିସ): ଯୁବତୀଙ୍କ ଏଡିଟ୍ ଫଟୋକୁ ଭାଇରାଲ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳର ମନୋଜ କୁମାର ଗିରି (୨୮)।




ପୁଲିସ ସୂଚନାନୁସାରେ, ୨୦୨୩ ଅଗଷ୍ଟ ମାସରେ ଚାକିରି ପାଇଁ ଭୁବନେଶ୍ୱର ଆସିଥିବା ଯୁବତୀ ଜଣକ ଜଗନ୍ନାଥ ନଗରରେ ଥିବା ମନୋଜର ଭଉଣୀ ଘରେ ଭଡ଼ାରେ ରହୁଥିଲେ। ସେହି ସମୟରେ ମନୋଜ ତାଙ୍କ ଘରକୁ ଆସି ଯୁବତୀଙ୍କୁ ଅଶାଳୀନ ଇଙ୍ଗିତ କରୁଥିଲେ।। ଏହା ପରେ ଯୁବତୀ ଜଣକ ପଳାଶୁଣୀ ସ୍ଥିତ ଏକ ଘରେ ଭଡ଼ା ରହିଥିଲେ। ଯୁବତୀ ଜଣକ ଜଗନ୍ନାଥ ନଗରରେ ରହୁଥିବା ସମୟରେ ମନୋଜ ତାଙ୍କର କିଛି ଫଟୋ ଓ ଭିଡିଓ ଉଠାଇଥିଲେ। ପରବର୍ତ୍ତୀ ସମୟରେ ମନୋଜ ଏହାକୁ ଢାଲ କରି ଯୁବତୀଙ୍କୁ ଶାରୀରିକ ସମ୍ପର୍କ ରଖିବାକୁ ପ୍ରସ୍ତାବ ଦେଇଥିଲେ ମଧ୍ୟ ସେ ପ୍ରତ୍ୟାଖ୍ୟାନ କରିଥିଲେ। ମନୋଜ ଏଥିରେ ଉତକ୍ଷିପ୍ତ ହୋଇ ଯୁବତୀଙ୍କ ନାମରେ ନକଲି ସୋସିଆଲ ମିଡିଆ ଆକାଉଣ୍ଟ ତିଆରି କରି ଆପତ୍ତିଜନକ ଫଟୋ ଓ ଭିଡିଓ ଅପଲୋଡ୍ କରିଥିଲା। ତାଙ୍କ ବନ୍ଧୁ ଓ ସମ୍ପର୍କୀୟଙ୍କୁ ମଧ୍ୟ ପଠାଇଥିଲା। ଏନେଇ ଯୁବତୀ ଜଣକ ମଞ୍ଚେଶ୍ୱର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ସୋସିଆଲ ମିଡିଆ ପୋଷ୍ଟର ସ୍କ୍ରିନସଟ୍ ଓ ୟୁଆରଏଲ୍ ଜବତ କରିଥିଲା। ବୁଧବାର ରାତିରେ ଜଗନ୍ନାଥ ନଗରରୁ ମନୋଜକୁ ଗିରଫ କରିବା ପରେ ଆଜି କୋର୍ଟ ଚାଲାଣ କରିଛି।

● ୩୭ ଦିନରେ ଆସିଲା ରାୟ

# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍‌ଦଣ୍ଡ




ଭୁବନେଶ୍ୱର, ୯।୧୦ (ସମିସ): ସଂଘର୍ଷ ବିହାର ଅଞ୍ଚଳରେ ଘଟିଥିବା ଏକ ଦୁଷ୍କର୍ମ ମାମଲାର ରାୟ ମାତ୍ର ୩୭ ଦିନରେ ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ଥିତ ଅତିରିକ୍ତ ସେସନ୍ସ ଜଜ୍ ୪ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତର ବିଚାରପତି ଶୁଭଞ୍ଜନ ମହାନ୍ତି ଅଭିଯୁକ୍ତ ମୁନା ବେହେରାକୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

ପୁଲିସ ସୂଚନା ମୁତାବକ, ଗତ ସେପ୍ଟେମ୍ବର ୩୧ ତାରିଖ ସନ୍ଧ୍ୟାରେ ପଣ୍ଡାକୁଦିଆ ବସ୍ତି ନିକଟସ୍ଥ ସଙ୍ଘର୍ଷ ବିହାରର ଜଣେ ୧୩ ବର୍ଷୀୟା ନାବାଳିକା ଝିଅ ଖୁଦୁରୁକୁଣି ଓସା ପାଳନ କରିବା ପାଇଁ ପଡ଼ୋଶୀଙ୍କ ଘରକୁ ଯାଇଥିଲା। ପରିସ୍ରା କରିବାକୁ ଯାଇଥିବାବେଳେ ମୁନା ତା'ର ପାଟି ବନ୍ଦ କରି ଅପହରଣ କରି ନେଇଥିଲା। ସେଠାରୁ ଶହେ ମିଟର ଦୂରରେ ଥିବା ଏକ ଅଧାଗଢ଼ା ଘରକୁ ନେଇ ଦୁଷ୍କର୍ମ କରି ଛାଡ଼ି ଦେଇଥିଲା। ଘଟଣା ବିଷୟରେ କାହାକୁ ପ୍ରକାଶ କଲେ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ବୋଲି ମୁନା ଧମକ ଦେଇଥିଲା। ଘରକୁ ଫେରି ନାବାଳିକା ପ୍ରଥମେ କିଛି କହିନଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସବୁକଥା କହିଥିଲେ। ପୀଡ଼ିତାଙ୍କ ବାପା ଏନେଇ ଅଭିଯୋଗ କରିବା ପରେ ଚନ୍ଦକା ଥାନା ପୁଲିସ କେସ୍ ନଂ - ୩୪୭/୨୫ ରେ ଦଫା ୬୫(୧) ବିଏନ୍‌ଏସ୍ ଓ ୬ ପୋକ୍‌ସୋ ଆକ୍ଟ ଲଗାଇ ମାମଲା ରୁଜୁ କରିଥିଲା। ଘଟଣା ତଦନ୍ତକାରୀ ଅଧିକାରିଣୀ ତଥା ସବ୍ ଇନ୍ସପେକ୍ଟର ଜ୍ୟୋତ୍ସ୍ନା ରାଣୀ ପ୍ରଧାନ ମୁନା ବେହେରାକୁ ଗିରଫ କରିବା ସହ ମାତ୍ର ସପ୍ତାହେ ମଧ୍ୟରେ ଚାର୍ଜସିଟ୍ ଦାଖଲ କରିଥିଲେ।

ଅଦାଲତ ଘଟଣା ସହିତ ସମ୍ପୃକ୍ତ ୯ ଜଣ ସାକ୍ଷୀ, ୧୭ଟି ସାମଗ୍ରୀ ଯାଞ୍ଚ ଓ ୫୦ ଦସ୍ତାବିଜ ଆଧାରରେ ମାତ୍ର ୩୭ ଦିନରେ ବିଚାର ପ୍ରକ୍ରିୟା ଶେଷ କରିଛନ୍ତି। ଆସାମୀ ମୁନା ବେହେରାଙ୍କୁ ପୋକସୋ ଆଇନର ଧାରା-୬ ଅନୁଯାୟୀ ୨୦ ବର୍ଷର ସଶ୍ରମ କାରାଦଣ୍ଡ ସହିତ ୫୦ ହଜାର ଟଙ୍କା ଜରିମନା ଦଣ୍ଡାଦେଶ ଶୁଣାଇଛନ୍ତି। ଜରିମନା ଅନାଦେୟ କ୍ଷେତ୍ରରେ ଅଧିକ ୧ ବର୍ଷର ସଶ୍ରମ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନାବାଳିକାଙ୍କ ସହ ହୋଇଥିବା ଶାରୀରିକ ଓ ମାନସିକ ଆଘାତକୁ ବିଚାରକରି ତାଙ୍କୁ କ୍ଷତିପୂରଣ ବାବଦକୁ ୬ ଲକ୍ଷ ଟଙ୍କା ରାଶି ପ୍ରଦାନ ଲାଗି ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର ସୁବ୍ରତ ପ୍ରିୟଦର୍ଶୀ ଏହି ମାମଲାକୁ ପରିଚାଳନା କରୁଥିଲେ।

● ଗଞ୍ଜେଇ ଚାଲାଣ ଅଭିଯୋଗ

# ଜଣେ ଗିରଫ; ଆଉଜଣେ ଖସିଗଲା

ଭୁବନେଶ୍ୱର, ୯।୧୦ (ସମିସ): ବେଆଇନ ଗଞ୍ଜେଇ ଚାଲାଣ କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଫୁଲବାଣୀ ଟାଉନ ଥାନା ଅନ୍ତର୍ଗତ ନାରାୟଣୀ ରୋଡର ଚନ୍ଦ୍ରଶେଖର ସାହାଣୀ (୪୪)।

ପୁଲିସ କହିବା ଅନୁସାରେ, କଳିଙ୍ଗନଗର ଗଞ୍ଜେଇ ଭର୍ତ୍ତି କାର ଆସୁଥିବା ଖବରପାଇ ଭରତପୁର ଥାନା ପୁଲିସ ୪ ଛକରେ ଛକି ରହିଥିଲା। ସେହି ସମୟରେ ରାହୁଲ ଓ ଚନ୍ଦ୍ରଶେଖର ଏକ କାର ନେଇ ଆସୁଥିବା ବେଳେ ପୁଲିସ ତାକୁ ଅଟକାଇଥିଲା। ଡ୍ରାଇଭର ରାହୁଲ ଖସିଯାଇଥିବା ବେଳେ ଚନ୍ଦ୍ରଶେଖରକୁ ପୁଲିସ ଅଟକ ରଖିଥିଲା। ତଲାସି ସମୟରେ ଗାଡ଼ିର ଡିକିରୁ ୮ କିଲୋ ଓଜନର ଗଞ୍ଜେଇ ଥିବା ଏକ ଜରି ବସ୍ତା ଜବତ କରିଥିଲା। ସେ ଓ ରାହୁଲ ମିଶି ଫୁଲବାଣୀରୁ ଗଞ୍ଜେଇ ଆଣି ଭୁବନେଶ୍ୱରକୁ ଚାଲାଣ କରୁଥିବା ପୁଲିସ ଆଗରେ ସ୍ୱୀକାର କରିଥିଲେ। ଏନେଇ ଭରତପୁର ଥାନା ପୁଲିସ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ଚନ୍ଦ୍ରଶେଖରକୁ କୋର୍ଟ ଚାଲାଣ କରିଛି।



**ଟଣାଟଣିରେ ଚାଲିଛି ପୁଲିସ:** ୧୬ ନମ୍ବର ଜାତୀୟ ରାଜପଥର ପାତ୍ରପଡ଼ା ନିକଟରେ ଅଧବାଟରେ ପାଟ୍ରୋଲିଂ ଗାଡ଼ି ଅଚଳ ହୋଇଯିବାରୁ ଅନ୍ୟ ଏକ ଗାଡ଼ିଦ୍ୱାରା ତାକୁ ଟାଣି ନିଆଯାଉଛି। (ଫଟୋ: ସନ୍ତୋଷ)

# ବର୍ଷାରେ ଖୋଲିଗଲା 'ଡ୍ରେନେଜ୍' ଗୁମର୍

ଭୁବନେଶ୍ୱର, ୯।୧୦(ସମିସ): ବିଏମ୍‌ସି ଅଞ୍ଚଳରେ ପ୍ରତ୍ୟେକ ବର୍ଷ ମୌସୁମୀ ପୂର୍ବରୁ ଡ୍ରେନ୍ ସଫେଇ କାର୍ଯ୍ୟ କରାଯାଉଛି। ପ୍ରତ୍ୟେକବର୍ଷ ପ୍ରତ୍ୟେକ ଡ୍ରେନ୍‌ରୁ ପଙ୍କ ଉଦ୍ଧାର ହେଉଛି। ଆବଶ୍ୟକ ଥିଲେ ଡ୍ରେନ୍‌ଗୁଡ଼ିକ ମରାମତି ମଧ୍ୟ କରାଯାଉଛି। ଏହି କାର୍ଯ୍ୟ ପାଇଁ ବିଏମ୍‌ସି ଶହ ଶହ କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ କରୁଛି। ହେଲେ ଗତକାଲି ମାତ୍ର ୨ଘଣ୍ଟାର ବର୍ଷା ବିଏମ୍‌ସିର ଡ୍ରେନେଜ୍ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ ଏକ୍ସପୋଜ୍ କରି ଛାଡିଦେଲା। ଡ୍ରେନ୍‌ଗୁଡ଼ିକର ଜଳଧାରଣ କ୍ଷମତା ବାହାରକୁ ଚାଲିଗଲା। ସବୁଆଡେ ଜଳାର୍ଣ୍ଣବ ପରିସ୍ଥିତି ସୃଷ୍ଟି ହେଲା। ଗାଡି ଟ୍ରାଫିକ୍ ଜାମ୍‌ରେ ଘଣ୍ଟା ଘଣ୍ଟା ଧରି ଅକଟକି ଗଲା। ତେବେ ଏଭଳି ପରିସ୍ଥିତି ପରେ ରାଜଧାନୀର ଡ୍ରେନେଜ୍ ବ୍ୟବସ୍ଥାକୁ ନେଇ ବିଭିନ୍ନ ମହଲାରେ ପ୍ରଶ୍ନ କରଯାଇଛି।

ବିଏମ୍‌ସି ଅଞ୍ଚଳରେ ମୋଟ ୧୮ ଶହ କିଲୋମିଟର ମଧ୍ୟମ ଏବଂ ଛୋଟ ଡ୍ରେନ୍ ରହିଛି। ଏଥିରୁ ୧୩୮୦ କିଲୋମିଟର ଡ୍ରେନ୍ ବିଏମ୍‌ସି ଅଧୀନରେ ରହିଛି। ୩୬୦ କିଲୋ ମିଟର ଡ୍ରେନ୍ ଆରଆଣ୍ଡବି ଅଧୀନରେ ରହିଛି। ୩୪ କିମି ଡ୍ରେନ୍ ଜାତୀୟ ରାଜପଥ ଅଧୀନରେ ରହିଛି। ବାକି ଡ୍ରେନ୍ ଇଡକୋ ଏବଂ ଅନ୍ୟାନ୍ୟ ବିଭାଗ ଅଧୀନରେ ରହିଛି। ସେହିପରି ଭୁବନେଶ୍ୱରରେ ଡ୍ରେନ୍ ନମ୍ବର ୧ରୁ ଆରମ୍ଭ କରି ୧୧ ପର୍ଯ୍ୟନ୍ତ ମୋଟ୍ ୭୭ କିଲୋମିଟର ମୁଖ୍ୟ ଡ୍ରେନ୍ ରହିଛି। ବିଏମ୍‌ସି ୨୦୨୩-୨୪ରେ ପଙ୍କୋ ଉଦ୍ଧାର ପାଇଁ ୨କୋଟି ୩୦ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲା। ପ୍ରତ୍ୟେକ ବର୍ଷ ଏହି ପରିମାଣରେ ଖର୍ଚ୍ଚ କରାଯାଉଛି।

ଅନ୍ୟପକ୍ଷରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ରାଜଧାନୀର ଡ୍ରେନେଜ୍ ବ୍ୟବସ୍ଥାକୁ ନେଇ ଉତ୍ତର ରଖିଛନ୍ତି। ସେ କହିଛନ୍ତି ଆଇଆଇଟି ରୁର୍‌କି ବିଏମ୍‌ସି ଡ୍ରେନେଜ୍ ବ୍ୟବସ୍ଥାକୁ ନେଇ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରୁଛି। ଏନେଇ ବିଭିନ୍ନ ବିଭାଗ ସହ ଯୋଗାଯୋଗ କରି ତଥ୍ୟ ସଂଗ୍ରହ କରୁଛି। ରିପୋର୍ଟ ହସ୍ତାନ୍ତର ପରେ ଡିପିଆର୍ ପ୍ରସ୍ତୁତ ହେବ। ଏହାପରେ କାମ ଆରମ୍ଭ ହେବ।

# ଦୁଇ ଭଉଣୀଙ୍କୁ ଆକ୍ରମଣ କରି ଗହଣା ଲୁଟ୍




ଯାଁଳା ୯ ।୧୦(ସମିସ): ସମିସ ଦୁଇ ଭଉଣୀଙ୍କୁ ସଂଘବଦ୍ଧ ଭାବେ ଦୁର୍ବ୍ୟବହାର କରିବା ଓ ଆକ୍ରମଣ କରି ସେମାନଙ୍କ ସୁନା ଅଳଙ୍କାର ଲୁଟ ଅଭିଯୋଗରେ ଗୁରୁବାର ଇନଫୋସିଟି ଥାନା ସମ୍ପୃକ୍ତ ଯୁବକକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା ଇନଫୋସିଟି ଥାନା ଯାଁଳା ଅଞ୍ଚଳର ହରିବନ୍ଧୁ ପ୍ରଧାନ (୩୨)। ଘଟଣାର ସମ୍ପୃକ୍ତ କାଳିଆ ଓ ଶିବ ସହ ଅନ୍ୟମାନେ ଫେରାର ଥିବା ଜଣାପଡ଼ିଛି।

ପୁଲିସ ସୂଚନା ଅନୁସାରେ ଗତକାଲି ସନ୍ଧ୍ୟା ୭ଟା ବେଳେ ଅଭିଯୋଗକାରିଣୀ ଓ ତାଙ୍କ ଭଉଣୀ ଓଗାଳପଡ଼ା ଲକ୍ଷ୍ମୀ ପୂଜା ମଣ୍ଡପକୁ ଯାଉଥିଲେ।ଦୁଇ ଭଉଣୀ ଯାଉଥିବା ସମୟରେ ଅଭିଯୁକ୍ତ ହରିବନ୍ଧୁ ତାଙ୍କୁ ବାଟରେ ଅଟକାଇ ଅଶ୍ଲିଳ ଇଙ୍ଗିତ କରିବା ସହ ଅଶାଳୀନ ମନ୍ତବ୍ୟ ଦେଇଥିଲେ। ଅଭିଯୋଗକାରିଣୀ କଥାକୁ ଭ୍ରୁକ୍ଷେପ ନକରି ପୂଜା ମଣ୍ଡପକୁ ଯାଇଥିଲେ। କିନ୍ତୁ ଘରକୁ ଫେରିବା ସମୟରେ ଅଭିଯୁକ୍ତ ହରିବନ୍ଧୁ ତାଙ୍କ ସହଯୋଗୀ ଶିବ, କାଳିଆ ସହ ଅନ୍ୟମାନେ ଓଗାଳପଡ଼ା ଅଙ୍ଗନବାଡ଼ି ସ୍କୁଲ ନିକଟରେ ପୁଣି ଅଟକାଇଥିଲେ।ଅଭିଯୁକ୍ତମାନେ ଦୁଇ ଭଉଣୀଙ୍କୁ ଦୁର୍ବ୍ୟବହାର କରିବା ସହ ଆକ୍ରମଣ କରିଥିଲେ। ସେମାନଙ୍କ ଚେନ ଓ କାନଫୁଲ ଛଡ଼ାଇ ନେଇଥିଲେ। ଅଭିଯୋଗକାରିଣୀଙ୍କ ସାନ ଭଉଣୀ ବିରୋଧ କରିବାରୁ ତାଙ୍କ ମଧ୍ୟ ଆକ୍ରମଣ କରି କାନଫୁଲ ଛଡାଇ ନେଇଥିଲେ। ଏହି ସମୟରେ ସୂରଜ ନାମକ ଜଣେ ଯୁବକ ସାହାଯ୍ୟ କରିବାକୁ ଆସିଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ଏକ ଛୁରୀରେ ଆକ୍ରମଣ କରିଥିଲେ।ଫଳରେ ସୂରଜ ଆହତ ହୋଇଥିଲେ।ଖବର ପାଇ ଇନଫୋସିଟି ଥାନା ପିସିଆର ଘଟଣାସ୍ଥଳରେ ପହଞ୍ଚି ଦୁଇ ଉଭଣୀଙ୍କୁ ଉଦ୍ଧାର କରିଥିଲେ। କିନ୍ତୁ ଅଭିଯୁକ୍ତ ମାନେ ଘଟଣାସ୍ଥଳରୁ ଦୌଡି ପଳାଇ ଯାଇଥିଲେ। ଏନେଇ ଅଭିଯୋଗକାରିଣୀ ଅଭିଯୋଗ କରିବା ପରେ ପୁଲିସ ହରିବନ୍ଧୁକୁ ଗିରଫ କରି ଅଦାଲତ ଚାଲାଣ କରିଛି। ଅଭିଯୁକ୍ତ ହରିବନ୍ଧୁଙ୍କ ନାଁ ରେ ଜଟଣୀ ଓ ଇନଫୋସିଟି ଥାନାରେ ୬ଟି ମାମଲା ଥିବା ତଦନ୍ତରୁ ଜଣାପଡ଼ିଛି। ଅନ୍ୟମାନଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଛି।

# ୱାଟର୍ ଫାଉଣ୍ଟେନ୍ ନା ମଶାଙ୍କ ଏନ୍ତୁଡ଼ିଶାଳ

- ପାର୍କରୁ ରାସ୍ତାଘାଟ ସବୁଠି ଅଚଳାବସ୍ଥା
- ମଶାଙ୍କ ବୃଦ୍ଧି ପାଇଁ ବଢୁଛି ଡେଙ୍ଗୁ ରୋଗୀଙ୍କ ସଂଖ୍ୟା

ଭୁବନେଶ୍ୱର, ୯ ।୧୦(ସମିସ): ସହରକୁ ସୁନ୍ଦର କରିବା ପାଇଁ ବିଭିନ୍ନ ପ୍ରକାରର ପଦକ୍ଷେପ ନିଆଯାଉଛି। କିନ୍ତୁ ଦିନ କେଇଟା ପରେ ଏହି ପଦକ୍ଷେପ ସବୁ ଅଚଳା ଅବସ୍ଥାକୁ ଫେରି ଆସୁଛି। ସହରକୁ ସୁନ୍ଦର ଦେଖାଇବା ଅନ୍ୟତମ ଭୂମିକା ନିର୍ବାହ କରିଥିବା ବିଭିନ୍ନ ରାସ୍ତା ଓ ପାର୍କରେ ରହିଛି ୱାଟର ଫାଉଣ୍ଟେନ୍। ହେଲେ ଏହି ୱାଟର ଫାଉଣ୍ଟେନ୍ ଏବେ କିଛି ସ୍ଥାନରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି ତ ଆଉ କେଉଁଠି ଅଚଳ ହୋଇ ପଡ଼ିଛି। ଫଳରେ ସେଠାରେ ବର୍ଷା ପାଣି ଜମି ରହିବା ଯୋଗୁଁ ତାହା ମଶାଙ୍କ ଏନ୍ତୁଡ଼ିଶାଳ ପାଲଟିଛି। ରାଜଧାନୀର ବିଭିନ୍ନ ପାର୍କ ଏବଂ ରାସ୍ତାକଡ଼ରେ ଥିବା ୱାଟର ଫାଉଣ୍ଟେନ୍ ନିକଟରେ ଜନବସତିରେ ଲୋକେ ମଶାଙ୍କ ପ୍ରାଦୁର୍ଭାବର ଶିକାର ହେଉଛନ୍ତି।


ରାଜଧାନୀରେ ମଧ୍ୟ ବିଭିନ୍ନ ପାର୍କ ଓ ରାସ୍ତାର ସୌନ୍ଦର୍ଯ୍ୟ ଟିକେ ଅଧିକ ସୁନ୍ଦର କରିବା ପାଇଁ ୱାଟର୍ ଫାଉଣ୍ଟେନ୍ ତିଆରି କରାଯାଇଥିଲା। ବିଶେଷକରି ସନ୍ଧ୍ୟା ସମୟରେ ଏହି ଫାଉଣ୍ଟେନ୍‌ଗୁଡ଼ିକ ଲୋକଙ୍କୁ ଆକର୍ଷିତ କରିବା ସହିତ ସହରର ଶୋଭା ବଢ଼ାଉଥିବାରୁ ଏଥିପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ହେଲେ ଅଧିକାଂଶ ଫାଉଣ୍ଟେନ୍ ଅଚଳ ହୋଇ ପଡ଼ି ରହିଛି। ଅନେକ ୱାଟର୍ ଫାଉଣ୍ଟେନ୍ ଆଉ କାମ କରୁନି। କିଛି କିଛି ସ୍ଥାନରେ ପଲିଥିନ୍, ପ୍ଲାଷ୍ଟିକ ବୋତଲ ପଚାପାଣି ଭର୍ତ୍ତି ହୋଇ ରହିଥିବା ବେଳେ ଲାଗିଥିବା ଯନ୍ତ୍ରାଂଶରେ ମଧ୍ୟ କଳଙ୍କି ଲାଗିଗଲାଣି। ତତ୍ ସହିତ ଫାଉଣ୍ଟେନ୍ ଭିତରେ ରହିଥିବା ପାଣି ଖରାପ ହୋଇଯାଇଥିବାରୁ ମଶା ମାନେ ବଂଶ ବିସ୍ତାର କରୁଛନ୍ତି। ଫାଉଣ୍ଟେନ୍‌ରେ ମଧ୍ୟ ଲାଇଟ୍ ମଧ୍ୟ ଦେଖିବାକୁ ମିଳୁନାହିଁ। ସହରର ପ୍ରମୁଖ ଇନ୍ଦିରା ଗାନ୍ଧୀ ପାର୍କ, ଗାନ୍ଧୀ ପାର୍କ ଓ ଶ୍ୟାମା ପ୍ରସାଦ ମୁଖାର୍ଜୀ ପାର୍କ, ଫରେଷ୍ଟ ପାର୍କ ସହିତ ଏଜି ଛକ, କଳ୍ପନା ଛକ, ଇଡ଼୍ କୋ ଟାୱାର ଆଦି ସ୍ଥାନ ମାନଙ୍କରେ ୱାଟର ଫାଉଣ୍ଟେନ୍ ରହିଛି। ହେଲେ ଏହି ସବୁ ସ୍ଥାନରେ ରହିଥିବା ୱାଟର ଫାଉଣ୍ଟେନ୍ ଅଚଳ ହୋଇ ପଡ଼ିରହିଛି।




ଇନ୍ଦିରା ଗାନ୍ଧୀ ପାର୍କରେ ଥିବା ୩ଟି ୱଟର ଫାଉଣ୍ଟେନ୍ ଅଚଳ ହୋଇପଡ଼ିଥିବା ବେଳେ ଜନତା ମଇଦାନରେ ପାଖରେ ଥିବା ଗାନ୍ଧୀପାର୍କର ମଧ୍ୟ ସମାନ ସ୍ଥିତ। ଏଥି ସହିତଶ୍ୟାମା ପ୍ରସାଦ ମୁଖାର୍ଜୀ ପାର୍କର ସ୍ଥିତି ମଧ୍ୟ କିଛି ଭଲ ନୁହେଁ। ଏଠାରେ ମଧ୍ୟ ପ୍ରତିମୂର୍ତ୍ତି ପାଖରେ ଥିବା ମିନି ଫାଉଣ୍ଟେନ୍ ଅଚଳ ହୋଇ ପଡ଼ିରହିଛି। ପ୍ରତିଦିନ ସହ ସହ ଲୋକଙ୍କ ସମେତ ପର୍ଯ୍ୟଟକ ମାନେ ରାଜଧାନୀକୁ ଆସୁଛନ୍ତି। ହେଲେ ସହରର ରାସ୍ତାଘାଟ ଓ ପାର୍କରେ ଏହି ସବୁ ପାଉଣ୍ଟେସନ୍‌କୁ ଦେଖିବାରୁ ବଞ୍ଚିତ ହେଉଛନ୍ତି। ହେଲେ ଏହା ଉପରେ କାହାର ନଜର ପଡୁନାହିଁ। ଯାହା ଫଳରେ ଦିନକୁ ଦିନ ଫାଉଣ୍ଟେନ ପରିତ୍ୟକ୍ତ ହୋଇ ରହିଛି। ଏହିସବୁ ସ୍ଥାନରେ ମଶାମାନେ ଡିମ୍ବ ଦେଇ ବଂଶ ବିସ୍ତାର କରିବାରେ ଲାଗିଛି। ଫଳରେ ରାଜଧାନୀର ବିଭିନ୍ନ ଅଞ୍ଚଳରେ ମଶାଙ୍କ ବଂଶ ବିସ୍ତାର ହେବାରେ ଲାଗିଛି। ବିଶେଷକରି ଡେଙ୍ଗୁମଶାମାନେ ଏହିସୁବ ଫାଉଣ୍ଟେନର ଜମି ଥିବା ପାଣିରେ ଅଣ୍ଡା ଦେବା ଯୋଗୁଁ ରାଜଧାନୀରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି।

ସକାଳ
THE SAKALA

# ସମ୍ପାଦକୀୟ



ଗୋଟିଏ ଦେଶର ସଂସ୍କୃତି ଏହାର ଜନତାଙ୍କ ହୃଦୟ ଓ ଆତ୍ମାରେ ଲୁଚି ରହିଛି।
-ମହାତ୍ମା ଗାନ୍ଧୀ

## ପଥଚାରୀଙ୍କ ସୁରକ୍ଷା ଚିନ୍ତା

ସଡ଼କ ଦୁର୍ଘଟଣାରେ ଭାରତ ବିଶ୍ୱରେ ଅଲୋଡ଼ା ରେକର୍ଡ ସୃଷ୍ଟି କରିଚାଲିଛି। ଏହାପଛରେ ଥିବା ଅନେକ କାରଣ ମଧ୍ୟରୁ ହେଲ୍‌ମେଟ୍ ଓ ସୁରକ୍ଷା ବ୍ୟବସ୍ଥା ଉଲ୍ଲଙ୍ଘନ, ନିଶାସକ୍ତ ଗାଡ଼ିଚାଳନା, ଭିଡ଼ ନିୟନ୍ତ୍ରଣରେ ଅସଫଳତା, ରାସ୍ତାଘାଟର ଦୁରବସ୍ଥା ଇତ୍ୟାଦିକୁ ଦାୟୀ କରାଯାଇ ଆସୁଥିଲେ ହେଁ ଏହାର ନିରାକରଣ ଲାଗି ଯେଉଳି ନିଷ୍ଠା ଓ ତତ୍ପରତା ପ୍ରକାଶ ପାଇବା କଥା ତାହା ହେଉନାହିଁ। ସରକାର କେବଳ ଶ୍ୱେତପତ୍ର ଓ ଉଦ୍‌ବେଗ ପ୍ରକାଶ କରି ନିଜ ଦାୟିତ୍ୱ ସାରି ଦେଉଥିବା ଏକ ଧାରା ପାଲଟି ଯାଇଛି। ଏ ଦିଗରେ ଏବେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ପୁଣି ଥରେ ତତ୍ପର ହୋଇ ସମସ୍ୟାର ସମାଧାନକୁ ଗୁରୁତ୍ୱ ଦେଇଥିବାରୁ ଆଶାର କ୍ଷୀଣ ଆଲୋକ ରେଖାଟିଏ ଦେଖାଯାଉଛି। ବିଶେଷକରି ପଥଚାରୀଙ୍କ ସୁରକ୍ଷା ପ୍ରତି ସର୍ବୋଚ୍ଚ ନ୍ୟାୟାଳୟ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି।

ଅନିୟନ୍ତ୍ରିତ ଟ୍ରାଫିକ୍ ବ୍ୟବସ୍ଥା ଓ ସଡ଼କରେ ଯାନବାହନ ସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ଦୁର୍ଘଟଣାରୁ ଯଥାସମ୍ଭବ ସୁରକ୍ଷାର ସର୍ବୋତ୍ତମ ବିକଳ୍ପ ହେଉଛି ପାଦରେ ଚାଲିଚାଲି ଯିବା। ସମ୍ପ୍ରତି ସହରବଜାରର ସୀମା ଦିନକୁ ଦିନ ବଢୁଥିବାରୁ କର୍ମସଂସ୍ଥାନଜୀବୀମାନେ ପାଦରେ ଚାଲି ଯିବା ଏକପ୍ରକାର ଦୁରୁହ ବ୍ୟାପାର। ତଥାପି ବରିଷ୍ଠ ନାଗରିକ, ମହିଳା, ଶିଶୁ, ଦିବ୍ୟାଙ୍ଗମାନେ କିମ୍ବା ପ୍ରାତଃ ଓ ସାନ୍ଧ୍ୟ ଭ୍ରମଣ ପାଇଁ ପଥଚାରଣ ଏବେ ବି ସର୍ବୋତ୍କୃଷ୍ଟ ବିକଳ୍ପ। କିନ୍ତୁ ବିଡ଼ମ୍ବନା ଏୟା ଯେ ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟର ଭାରତର ସଡ଼କ ଦୁର୍ଘଟଣା ପରିସଂଖ୍ୟାନରେ ପଥଚାରୀଙ୍କ ସଂଖ୍ୟା ପ୍ରାୟ ୨୦%। ଗତ ଦଶବର୍ଷ ଭିତରେ ଏହି ସଂଖ୍ୟା ଦୁଇଗୁଣା ବୃଦ୍ଧି ପାଇଛି।

ପଥଚାରୀଙ୍କ ପାଇଁ ସଡ଼କରେ ଯେଉଳି ବ୍ୟବସ୍ଥା କରିବା କଥା ତାହାର ଅଭାବରୁ ଏଭଳି ଘଟୁଥିବା ସମସ୍ତେ ଜାଣିଥିଲେ ମଧ୍ୟ କର୍ତ୍ତୃପକ୍ଷଙ୍କ ଅବହେଳା, ଦାୟିତ୍ୱହୀନତା ଓ ଉଦାସୀନତା ଯୋଗୁଁ ପରିସଂଖ୍ୟାନ ଉପରମୁହାଁ ହେଉଛି। ପଥଚାରୀଙ୍କ ପାଇଁ ଉଦ୍ଦିଷ୍ଟ ଫୁଟ୍‌ପାଥ ବା ପାଦଚଲା ସ୍ଥାନ ବୁଲାବିକାଳୀମାନେ ମାଡ଼ି ବସୁଥିବା ବେଳେ ବାହୁବଳ ଓ ଅର୍ଥବଳରେ ଫୁଟ୍‌ପାଥକୁ କବ୍‌ଜା କରୁଥିବା ସ୍ଥାୟୀ ଦୋକାନୀମାନଙ୍କ ସଂଖ୍ୟା କମ୍ ନୁହେଁ। ଫୁଟ୍‌ପାଥକୁ ଜବରଦଖଲମୁକ୍ତ କରିବା କାମ କାହାର ସେ ଭାଗବଣ୍ଟା ଛିଣ୍ଡୁ ନଥିବାରୁ ଜଣେ ଆଉ ଜଣଙ୍କ ମୁଣ୍ଡକୁ ଦାୟିତ୍ୱ ଠେଲି ଦେଇ ଖସିଯାଉଛନ୍ତି ଏବଂ ବିଚରା ପଥଚାରୀ ହିଁ ପରାଭବ ଭୋଗିବା ସାର ହେଉଛି। ଏହାଛଡ଼ା ପଥଚାରୀମାନେ ଜନଗହଳିପୂର୍ଣ୍ଣ ରାସ୍ତା ଓ ଛକକୁ ସୁରକ୍ଷିତ ଭାବେ ପାରି ହେବା ପାଇଁ ଅନେକ ସ୍ଥାନରେ ବ୍ୟବସ୍ଥା ନାହିଁ; ଯେଉଁଠାରେ ବ୍ୟବସ୍ଥା ଅଛି ତାହାର ଅନୁପାଳନ ହେଉନାହିଁ। ଟ୍ରାଫିକ୍ ପରିଚାଳନା ଅଭାବରୁ ମଧ୍ୟ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏ ସମସ୍ୟାକୁ ହୃଦୟଙ୍ଗମ କରି ସର୍ବୋଚ୍ଚ ନ୍ୟାୟାଳୟ ପଥଚାରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇଥିବା ବେଳେ ବେନିୟମ ଓ ବିନା ହେଲ୍‌ମେଟ୍‌ରେ ଗାଡ଼ିଚାଳନା, ଏଲ୍ଇଡି ଲାଇଟର ପ୍ରଭାବକୁ ଯଥାସମ୍ଭବ ନିୟନ୍ତ୍ରଣ ପାଇଁ ଆବଶ୍ୟକ ନିୟମ ଆଣିବା ଲାଗି ଜାତୀୟ ରାଜପଥ ପ୍ରାଧିକରଣ ସମେତ ରାଜ୍ୟ ସରକାର ଓ ପୌରପାଳିକା/ମହାନଗର ନିଗମଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।

ଭାରତୀୟ ରୋଡ୍ କଂଗ୍ରେସର ମାର୍ଗଦର୍ଶିକା ଅନୁଯାୟୀ, ପଥଚାରୀଙ୍କ ପାଇଁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବା ବିଧେୟ। ଏଥିପାଇଁ ଫୁଟ୍‌ପାଥ୍‌ର ଡିଜାଇନ୍ ମଧ୍ୟ ପରିକଳ୍ପନା କରାଯାଇଛି। ଆଇଆରସି ମାର୍ଗଦର୍ଶିକା ୧୦୩-୨୦୨୨ ଅନୁଯାୟୀ ଫୁଟ୍‌ପାଥର ଚଉଡ଼ା ଆବାସିକ ଅଞ୍ଚଳରେ ୪ ମିଟର ଓ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ୬.୫ ମିଟର ଏବଂ ଉଚ୍ଚତା ୧୫୦ ମିଲିମିଟର ରହିବା ବିଧେୟ। କିନ୍ତୁ ଆମ ଫୁଟ୍‌ପାଥଗୁଡ଼ିକର ସ୍ଥିତି କ'ଣ ତାହା ଆମେ ଅକ୍ଷେବହୁତେ ଜାଣିଛେ। ତେଣୁ ପ୍ରାଥମିକ ପର୍ଯ୍ୟାୟରେ ମେଟ୍ରୋ ସହରମାନଙ୍କରେ ଫୁଟ୍‌ପାଥର ସ୍ଥିତି ଯାଞ୍ଚ କରି ରିପୋର୍ଟ ଦେବାକୁ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ଧାର୍ମିକ ଅନୁଷ୍ଠାନ, ଐତିହ୍ୟସ୍ଥଳ, ଶିକ୍ଷାୟତନ, ସ୍ୱାସ୍ଥ୍ୟକେନ୍ଦ୍ର, ସାଧାରଣ ଅଭିଯୋଗ କାର୍ଯ୍ୟାଳୟ, ଅଦାଲତ, ବଜାର, ହାଟ, ପାର୍କ, ସିନେମା ହଲ୍ ଆଦି ନିକଟରେ ପଥଚାରୀଙ୍କ ଦୁର୍ଘଟଣା ଅଧିକ ହେଉଥିବାରୁ ସେଠାରେ ବିହିତ ସୁରକ୍ଷା ବ୍ୟବସ୍ଥା ପ୍ରତି କର୍ତ୍ତୃପକ୍ଷ ଅଧିକ ଯତ୍ନଶୀଳ କଥା, ଯାହାକୁ ସର୍ବୋଚ୍ଚ ନ୍ୟାୟାଳୟ ଯଥୋଚିତ ଗୁରୁତ୍ୱ ଦେଇଛନ୍ତି। ଏଥିସହିତ ପଥଚାରୀମାନଙ୍କ ଫୁଟ୍‌ପାଥ୍ ସମ୍ବନ୍ଧୀୟ ଅଭିଯୋଗ ଦାଖଲ ଏବଂ ସମସ୍ୟା ସମାଧାନ ପାଇଁ ଅନ୍‌ଲାଇନ୍ ପୋର୍ଟାଲ୍ ଖୋଲିବା ଲାଗି ଜାତୀୟ ରାଜପଥ ପ୍ରାଧିକରଣ ସମେତ ପୌରପାଳିକାମାନଙ୍କୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ପଥଚାରୀଙ୍କ ସୁରକ୍ଷା ସର୍ବାଗ୍ରେ ହୋଇଥିବାରୁ ଏହି ନିର୍ଦ୍ଦେଶନାମାର ଯେପରି ଯଥାଶୀଘ୍ର ପାଳନ ହୋଇପାରିବ ସେଥିପ୍ରତି ସର୍ବୋଚ୍ଚ ଅଦାଲତ ଗୁରୁତ୍ୱ ଦେଇ କହିଛନ୍ତି ଯେ ଆସନ୍ତା ଛଅମାସ ମଧ୍ୟରେ ରାଜ୍ୟମାନେ ମୋଟର ଭେହିକିଲ୍ ଆକ୍ଟ ଧାରା ୧୩୮ (ଆଇଏ) ଅନୁଯାୟୀ ଏବଂ କେନ୍ଦ୍ର ଶାସିତ ଅଞ୍ଚଳମାନେ ଧାରା ୨୦୧୦-ଡି ଅନୁଯାୟୀ ଆବଶ୍ୟକ ନୀତି ନିର୍ଦ୍ଧାରଣ କରିବାକୁ ପଡ଼ିବ।

ଆମେ ଏହି ପୃଷ୍ଠଭୂମିରେ କର୍କଶ ହର୍ଣ୍ଣ ଓ ଦ୍ରୁତ ଗାଡ଼ିଚାଳନାର ପ୍ରତିଯୋଗିତାକୁ ଯେପରି ନିରୁତ୍ସାହିତ କରାଯାଇପାରିବ ସେ ସମ୍ପର୍କରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୃଷ୍ଟି ଆକର୍ଷଣ କରୁଛୁ। କାରଣ ସଡ଼କ ଦୁର୍ଘଟଣାରେ ଏହି ଦୁଇ କାରକର ମଧ୍ୟ ଯଥେଷ୍ଟ ଭୂମିକା ରହିଛି। ଏ ସମ୍ପର୍କିତ ନିର୍ଦ୍ଧାରିତ କଟକଣାର ତଦାରଖ ପ୍ରକ୍ରିୟାକୁ ଯେପରି ଗତିଶୀଳ ଓ ନିୟମିତ କରାଯାଇପାରିବ ସେ ଦିଗରେ ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ପ୍ରଶାସନକୁ ବିହିତ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରୁଛୁ। ପ୍ରଭାବଶାଳୀ ତଦାରଖ ବ୍ୟବସ୍ଥାର ଅନୁପସ୍ଥିତିରେ ନିର୍ଦ୍ଦେଶ ଓ ତା'ର କାର୍ଯ୍ୟାନ୍ୱୟନ ମଧ୍ୟରେ ବହୁ ସମୟ ବ୍ୟବଧାନ ରହିଯାଉଥିବାରୁ ସମୟୋପଯୋଗୀ ମହତ୍ ଲକ୍ଷ୍ୟ ସାଧିତ ହୋଇପାରୁନାହିଁ। ଅତୀତରେ ପୁରୀ ଜିଲ୍ଲା ଅଞ୍ଚଳରେ ସ୍କୁଲ୍ ପିଲାମାନଙ୍କର ରାସ୍ତାପାରି ସମସ୍ୟା ଦୀର୍ଘଦିନ ଧରି ଅସମାହିତ ରହିବା ପରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଆଞ୍ଚଳିକ ଅଧିକାରୀଙ୍କୁ ପ୍ରତ୍ୟକ୍ଷ ଭାବେ ରାସ୍ତା ପାରି ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସମସ୍ୟା ସମାଧାନ ହୋଇଥିଲା। ସେଭଳି ଅଦାଲତୀ କାର୍ଯ୍ୟାନୁଷ୍ଠାନ ଜନସମୁଦାୟ ଆଶା କରନ୍ତି।

# ଆମ ଅର୍ଥନୀତିର ପୁତ୍ର ଓ ଜାମାତାମାନେ

ଡକ୍ଟର ଅବଶ ପରିଡ଼ା

କିଛିଦିନ ତଳର କଥା। ଲଗାଣ ବର୍ଷାରେ ମହାରାଷ୍ଟ୍ରର ମରାଠୱାଡ଼ା ଅଞ୍ଚଳରେ ଚାଷୀ ଓ ଚାଷ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲା। ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ବନ୍ୟାଞ୍ଚଳ ପରିଦର୍ଶନ କଲେ। ଫସଲର କ୍ଷତିଠାରୁ ବ୍ୟାଙ୍କ ଋଣ ଶୁଝିବା ଥିଲା ସେଠାକାର ଚାଷୀଙ୍କର ପ୍ରଥମ ଚିନ୍ତା। ତେଣୁ ସ୍ୱାଭାବିକ ଭାବରେ ଉପମୁଖ୍ୟମନ୍ତ୍ରୀଙ୍କୁ ଋଣ ଛାଡ଼ ପାଇଁ ଅନେକ ଚାଷୀ ଅନୁରୋଧ କରିଥିଲେ। କିନ୍ତୁ ପାୱାର ସାହେବ ତାଚ୍ଛଲ୍ୟ କରି କହିଲେ, 'ଋଣ ଛାଡ଼ ହେବ ଏମାନଙ୍କର? ଏ ଚାଷୀଙ୍କୁ ମୁଖ୍ୟମନ୍ତ୍ରୀ କରିଦିଅ।' ଯଦି ସେହି ଚାଷୀ ଜଣକ ମୁଖ୍ୟମନ୍ତ୍ରୀ କିମ୍ବା ପ୍ରଭାବଶାଳୀ ବ୍ୟକ୍ତି ହୋଇଥା'ନ୍ତେ, ତେବେ ତାଙ୍କର ଋଣ ଛାଡ଼ ହୋଇପାରିଥା'ନ୍ତା ବୋଲି ଉପମୁଖ୍ୟମନ୍ତ୍ରୀ ସମ୍ଭବତଃ ପରୋକ୍ଷ ଭାବରେ କହିଥିଲେ। ଏଠାରେ ରାଜନେତାଙ୍କ ଉତ୍ତରରେ ଚାଷୀଙ୍କ ପ୍ରତି ଥିବା ଅବମାନନା ନୁହେଁ, ବରଂ ବିଶାଳ କୃଷକ ଶ୍ରେଣୀର ସାମାଜିକ ସ୍ଥିତି ଓ ଅସମାନତା କଥା ଆଲୋଚନା କରିବା।

ସମାଜବିଜ୍ଞାନୀଙ୍କ ଦୃଷ୍ଟିରେ, ଚାଷୀମାନେ ଆମ ପରିବାରର ପୁଅଙ୍କ ଭଳି। ସେମାନେ ଉତ୍ତରଦାୟୀ ରହିବେ, ସନ୍ତୁଳନ ରଖିବେ। ଅକ୍ଳାନ୍ତ ପରିଶ୍ରମ କରିବେ। ଋଣ ପରିଶୋଧ କରିବେ, ଅଭିଯୋଗ କରିବେ ନାହିଁ। ଅପରପକ୍ଷରେ ଶିଳ୍ପପତିମାନେ ହେଉଛନ୍ତି ଦେଶର ଜାମାତା(ଜ୍ୱାଇଁପୁଅ)। ସେମାନେ ଆଦର ସହିତ ଭଲ ବ୍ୟବସ୍ଥା ଓ ପ୍ରଶଂସା ପାଇବେ। ଜଙ୍ଗଲ କାଟନ୍ତୁ କି ପରିବେଶ ପ୍ରଦୂଷଣ କରନ୍ତୁ, ଉତ୍ତରଦାୟିତ୍ୱ ନେବେ ନାହିଁ। ଖର୍ଚ୍ଚର ହିସାବ କେହି ମାଗିବେ ନାହିଁ। ଜ୍ୱାଇଁ ଚର୍ଚ୍ଚାରେ ଆମେ ବ୍ୟସ୍ତ। ଯେତେ ଭିଡ଼ ହେଉ ପଛେ ଶିଳ୍ପପତିଙ୍କୁ ଟିକେ ପାଖରୁ ଦେଖିବା ହେଉଛି ଆମ ଖୁସି। ଏପଟେ, ଚାଷୀର ଶୀତଳ ମର ଶରୀର ଦେଖିଲେ ଆମେ ଚୁପ। କାରଣ ଏ ବିଷୟରେ କଥା ହେଲେ ଦେଶକୁ ଲାଜ ଓ ଆମ ଅର୍ଥନୀତିକୁ ଅପମାନ। ଆମେ କେତେ ନକଲି ମୁଖା ପିନ୍ଧା ସମାଜରେ ରହୁଛେ, ତାହା ଏଥିରୁ ସ୍ପଷ୍ଟ।

ପ୍ରଥମେ ଚାଷୀପୁଅଙ୍କ ଆର୍ଥିକ ସ୍ଥିତି କଥା ବିଚାରକୁ ନେବା। ଅଖିଳ ଭାରତୀୟ ଗ୍ରାମୀଣ ଆର୍ଥିକ ଅନ୍ତର୍ଭୁକ୍ତି ସର୍ବେକ୍ଷଣ ଅନୁଯାୟୀ, ଭାରତୀୟ କୃଷି ପରିବାରରେ ଅଧାରୁ ଅଧିକ ଋଣଗ୍ରସ୍ତ। ସେମାନଙ୍କ ହାରାହାରି ବକେୟା ଋଣ ୧ ଲକ୍ଷ ଟଙ୍କାରୁ ଅଧିକ। ଆର୍ଥିକ ସ୍ୱଚ୍ଛଳ ଶ୍ରେଣୀକୁ ଏହା କମ୍ ଲାଗୁ ଥାଇପାରେ। କିନ୍ତୁ ତାହା ଏକ ଗ୍ରାମୀଣ କୃଷି ପରିବାରର ବାର୍ଷିକ ଆୟ ସହିତ ସମାନ କିମ୍ବା ତା'ଠାରୁ ଅଧିକ। ଚାଷୀ ପରିବାର ପାଇଁ ଋଣ ଏକ ନିବେଶ ନୁହେଁ, ବରଂ ଖାଦ୍ୟ, ଚାଷ, ଜରୁରିକାଳୀନ ଚିକିତ୍ସା, ସାମାଜିକ ଦାୟିତ୍ୱ ନିର୍ବାହନ ପାଇଁ ଏକ ବାଧ୍ୟବାଧକତା। ଚାଷୀର ଋତୁକାଳୀନ ଉତ୍ପାଦନ ଅନେକ ସମୟରେ ବିଫଳ ହେଉଛି। ପାଣିପାଗ, କୀଟପତଙ୍ଗ କିମ୍ବା ବଜାରରେ ମୂଲ୍ୟ ହ୍ରାସ ଏଥିପାଇଁ ଦାୟୀ। ଏଥିସହିତ ଗତ କିଛିଦିନ ହେଲାଣି ଦାଉ ସାଧିଛି ସାର ଅଭାବ।

ଏକ ଅଧ୍ୟୟନ କୁହେ ଯେ ଭାରତୀୟ ଚାଷୀବର୍ଗ ଦଶହଜାର ଟଙ୍କାର ଋଣ ପରିଶୋଧ କରିବା ପାଇଁ ଦାଦନ ଖଟିବାକୁ ଯାଏ। ପ୍ରତିବର୍ଷ ବଲାଙ୍ଗୀର ଓ ନୂଆପଡ଼ା ଆଦି ଜିଲ୍ଲାରୁ ୨ଲକ୍ଷରୁ ଅଧିକ ଶ୍ରମିକ ଆନ୍ଧ୍ରପ୍ରଦେଶ କିମ୍ବା ତେଲେଙ୍ଗାନାକୁ ପ୍ରବାସ କରୁଛନ୍ତି। ସମାଜବିଜ୍ଞାନ ଦୃଷ୍ଟିରୁ ଏହା କେବଳ ଆର୍ଥିକ ଦୁର୍ଦ୍ଦଶା ନୁହେଁ, ବରଂ ଓଡ଼ିଶାର ଚାଷୀ ସମ୍ମାନର ଏକ ସଙ୍କଟ। 'ଛୋଟ' ଲାଗୁଥିବା ଏହି ଋଣ ଏକ ବିଶାଳ କୃଷକ ଶ୍ରେଣୀକୁ ସାମାଜିକ ଓ ଆର୍ଥିକ ଭାବରେ ଯେ ଭାରାକ୍ରାନ୍ତ କରିଦେଉଛି, ତାହା ଜାତୀୟ କୃଷକ ଆତ୍ମହତ୍ୟା ପରିସଂଖ୍ୟାନରେ ପ୍ରତିଫଳିତ। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ କୁହେ ଯେ କୃଷି କ୍ଷେତ୍ରରେ ବର୍ଷକୁ ଦଶ ହଜାରରୁ ଅଧିକ ଆତ୍ମହତ୍ୟା ମାମଲା ରୁଜୁ ହେଉଛି। ସାମ୍ପ୍ରତିକ ବର୍ଷଗୁଡ଼ିକରେ କୃଷକଙ୍କ ଉପର ପଡ଼ୁଥିବା ଆର୍ଥିକ ଚାପ ହେଉଛି ଏହାର ପ୍ରମୁଖ କାରଣ। ଋଣ ଖିଲାପକାରୀ ଭାବରେ ବର୍ଗୀକରଣ, ଡିମାଣ୍ଡ ନୋଟିସ୍, ଭବିଷ୍ୟତର ଋଣ କ୍ଷତି, ପୁନରୁଦ୍ଧାର ପ୍ରକ୍ରିୟା ମାଧ୍ୟମରେ ହଇରାଣ ଏବଂ ସାମାଜିକ କଳଙ୍କ, ସମ୍ମାନର କ୍ଷତି, ପାରିବାରିକ ଲଜ୍ଜା ଇତ୍ୟାଦି ଚାପଗ୍ରସ୍ତ ଚାଷୀ ପାଇଁ ଏକ ମାନସିକ -ସାମାଜିକ ବିଭ୍ରାଟ ସୃଷ୍ଟି କରୁଛି ବୋଲି ଅନେକ ବିଶାରଦ ଯୁକ୍ତି ବାଢ଼ନ୍ତି। ଏଠି ମତ ଆସିପାରେ ଯେ ଚଳିତ କେନ୍ଦ୍ର ବଜେଟ୍ କିଷାନ କ୍ରେଡିଟ୍ କାର୍ଡ ପାଇଁ ଋଣ ସୀମା ବୃଦ୍ଧି କରାଯାଇଛି। ତେଣୁ ଏହା ଏକ ସମାଧାନର ବାଟ ହୋଇପାରେ। କିନ୍ତୁ ଚାଷୀକୁଳ ଏହାକୁ ଅପର୍ଯ୍ୟାପ୍ତ ଏବଂ ଏକ ସମ୍ଭାବ୍ୟ ଫାଶ ଭାବରେ ଗ୍ରହଣ କରୁଛନ୍ତି। ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍‌ପି) ସହିତ ଜାରି ରହିଥିବା ସମସ୍ୟା ଏବଂ କୃଷି ଉପକରଣ ଉପରେ ଥିବା ଟିକସର ବୋଝ ହେଉଛି ଏହାର କାରଣ।

ଏବେ ଦେଶର ଜ୍ୱାଇଁଙ୍କ ବିଷୟରେ ଆଲୋଚନା କରିବା। ସାର୍ବଜନୀନ ପ୍ରକାଶନ ଦର୍ଶାଉଛି ସରକାରୀ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ ୩୧ ମାର୍ଚ୍ଚ, ୨୦୨୫ ସୁଦ୍ଧା ପ୍ରାୟ ୧.୬୨ ଲକ୍ଷ କୋଟି ଟଙ୍କାର ମୋଟ ବକେୟା ସହିତ ୧, ୬୨୯ ଜଣ ଇଚ୍ଛାକୃତ ଖିଲାପକାରୀଙ୍କୁ ଚିହ୍ନଟ କରିଛନ୍ତି। ଏମାନେ ସଭିଏଁ ଶିଳ୍ପପତି ଶ୍ରେଣୀର। ବିଗତ ପାଞ୍ଚ ବର୍ଷରେ ବ୍ୟାଙ୍କଗୁଡ଼ିକ ସେମାନଙ୍କର ପ୍ରାୟ ୯.୯ ଲକ୍ଷ କୋଟି ଟଙ୍କାର ଋଣ 'ରାଇଟ ଅଫ୍' ବା ଛାଡ଼ କରିଛନ୍ତି। ଏହା ଏକ ବ୍ୟବସ୍ଥିତ ଲୁଟ। ଆମ ବ୍ୟବସ୍ଥାରେ ବଡ଼ଋଣ ଖିଲାପକାରୀଙ୍କ ପାଇଁ ସେମିତି କିଛି ଦଣ୍ଡ ବ୍ୟବସ୍ଥା ନାହିଁ। ଠକେଇ ମାମଲା, ପ୍ରତ୍ୟର୍ପଣ, କର୍ପୋରେଟ୍ ଦେବାଳିଆ ଓ ପୁନରୁଦ୍ଧାର ପାଇଁ ବର୍ଷ ବର୍ଷ ସମୟ ଲାଗେ। ପଳାତକମାନେ ଆଇନ ଦ୍ୱାରା ଜନସାଧାରଣଙ୍କ କ୍ରୋଧକୁ ଦୀର୍ଘ ଆଇନଗତ ବିବାଦରେ ପରିଣତ କରିବାରେ ସଫଳ ମଧ୍ୟ ହୁଅନ୍ତି।

ଯେତେବେଳେ କୃଷକ, କ୍ଷୁଦ୍ର ବ୍ୟବସାୟୀ ଓ ଶ୍ରମିକଙ୍କ ଭଳି କ୍ଷୁଦ୍ର ଋଣଗ୍ରହୀତା ଖିଲାପକାରୀ ହୁଅନ୍ତି, ସେତେବେଳେ ଦୋଷ ବ୍ୟକ୍ତିଗତ ହୋଇଥାଏ। ଏହାର ଅର୍ଥ ଏହା ଅପରାଧ ଏବଂ ଏକ ନୈତିକ ବିଫଳତା। ଅପରପକ୍ଷେ ଯେତେବେଳେ ବଡ଼ କର୍ପୋରେଟ୍ ଋଣଗ୍ରହୀତା ଖିଲାପକାରୀ ହୁଅନ୍ତି ସେତେବେଳେ ଘଟଣାକୁ ପ୍ରାୟତଃ 'ବ୍ୟବସାୟିକ ବିପଦ', 'ବିଶ୍ୱବ୍ୟାପୀ ଆର୍ଥିକ ସଙ୍କଟ' କିମ୍ବା ଏକ ବୈଷୟିକ ବିଫଳତା ଭାବରେ ଦର୍ଶାଯାଇଥାଏ। ଏହା କ'ଣ ଅସମାନତା ନୁହେଁ?

ଗରିବ ଚାଷୀ ପୁଅ ପାଇଁ ଋଣର ଶୃଙ୍ଖଳାରେ ଓ ନିୟନ୍ତ୍ରଣରେ ରହିବା ସତେଯେମିତି ଏକ ନିୟମ। କିନ୍ତୁ ଜ୍ୱାଇଁ ରୂପକ ଶିଳ୍ପପତି ପାଇଁ ଏହା ଏକ ଅସ୍ୱଚ୍ଛ ରଣନୀତି। କିଛିମାସ ତଳେ ଅମ୍ବାନୀଙ୍କ ପୁଅ ବିବାହ ଉତ୍ସବର ଆନୁମାନିକ ଖର୍ଚ୍ଚ ଥିଲା ପ୍ରାୟ ୫ହଜାର କୋଟି ଟଙ୍କା। ଅମ୍ବାନୀ ପରିବାର ପାଇଁ ଏସବୁ ଖର୍ଚ୍ଚ ଥିଲା ସାମାନ୍ୟ। କିନ୍ତୁ ଏହି ସାମାନ୍ୟ ଖର୍ଚ୍ଚଟି ଭାରତର ମରୁଡ଼ିପ୍ରବଣ ଜିଲ୍ଲାର ବାର୍ଷିକ ବଜେଟ ସହିତ ସମାନ। ଅମ୍ବାନୀଙ୍କ ପୁଅ ବାହାଘର ସମୟରେ ହିଁ ଲଗାଣ ବର୍ଷା, ଫସଲ କ୍ଷତି ଓ ଋଣ ଯୋଗୁଁ ମହାରାଷ୍ଟ୍ରର ତିରିଶରୁ ଅଧିକ ଚାଷୀ ଆତ୍ମହତ୍ୟା କରିଥିଲେ। କିନ୍ତୁ କୌଣସି କ୍ୟାମେରା ବା ଗଣମାଧ୍ୟମ ମୃତକ ଚାଷୀର ଘରେ ପହଞ୍ଚି ପାରିଲା ନଥିଲା। ସବୁ କଥାରେ 'ବ୍ରେକିଙ୍ଗ ନ୍ୟୁଜ୍' ଦେଉଥିବା ଗଣମାଧ୍ୟମ 'ଚାଷୀ ଶବଦାହ ମଧ୍ୟରେ ପୁଞ୍ଜିବାଦର ଉତ୍ସବ' ଶୀର୍ଷକ ବ୍ରେକିଙ୍ଗ ନ୍ୟୁଜ୍ ଦେବାକୁ ଉଚିତ ମଣିଲା ନାହିଁ। ଗଣମାଧ୍ୟମରୁ ଗଣକୁ ହିଁ ବିଯୁକ୍ତ କରାଗଲା।

ଯେଉଁଠି ଚାକିରି ଲକ୍ଷ ଲକ୍ଷ ଟଙ୍କାରେ ନିଲାମ ହେଉଛି ସେଠାରେ ଚାଷୀଘରର ପାଠପଢୁଆ ଯୁବକଟି ଭଲ ଚାକିରି ପାଇବା ଅସମ୍ଭବ ଭଳି ଲାଗୁଛି। ଶ୍ରମ ବଜାର ତଥ୍ୟ ଅନୁଯାୟୀ, ସର୍ବୋଚ୍ଚ ୧% ମାସିକ ଆୟ ସୀମା ହେଉଛି ୭୫ ହଜାର ଟଙ୍କା। ମଝିରେ ଥିବା ୫୦ ପ୍ରତିଶତଙ୍କ ସୀମା ହେଉଛି ୧୨ ହଜାର ଟଙ୍କା ଏବଂ ଶେଷରେ ଥିବା ୧୦ ପ୍ରତିଶତଙ୍କ ଆୟ ହେଉଛି ମାସିକ ୪ ହଜାର ଟଙ୍କା। ୭୦ ପ୍ରତିଶତଙ୍କ ହାରାହାରି ଆୟ ମାସକୁ ୮ ହଜାର ଟଙ୍କା। ଗରିବଟି ଏତେ କମ ରୋଜଗାରରେ ମଧ୍ୟ ସବୁଠି ଉତ୍ତରଦାୟୀ।

ଗୋପାଳ କୃଷ୍ଣ ଗୋଖଲେ 'ହୋମ୍ସ ବିଲାଇତ' ଶୀର୍ଷକ ଏକ ଭାଷଣରେ କହିଥିଲେ, 'ବ୍ରିଟିଶ ପ୍ରଶାସନ ପାଇଁ କାମ କରୁଥିବା ଜଣେ ବି ଭାରତୀୟ ଦେଶର ପରିବର୍ତ୍ତନ ପ୍ରତି ଆଗ୍ରହୀ ନଥିଲେ। କାରଣ ଏକ ଆରାମଦାୟକ ଜୀବନଯାପନ ଏବଂ ଉପଭୋଗ ସେମାନଙ୍କୁ ଅନ୍ଧ କରିଦେଇଥିଲା। ତେଣୁ ଗରିବର କଷ୍ଟ ଆଉ କଷଣ ଦୃଷ୍ଟିରେ ପଡୁନି।' ଆଜିର ସମୟରେ ବ୍ୟବସ୍ଥା ଦ୍ୱାରା ବିଶେଷାଧିକାର ପାଉଥିବା ଧନୀ, ଶିଳ୍ପପତି, ପୁଞ୍ଜିବାଦର 'ଜ୍ୱାଇଁ'ମାନଙ୍କ ପାଇଁ ଭାରତର ପ୍ରକୃତ ପୁଅ ଯଥା କୃଷକ, ଶ୍ରମିକ, ଅବହେଳିତ, ଅସ୍ୱୀକୃତ ପ୍ରତିଭାଶାଳୀ ଯୁବକମାନେ ଅଣଦେଖା ହେଉଛନ୍ତି। ଗୋଖଲେ ଶିକ୍ଷିତମାନଙ୍କ ମଧ୍ୟରେ ଦୁଇଟି ଶ୍ରେଣୀ ଉଲ୍ଲେଖ କରିଥିଲେ। ପ୍ରଥମେ ଯେଉଁମାନେ ସଂସ୍କାର ଚାହାନ୍ତି ଏବଂ ଦ୍ୱିତୀୟ ଯେଉଁମାନେ ପରିବର୍ତ୍ତନ ଚାହାନ୍ତି। ସଂସ୍କାର ଚାହୁଁଥିବା ବ୍ୟକ୍ତିଙ୍କ ସଂଖ୍ୟା ଅନେକ; କିନ୍ତୁ ସେମାନଙ୍କ ଆଶା କମ। ପରିବର୍ତ୍ତନ ଚାହୁଁଥିବା ବ୍ୟକ୍ତିଙ୍କ ସଂଖ୍ୟା କମ୍; କିନ୍ତୁ ସେମାନଙ୍କ ବଡ଼ ଆଶା।

ଯଦି ଆମେ ସଂସ୍କାର ଆଣିବାକୁ ଚାହୁଁଛେ ତେବେ ଅବହେଳିତ ଲୋକଙ୍କ ଉପରେ ବିଶ୍ୱାସ, ଦୁର୍ବଳଙ୍କ ସହିତ ଏକତା, ନିରବ ଓ ନିଷ୍ପେଷିତଙ୍କ ମଧ୍ୟରେ ଆଶା ଜାଗ୍ରତ କରିବା ଆବଶ୍ୟକ। ଯଦି ପରିବର୍ତ୍ତନ ଆବଶ୍ୟକ କରୁଛେ, ତେବେ ସାମାଜିକ ନ୍ୟାୟ କେବଳ ଏକ ସ୍ଲୋଗାନରେ ସୀମିତ ନ ରହି ଏକ ବ୍ରତ ହେଉ। ଆମେ ସଂସ୍କାର ଆଣିବା ନା ପରିବର୍ତ୍ତନ ଆଣିବା, ସେ ନିଷ୍ପତ୍ତି ଆପଣମାନଙ୍କର।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ବିରଳ ମୃତ୍ତିକା ଚୁମ୍ବକ ପ୍ରତିଯୋଗିତା

ଇଂ ମାୟାଧର ସ୍ୱାଇଁ

ବିରଳ ମୃତ୍ତିକା ଚୁମ୍ବକ ହେଉଛି ଯାନବାହନ, ସ୍ମାର୍ଟ ଫୋନ, ପବନ ଟରବାଇନ, ଉଡ଼ାଜାହାଜ, ମହାକାଶ ଯାନ, ଡ୍ରୋନ, ସାଇକେଲ ଡାଇନାମୋ, କମ୍ପ୍ୟୁଟର ହାର୍ଡଡିସ୍କ, ଖେଳନା ଏବଂ ଆହୁରି ଅନେକ ଉପକରଣର ଏକ ଅତ୍ୟାବଶ୍ୟକୀୟ ଉପାଦନ। ଏହା ମଧ୍ୟ ଯୁଦ୍ଧ ବିମାନ ଓ କ୍ଷେପଣାସ୍ତ୍ରରେ ବ୍ୟବହୃତ ହେଉଛି। ଗୋଟିଏ ପେଟ୍ରୋଲ ଇଞ୍ଜିନ ଚାଳିତ କାରରେ ଚାଳିଶରୁ ଅଧିକ ବିରଳ ମୃତ୍ତିକା ଚୁମ୍ବକ ବ୍ୟବହୃତ ହୋଇଥାଏ। କାରର ସିଟ୍, ବ୍ରେକ୍, ପାର୍ଶ୍ୱ ଦର୍ପଣ ଓ ଅନ୍ୟାନ୍ୟ ଚାଳନା ପାଇଁ ବ୍ୟବହୃତ ମୋଟରରେ ବେଳେ ବେଳେ ଦଶଗ୍ରାମ୍‌ରୁ କମ ଓଜନର ଚୁମ୍ବକ ଲାଗିଥାଏ। କିନ୍ତୁ ଏହାର ଉତ୍ପାଦନ ମୁଖ୍ୟତଃ ଚୀନରେ ହେଉଥିବାରୁ ବର୍ତ୍ତମାନର ବିଶ୍ୱ ବାଣିଜ୍ୟଯୁଦ୍ଧରେ ଏହାକୁ ବ୍ୟବହାର କରିବା ପାଇଁ ଚୀନ୍ ପଶ୍ଚାତପଦ ହେଉନାହିଁ। ଯୁକ୍ତରାଷ୍ଟ୍ର ଆମେରିକା ଓ ୟୁରୋପ ମିଳିତ ଭାବେ ଚୀନ୍‌ରୁ ବର୍ଷକୁ ୪୦,୦୦୦ ଟନ୍ ବିରଳ ମୃତ୍ତିକା ଚୁମ୍ବକ ଆମଦାନୀ କରିଥା'ନ୍ତି।

ବିରଳ ମୃତ୍ତିକା ଚୁମ୍ବକ ହେଉଛି ବିରଳ ମୃତ୍ତିକା ମୌଳିକ ପଦାର୍ଥଗୁଡ଼ିକର ମିଶ୍ରଧାତୁରୁ ନିର୍ମିତ ଶକ୍ତିଶାଳୀ ସ୍ଥାୟୀ ଚୁମ୍ବକ। ଗତଶତାବ୍ଦୀର ସତୁରୀ ଓ ଅଶୀ ଦଶକରେ ଏହା ବିକଶିତ ହୋଇଛି। ପୂର୍ବରୁ ବ୍ୟବହୃତ ଆଲନିକୋ (ଆଲୁମିନିୟମ-ନିକେଲ-କୋବାଲ୍ଟ) ଚୁମ୍ବକ ଅପେକ୍ଷା ଏହା ବହୁତ ଅଧିକ ଚୁମ୍ବକୀୟ କ୍ଷେତ୍ର ସୃଷ୍ଟି କରିଥାଏ। ଦୁଇ ପ୍ରକାରର ଏହି ଚୁମ୍ବକ ଉତ୍ପାଦିତ ହେଉଛି। ଗୋଟିଏ ହେଉଛି ନିଓଡିମିୟମ-ଲୌହ-ବୋରୋନ ଚୁମ୍ବକ ଓ ଅନ୍ୟଟି ହେଉଛି ସମରିୟମ୍-କୋବାଲଟ ଚୁମ୍ବକ। ନିଓଡିମିୟମ୍ ଓ ସମରିୟମ ବିରଳ ମୃତ୍ତିକା ମୌଳିକ ପଦାର୍ଥ ହୋଇଥିବାରୁ ଏବଂ ଚୁମ୍ବକରେ ଏଗୁଡ଼ିକର ଗୁରୁତ୍ୱ ଅଧିକ ଥିବାରୁ ଏହି ଚୁମ୍ବକକୁ ବିରଳ ମୃତ୍ତିକା ଚୁମ୍ବକ କୁହାଯାଉଛି।

ପୃଥିବୀରେ ବ୍ୟବହୃତ ବିରଳ ମୃତ୍ତିକା ଚୁମ୍ବକର ୯୦ ପ୍ରତିଶତ ଚୀନ୍‌ରୁ ଆସୁଛି। ଏହାର କାରଣ ହେଉଛି, ଚୀନ୍‌ରେ ବିରଳ ମୃତ୍ତିକା ମୌଳିକ ପଦାର୍ଥ ବହୁଳ ପରିମାଣରେ ଉପଲବ୍ଧ ଅଛି। ଏହା ପୃଥିବୀର ୭୦ ପ୍ରତିଶତ ବିରଳ ମୃତ୍ତିକା ପଦାର୍ଥ ଉତ୍ତୋଳନ କରୁଛି ଏବଂ ଏହାର ପ୍ରକ୍ରିୟାକରଣ କ୍ଷମତା ହେଉଛି ସମଗ୍ର ବିଶ୍ୱର ୯୦ ପ୍ରତିଶତ। ଏପରିକି ଆମେରିକା ମଧ୍ୟ ନିଜ ଦେଶରେ ଉତ୍ତୋଳିତ ବିରଳ ମୃତ୍ତିକା ପଦାର୍ଥର ପ୍ରକ୍ରିୟାକରଣ ପାଇଁ ଚୀନ୍‌କୁ ପଠାଉଛି। ଚୀନ୍ ୨୦୨୩ ମସିହାରେ ୨, ୪୦, ୦୦୦ ଟନ୍ ବିରଳ ମୃତ୍ତିକା ଚୁମ୍ବକ ଉତ୍ପାଦନ କରିଥିଲା। ଜାପାନର ଅଂଶ ହେଉଛି ୫ ରୁ ୧୦ ପ୍ରତିଶତ, ୟୁରୋପର ୨ ରୁ ୩ ପ୍ରତିଶତ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ୧ ପ୍ରତିଶତ। ଏସିଆ ମହାଦେଶ ବାହାରେ ଏହାର ଉତ୍ପାଦନ ବର୍ଷକୁ ୨୦୦୦ ଟନ୍‌ରୁ କମ୍ ଏବଂ ଏହା ମୁଖ୍ୟତଃ ଜର୍ମାନୀ ଓ ଫିନଲାଣ୍ଡରେ ଉତ୍ପାଦିତ ହେଉଛି। ଜାପାନରେ ବର୍ଷକୁ ୨୫୦୦୦ ଟନ୍ ଚୁମ୍ବକ ଉତ୍ପାଦିତ ହେଉଛି ଏବଂ ମୁଖ୍ୟତଃ ଜାପାନ ଓ ଦକ୍ଷିଣ କୋରିଆରେ ଖେଳନା ନିର୍ମାଣରେ ବ୍ୟବହୃତ ହେଉଛି। ଚୀନ୍ ପ୍ରାୟ ଏକ ଦଶନ୍ଧି ପୂର୍ବରୁ ଏହାର ଉତ୍ପାଦନ ବୃଦ୍ଧି କରିଛି। ୨୦୧୪ ମସିହାରେ ଏହାର ଉତ୍ପାଦନ ୩୦୦୦୦ ଟନ୍ ଥିବା ବେଳେ ଆଜି ଏହା ଆଠ ଗୁଣ ବୃଦ୍ଧି ପାଇଛି।

ପୃଥିବୀରେ ବିଭିନ୍ନ ଦେଶ ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଆରମ୍ଭ ହୋଇଯିବା ପରେ ଚୀନ୍ ଅନ୍ୟ ଦେଶକୁ ବିରଳ ମୃତ୍ତିକା ଚୁମ୍ବକ ରପ୍ତାନୀରେ କଟକଣା ଲଗାଇଛି। ଏହା ଆମେରିକା ସହିତ ବାଣିଜ୍ୟ କାରବାରରେ ଏପରି ପ୍ରଭାବ ପକାଇଛି ଯେ ଆମେରିକା ଇଚ୍ଛା ବିରୁଦ୍ଧରେ ଚୀନ୍ ଉପରେ ଅଧିକ ଶୁଳ୍କ (ଟାରିଫ୍) ଲଗାଇ ପାରୁନାହିଁ। ଭାରତ ଓ ବ୍ରାଜିଲ ଭଳି ଦେଶ ଉପରେ ଆମେରିକା ୫୦ ପ୍ରତିଶତ ଟାରିଫ୍ ଲାଗାଇଥିବା ବେଳେ ଚୀନ୍ ଉପରେ ୨୫ ପ୍ରତିଶତ ଅଛି। କେବଳ ଚୁମ୍ବକ କଟକଣା ଭୟରେ ଆମେରିକା ଏହା କରୁଥିବାର ଅନୁମାନ। ଚୀନ୍ ସାମଗ୍ରୀ ଉପରେ ଟାରିଫର ପୁନର୍ବିଚାର କରିବା ପାଇଁ ଏହା ମଧ୍ୟ ୟୁରୋପୀୟ ଦେଶଗୁଡ଼ିକୁ ଏହି ଚୁମ୍ବକ ରାପ୍ତାନୀରେ କଟକଣା କରିଛି। ବିରଳ ମୃତ୍ତିକା ଚୁମ୍ବକ ଯୋଗାଣରେ ଚୀନ୍ କଟକଣା ଓ ବ୍ଲାକମେଲିଂ ଯୋଗୁଁ ଆମେରିକା ଓ ୟୁରୋପରେ ଏହାର ଉତ୍ପାଦନ ପାଇଁ କାରଖାନା ସ୍ଥାପନ କରାଗଲାଣି। ଯୁକ୍ତରାଷ୍ଟ୍ର ଆମେରିକାରେ ଚାରିଟି କାରଖାନାର ନିର୍ମାଣ ଶେଷ ହୋଇ ଆସିଲାଣି ଏବଂ ଖୁବ୍‌ଶୀଘ୍ର ଏଥିରୁ ଉତ୍ପାଦନ ଆରମ୍ଭ ହେବ। ଆମେରିକାର ଟେକସାସ୍‌ରେ ବାର୍ଷିକ ୧ହଜାର ଟନ କ୍ଷମତାର ଗୋଟିଏ ବିରଳ ମୃତ୍ତିକା ଚୁମ୍ବକ କାରଖାନା ଉତ୍ପାଦନ ଆରମ୍ଭ କରିଛି। ମାତ୍ର ଆମେରିକାର ଚାହିଦାଠାରୁ ଏହା ହେଉଛି ବହୁତ କମ୍। ପୂର୍ବ ୟୁରୋପରେ ଗୋଟିଏ ବଡ଼ କାରଖାନା ମଧ୍ୟ କାମ ଆରମ୍ଭ କଲାଣି। କିନ୍ତୁ ଗତ ତିନି ଦଶନ୍ଧି ଧରି ଏହି କ୍ଷେତ୍ରରେ ଗବେଷଣା ଓ କରି ଚୀନ ଯେଉଁ ଅଗ୍ରଣୀ ଲାଭ କରିଛି ତାହାର ସମକକ୍ଷ ହେବା ସମ୍ଭବ ନୁହେଁ।

ଚାଇନା ସହିତ ଭାରତର ସମ୍ପର୍କ ମଧ୍ୟ ଭଲ ନାହିଁ। ଏଣୁ ଭାରତ ନିଜର ଆବଶ୍ୟକତା ପୂରଣ ପାଇଁ ଦେଶରେ ବିରଳ ମୃତ୍ତିକା ଚୁମ୍ବକ ଉତ୍ପାଦନ ପାଇଁ ପଦକ୍ଷେପ ନେଇଛି। ଭାରତ ଅସ୍ତ୍ରଶସ୍ତ୍ର ଓ ପ୍ରତିରକ୍ଷା ଉପକରଣ ନିର୍ମାଣ କରୁଥିବାରୁ ଏହି ଚୁମ୍ବକର ଆବଶ୍ୟକତା ଅଛି ଏବଂ ଏଥିପାଇଁ ସ୍ୱାବଲମ୍ବନଶୀଳ ହେବା ପାଇଁ ଚେଷ୍ଟା କରୁଛି। ଆମ ଦେଶରେ ବିରଳ ମୃତ୍ତିକା ଧାତୁ ଗଚ୍ଛିତ ଅଛି, କିନ୍ତୁ ସେଗୁଡ଼ିକର ନିଷ୍କାସନ ଓ ପ୍ରକ୍ରିୟାକରଣ କରି ଚୁମ୍ବକ ଉତ୍ପାଦନ କରିବା ପାଇଁ ସମୟ ଆବଶ୍ୟକ। ସରକାର ବର୍ତ୍ତମାନ ପାଇଁ ସୁନା ଭଳି ବିରଳ ମୃତ୍ତିକା ପଦାର୍ଥକୁ ସଞ୍ଚୟ କରି ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ସରକାର ମଧ୍ୟ ବ୍ୟାଟେରୀ ଓ ଇଲେକ୍ଟ୍ରୋନିକ ଅବଶେଷଗୁଡ଼ିକରୁ ଅତ୍ୟାବଶ୍ୟକୀୟ ଧାତୁଗୁଡ଼ିକୁ ପୁନରୁଦ୍ଧାର କରି ପୁନଃଚକ୍ରଣ କରିବା ପାଇଁ ୧୫୦୦୦ କୋଟି ଟଙ୍କାର ପ୍ରୋତ୍ସାହନ କାର୍ଯ୍ୟକ୍ରମ ଘୋଷଣା କରିଛନ୍ତି।

ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

# କଂସ ମନ୍ଦିର

ଓଜସ୍ୱିନୀ

## ବିଚିତ୍ର ବିଶ୍ୱାସ

ଅଧର୍ମର ବିନାଶ ଓ ଧର୍ମ ସଂସ୍ଥାପନ ପାଇଁ ଶ୍ରୀକୃଷ୍ଣଙ୍କ ଧରାବତରଣ ଏବଂ କଂସବଧର ପୌରାଣିକ ଗାଥା ସହିତ ଜଡ଼ିତ ଅନେକ ଅସୁରଙ୍କୁ ଭାରତର କେତେକ ସ୍ଥାନରେ ସ୍ଥାନୀୟ ଲୋକକଥା ଓ ପରମ୍ପରା ଦୃଷ୍ଟିରୁ ପୂଜାର୍ଚ୍ଚନା କରାଯାଉଛି। ଭଗବାନଙ୍କ ଅସ୍ତିତ୍ୱ ପ୍ରତି ଦୃଢ଼ ବିଶ୍ୱାସ ରଖୁଥିବା ଲୋକମାନଙ୍କର ପୂର୍ଣ୍ଣ ଆସ୍ଥା ଏଭଳି ଅସୁର ପୂଜିତ କେତେକ ମନ୍ଦିର ସହିତ ଅତୁଟ ଭାବେ ରହିଆସିଛି। ସେମିତି ଗୋଟିଏ ମନ୍ଦିର ହେଉଛି କଂସ ମନ୍ଦିର।

ଯଦୁକୁଳ ବଂଶର ପ୍ରବଳପ୍ରତାପୀ ଅତ୍ୟାଚାରୀ ରାଜା କଂସଙ୍କର ରାଜଧାନୀ ଥିଲା ମଥୁରା। ଅମରତ୍ୱର ଅହଂକାରବଶତଃ କଂସଙ୍କର ଆସୁରିକ ପ୍ରବୃତ୍ତି ଓ ଦୁରାଚାର ଦିନକୁ ଦିନ ବଢ଼ି ଚାଲିଲା। ତେଣୁ କଂସଙ୍କୁ କେତେକ ପୁରାଣ କଥାରେ ଅସୁର ଭାବେ ବର୍ଣ୍ଣନା କରାଯାଇଛି। କିନ୍ତୁ ଯେତେବେଳେ କଂସ ଜାଣିଲେ ଯେ ତାଙ୍କର ମୃତ୍ୟୁ ସୁନିଶ୍ଚିତ ଏବଂ ତାଙ୍କର ଭଗ୍ନୀ ଦେବକୀଙ୍କ ଅଷ୍ଟମ ସନ୍ତାନ ହିଁ ତାଙ୍କ ମୃତ୍ୟୁର କାରଣ ହେବ, ସେ ଅତ୍ୟନ୍ତ କ୍ରୂର ହୋଇଉଠିଲେ। ଦେବକୀ ଓ ବସୁଦେବଙ୍କୁ କାରାଗାରରେ ବନ୍ଦୀ କରି ରଖିଲେ ଏବଂ ତାଙ୍କର ସମସ୍ତ ସନ୍ତାନକୁ ଜନ୍ମ ହେବା ମାତ୍ରେ ଶିଳାରେ କଚାଡ଼ି ମାରି ଦେଉଥିଲେ। ଦୁଷ୍ଟର ବିନାଶ କରି ଧର୍ମ ସଂସ୍ଥାପନ ପାଇଁ କଂସବଧ ନିମିତ୍ତ ଶ୍ରୀକୃଷ୍ଣ ଦେବକୀଙ୍କ ଅଷ୍ଟମ ସନ୍ତାନ ଭାବେ ମର୍ତ୍ତ୍ୟମଣ୍ଡଳରେ ଜନ୍ମ ନେଲେ। ଦେବଲୀଳା ରଚନା ପୂର୍ବକ ସେ ବନ୍ଦୀଗୃହରୁ ମୁକ୍ତ ହୋଇ ଗୋପପୁରକୁ ଯାଇ ବଢ଼ିବାକୁ ଲାଗିଲେ। ତେଣୁ କଂସାସୁର ଗୋପପୁରକୁ ଅନେକ ଅସୁର ଓ ଅସୁରୁଣୀଙ୍କୁ ପ୍ରେରଣ କରି ବାଳକୃଷ୍ଣଙ୍କୁ ମାରିବାକୁ ଅନେକ ପ୍ରୟାସ କରିଥିଲେ। କିନ୍ତୁ ସମସ୍ତ ଆସୁରିକ ଶକ୍ତିକୁ ଶ୍ରୀକୃଷ୍ଣ ନିମିଷେକ ମଧ୍ୟରେ ପରାସ୍ତ କରିଦେଉଥିଲେ। ଏଭଳି କିଛି ବର୍ଷ ପଶ୍ଚାତ୍ ଶ୍ରୀକୃଷ୍ଣ ବାଳକ ରୂପରେ ନିଜ ମାମୁ କଂସଙ୍କୁ ବଧ କଲେ।

ତେବେ କଂସ ଆସୁରିକ ପ୍ରବୃତ୍ତିର ହୋଇଥିଲେ ମଧ୍ୟ ଭାରତରେ ତାଙ୍କୁ ପୂଜା କରାଯାଉଛି। ଉତ୍ତର ପ୍ରଦେଶର ରାଜଧାନୀ ଲକ୍ଷ୍ନୌରୁ ହରଦୋଇ ଗାଁକୁ ଯିବା ରାସ୍ତାରେ କଂସଙ୍କର ଏକ ବିଶାଳ ପ୍ରତିମା ପୂଜା ପାଉଛନ୍ତି। ଆଦିବାସୀ ଦେବଦେବୀଙ୍କ ମୂର୍ତ୍ତି ଶୈଳୀରେ ନିର୍ମାଣ କରାଯାଇଥିବାରୁ ତାହା କଂସଙ୍କ ପ୍ରତିମା ଭଳି ଦୃଶ୍ୟମାନ ହୁଏ ନାହିଁ। ସେଠାରେ କଂସଙ୍କ ପୂଜା କାହିଁକି ଓ କେବେ ଆରମ୍ଭ ହୋଇଥିଲା, ସେ ସମ୍ପର୍କିତ କୌଣସି ତଥ୍ୟ ସ୍ଥାନୀୟ ଅଧିବାସୀଙ୍କ ପାଖରେ ନ ଥିଲେ ମଧ୍ୟ ସ୍ଥାନୀୟ ପରମ୍ପରା ଅନୁସାରେ ଏହି ମୂର୍ତ୍ତି କାହିଁ କେଉଁକାଳରୁ ପୂଜା ହୋଇଆସୁଛି ବୋଲି ଜନଶ୍ରୁତି ଅଛି। ତେଣୁ ପରମ୍ପରାକୁ ବଜାୟ ରଖି ବର୍ତ୍ତମାନ ସମୟରେ ମଧ୍ୟ ସେଠାରେ କଂସଙ୍କୁ ବିଧିବିଧାନର ସହ ଲୋକମାନେ ପୂଜା କରୁଛନ୍ତି।

ଓଡ଼ିଶାରେ କଂସ ରାଜାଙ୍କୁ ପୂଜା କରା ନଗଲେ ମଧ୍ୟ ତାଙ୍କର ଅସ୍ତିତ୍ୱକୁ ବିଶ୍ୱାସ କରି ପୌରାଣିକ ମାନ୍ୟତା ଅନୁସାରେ ବଡ଼ଗଡ଼ଠାରେ ପୌଷ ଶୁକ୍ଳ ପଞ୍ଚମୀଠାରୁ ପୌଷ ପୂର୍ଣ୍ଣିମା ପର୍ଯ୍ୟନ୍ତ 'ଧନୁଯାତ୍ରା' ଅନୁଷ୍ଠିତ ହୋଇଥାଏ। ବିଶ୍ୱପ୍ରସିଦ୍ଧ ଏହି ଧନୁଯାତ୍ରାରେ ପ୍ରତିବର୍ଷ ବଡ଼ଗଡ଼ କଂସର ରାଜଧାନୀ ମଥୁରା ପାଲଟି ଯାଉଥିବା ବେଳେ ଅମ୍ବାପାଲିକୁ ଗୋପପୁର ଭାବେ ସୁସଜ୍ଜିତ କରାଯାଏ। ସବୁଠାରୁ ବଡ଼ ମୁକ୍ତାକାଶ ରଙ୍ଗମଞ୍ଚ ଭାବେ ପ୍ରଦର୍ଶିତ ଏହି ନାଟକ-ଯାତ୍ରାରେ ଜଣେ ବ୍ୟକ୍ତି କଂସ ଭୂମିକାରେ ଅବତୀର୍ଣ୍ଣ ହୋଇଥା'ନ୍ତି। ହରିବଂଶ କଥାର ମଥୁରା ବିଜୟ ଅଧ୍ୟାୟକୁ ଯାତ୍ରାରେ ମଞ୍ଚସ୍ଥ କରାଯାଏ। ଧନୁଯାତ୍ରା ସମୟରେ ରାଜା କଂସ ରାଜକୀୟ ଅଧିକାର, କର୍ତ୍ତୃତ୍ୱ ଓ କ୍ଷମତାର ଅଧିକାରୀ ହୋଇଥା'ନ୍ତି। ତାଙ୍କର ନିର୍ଦ୍ଦେଶ ସର୍ବମାନ୍ୟ ହୋଇଥାଏ। ସେହି ସମୟରେ ବଡ଼ଗଡ଼ର ସରକାରୀ ଅଧିକାରୀମାନେ ମଧ୍ୟ କଂସଙ୍କ ଆଦେଶକୁ ମାନିଥା'ନ୍ତି। କଂସଙ୍କ ରାଜସଭାରେ ଦୋଷୀମାନଙ୍କୁ ଦଣ୍ଡବିଧାନ ମଧ୍ୟ କରାଯାଏ। ନ୍ୟାୟ ପାଇବା ଆଶାରେ ଅନେକ ବ୍ୟକ୍ତି କଂସଙ୍କ ଦରବାରରେ ଉପସ୍ଥିତ ହୋଇଥା'ନ୍ତି। ଯାତ୍ରାର ଶେଷ ଦିନ ଶ୍ରୀକୃଷ୍ଣ ବେଶ ଧାରଣ କରିଥିବା ବାଳକ କଂସଙ୍କୁ ବଧ କରିଥା'ନ୍ତି। ଏହିଦିନ ଲକ୍ଷାଧିକ ଲୋକ ସ୍ଥାନୀୟ ଲୋକୋକ୍ତିକୁ ଦୋହରାଇ ଥାନ୍ତି - 'କଂସ ରାଜା ବଂଶ ବୁଡ଼ୁ, କଂସ ମଲେ ଖାଏମା ଲଡୁ।'


ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୂର୍ଣ୍ଣ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ



ପ୍ରତିବର୍ଷ ଅକ୍ଟୋବର ୧୦ ତାରିଖକୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ହିସାବରେ ପାଳନ କରାଯାଏ। ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ସହିତ ମାନସିକ ରୋଗ ବିଷୟରେ ସୂଚନା ପ୍ରଦାନ କରିବା ଏହି ଦିବସ ପାଳନ ପଛର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ସାରା ବିଶ୍ୱରେ ମାନସିକ ରୋଗୀଙ୍କ ସଂଖ୍ୟା ଅପେକ୍ଷାକୃତ ବୃଦ୍ଧି ଓ ମାନସିକ ରୋଗୀମାନେ ନିଜକୁ କ୍ଷତି ପହଞ୍ଚାଉଥିବାରୁ ଏ ଦିଗରେ ସଚେତନତା ଲାଗି ୱାର୍ଲ୍ଡ ଫେଡେରେସନ ଫର୍ ମେଣ୍ଟାଲ୍ ହେଲଥ୍ ନାମକ ସଂସ୍ଥାର ପ୍ରଚେଷ୍ଟାରେ ପ୍ରଥମ ଥର ପାଇଁ ଏହି ଦିବସ ୧୯୯୨ ମସିହାରେ ପାଳିତ ହୋଇଥିଲା। ସେବେଠାରୁ ଅକ୍ଟୋବର ୧୦ରେ ମାନସିକ ସ୍ୱାସ୍ଥ୍ୟ ପ୍ରତି ସଚେତନତା କରାଇବା ପାଇଁ ବୈଶିକସ୍ତରରେ ଏହି କାର୍ଯ୍ୟକ୍ରମ ଆୟୋଜିତ କରାଯାଉଛି। ଏହି ଦିବସ ପାଳନ ଅବସରରେ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧିତ ବିଭିନ୍ନ ସମସ୍ୟା ତଥା ଏହାର ନିରାକରଣ ନିମିତ୍ତ ବିଶ୍ୱ ସମୁଦାୟର ଦୃଷ୍ଟିଆକର୍ଷଣ କରିବା ସହ ସମସ୍ତଙ୍କ ମନରେ ସଚେତନତା ସୃଷ୍ଟି କରିବା ନିମିତ୍ତ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ। ଏହାସହ ମାନସିକ ରୋଗୀଙ୍କ ସମସ୍ୟା ଶୁଣି ସେମାନଙ୍କୁ ଉପଯୁକ୍ତ ପରାମର୍ଶ ଦିଆଯାଏ। ମାନସିକ ରୋଗର ଚିକିତ୍ସା ନାହିଁ ବୋଲି ଲୋକଙ୍କ ମନରେ ଥିବା ଭ୍ରାନ୍ତ ଧାରଣାକୁ ଦୂର କରିବା ଏହି ଦିବସର ମୂଳ ଲକ୍ଷ୍ୟ। ଏଣୁ ବିନା ସଙ୍କୋଚରେ ମାନସିକ ରୋଗୀ ଡାକ୍ତରଙ୍କ ପରାମର୍ଶ ନେଲେ ଏହି ରୋଗରୁ ନିହାତି ଭାବେ ବାହାରି ପାରିବେ। ଆମ ଦେଶରେ ଦେଖାଯାଉଥିବା ପ୍ରମୁଖ ମାନସିକ ରୋଗଗୁଡ଼ିକ ହେଲା ଅବସାଦ, ସ୍କିଜୋଫ୍ରେନିଆ, ଆଙ୍ଗଜାଇଟି ଓ ବାଇପୋଲାର। ଏଥିମଧ୍ୟରୁ ଅବସାଦ ରୋଗ ସର୍ବାଧିକ ମାତ୍ରାରେ ଦେଖାଯାଇଥାଏ। ଅନ୍ୟପକ୍ଷରେ ସ୍କିଜୋଫ୍ରେନିଆ ରୋଗ ସବୁଠାରୁ ଗୁରୁତର ମାନସିକ ରୋଗ। ଏହିସବୁ ମାନସିକ ରୋଗ ଯୋଗୁ ବର୍ତ୍ତମାନ ଆତ୍ମହତ୍ୟା ଘଟଣା ମଧ୍ୟ ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଆଜିକାଲି ଡିଜିଟାଲ ଦୁନିଆରେ ଲୋକେ ମୋବାଇଲ୍ ଓ ଇଣ୍ଟରନେଟ୍‌ର ଅଧିକ ବ୍ୟବହାର ଯୋଗୁଁ ପରିବାର ସାଙ୍ଗସାଥୀଠାରୁ ଦୂରେଇ ଯାଇ ନିଜକୁ ଏକୁଟିଆ ଭାବୁଛନ୍ତି। ଏଥିଯୋଗୁଁ ସେମାନେ ଅବସାଦଗ୍ରସ୍ତ ହେଉଛନ୍ତି। ବିଗତ କିଛି ବର୍ଷ ମଧ୍ୟରେ ସାରା ବିଶ୍ୱରେ, ବିଶେଷକରି ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକରେ ମାନସିକ ରୋଗୀଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟ ଅନୁସାରେ, ଆନ୍ତର୍ଜାତିକସ୍ତରରେ ପ୍ରତି ଆଠଜଣଙ୍କ ମଧ୍ୟରେ ଜଣେ ମାନସିକ ରୋଗରେ ଆକ୍ରାନ୍ତ। କରୋନା ମହାମାରୀ ପରେ ଏହି ସଂଖ୍ୟାରେ ଅହେତୁକ ବୃଦ୍ଧି ଘଟିଥିବା ଅନୁମାନ କରାଯାଏ। ମିଳିତ ଜାତିସଂଘ ଦ୍ୱାରା ପ୍ରତିବର୍ଷ ଏକ ନୂତନ ଥିମ୍ ସହିତ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଏ। ଚଳିତ ବର୍ଷ ବିଶ୍ୱ ମାନସିକ ଦିବସର ବିଷୟବସ୍ତୁ ରହିଛି-' "Access to Services – Mental Health in Catastrophes and Emergencies."

## ସପ୍ତମ ଶ୍ରେଣୀ ଛାତ୍ରଙ୍କୁ ନିସ୍ଥୁକ ମାଡ଼

**କରଞ୍ଜିଆ, ୯।୧୦(ସମିସ):** ଉଷ୍ଟର୍ ଛିଣ୍ଡାଇବାରୁ ଜଣେ ସପ୍ତମ ଶ୍ରେଣୀ ଛାତ୍ରଙ୍କୁ ପ୍ରଧାନ ଶିକ୍ଷକଙ୍କ ନିସ୍ଥୁକ ମାଡ଼। ଯଶିପୁର ବ୍ଲକ୍ ଅଧୀନ ଦୁର୍ଦୁରାସ୍ଥିତ ମାଧ୍ୟମିକ ଉଚ୍ଚ ବିଦ୍ୟାଳୟରୁ ଏପରି ଏକ ଅଭିଯୋଗ ଆସିଛି। ଏଥିରେ ଛାତ୍ର ଅନିଲ କୁମାର ସିଂ ଆହତ ହୋଇଛନ୍ତି। ପ୍ରଧାନଶିକ୍ଷକ ହେମନ୍ତ କୁମାର ବେହେରା ତାକୁ ଅନ୍ୟ ଛାତ୍ରଛାତ୍ରୀଙ୍କ ସମ୍ମୁଖରେ ଏକ ସ୍କେଲ୍‌ରେ ଗୋଡ଼ାଇ ଗୋଡ଼ାଇ ପିଟିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଛାତ୍ରଙ୍କ ମା' କନକ ସିଂ ଯଶିପୁର ଥାନାରେ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ଦୁର୍ଦୁରା ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ବୈଠକରେ ପ୍ରଧାନ ଶିକ୍ଷକଙ୍କ ଏପରି ଆଚରଣକୁ ଘୋର୍ ନିନ୍ଦା କରାଯାଇଥିଲା। ଏଥିସହ ପ୍ରଧାନ ଶିକ୍ଷକ ଶ୍ରୀ ବେହେରାଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି କରିବା ସହ ପୁଲିସ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମ ବୈଠକରେ ଦାବି କରାଯାଇଛି।

## ପୂଜା ବେଳେ ବଜ୍ରପାତ; ପୂଜକ ମୃତ

ସିମୁଳିଆ, ୯।୧୦ (ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା କଳାଶୁଣି ଅଞ୍ଚଳରେ ବଜ୍ରପାତ ଆଜି ଜଣେ ପୂଜକଙ୍କ ଜୀବନ ନେଇଛି। ମୃତକ ହେଲେ, ସିମୁଳିଆ ଥାନା ମଇତାପୁରପଞ୍ଚାୟତରାମବିନ୍ଧାଗ୍ରାମରପଦ୍ମଲୋଚନଦାଶଙ୍କପୁଅସୁରେନ୍ଦ୍ରଦାଶ(୨୪)। ଗୀତାଯଜ୍ଞ କରୁଥିବା ସମୟରେ ହଠାତ୍ ବଜ୍ରପାତ ହେବାରୁ ମାଇକ୍ରୋଫୋନ୍‌ରେ ବିଦ୍ୟୁତ୍ ସଞ୍ଚାରିତ ହୋଇଥିଲା ଏବଂ ସୁରେନ୍ଦ୍ର ସେଠାରେ ଟଳି ପଡ଼ିଥିଲେ।


**AFFIDAVIT**

By Virtue of an affidavit before Executive Magistrate, Angul. I, **Jhatak Nayak,** W/o.: Late Benudhar Naik, Permanent & Current Address At: Gaudasahi, PO: Purunagarh, P.S.: Bantala, Dist.: Angul (Odisha)-759123 have changed my name from Jhatak Nayak to **Jhatak Naik.** Henceforth I shall be known as **Jhatak Naik** for all purposes.

**AFFIDAVIT**

I, **Kotni Tirumal Kumar**, aged about 59 years, Son of Kotni Nirmal Kumar, residing at 41/A, Ashok Nagar, Janpath, Near Rajmahal Square, Sri Durga Retail Private Limited, Bhubaneswar, Khurdha, Odisha - 751009, have changed my name to **Tirumal Kotnii**, for all purposes, including passport with effect from 20.09.2025, day of September 2025 by executing Affidavit No. 526, dated 20.09.2025 executed before Notary Public, Bhubaneswar.

**AFFIDAVIT**

I AKSHAY KUMAR PATRA S/o Rasananda Patra AT- Madhyapara, PO- Madanpur, PS- Rajnagar Kendrapara- 754246, Odisha declare by this affidavit No- 17020, Date- 06.10.2025, that now onwards, I shall be known as **AKSHAYA KUMAR PATRA** for all future purposes.

**Sd- (AKSHAYA KUMAR PATRA)**

**AFFIDAVIT**

By virtue of an affidavit sworn before The Executive Magistrate, Nandapur, No.91, Dtd. 09/10/2025, I Pramila Khinabudi, W/o- Late Ramakrushna Khinabudi resident of Village- Bijapur, Po.- Semala, Ps.- Nandapur, Dist.- Koraput, Odisha, Pin- 764037 state that, I have changed my daughter's name from **Jaytirmai Khinibudi** to **Jyotimayi Khinabudi**. Henceforth she shall be known as **Jyotimayi Khinabudi** for all future purposes.

Sd/- Pramila Khinabudi

**AFFIDAVIT**

I, Pitamber Sahoo, S/o- Akuli Charan Sahoo, Resident of Madanpur, Kundupur, Madanpur, Dist.: Kendrapara, Odisha, PIN-754246 declared by this Affidavit No.1121/2025, Dated: 07.10.2025 hat now onwards I shall Be known as **PITAMBAR SAHOO** for all future Purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, SL.No- 17 on dated 09-10-2025 I, **ANJANARANI PANDA,** W/o Durga Charan Panda permanent resident of Plot No- 573, Kalunanda Nagar- Lane-2, Pokhariput, Ps- Airfield, Dist- Khordha, Pin- 751020, declare that I have changed my name from **ANJANA PANDA** (Old name) to **ANJANARANI PANDA** (New name), Henceforth, I shall be known as **ANJANARANI PANDA** for all future purposes.

Sd-( **ANJANARANI PANDA**)

**WALK-IN-INTERVIEW**

The Medics Urgently requires committed personnel for our Targeted Intervention Project being implemented in Angul & Keonjhar District.

- **M&E cum Accountant - 2 nos,** Qualification - B.Com, Basic Computer Software Application & Tally ERP.9
- **Counselor - 2 nos,** Qualification - MSW or Graduate in Psychology, Sociology.
- **Out Reach Worker** - Qualification - Graduate in any discipline.

**All the post are in Angul & Keonjhar District.**

**Date of Interview: 15/10/2025, Time: 10 am to 2 pm**

**Venue: The Medics, Similipada, Angul, Ph: 9338991112, 8249371336**

**Email: themedicsfw2@gmail.com**

**AFFIDAVIT**

By Virtue of an affidavit sworn before Executive Magistrate, Khordha, Dtd. 22/09/2025. Affidavit No.- 2579, I Pabitra Routaray, Address- Kadalibadi, Po.- Daleiput, Ps.- Sadar, Dist.- Khordha, Pin-752056 declare that my Name from **Pabitra Kumar Routaray** & **Pabitra Rautaraya** to **Pabitra Routaray** and my DOB in my Aadhaar Card wrongly recorded as 05/05/1990, but my real DOB is **03.06.1991**. Henceforth, I shall be known as **Pabitra Routaray** and my DOB is **03.06.1991** for all purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated- 09/10/2025. I, **Sipranwita Priyadarshini Banchhor** (new name), formerly called as **Sipranwita Banchhor** (old name), W/o Lalit Banchhor, permanent resident of AT- Malijhar, PO- Rigdol, PS- Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my name from **Sipranwita Banchhor** (old name) to **Sipranwita Priyadarshini Banchhor** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I shall be known as **Sipranwita Priyadarshini Banchhor** (new name) for all purposes.

**Sipranwita Priyadarshini Banchhor**

**AFFIDAVIT**

I, Nisarg Arpan Parikh, aged about 21 years, S/o- Bhargav Krishnarav Nargund, resident of AT: D- 14/1, JSPL Township Jindal Nagar, Chhendipada Road, Ps- Industrial, Dist- Angul, Odisha, PIN- 759130, do hereby declare by this affidavit N.2007, dtd- 04/10/2025, that now onwards I shall be known as **NISHARG BHARGAV NARGUND** for all future purposes

**AFFIDAVIT**

I, Darshini Arpan Parikh, aged about 42 years, W/o- Bhargav Krishnarav Nargund, resident of AT: D- 14/1, JSPL Township Jindal Nagar, Chhendipada Road, Ps- Industrial, Dist-Angul, Odisha, PIN- 759130, do hereby declare by this affidavit No.2006, dtd- 04/10/2025, that now onwards I shall be known as **DARSHINI BHARGAV NARGUND** for all future purposes

**AFFIDAVIT**

By virtue of an affidavit before the Notary Public, Titilagarh, on dated- 09/10/2025. I, **Bhumisuta Bhoi** (new name), aged about 18 years, formerly called as Bhumi Bhoi (old name), D/o Alekha Bhoi, permanent resident of AT- Beheravata, PO- Jharial, PS- Sindhekela, Dist- Balangir, (Odisha), PIN- 767040 now residing at the same place declare that I have changed my name from **Bhumi Bhoi** (old name) to **Bhumisuta Bhoi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I shall be known as **Bhumisuta Bhoi** (new name) for all purposes.

**Bhumisuta Bhoi**

**AFFIDAVIT**

By virtue of an affidavit before The Executive Magistrate, Titilagarh, on dated- 09/10/2025. I, **Lekrama Payasing,** aged about 30 years, S/O- Laxman Payasing, permanent resident of AT/PO- Marlad, PS- Titilagarh, Dist- Balangir, (Odisha), PIN- 767066, now residing at the same place declare that I have changed my minor son's name from **Normal Pryasingh** (old name) to **Nirmal Payasing** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Nirmal Payasing** (new name) for all purposes.

**Lekrama Payasing**

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar, Dated 06/09/2025. I, **Prasanti Jena,** D/o Kamaraju Jena, resident of Kamasaragada, Jagannath Prasad, Alasuguma, PS.- Buguda, Dist.- Ganjam, Odisha, PIN- 761121 declare that I have changed my name from **Asanti Jena to Prasanti Jena.** Henceforth, I shall be known as **PRASANTI JENA** for all purposes.

**Prasanti Jena**

**Odisha Lift Irrigation Corporation Ltd.**

(A Govt.of Odisha Undertaking)

OFFICE OF THE EXECUTIVE ENGINEER L.I. DIVISION, BARGARH

**E-Procurement Notice – EE/OLIC/BGH-04/2025-26**

E-mail - eeolicbgh@gmail.com, Ph- 06646-246126

No. 2090 / Dated: 08.10.2025

CAD-1957

1. Name of the tender Inviting Officer : Executive Engineer, L.I. Division, Bargarh
2. Name of the work : Reinforcement of 04 nos. Package (05 Nos. CLIPs) and Deposit work of 01 no. Package (03 Nos. CLIPs) in different Block of Bargarh District under State Plan Grant 2024-25.
3. No. of Packages : 05 Nos.
4. Tender Amount : Varies from 5.93 Lakhs to 15.97 Lakhs
5. Date and time of availability of bid documents in the portal for on line biding **from 10.00 hrs dated 10.10.2025 to 17.00hrs dated 22.10.2025.**
6. Last date and time of receipt of bids in the portal up to **17.00hrs. Dated- 22.10.2025.**
7. Last date and time of clarification up to **17.00hrs Dated- 20.10.2025.**
8. Date of opening of bid at **11.00 hrs. Dated- 23.10.2025.**
9. Further details can be seen from the e-procurement portal of Govt. of Odisha i.e. **www.tendersorissa.gov.in.**
10. Subsequent corrigendum / addendum / cancellation of tender if required shall be available in the above portal.

Sd/-
Executive Engineer,
L.I. Division, Bargarh.

OIPR-32277/11/0004/2526

ଇଣ୍ଡିଆନ୍ ବ୍ୟାଙ୍କ Indian Bank — ଇଲାହାବାଦ ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**

ସା: ପ୍ଲଟ୍ ନଂ. ସି/୯, ସେକ୍ଟର-୬, ସିଡ଼ିଏ, ପୋ: ମର୍କତନଗର, କଟକ-୭୫୩୦୧୪, zocuttack@indianbank.co.in

ପରିଶିଷ୍ଟ-୪[ରୁଲ୍-୮(୧)]

**ଦଖଲ ନୋଟିସ୍**

(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ୨୦୦୨ ର ରୁଲ୍ ୮ ଏବଂ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍‌ର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି। ଏତଦ୍ୱାରା ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଜଗତପୁର ଶାଖା / ଋଣଗ୍ରହୀତା / ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **ଋଣଗ୍ରହୀତା ଫାର୍ମ: ମେସର୍ସ ଏଲ୍.ଏନ୍. ଆଇସ୍ ମିଲ୍, ସ୍ୱତ୍ତ୍ୱାଧିକାରୀ: ନୃସିଂହ ଚରଣ ପରିଡା / ଋଣଗ୍ରହୀତା, ସ୍ୱତ୍ତ୍ୱାଧିକାରୀ, ଜାମିନ୍‌ଦାର ଏବଂ ବନ୍ଧକଦାତାମାନେ: ୧) ନୃସିଂହ ଚରଣ ପରିଡା,** ପିତା: ଦୁର୍ଯ୍ୟୋଧନ ପରିଡା, **୨) ନାରାୟଣ ଚନ୍ଦ୍ର ପରିଡା,** ପିତା: ଦୁର୍ଯ୍ୟୋଧନ ପରିଡା / **ଋଣଗ୍ରହୀତା ଫାର୍ମ: ମେସର୍ସ ପରିଡା ୱାର୍କସପ୍, ସ୍ୱତ୍ତ୍ୱାଧିକାରୀ: ନାରାୟଣ ଚନ୍ଦ୍ର ପରିଡା / ଜାମିନ୍‌ଦାରମାନେ: ୧) ସ୍ୱିଗ୍ଧା ପରିଡା,** ସ୍ୱାମୀ: ନାରାୟଣ ଚନ୍ଦ୍ର ପରିଡା, **୨) ମିନତୀ ପରିଡା,** ସ୍ୱାମୀ: ନୃସିଂହ ଚରଣ ପରିଡା, ସମସ୍ତଙ୍କ ବାସସ୍ଥାନ ଠିକଣା- ହୋଲ୍ଡିଂ ନଂ.: ୫୮୧, ୱାର୍ଡ ନଂ.: ୪୯, ସିଏମସି ନାନକର, ଜଗତପୁର, ପୋ: ଜଗତପୁର, କଟକ-୭୫୪୦୨୧ | ୨୩.୦୭.୨୦୨୫ ସୁଦ୍ଧା ଟ.୧୩,୦୨,୯୮,୯୨୪/- ଏବଂ ସେବାବଦ ସୁଧ | ୨୩.୦୭.୨୦୨୫ / ୦୮.୧୦.୨୦୨୫ | **(୧) ନୃସିଂହ ଚରଣ ପରିଡା ଏବଂ ନାରାୟଣ ଚନ୍ଦ୍ର ପରିଡାଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନିମପୁର, ଥାନା: ଟାଙ୍ଗି ନଂ. ୭୧, ତହସିଲ: ଟାଙ୍ଗି ଚୌଦ୍ୱାର ନଂ. ୧୬୭, ଜିଲ୍ଲା: କଟକ, ଖାତା ନଂ.: ୭୭୨/୩୦୬ (ଅନୁରୂପ ଖାତା ନଂ.: ୪୭୫), ପ୍ଲଟ୍ ନଂ.: ୨୨୩୯, କ୍ଷେତ୍ର: ଏକର୦.୦୩୦ଡିସିମିଲି, ଖାତା ନଂ.: ୭୭୨/୩୪୦ (ଅନୁରୂପ ଖାତା ନଂ.: ୪୭୫), ପ୍ଲଟ୍ ନଂ.: ୨୨୩୮, କ୍ଷେତ୍ର: ଏକର୦.୦୧୦ଡିସିମିଲି, ଖାତା ନଂ.: ୭୭୨/୬୫୫ (ଅନୁରୂପ ଖାତା ନଂ.: ୪୩୮), ପ୍ଲଟ୍ ନଂ.: ୨୨୩୩/୫୪୭୯, କ୍ଷେତ୍ର: ଏକର୦.୨୨୦ଡିସିମିଲି ଏବଂ ପ୍ଲଟ୍ ନଂ.: ୨୨୩୬, କ୍ଷେତ୍ର: ଏକର୦.୦୨୦ଡିସିମିଲି **(ସମୁଦାୟ କ୍ଷେତ୍ର: ଏକର୦.୨୮୦ଡିସିମିଲି),** ପ୍ରକାର: ଘରବାରି, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ଗନ୍ଧର୍ବ ପାତ୍ର, ଦକ୍ଷିଣ: ପୋବୋଦ ଜେନା, ପୂର୍ବ: ରାସ୍ତା, ପଶ୍ଚିମ: ବୁଲା ସେନାପତି, **(୨) ନାରାୟଣ ଚନ୍ଦ୍ର ପରିଡାଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଚକବନ୍ଦୀ ଖାତା ନଂ.: ୨୭୮, ପ୍ଲଟ୍ ନଂ.: ୧୮୫୧ (ଅନୁରୂପ ହାଲ ସେଟେଲମେଣ୍ଟ ଖାତା ନଂ.: ୩୮୭ ଏବଂ ପ୍ଲଟ୍ ନଂ.: ୧୯୫୭), କ୍ଷେତ୍ର: ଏକର୦.୦୪୦ଡିସିମିଲି, ପ୍ରକାର: ଘରବାରି, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ଦୁର୍ଯ୍ୟୋଧନ ପରିଡା, ଦକ୍ଷିଣ: ରାମ ଚନ୍ଦ୍ର ସ୍ୱାଇଁ, ପୂର୍ବ: ଏସ୍. ମୁଖାର୍ଜୀ, ପଶ୍ଚିମ: ରାସ୍ତା **ଏବଂ** ଖାତା ନଂ.: ୨୯୬, ପ୍ଲଟ୍ ନଂ.: ୧୮୫୦ (ଅନୁରୂପ ହାଲ ସେଟେଲମେଣ୍ଟ ଖାତା ନଂ.: ୩୮୭ ଏବଂ ପ୍ଲଟ୍ ନଂ.: ୧୯୫୬), କ୍ଷେତ୍ର: ଏକର୦.୦୨୦ଡିସିମିଲି, ପ୍ରକାର: ଘରବାରି, ମୌଜା: ତରୋଲ, ତହସିଲ: ଟାଙ୍ଗି (ଚୌଦ୍ୱାର), ନଂ. ୧୬୬, ଥାନା: ଟାଙ୍ଗି ନଂ. ୭୨, ଜିଲ୍ଲା: କଟକ **(ସମୁଦାୟ କ୍ଷେତ୍ର: ଏକର୦.୦୬୦ଡିସିମିଲି),** ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ମାଗୁଣି ଜେନା, ଦକ୍ଷିଣ: ବଂଶୀଧର ଜେନା ଏବଂ ଅନ୍ୟମାନେ, ପୂର୍ବ: ମାଗୁଣି ଜେନା, ପଶ୍ଚିମ: ରାସ୍ତା, **(୩) ନୃସିଂହ ଚରଣ ପରିଡା ଏବଂ ନାରାୟଣ ଚନ୍ଦ୍ର ପରିଡାଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନିମପୁର, ଏସ୍‌ଆରଓ: ଜଗତପୁର, ତହସିଲ: କଟକ ନଂ. ୧୬୭, ଟାଙ୍ଗି (ଚୌଦ୍ୱାର), ଥାନା: ଟାଙ୍ଗି-୭୧, ଜିଲ୍ଲା: କଟକ, ଖାତା ନଂ.: ୭୭୨/୩୨୨, ପ୍ଲଟ୍ ନଂ.: ୧୭୬୭/୫୨୧୦, କ୍ଷେତ୍ର: ଏକର୦.୪୦୦ଡିସିମିଲି, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୧୭୭୦, ଦକ୍ଷିଣ: ପ୍ଲଟ୍ ନଂ. ୧୭୬୭, ପୂର୍ବ: ପ୍ଲଟ୍ ନଂ.: ୧୮୧୩ ଏବଂ ୧୮୧୪, ପଶ୍ଚିମ: ୧୭୬୮ ଏବଂ ୧୭୬୯, **(୪) ନୃସିଂହ ଚରଣ ପରିଡା ଏବଂ ନାରାୟଣ ଚନ୍ଦ୍ର ପରିଡାଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ତରୋଲ, ଏସ୍‌ଆରଓ: ଜଗତପୁର, ତହସିଲ: ଟାଙ୍ଗି (ଚୌଦ୍ୱାର), ନଂ. ୧୬୬, ଥାନା: ଟାଙ୍ଗି-୭୨, ଜିଲ୍ଲା: କଟକ, ଖାତା ନଂ.: ୨୩୪, ପ୍ଲଟ୍ ନଂ.: ୧୪୨୪, କ୍ଷେତ୍ର: ଏକର୦.୦୭୦ (୦.୦୩୦)ଡିସିମିଲି, ପ୍ଲଟ୍ ନଂ.: ୧୪୨୫, କ୍ଷେତ୍ର: ଏକର୦.୧୨୦ (୦.୦୫୦)ଡିସିମିଲି ଏବଂ ପ୍ଲଟ୍ ନଂ.: ୧୪୨୬, କ୍ଷେତ୍ର: ଏକର୦.୦୮୦ (୦.୦୫୦)ଡିସିମିଲି, ପ୍ରକାର: ଘରବାରି, (ମୋଟ କ୍ଷେତ୍ର: ଏକର୦.୨୭୦ଡିସିମିଲି ଯାହା ମଧ୍ୟରୁ ସମ୍ପତ୍ତି ମାଲିକଙ୍କ କ୍ଷେତ୍ର: ଏକର୦.୧୩୦ଡିସିମିଲି), ସମସ୍ତ ୩ଟି ପ୍ଲଟ୍‌କୁ ଘରବାରିକୁ ପରିବର୍ତ୍ତନ କରାଯାଇଛି, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୧୪ର ଅବଶିଷ୍ଟ ଅଂଶ, ଦକ୍ଷିଣ: ଦୁର୍ଯ୍ୟୋଧନ ପରିଡା, ପୂର୍ବ: ରାସ୍ତା, ପଶ୍ଚିମ: ପ୍ରମୋଦ ଜେନା |

ତାରିଖ: ୦୯.୧୦.୨୦୨୫, ସ୍ଥାନ: କଟକ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

କେନରା ବୈଂକ Canara Bank — ସିଣ୍ଡିକେଟ Syndicate

ଅଞ୍ଚଳ କାର୍ଯ୍ୟାଳୟ, ବିଡିଏ-ଜେ/୨, ପ୍ଲଟ୍ ନଂ.: ୧୫୫୬(ଅଂଶ) ଏବଂ ପ୍ଲଟ୍ ନଂ.: ୧୫୬୧(ଅଂଶ), ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦, ଫୋନ୍ ନଂ: ୦୬୭୪-୨୩୫୩୧୨୦

**ବିକ୍ରୟ ବିଜ୍ଞପ୍ତି**

**(ଘରୋଇ ଚୁକ୍ତି)**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (ସରଫେଶୀ ଆକ୍ଟ) ଅନୁଯାୟୀ ବାଙ୍କକୁ ବନ୍ଧକ ଥିବା ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତିର ବିକ୍ରୟ**

ନିମ୍ନ ସ୍ୱାକ୍ଷରକାରୀ କାନାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ସର୍ବସାଧାରଣଙ୍କୁ ସମୂହଭାବେ ଜଣାଇ ଦିଆଯାଉଛି ଯେ, ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ **"ଯେଉଁଠାରେ ଯେପରି ଅଛି ଏବଂ ଯାହାଯେପରି ଅଛି"** ସହମତି ଚୁକ୍ତି ଭିତିରେ ଘରୋଇ ଚୁକ୍ତି ମାଧ୍ୟମରେ ବିକ୍ରୟର ନିୟମ ଓ ସର୍ତ୍ତାବଳୀ ଅନୁସାରେ **ତା.୨୭.୧୦.୨୦୨୫ରିଖ ପୂର୍ବାହ୍ନ ୧୦.୩୦ ରୁ ୧୧.୩୦ ଘଟିକା ମଧ୍ୟରେ** ବିକ୍ରୟ ନିମନ୍ତେ ନିମ୍ନମତେ ଉପଲବ୍ଧ।

| ଶାଖା/ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିଗୁଡ଼ିକର ବିବରଣୀ | ଧାର୍ଯ୍ୟ ତାରିଖ ସୁଦ୍ଧା ମୋଟ ବକେୟା ରାଶି | ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି |
|---|---|---|---|
| **ସାମପୁର ଭୁବନେଶ୍ୱର ଶାଖା /** **ଋଣଗ୍ରହୀତା: ମେସର୍ସ ଜଗନ୍ନାଥ ହାର୍ଡୱେୟାର ଆଣ୍ଡ ପେଣ୍ଟସ୍,** ସା: ସାମପୁର, ପୋ: ଘାଟିକିଆ, ଥାନା: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା-୭୫୧୦୦୩, **ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ଦେବସ୍ମିତା ସର୍ଦ୍ଦାର,** ସ୍ୱାମୀ: ଅଶାନ୍ତ କୁମାର ସର୍ଦ୍ଦାର, ପ୍ଲଟ୍ ନଂ.: ୧୩୪୪/୧୫୩୩, ସା: ପତିତପାବନ ଲେନ୍, ସମ୍ ହସ୍ପିଟାଲ ରୋଡ, ସାମପୁର, ଥାନା: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା-୭୫୧୦୦୩ / **ଗ୍ୟାରେଣ୍ଟିଦାତା: ଶ୍ରୀ ଶ୍ରୀଧର ବେହେରା,** ପିତା: ଶ୍ରୀ ଦୁଃଶାସନ ବେହେରା, ସା: ସାମପୁର, ପୋ: ଘାଟିକିଆ, ଥାନା: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା-୭୫୧୦୦୩ | ଶ୍ରୀମତୀ ଦେବସ୍ମିତା ସର୍ଦ୍ଦାରଙ୍କ ନାମରେ ଥିବା ଦୋକାନର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ଥାନା: ଖଣ୍ଡଗିରି, ମୌଜା: କଳିଙ୍ଗ ନଗର, ଏସ୍‌ଆରଓ/ତହସିଲ: ଭୁବନେଶ୍ୱର, ସପ୍ ନଂ.: ଜି-୧୦ କେ-୭ କଳିଙ୍ଗ ନଗର ମାର୍କେଟ କମ୍ପ୍ଲେକ୍ସ, ସୁପର ବିଲ୍ଟ ଅପ୍ ଏରିଆ: ୩୧୯.୫ ବର୍ଗଫୁଟ, ତଳ ମହଲା, ଅନୁରୂପ ରେଭିନ୍ୟୁ ଖାତା ନଂ.: ୪୪୩, ପ୍ଲଟ୍ ନଂ.: ୭୦୭, ବ୍ଲକ୍ ନଂ.: କେ୭-୧, ଏହାର ଚାରିପାର୍ଶ୍ୱରେ ପୂର୍ବ: ସପ୍ ନଂ.: ଜି ୧୧, ପଶ୍ଚିମ: ସପ୍ ନଂ.: ଜି ୦୯, ଉତ୍ତର: ରାସ୍ତା, ଦକ୍ଷିଣ: ସପ୍ ନଂ.: ଜି ୧୪ | ୩୦.୦୯.୨୦୨୫ ସୁଦ୍ଧା ଟ.୫୧,୪୫,୨୨୬.୭୮ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୧୭,୫୦,୦୦୦/- / ଟ.୧,୭୫,୦୦୦/- |

**ନିମ୍ନଲିଖିତ ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ଇଚ୍ଛୁକ ପକ୍ଷମାନେ ପ୍ରସ୍ତାବ ଦାଖଲ କରିପାରିବେ:**

**(୧) "ଯେଉଁଠାରେ ଯେପରି ଅଛି ଏବଂ ଯାହାଯେପରି ଅଛି"** ଭିତିରେ ଘରୋଇ ଚୁକ୍ତି ମାଧ୍ୟମରେ ସମ୍ପତ୍ତି ବିକ୍ରୟ କରାଯିବ। **(୨)** କ୍ରେତା ସମ୍ପତ୍ତି କ୍ରୟ ନିମନ୍ତେ ପ୍ରସ୍ତାବ ଗ୍ରହଣୀୟ ହେବାର ୩ ଦିନ ମଧ୍ୟରେ ବିକ୍ରୟ ମୂଲ୍ୟର ୨୫% ରାଶି ଜମା କରିବେ ଏବଂ ଅବଶିଷ୍ଟ ୭୫% ରାଶି ସରଫେଶୀ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୯(୪) ଅନୁଯାୟୀ ଜମା କରିବେ। **(୩)** ଉପରୋକ୍ତ କ୍ଲଜ (୨) ଅନୁସାରେ କ୍ରେତା ଦରଖାସ୍ତ ସହିତ ଜମା କରିଥିବା ପ୍ରସ୍ତାବ ରାଶିର ୧୦% ଅମାନତ ରାଶି ୨୫% ସହିତ ଭରଣା କରାଯିବ। **(୪)** କ୍ଲଜ (୨) ଅନୁଯାୟୀ କ୍ରେତା ସମ୍ପୂର୍ଣ୍ଣ ରାଶି ପଇଠ କରିବାରେ ବିଫଳ ହେଲେ ଦରଖାସ୍ତ ସହିତ କ୍ରେତାଙ୍କ ଦ୍ୱାରା ପୂର୍ବରୁ ଜମା କରାଯାଇଥିବା ୧୦% ରାଶିକୁ ବାଜ୍ୟାପ୍ତି କରାଯିବ। **(୫)** ବ୍ୟାଙ୍କ ଦ୍ୱାରା କ୍ରୟ ପ୍ରସ୍ତାବ ଗ୍ରହଣ ନହେବା କ୍ଷେତ୍ରରେ ଦରଖାସ୍ତ ସହିତ କ୍ରେତାଙ୍କ ଦ୍ୱାରା ଜମା କରାଯାଇଥିବା ୧୦% ଅମାନତ ରାଶି ବିନା ସୁଧରେ ଫେରସ୍ତ କରାଯିବ। **(୬)** ବ୍ୟାଙ୍କକୁ ଜ୍ଞାତ କିମ୍ବା ଅଜ୍ଞାତ ଥିବା ବର୍ତ୍ତମାନ ଏବଂ ଭବିଷ୍ୟତର ସମସ୍ତ ଏନ୍‌କମ୍ବ୍ରାନ୍‌ସେସ୍ ସହିତ ସମ୍ପତ୍ତି ବିକ୍ରୟ କରାଯିବ। କୌଣସି ପକ୍ଷଙ୍କର ଦାବୀ / ଅଧିକାର / ଦେୟ ନିମନ୍ତେ କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ଋଣଦାତା ଦାୟୀ ରହିବେ ନାହିଁ। **(୭)** କ୍ରେତା ସମ୍ପତ୍ତି (ଘରୋଇ ଚୁକ୍ତି ମାଧ୍ୟମରେ ବିକ୍ରୟ) ସମ୍ବନ୍ଧୀୟ ସମସ୍ତ ଆଇନଗତ ତଥ୍ୟ ବିଷୟରେ ଅନୁସନ୍ଧାନ କରି ସନ୍ତୁଷ୍ଟ ହେବ ଉଚିତ୍। ପରବର୍ତ୍ତୀ ସମୟରେ କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ଋଣଦାତା ବିରୁଦ୍ଧରେ ଏ ସମ୍ବନ୍ଧୀୟ କୌଣସି ଦାବୀ / ଅଧିକାର ନିମନ୍ତେ କ୍ରେତା ହକ୍‌ଦାର ହେବେ ନାହିଁ। **(୮)** କୌଣସି କାରଣ ନଦର୍ଶାଇ ବ୍ୟାଙ୍କ ସମସ୍ତ ପ୍ରସ୍ତାବକୁ ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଅଛି। **(୯)** ଏକରୁ ଅଧିକ କ୍ଷେତ୍ରରେ ବ୍ୟାଙ୍କ ସର୍ବୋଚ୍ଚ ପ୍ରସ୍ତାବକୁ ଗ୍ରହଣ କରିବ। **(୧୦)** ସବିଶେଷ ବିବରଣୀ / ସ୍ପଷ୍ଟିକରଣ ଓ ଦରଖାସ୍ତ ଦାଖଲ ନିମନ୍ତେ ଇଚ୍ଛୁକ ପକ୍ଷମାନେ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସହ ଯୋଗାଯୋଗ କରିପାରିବେ। **(୧୧)** କ୍ରେତା ସମ୍ପତ୍ତି କ୍ରୟ ନିମିତ୍ତ ସମସ୍ତ ଷ୍ଟାମ୍ପ ଡ୍ୟୁଟି, ରେଜିଷ୍ଟ୍ରେସନ୍ ଫି ଓ ଅନ୍ୟାନ୍ୟ ଖର୍ଚ୍ଚ ଟ୍ୟାକ୍ସ ଆଦି ବହନ କରିବେ। **(୧୨)** ସରଫେଶୀ ଆକ୍ଟ / ରୁଲ୍ସ ର ବ୍ୟବସ୍ଥା ଅନୁଯାୟୀ ସମ୍ପତ୍ତି ବିକ୍ରୟ କରାଯିବ।

**ଦ୍ରଷ୍ଟବ୍ୟ: ମେସର୍ସ ଜଗନ୍ନାଥ ହାର୍ଡୱେୟାର ଆଣ୍ଡ ପେଣ୍ଟସ୍ ଆକାଉଣ୍ଟ ନିମନ୍ତେ: ୧)** ସଫଳ ନିଲାମଧାରୀ ସମ୍ପତ୍ତି ହସ୍ତାନ୍ତର ନିମନ୍ତେ କର୍ତ୍ତୃପକ୍ଷଙ୍କ ଦ୍ୱାରା ସ୍ଥିରିକୃତ କନସେଣ୍ଟ ଚାର୍ଜ ଯାହାକି ସମ୍ପତ୍ତିର ୨୫% ଡିଫରେନ୍ସିଆଲ ଭାଲ୍ୟୁ ପ୍ରଦାନ କରିବାକୁ ହେବ। ବ୍ୟାଙ୍କ ଦ୍ୱାରା ବିଡିଏ କାର୍ଯ୍ୟାଳୟରେ ଏହି କନସେଣ୍ଟ ଚାର୍ଜ ଦାଖଲ ପରେ ବିକ୍ରୟ ଚୂଡାନ୍ତ କରାଯିବ। ୨୦୧୩ ମସିହାରେ ଗୃହର ପ୍ରକୃତ ମୂଲ୍ୟ ଟ.୧୭,୫୪,୮୧୪/- (ସତର ଲକ୍ଷ ଚଉବନ ହଜାର ଆଠ ଶହ ଚଉଦ ଟଙ୍କା ମାତ୍ର), ୨) କାନାରା ବ୍ୟାଙ୍କ ନିଲାମ ନିମନ୍ତେ ସର୍ତ୍ତ ରଖିଛନ୍ତିକି ଯେଉଁ ବ୍ୟକ୍ତିଙ୍କର ନାମରେ କିମ୍ବା ସେମାନଙ୍କର ପରିବାର ସଦସ୍ୟଙ୍କ ନାମରେ ବିଏମସି ଏବଂ ବିଡିଏ ଅଞ୍ଚଳ ମଧ୍ୟରେ କୌଣସି ବାସୋପଯୋଗୀ ପ୍ଲଟ/ଗୃହ/ଫ୍ଲାଟ୍ ନଥିବ ସେହିମାନେ ହିଁ ନିଲାମରେ ଅଂଶ ଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହେବେ, ୩) ଯେହେତୁ ଏହା ଏକ ଦଖଲ ପରବର୍ତ୍ତୀ ୩ୟ ପକ୍ଷ ହସ୍ତାନ୍ତରିତ ବିଷୟ ତେଣୁ ଜିଲ୍ଲା ସବ୍-ରେଜିଷ୍ଟ୍ରାର, ଭୁବନେଶ୍ୱରଙ୍କ ଦ୍ୱାରା କରାଯାଇଥିବା ୧୯୯୫ ଏବଂ ୨୦୨୫ (ରେଜିଷ୍ଟ୍ରେସନ୍ ଫି ଏବଂ ଷ୍ଟାମ୍ପ ଡ୍ୟୁଟି) ମୂଲ୍ୟାୟନ ଅନୁସାରେ କ୍ଷତି ହୋଇଥିବା ପ୍ରକୃତ ରାଜସ୍ୱ ସଫଳ ନିଲାମଧାରୀ ପୈଠ କରିବେ।

ସ୍ଥାନ: ଭୁବନେଶ୍ୱର
ତାରିଖ : ୦୯.୧୦.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
କାନାରା ବ୍ୟାଙ୍କ

यूनियन बैंक ऑफ़ इंडिया Union Bank of India

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟି ଇଣ୍ଟରେଷ୍ଟର ଏନ୍‌ଫୋର୍ସମେଣ୍ଟ ନିମନ୍ତେ ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ନୋଟିସ୍

**ବିଷୟ:** ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୩) ସହିତ ଧାରା ୧୩(୨) ଅନୁଯାୟୀ ନୋଟିସ୍

ଆମେ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ଆମର **ଖୋର୍ଦ୍ଧା ଶାଖାରୁ** ନିମ୍ନଲିଖିତ ଋଣ ସୁବିଧା ଉପଲବ୍ଧ କରିଛନ୍ତି ଏବଂ ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଖୋର୍ଦ୍ଧା ଶାଖାର** ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ନିମ୍ନଦର୍ଶିତ ପକ୍ଷମାନଙ୍କୁ ତାହା ପ୍ରଦାନ କରାଯାଇପାରିନଥିଲା। ତେଣୁ ଏହି ପ୍ରକାଶନଟି ସମସ୍ତ ପକ୍ଷଙ୍କୁ ଏକ ବିକଳ୍ପ ସେବା ଅଟେ। ସେମାନଙ୍କର ଆକାଉଣ୍ଟର ମୋଟ ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଶାଖା / ଋଣଗ୍ରହୀତା/ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ଋଣ ପ୍ରକାର | ଏନ୍‌ପିଏ ତାରିଖ /ଡିମାଣ୍ଡ ତାରିଖ / ମୋଟ ବକେୟା | ସମ୍ପତ୍ତିର ବିବରଣୀ |
|---|---|---|---|
| **ଖୋର୍ଦ୍ଧା ଶାଖା /** ଋଣଗ୍ରହୀତାମାନେ: ୧) ଶ୍ରୀ ଶୁଭ୍ରାଂଶୁ ସାହୁ, ପିତା: ଶ୍ରୀ ଚୈତନ୍ୟ ସାହୁ, ୨) **ଶ୍ରୀମତୀ ଉମାମଣି ସାହୁ** (ବନ୍ଧକଦାତା), ସ୍ୱାମୀ: ଶ୍ରୀ ଚୈତନ୍ୟ ସାହୁ, ୩) **ଶ୍ରୀ ଚୈତନ୍ୟ ସାହୁ (ବନ୍ଧକଦାତା),** ପିତା: ୰ ଗଙ୍ଗାଧର ସାହୁ, ସମସ୍ତଙ୍କ **ଠିକଣା-୧:** ସା: ପୁଆଣିଆ, ପୋ: ଅସରଳୀ, ଭାୟା: ପିତୁକୁଳି, ଥାନା/ବ୍ଲକ୍: ବୋଲଗଡ, ଜିଲ୍ଲା: ଖୋର୍ଦ୍ଧା-୭୫୨୦୬୪, **ଠିକଣା-୨:** ରେ-୫୯, ମଙ୍ଗଳା ସାହି, କମ୍ପ୍ଲେକ୍ସ ନିକଟ, ଆଇଗିଣିଆ, ଭୁବନେଶ୍ୱର-୭୫୧୦୧୯ | ମିଆଦୀ ଋଣ | ୧୪.୦୩.୨୦୨୫ / ୨୬.୦୯.୨୦୨୫ / ୨୫.୦୯.୨୦୨୫ ସୁଦ୍ଧା ଟ.୧୧,୭୬,୨୪୫.୫୭ | ଶ୍ରୀମତୀ ଉମାମଣି ସାହୁ ଏବଂ ଶ୍ରୀ ଚୈତନ୍ୟ ସାହୁଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୨୦, ଖାତା ନଂ.: ୧୨୮ ଏବଂ ମ୍ୟୁଟେସନ୍ ଖାତା ନଂ.: ୩୮୭/୬୬, ମ୍ୟୁଟେସନ୍ ପ୍ଲଟ୍ ନଂ.: ୫୨୦, ମୌଜା: ପୁଆଣିଆ, ତହସିଲ/ଥାନା: ବୋଲଗଡ, ଥାନା ନଂ.: ୧୫୬, ତହସିଲ ନଂ.: ୧୫୬, ଜିଲ୍ଲା: ଖୋର୍ଦ୍ଧା, କ୍ଷେତ୍ର: ଏକର ୦.୧୯୦ ଡିସିମିଲି, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାମ ପଟ୍ଟନାୟକ, ଦକ୍ଷିଣ: ଦାଣ୍ଡ, ପୂର୍ବ: ଅଧିକାରୀ ସୁନ୍ଦରୀ, ପଶ୍ଚିମ: ମାରି ସୁନ୍ଦରା |

ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପରଦର୍ଶିତ ସ୍ତମ୍ଭରେ ଲିଖିତ ମୋଟ ବକେୟା ପରିମାଣ ସହିତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ ଏବଂ ଦେୟ, ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ କଥିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ। ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପାଇବା ପରେ ବ୍ୟାଙ୍କର ବିନା ଅନୁମତିରେ ଉପରବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ବି.ଦ୍ର.: ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ପୂର୍ବରୁ ପ୍ରଦାନ କରାଯାଇଥିବା ସମସ୍ତ ନୋଟିସ୍‌କୁ ଉଚ୍ଛେଦ/ପ୍ରତ୍ୟାହାର କରାଗଲା।

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୯.୧୦.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

यूनियन बैंक Union Bank

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର**
ମାଣିଖମ୍ବ, ଓଟି ରୋଡ୍, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧, ମୋ.: ୮୯୨୮୯୧୭୪୧୧/୯୬୮୭୬୯୭୫୪୮

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାନ୍ତି। ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହା ହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୧୭.୧୦.୨୦୨୫ରିଖ ଅପରାହ୍ନ ୧୨.୩୦ ଘଟିକା** ସମୟରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତରେ ଆଶ୍ରୟ ନେବ। ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡ଼ିକ ନେଇପାରିବେ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ବକେୟା ରାଶି | ନେଟ୍ ଓଜନ (ଗ୍ରାମରେ) | ମୋଟ ଓଜନ (ଗ୍ରାମରେ) |
|---|---|---|---|---|
| | **ବାମୋଦରପୁର ଶାଖା, ସା/ପୋ: ଦାମୋଦରପୁର, ମେନ୍ ରୋଡ୍, ମୟୂରଭଞ୍ଜ, ପିନ୍-୭୫୭୦୦୩, ମୋ.: ୯୯୮୭୧୯୩୮୪୬** | | | |
| ୧. | **ଶ୍ରୀମତୀ ଦେବଶ୍ରୀ ଦାସ,** ସା: ଶ୍ରୀପଦଗଞ୍ଜ, ୱାର୍ଡ ନଂ. ୧୩, ପୋ: ବାରିପଦା ଟାଉନ୍, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୦୧ / ୬୫୩୨୦୬୫୪୦୦୦୦୧୬୩ | ଟ.୯୧,୨୨୮.୦୦ | ୧୭ | ୧୮ |
| | **ଧାମରା ଶାଖା, ପ୍ଲଟ୍ ନଂ. ୭୬୮/୧୨୭୭, ମୌଜା: ଧାମରା, ପାଇକସାହି, ଭଦ୍ରକ-୭୫୬୧୭୧, ମୋ.: ୮୬୬୦୭୩୧୦୦୭** | | | |
| ୧. | **ଶ୍ରୀ ସୌମ୍ୟ ରଞ୍ଜନ ନାୟକ,** ସା/ପୋ: ପଞ୍ଚୁତିକିରି, ଥାନା: ବାଁଶଡ଼ା, ଭାୟା: ଘଣ୍ଟେଶ୍ୱର, ଜିଲ୍ଲା: ଭଦ୍ରକ, ପିନ୍-୭୫୬୧୨୯ / ୧୪୧୨୧୬୫୪୦୦୦୦୫୪୦ | ଟ.୩୬,୦୨୬.୧୧ | ୧୦.୯୫ | ୧୩.୬ |
| ୨. | **ଶ୍ରୀ ଶ୍ରୀକୃଷ୍ଣ ପାତ୍ର,** ପିତା: ବବୁଲ ପାତ୍ର, ସା: ଜୟଦୁର୍ଗା ପାଟଣା, ପୋ: ଧାମରା, ଜିଲ୍ଲା: ଭଦ୍ରକ, ପିନ୍-୭୫୬୧୭୧ / ୧୪୧୨୧୬୫୪୦୦୦୧୯୮୪ | ଟ.୬୭,୧୧୬.୦୦ | ୧୪ | ୧୭.୫ |
| | **ଯାଜପୁର ମୁଖ୍ୟ ଶାଖା, ସା: ୟୁନିଟ୍ ନଂ. ୮, ୧ମ ମହଲା, ଯଯାତିନଗର, ଯାଜପୁର ଟାଉନ୍, ଯାଜପୁର-୭୫୫୦୦୧, ମୋ.: ୯୮୫୧୩୦୧୬୬୧** | | | |
| ୧. | **ଶ୍ରୀ ସାହିଲ ଧଳ,** ସା: ପଣସା, ପୋ: ଲାଲବାଗ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୨୫/ ୩୭୦୮୦୬୫୪୦୦୦୦୭୧୪ | ଟ.୨୦,୧୪୫.୩୦ | ୪.୩ | ୬.୭ |
| | **କରଞ୍ଜିଆ-୩ ଶାଖା, ପ୍ଲଟ୍ ନଂ. ୮୫୨/୧୦୦୬, କରଞ୍ଜିଆ ମେନ୍ ରୋଡ୍, କରଞ୍ଜିଆ, ମୟୂରଭଞ୍ଜ-୭୫୭୦୩୭, ମୋ.: ୭୯୦୩୯୩୯୮୦୮** | | | |
| ୧. | **ଶ୍ରୀମତୀ ସୁମିତ୍ରା ଚୌଧୁରୀ,** ସ୍ୱାମୀ: ଗଗନ ବିହାରୀ ଚୌଧୁରୀ, ସା/ପୋ: ଟାଙ୍ଗରାପଡ଼ା, ଭାୟା: ସ୍ୱମପାଟଣା, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୩୦ / ୩୧୦୧୨୬୫୪୦୦୦୦୧୩୧ | ଟ.୩୯,୮୩୨.୦୦ | ୮.୧୧୬ | ୧୧.୫୯୫ |
| ୨. | **ଶ୍ରୀମତୀ ସୁମିତ୍ରା ଚୌଧୁରୀ,** ସ୍ୱାମୀ: ଗଗନ ବିହାରୀ ଚୌଧୁରୀ, ସା/ପୋ: ଟାଙ୍ଗରାପଡ଼ା, ଭାୟା: ସ୍ୱମପାଟଣା, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୩୦ / ୩୧୦୧୨୬୫୪୦୦୦୦୧୦୫ | ଟ.୪୯,୫୮୫.୦୧ | ୧୩.୯୮ | ୧୪.୨୯୫ |
| | **ପଞ୍ଚୁଗୋଛିଆ ଶାଖା, ସା/ପୋ: ପଞ୍ଚୁଗୋଛିଆ, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୨୨, ମୋ.: ୯୮୩୬୮୩୯୪୩୯** | | | |
| ୧. | **ଶ୍ରୀମତୀ ପପୀ ପାତ୍ରୀ,** ସ୍ୱାମୀ: ସୁଶାନ୍ତ କୁମାର ପାତ୍ରୀ, ସା: ବାରେଶ୍ୱର, ପୋ: ମୁସୁପୁର, ଜିଲ୍ଲା: ଭଦ୍ରକ, ପିନ୍-୭୫୮୦୨୨ / ୪୬୨୩୦୬୫୪୦୦୦୦୦୦୬୫ | ଟ.୨୭,୪୫୮.୪୨ | ୬.୧ | ୬.୬୪ |
| | **ଉଦଳା ଶାଖା, ୱାର୍ଡ ନଂ. ୫, ସିନେମା ହଲ୍ ରୋଡ୍, ଉଦଳା, ମୟୂରଭଞ୍ଜ-୭୫୭୦୪୧, ମୋ.: ୮୪୫୬୮୮୧୦୯୫, ୮୬୩୭୨୬୧୮୪୪** | | | |
| ୧. | **ଶ୍ରୀମତୀ ଦୀପ୍ତିମୟୀ ଦାସ,** ସା: କପ୍ତିପଦା, ପୋ: କପ୍ତିପଦା, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୪୦ / ୨୫୫୪୧୬୫୪୦୦୦୦୪୧୮ | ଟ.୧୩,୦୩୬.୦୦ | ୩.୪ | ୩.୯୭ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡ଼ିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ।**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ଟ.୫,୦୦୦/-** ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC) ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡ଼ିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡା ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ। ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡ଼ିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବେ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବ।

ସ୍ଥାନ : ବାଲେଶ୍ୱର
ତାରିଖ : ୦୮.୧୦.୨୦୨୫

ଶାଖା ପ୍ରବନ୍ଧକ,
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ





## ଖଣ୍ଡିଆ ରାସ୍ତା ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ

# ମଞ୍ଚେଶ୍ୱର ଷ୍ଟେସନ୍ ଯିବାକୁ ନାକେଦମ୍

ଭୁବନେଶ୍ୱର, ୯।୧୦(ସମିସ): ରାଜଧାନୀକୁ ସରସ ସୁନ୍ଦର କରିବାକୁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ମୁଖ୍ୟ ରାସ୍ତାଗୁଡ଼ିକ ପରସ୍ତ ଉପରେ ପରସ୍ତ କାମ କରାଯାଉଥିବା ବେଳେ ଅଧିକାଂଶ ଗଳିକନ୍ଦି ଓ ସର୍ଭିସ୍ ରାସ୍ତାର ବାସ୍ତବଚିତ୍ର ଅଲଗା। ରାସ୍ତା ଉପରେ ଚାହିଁ ବସିଛି ବିପଦ। କେଉଁଠି ରାସ୍ତା ଉପରେ ଖାଲ ଭର୍ତ୍ତି ହୋଇଛି ତ ଆଉ କେଉଁଠି ଉଠିଗଲାଣି ପିଚୁ ଓ କଂକ୍ରିଟ। ଫଳରେ ପ୍ରତିଦିନ ଦୁର୍ଘଟଣାର ଶିକାର ହେଉଛନ୍ତି ପଥଚାରୀ। ଦୀର୍ଘଦିନ ଧରି ଯାତ୍ରୀମାନେ ଏହି ସମସ୍ୟା ଭୋଗୁଥିଲେ ମଧ୍ୟ ଏଥିପ୍ରତି କାହାରି ନିଘା ନାହିଁ। ଏଭଳି ରାସ୍ତା ଦେଖିବାକୁ ମିଳିଛି ରାଜଧାନୀର ଏକ ପ୍ରମୁଖ ଜନଗହଳି ସ୍ଥାନରେ। ମଞ୍ଚେଶ୍ୱର ଶିଳ୍ପାଞ୍ଚଳରୁ ରଙ୍ଗମାଟିଆକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଭର୍ତ୍ତି ହୋଇଥିବା ବଡ଼ବଡ଼ ଖାଲରେ ପଡ଼ି ଦୁର୍ଘଟଣାର ଶିକାର ହେଉଛନ୍ତି ଯାତ୍ରୀ।



ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନମ୍ବର ୧୦ ଅଧୀନରେ ରହିଛି ଏହି ଜନଗହଳିପୂର୍ଣ୍ଣ ରାସ୍ତା। ରସୁଲଗଡ଼, ମଞ୍ଚେଶ୍ୱର, ଗାଡ଼କଣ, ରଙ୍ଗମାଟିଆ, ଭିଏସଏସନଗର ଆଦି ପ୍ରମୁଖ ସ୍ଥାନକୁ ସଂଯୋଗ କରୁଥିବା ଏହି ରାସ୍ତାରେ ସକାଳୁ ରାତି ପର୍ଯ୍ୟନ୍ତ ଶହଶହ ଲୋକ ଯାତାୟତ କରୁଛନ୍ତି। ବିଶେଷ କରି ସହର ଭିତରକୁ ଯିବାକୁ ହେଲେ ଏହି ରାସ୍ତା ଆଖପାଖ ଅଞ୍ଚଳର ଏକମାତ୍ର ଭରସା। ମଞ୍ଚେଶ୍ୱର ରେଲ ଷ୍ଟେସନ୍‌କୁ ପ୍ରତିଦିନ ଯାତ୍ରୀମାନେ ଯିବା ଆସିବା କରୁଥିବା ବେଳେ ପାଣିକାଦୁଅରେ ପଶି ଯିବାକୁ ପଡ଼ୁଛି। ଏହା ସାଙ୍ଗକୁ ଷ୍ଟେସନ୍ ନିକଟରେ ର୍‌ୟାକ୍ ପଏଣ୍ଟ ରହିଥିବାରୁ ଶହଶହ ସଂଖ୍ୟାରେ ଟ୍ରକ୍ ଭଳି ଭାରିଯାନ ଯାତାୟତ ଲାଗିଥାଏ। ମାଲବାହି ଟ୍ରେନ୍ ଯୋଗେ ଆସୁଥିବା ସିମେଣ୍ଟ, ହେଉ ଅବା ବିଭିନ୍ନ ସାମଗ୍ରୀ ଏଠାରେ ଅନଲୋଡ୍ କରାଯାଇ ଟ୍ରକ୍ ଯୋଗେ ସ୍ଥାନାନ୍ତର କରାଯାଇଥାଏ। ଏଥିପାଇଁ ଏକାଥରକେ ୧୦୦ରୁ ଊର୍ଦ୍ଧ୍ୱ ଟ୍ରକ୍ ଏହି ରାସ୍ତା ଦେଇ ଯାଇଥାନ୍ତି। ତା ସାଙ୍ଗକୁ ନିୟମିତ ସାଧାରଣ ଲୋକଙ୍କ ଯାତାୟତ, ସିଟିବସ୍, ଶିକ୍ଷାନୁଷ୍ଠାନ ଗୁଡ଼ିକ ପକ୍ଷରୁ ବସ୍ ଅବା ଭ୍ୟାନ୍, ଅଟୋ ଆଦି ଯାନବାହାନ ଚଳାଚଳ ହୋଇଥାଏ। ହେଲେ ରାସ୍ତା ଉପରେ ଭର୍ତ୍ତି ହୋଇଥିବା ଖାଲଖମାରେ ପଡ଼ି ପ୍ରତିଦିନ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଏନେଇ ବାରମ୍ବାର ଅଭିଯୋଗ କରାଯାଉଥିଲେ ବି ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବା ଅଞ୍ଚଳବାସୀ କହିଛନ୍ତି। ତେବେ ସବୁଠାରୁ ବଡ଼କଥା ହେଉଛି ଏହି ରାସ୍ତାରେ ବଡ଼ବଡ଼ ଖାଲ ଗୁଡ଼ିକ ରହିଥିବାରୁ ଅସରାଏ ବର୍ଷାରେ ପାଣି ଭର୍ତ୍ତି; ହୋଇଥାଏ। ଫଳରେ ଅଜଣା ବ୍ୟକ୍ତି ଏହି ରାସ୍ତାରେ ଯାଇ ଖାଲରେ ଫସିବା ସହ ବାଇକ୍ ଚାଳକମାନେ ପଡ଼ି ଆହତ ହେଉଥିବା ଦେଖିବାକୁ ମିଳିଛି। ଦୀର୍ଘଦିନ ଧରି ଏଭଳି ସମସ୍ୟା ଲାଗିରହିଥିଲେ ବି ଏଦିଗରେ କାହାରି ନଜର ପଡୁନି। ଏନେଇ ୱାର୍ଡର କର୍ପୋରେଟର ଏସ୍ କେ ନୁର୍ କହିଛନ୍ତି ଯେ ଏହି ରାସ୍ତାଟି ପ୍ରାୟ ବର୍ଷେ ହେବେ ଏଭଳି ଅବସ୍ଥାରେ ପଡ଼ି ରହିଥିବାରୁ ପ୍ରତିଦିନ କିଛି ନା କିଛି ଦୁର୍ଘଟଣା ଘଟୁଛି। ବିଶେଷ କରି ନିୟମିତ ବର୍ଷା ସାଙ୍ଗକୁ ଭାରିଯାନ ବହୁ ସଂଖ୍ୟାରେ ଯାତାୟତ କରୁଛି, ତେଣୁ ରାସ୍ତାରେ ଅଧିକ ଖାଲକମା ଭର୍ତ୍ତି ହେଉଛି। ରାସ୍ତା ମରାମତି ପାଇଁ ରେଲୱେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କାମ ହେଉନାହିଁ। ରାସ୍ତାଟି ରେଲୱେ ଅଧୀନରେ ରହିଥିବାରୁ ବିଏମ୍‌ସି ପକ୍ଷରୁ କିଛି କରାଯାଇପାରିବ ନାହିଁ।

## ଇପିଏଫ ପେନସନର୍ସ ସଙ୍ଘର ପ୍ରତିଷ୍ଠା ଦିବସ ପାଇଁ ପ୍ରସ୍ତୁତି



ଭୁବନେଶ୍ୱର, ୯।୧୦(ସମିସ): ଅଲ ଓଡ଼ିଶା ଇପିଏଫ ପେନସନର୍ସ ଆସୋସିଏସନର କୋର କମିଟି ବୈଠକ ବୟନିକା କର୍ମଚାରୀ ସଙ୍ଘ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଇଂ ବିଜୟକୁମାର ଜେନାଙ୍କ ସଭାପତିତ୍ୱରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ସର୍ବନିମ୍ନ ପେନସନ ବୃଦ୍ଧି ନିମନ୍ତେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ନିମନ୍ତେ ଆଲୋଚନାର ବିଷୟ ବସ୍ତୁ ଥିବା ବେଳେ ଏହା ସର୍ବଭାରତୀୟ ସଂଗଠନ ମାନଙ୍କ ସହ ଆଲୋଚନା ପୂର୍ବକ ସ୍ଥିର କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବର୍ଦ୍ଧିତ ପେନସନ ସହ ଏରିଅର ଯଥା ଶୀଘ୍ର ପ୍ରଦାନ ନିମନ୍ତେ ଆଞ୍ଚଳିକ ଇପିଏଫ ଆୟୁକ୍ତଙ୍କ ସହ ଆଲୋଚନା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ମୁଖ୍ୟତଃ ଇପିଏଫ ପେନସନର୍ସ ସଂଘର ଅଷ୍ଟମ ପ୍ରତିଷ୍ଠା ଦିବସ ଆସନ୍ତା ନଭେମ୍ବର ୩ତାରିଖରେ ପାଳନ ନିମନ୍ତେ ବିଭିନ୍ନ ଯୋଜନା ମାନ ଆଲୋଚନା କରାଯିବା ସହ ଏହାକୁ ସଫଳ କରିବାକୁ ସର୍ବସମ୍ମତି କ୍ରମେ ସ୍ଥିର ହୋଇଛି। ମୁଖ୍ୟ ଉପଦେଷ୍ଟା ରଞ୍ଜନ କୁମାର ଖୁଣ୍ଟିଆ, ସର୍ବଭାରତୀୟ ଉପସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ଦାସ, ଉପଦେଷ୍ଟା ମୁକ୍ତିକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦୁପାଟଣା ଅଙ୍ଗନବାଡ଼ି କେନ୍ଦ୍ରରେ ପୋଷଣ ମାସ

ନନ୍ଦନକାନନ, ୯।୧୦(ସମିସ): ଭୁବନେଶ୍ୱର ବ୍ଲକ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପୋଷଣ ମାସ ୨୦୨୫ କର୍ମଶାଳା ଗୁରୁବାର ଦାଡାପଞ୍ଚାୟତ କେନ୍ଦୁପାଟଣା ଅଙ୍ଗନବାଡି -୨ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି।

ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ସିଡିପିଓ ଶର୍ମିଷ୍ଠା ଚକ୍ରବର୍ତ୍ତୀ ଯୋଗଦେଇ କହିଲେ ପୋଷଣ ମାସ ଆମ ସମାଜରେ ପ୍ରତ୍ୟେକ ମା' ଓ ଶିଶୁଙ୍କ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧିର ଏକ ମହତ୍ୱପୂର୍ଣ୍ଣ ଅବସର। ଶିଶୁ ଓ ଗର୍ଭବତୀ ମହିଳାଙ୍କ ପୋଷଣ ଉନ୍ନତି ପାଇଁ ସରକାର ଓ ମିଶନ୍ ଶକ୍ତି ବିଭାଗ ବିଭିନ୍ନ ଯୋଜନା ଗ୍ରହଣ କରିଛନ୍ତି ଓ ସେଗୁଡିକୁ ଗ୍ରାମାଞ୍ଚଳର ତଳସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ଆମ ସମସ୍ତଙ୍କ ଦାୟିତ୍ୱ। ଶିଶୁଟିଏ



ଯେତେବେଳେ ଜନ୍ମ ନେଇଥାଏ, ସେବେଠାରୁ ନିଜ ଶରୀର ଓ ମାନସିକ ବିକାଶ ପାଇଁ ସଠିକ ପୋଷଣ ଆବଶ୍ୟକ। ଗ୍ରାମରେ ସମସ୍ତ ଗର୍ଭବତୀ ମହିଳା, ଶିଶୁ ଓ କିଶୋରୀମାନେ ଯେପରି ସୁପୋଷିତ ହୁଅନ୍ତି, ଏହାକୁ ଆମେ ସମସ୍ତେ ମିଶି ନିଶ୍ଚିତ କରିବାକୁ ଆହ୍ୱାନ ଦେଇଥିଲେ। ସୁସ୍ଥ ମା' ହେଉଛି ସୁସ୍ଥ ଶିଶୁର ଜନନୀ ଏବଂ ସୁସ୍ଥ ଶିଶୁ ହେଉଛି ଦେଶର ଆଗାମୀ ଶକ୍ତି ବୋଲି ଉତ୍କଳମଣି ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ପ୍ରଦୀପ କୁମାର ଦାସ କହିଥିଲେ। ପୋଷଣ ଅଭିଯାନକୁ ସଫଳ କରିବା ପାଇଁ ପ୍ରତି ପଞ୍ଚାୟତ ସ୍ତରୀୟ ସ୍ୱାସ୍ଥ୍ୟ କେନ୍ଦ୍ର, ଅଙ୍ଗନବାଡ଼ି କେନ୍ଦ୍ର ଓ ମିଶନ ଶକ୍ତି ଗୋଷ୍ଠୀଙ୍କ ମିଳିତ ଉଦ୍ୟମ ଆବଶ୍ୟକ। ଯଦି ପ୍ରତ୍ୟେକ ଗ୍ରାମରେ ସୁପୋଷିତ ମା' ଓ ସୁସ୍ଥ ଶିଶୁ ରହିବେ, ତାହାହେଲେ ଦାଡାପଞ୍ଚାୟତ ନିଶ୍ଚୟ ଭୁବନେଶ୍ୱର ବ୍ଲକରେ ଆଦର୍ଶ ହେବ। ସୁପଭାଇଜର ମଞ୍ଜୁଲତା ବେହେରା, ସ୍ୱୟଂସହାୟକ ଗୋଷ୍ଠୀର ସଭାନେତ୍ରୀ ଭାଗ୍ୟଶ୍ରୀ ପ୍ରିୟଦର୍ଶୀନୀ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଯୋଗଦେଇଥିବା ଶିଶୁ କିଶୋରୀ ଓ ମା' ମାନଙ୍କୁ ପୁରସ୍କୃତ କରାଯାଇଥିଲା। କର୍ମଶାଳାକୁ ଅଙ୍ଗନବାଡି କର୍ମୀ ଶିବାନୀ ବିଶୋଇ ପରିଚାଳନା କରିଥିଲେ।

## ଅଙ୍କୁର ଫାଉଣ୍ଡେସନ ପକ୍ଷରୁ ଶିଶୁ ସାହିତ୍ୟ ଉତ୍ସବ ଦୁଇରୁ

ଭୁବନେଶ୍ୱର, ୯।୧୦(ସମିସ): ଅଙ୍କୁର ଫାଉଣ୍ଡେସନ ଦ୍ୱାରା ଆସନ୍ତା ନଭେମ୍ବର ୨ ଓ ୩ ତାରିଖରେ ୭ମ ରାଷ୍ଟ୍ରୀୟ/ରାଜ୍ୟ ସ୍ତରୀୟ ଶିଶୁ ସାହିତ୍ୟ ଉତ୍ସବ ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟର ପ୍ରାୟ ୨ ଶହ ପିଲା ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି କହିଛନ୍ତି ଅଙ୍କୁର ଫାଉଣ୍ଡେସନର ଚେୟାରମ୍ୟାନ ଚିନ୍ମୟୀ ପଣ୍ଡା।

ଏହି ଉତ୍ସବରେ ପୁସ୍ତକ ପଠନ, ଗଳ୍ପ କଥନ, ଚିତ୍ରକଳା, ସିନେମା, ସଙ୍ଗୀତ, କଣ୍ଢେଇ ନୃତ୍ୟ ଆଦି ମାଧ୍ୟମରେ ପିଲାମାନଙ୍କୁ ସାହିତ୍ୟର ବିଭିନ୍ନ ଦିଗ ସହ ପରିଚିତ କରାଯିବ। ଏହା ସହିତ ବିଭିନ୍ନ ପ୍ରଖ୍ୟାତ ଶିଶୁ ସାହିତ୍ୟିକଙ୍କ ସମାଗମ ମଧ୍ୟ ହେବ, ଯେଉଁମାନେ ପିଲାମାନଙ୍କ ସହ ସାହିତ୍ୟ ଓ ସଂସ୍କୃତି ବିଷୟରେ ଆଲୋଚନା କରିବେ। ଅଙ୍କୁର ଫାଉଣ୍ଡେସନ ଦୀର୍ଘ ବର୍ଷ ଧରି ଓଡ଼ିଶାରେ ଅବହେଳିତ ପିଲାମାନଙ୍କ ଶିକ୍ଷା, କଳା ଓ ସଂସ୍କୃତି ପ୍ରୋତ୍ସାହନ କ୍ଷେତ୍ରରେ କାର୍ଯ୍ୟ କରୁଛି। ଏହି ଉତ୍ସବ ମାଧ୍ୟମରେ ପିଲାମାନଙ୍କୁ ସାହିତ୍ୟ ଓ ସଂସ୍କୃତିର ଏକ ସୁନ୍ଦର ପରିବେଶ ମିଳିବ ବୋଲି ଆୟୋଜକମାନେ ଆଶା ରଖିଛନ୍ତି।

## ସୋଆ ଛାତ୍ରଛାତ୍ରୀଙ୍କ ଗ୍ରାଜୁଏସନ୍ କାର୍ଯ୍ୟକ୍ରମ-୨୦୨୫



ଭୁବନେଶ୍ୱର, ୯।୧୦(ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ବିଭିନ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ନିମନ୍ତେ ସ୍ୱତନ୍ତ୍ର ଭାବେ ଗ୍ରାଜୁଏସନ୍ କାର୍ଯ୍ୟକ୍ରମ-୨୦୨୫ ଆୟୋଜିତ ହୋଇଯାଇଛି। ସେପ୍ଟେମ୍ବର ୧୬ ତାରିଖରୁ ଆରମ୍ଭ ହୋଇଥିବା ଏହି ଗ୍ରାଜୁଏସନ୍ କାର୍ଯ୍ୟକ୍ରମ ଉଦ୍‌ଯାପନ ଦିବସରେ ପ୍ରାୟ ୪ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଡିଗ୍ରୀ ଗ୍ରହଣ କରିଛନ୍ତି। ବୁଧବାର ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ (ଏସ୍‌ଏନଆଇଏଲ) ରୁ ଆଇନ୍ ପାଠ୍ୟକ୍ରମରେ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନର କ୍ୟାମ୍ପସ୍‌ରେ ଆୟୋଜିତ ଗ୍ରାଜୁଏସନ୍ କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରିଥିଲେ। ଏଥିରେ ସୋଆର କଣ୍ଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପ୍ରଫେସର ମଞ୍ଜୁଳା ଦାସ, ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟଙ୍କ ସମେତ ବିଭାଗୀୟ ମୁଖ୍ୟ ଏବଂ ଫ୍ୟାକଲ୍ଟିସଦସ୍ୟମାନେ ଉପସ୍ଥିତ ଥିଲେ। ପୂର୍ବରୁ ସୋଆ କୃଷି ମହାବିଦ୍ୟାଳୟ, ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍ (ଆଇଏଏସ୍) ର ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ସେହିପରି ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲର ପୋଷ୍ଟଗ୍ରାଜୁଏଟ୍ ଏବଂ ସୁପରସ୍ପେଶିଆଲିଟି ବିଭାଗର ଛାତ୍ରଛାତ୍ରୀ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ୍ ସାଇନ୍‌ସେସ୍ (ଆଇଡିଏସ୍) ର ଛାତ୍ରଛାତ୍ରୀ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ ଏବଂ ସ୍କୁଲ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ ସ୍କୁଲ ଅଫ୍ ଫାର୍ମାସ୍ୟୁଟିକାଲ୍ ଷ୍ଟଡିଜ୍ (ଏସ୍‌ପିଏସ୍) ଏବଂ ସମ ନର୍ସିଂ କଲେଜ, ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଛି। ଆଇଟିଇଆରର ୨ଦିନିଆ ଗ୍ରାଜୁଏସନ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ୱିପ୍ରୋ ଲିମିଟେଡ୍‌ର ଗ୍ରୁପ୍ ହେଡ ଥିରୁନାଭୁକାରାସୁ ପାଲାନିୟାପନ ଏବଂ ଡେଲଏଟ୍ ସାଉଥ୍ ଏସିଆ/ଭୁବନେଶ୍ୱର ଇଣ୍ଡିଆର ଟେକ୍ନୋଲଜି ଆଣ୍ଡ ଟ୍ରାନ୍ସଫର୍ମେସନ୍ ଇଞ୍ଜିନିୟରିଂ, ଏଆଇ ଆଣ୍ଡ ଡାଟାର ନିର୍ଦ୍ଦେଶକ ବିକାଶ ପାଣିଗ୍ରାହୀ, ଏଲ୍ ଆଣ୍ଡ ଟି ଟେକ୍ନୋଲଜି ସର୍ଭିସେସ୍‌ର ଇଞ୍ଜିନିୟରିଂ ଏକାଡେମିର ଗ୍ଲୋବାଲ ହେଡ ଡ. ପି.ବି କୋଟୁର ପ୍ରମୁଖ ଉପସ୍ଥିତ ଥିଲେ। (ସୁମିତ୍ରା)

## ଜୟକୃଷ୍ଣ ପାଣିଗ୍ରାହୀଙ୍କୁ ବନ୍ୟପ୍ରାଣୀ ପୁରସ୍କାର



ଭୁବନେଶ୍ୱର, ୯।୧୦(ସମିସ): ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ 'ବନ୍ୟପ୍ରାଣୀ ସଂରକ୍ଷଣ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ପୁରସ୍କାର' ଭୁବନେଶ୍ୱର ବନଖଣ୍ଡ ପକ୍ଷରୁ ଚଳିତ ବର୍ଷ ଓଡ଼ିଶା ପରିବେଶ ସମିତିର କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କୁ ପ୍ରଦାନ କରାଯାଇଛି। ଜାତୀୟ ବନ୍ୟଜୀବ ସପ୍ତାହ ପାଳନ ଅବସରରେ ଖୋର୍ଦ୍ଧା ବନଖଣ୍ଡ କାର୍ଯ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀ ଲାଡ୍ଢେ ଗଜାନନ ଓ ଅନ୍ୟ ଅତିଥିମାନଙ୍କ ଉପସ୍ଥିତିରେ ଏହି ସମ୍ମାନ ଡ. ପାଣିଗ୍ରାହୀଙ୍କୁ ପ୍ରଦାନ କରାଯାଇଛି। ପରିବେଶ କ୍ଷେତ୍ରକୁ ତାଙ୍କର ନିରନ୍ତର ଅବଦାନ ପରିପ୍ରେକ୍ଷୀରେ ସେ ପୂର୍ବରୁ ବିଜୁ ପଟ୍ଟନାୟକ ବନ୍ୟଜୀବ ପୁରସ୍କାର, ଜାନକୀ ବଲ୍ଲଭ ପଟ୍ଟନାୟକ ପରିବେଶ ପୁରସ୍କାର, ପ୍ରକୃତି ବନ୍ଧୁ ପୁରସ୍କାର, ନଗରବନ୍ଧୁ ପୁରସ୍କାର ତଥା ଅନ୍ୟ ୨୦ରୁ ଅଧିକ ପୁରସ୍କାରରେ ଉଭୟ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନମାନଙ୍କ ଦ୍ୱାରା ସମ୍ମାନିତ ହୋଇ ସାରିଛନ୍ତି।

## ଝାଁଳା କପ୍: ସେମି ଫାଇନାଲ୍‌ରେ ଅଠାରଙ୍ଗ ଓ ଗୁରୁଜଙ୍ଗ




ଝାଁଳା, ୯।୧୦(ସମିସ): ସ୍ଥାନୀୟ ରାଧାମାଧବ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଝାଁଳା କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲରେ କୁରାଡମଲ୍ଲକୁ ୫୨ ରନ୍ ରେ ହରାଇ ଅଠାରଙ୍ଗ ସେମିଫାଇନାଲରେ ପ୍ରବେଶ କରିଛି। ଅଠାରଙ୍ଗ ଦଳର ପ୍ରବିଣ ମହାପାତ୍ର ମ୍ୟାନ୍ ଅଫ୍ ଦ ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ପାନବରଜକୁ ୫ ଉଇକେଟରେ ହରାଇ ଗୁରୁଜଙ୍ଗ ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁଜଙ୍ଗ ଦଳର ଅସିତ ପରିଡ଼ା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସନ୍ତୋଷ ସ୍ୱାଇଁ, ପ୍ରତାପ୍ ବେହେରା ଓ ଅନିଲ ପରିଡ଼ା ମ୍ୟାଚ୍ ପରିଚାଳନା କରିଥିଲେ।

# ଓଡ଼ିଆ ଜାତିର ଶ୍ରେଷ୍ଠ ସେବକଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୯।୧୦(ସମିସ): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୮ ତମ ଜୟନ୍ତୀ ଅବସରରେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଞ୍ଜଳି ସଭା ସମେତ ସେବା କାର୍ଯ୍ୟାର ଶୁଭାରମ୍ଭ କରାଯାଇଥିଲା। ବିଭିନ୍ନ ରାଜନୈତିକ ଦଳଠାରୁ ଆରମ୍ଭ କରି ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ ଏଥିରେ ସାମିଲ ହୋଇ ଓଡ଼ିଆ ଜାତିର ସେବକଙ୍କ ସେବା ମନୋବୃତ୍ତିକୁ ସ୍ମରଣ କରିଥିଲେ।

### ବିଧାନସଭା ପରିସରରେ ଗୋପବନ୍ଧୁଙ୍କ ଜୟନ୍ତୀ



ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୮ ତମ ଜୟନ୍ତୀ ପାଳନ ଅବସରରେ ବିଧାନସଭା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ଉପବାଚସ୍ପତି ଭାବନୀଶଙ୍କର ଭୋଇ, ସରକାରୀ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ବାବୁ ସିଂଙ୍କ ସମେତ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଲକ୍ଷ୍ମୀକାନ୍ତ ପାଲିତ ଓ ସାଥୀ କଳାକାରମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ ପରିବେଷିତ ହୋଇଥିଲା। ସୁଶ୍ରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଗୋପବନ୍ଧୁ ଛକରେ ଶ୍ରଦ୍ଧାଞ୍ଜଳି ସଭା

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ୧୪୮ତମ ଜନ୍ମଜୟନ୍ତୀ ଗୋପବନ୍ଧୁ ଛକରେ ପାଳିତ ହୋଇଯାଇଛି। ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲ ଯୋଗ ଦେଇ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ



ବିଧାୟକ ବାବୁ ସିଂ, ରାଜ୍ୟ ମୁଖପାତ୍ର ସୁଦିପ୍ତ ରାୟ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ଓ ପ୍ରିୟଦର୍ଶୀ ମିଶ୍ରଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ।

### ବିଜେଡି ପକ୍ଷରୁ ଉତ୍କଳମଣିଙ୍କୁ ଶ୍ରଦ୍ଧାଞ୍ଜଳି




ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ଗୋପବନ୍ଧୁ ଛକଠାରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ ପରିଡ଼ା, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ସମାଜସେବୀ ମନୋରଞ୍ଜନ ମହାନ୍ତି, ଅରବିନ୍ଦ ତ୍ରିପାଠୀ, ଭୁବନାନନ୍ଦ ପାଣି, ଅରକ୍ଷିତ ମହାକୁର ପ୍ରମୁଖ ଯୋଗଦାନ କରି ଉତ୍କଳମଣିଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅମିତ୍ ପାତାଳ ସିଂ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

### ସେବା ଦିବସରେ ରକ୍ତଦାନ ଶିବିର

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ତଥା 'ସେବା ଦିବସ' ଅବସରରେ ଉତ୍କଳ ବିପନ୍ନ ସହାୟତା ସମିତ ପକ୍ଷରୁ ସମିତିର ମଞ୍ଚେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ କ୍ୟାପିଟାଲ ହସ୍ପିଟାଲ ହୃଦ୍‌ରୋଗ ବିଶେଷଜ୍ଞ ତଥା ନିର୍ଦ୍ଦେଶକ ପ୍ରଫେସର ଡ. ପ୍ରଭାତ କୁମାର ଦାଶ, ବ୍ଲଡ ବ୍ୟାଙ୍କ୍ ଅଫିସର ଡ. ଦେବାଶିଷ ମିଶ୍ର, ଆର୍‌ଏସ୍‌ଏସ୍‌ର ପୂର୍ବକ୍ଷେତ୍ର ସେବା ପ୍ରମୁଖ ଦୀପକ କୁମାର ରାଉତ ଉଦ୍‌ଘାଟନ କରିଥିଲେ। ସମିତିର ସଭାପତି ଅଭୟ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରକୁ ରୁଦ୍ରନାରାୟଣ ମହାପାତ୍ର ସଂଯୋଜନା କରିଥିବା ବେଳେ ସମିତିର କୋଷାଧ୍ୟକ୍ଷ ନାରାୟଣ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରୁ ୧୧୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

### ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳମଣିଙ୍କ ଜୟନ୍ତୀ

ସେହିଭଳି ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉପଲକ୍ଷେ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ଉପଦେଷ୍ଟା ପଦ୍ମଚରଣ ନାୟକ ଅତିଥି ଭାବେ ଯୋଗ ଦେଇହିଥିଲେ। ସମ୍ମିଳନୀର ରାଜ୍ୟ ସଭାପତି ଅନନ୍ତ ପ୍ରସାଦ ଜେନା ସଭାପତିତ୍ୱ କରିଥିଲାବେଳେ ସମ୍ମିଳନୀର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା ସଭା ପରିଚାଳନା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ସମ୍ମିଳନୀର ଉପସଭାପତି ଡ. ସୁରେନ୍ଦ୍ର ମିଶ୍ର, ଶାଖା ଉପଦେଷ୍ଟା ନିମାଇଁ ଚରଣ ଦାସ, ଉପସଭାପତି ଶିତଳ ଚନ୍ଦ୍ର ମହାନ୍ତି ପ୍ରମୁଖ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।






## ଲିଙ୍ଗରାଜ ମନ୍ଦିରରେ ସିସିଟିଭି ନଷ୍ଟ ହେବା ଘଟଣା

# ଏଏସ୍ଆଇକୁ ଦାୟୀକଲେ ସେବାୟତ

ଭୁବନେଶ୍ୱର, ୯ ।୧୦(ସମିସ): କାର୍ତ୍ତିକ ମାସ ଚାଲିଥିବାରୁ ମନ୍ଦିରରେ ଶ୍ରଦ୍ଧାଳୁମାନଙ୍କ ଧାଡ଼ି ଲାଗିଥିଲା ହେଲେ ବୁଧବାର ବର୍ଷାରେ ଲିଙ୍ଗରାଜ ମନ୍ଦିରର ଘଡ଼ଘଡ଼ି ମାରିବା ସହ ପତାକା ପୋଡ଼ିବା ଏବଂ ବଲ୍ବ ଆଦି ଭାଙ୍ଗିବା ସହ ଶ୍ରଦ୍ଧାଳୁଙ୍କ ସମେତ ସେବାୟତମାନେ ମଧ୍ୟ ବଜ୍ରପାତର ଶକ୍ତଝଟ୍କା ଅନୁଭବ କରିଛନ୍ତି । ଏଥିସହିତ ୪୦ଟା ସିସିଟିଭି ମଧ୍ୟରୁ ୨୦ ରୁ ଅଧିକ ଖରାପ ହେବା ସହ ଗର୍ଭ ଗୃହରେ ବଲ୍ବ ଫାଟି ଠାକୁରଙ୍କ ଉପରେ ପଡ଼ିଲା । ଯାହାଦ୍ୱାରା ମନ୍ଦିର ଭିତରେ ଥିବା ବଲ୍ବ ମଧ୍ୟ ପୋଡ଼ି ହୋଇ ଯାଇଛି । ଏହାକୁ ନେଇ ଗୁରୁବାର ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ସମସ୍ତ ସେବାୟତମାନେ ମିଶି ଏଏସ୍ଆଇ ବିରୋଧରେ ଧାରଣା ଦେଇଥିଲେ । ସେବାୟତଙ୍କ ପକ୍ଷରୁ କୁହାଯାଇଛି ଯେ ଏଏସ୍ଆଇ ବା ଆର୍କୋଲୋଜିକାଲ୍ ସର୍ଭେ ଅଫ୍ ଇଣ୍ଡିଆ (ଏଏସ୍ଆଇ) ପକ୍ଷରୁ ମନ୍ଦିରରୁ ପୁରୁଣା ଆର୍ଥି କାଢ଼ି ଦୁଇ ଦୁଇ ଥର ନୂତନ ଆର୍ଥି ଲଗାଇଥିଲେ । ପ୍ରଥମେ କେବୁଲ୍ ଆର୍ଥି ଓ ପରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ନୂତନ ଆର୍ଥି ଲଗାଇଲେ । ହେଲେ ଏହି ଆର୍ଥି କରିବା ପରେ କୌଣସି ଡ଼େମୋ ଦେଖାଇ ନାହାନ୍ତି । ମନଇଚ୍ଛା ବିଲ୍ ପାସ୍ କରିଦେଇ ଚାଲିଗଲେ । ଯାହାଦ୍ୱାରା ଏବେ ଆର୍ଥି ଲାଗି ମଧ୍ୟ ମନ୍ଦିରରେ ଏତେ କ୍ଷୟକ୍ଷତି ହେଲା ବୋଲି ଅଭିଯୋଗ ହୋଇଛି । ଏଥିସହିତ ଯଦି ଶ୍ରଦ୍ଧାଳୁଙ୍କର କିଛି ଆସୁବିଧା ହୋଇଥାନ୍ତି କି ଆଗକୁ ହେବ ତେବେ କିଏ ଦାୟୀ ରହିବ ବୋଲି ସେବାୟତ ମାନେ କହିଛନ୍ତି ।


ଏଥିସହିତ ସେବାୟତଙ୍କ ମଧ୍ୟରୁ ଆହୁରି କୁହାଯାଇଛି ଏହି ଆନ୍ଦୋଳନରେ ଠାକୁରଙ୍କର ନିତିକାନ୍ତିରେ କୈଣସି ବାଧା ସୃଷ୍ଟି ହେବ ନାହିଁ । ହେଲେ ଏହି ଏଏସ୍ଆଇ ପକ୍ଷରୁ ଏହି ନିମ୍ନ ମାନର କାମକୁ ବନ୍ଦ କରାଯାଉ ଏବଂ ମନ୍ଦିର ପ୍ରତି ସଠିକ୍ ଦୃଷ୍ଟି ରହୁ । ମନ୍ଦିରର ଯେଉଁ ନକଲି ଆର୍ଥି କାମ କରାଯାଇଛି ତାହାକୁ ଭଲରେ କରାଯାଉ ବୋଲି ସେବାୟତଙ୍କ ପକ୍ଷରୁ କୁହାଯାଉଛି । ଯଦି ଏଏସ୍ଆଇ ପକ୍ଷରୁ ମନ୍ଦିରର ଆର୍ଥି ପ୍ରତି ଆଗକୁ କୈଣସି ପଦକ୍ଷେପ ନିଆନଯାଏ ତେବେ ଆନ୍ଦୋଳନ ଆଗକୁ ଜାରି ରହିବ ବୋଲି ବେବାୟତଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି । ଏହି ଧାରଣାରେ ଲିଙ୍ଗରାଜ ମନ୍ଦିରର ସୁପରଭାଇଜର ରାଜ କିଶୋର ମହାପାତ୍ର, ପପୁ ମକଦମ୍, ପିଣ୍ଟୁ ମକଦମ୍, ଅର୍ମାନ ସାମନ୍ତରାୟ, ଶକ୍ତି ପ୍ରସାଦ ମହାପାତ୍ର, ମୌସମ୍ ବଡୁ ପ୍ରମୁଖ ଉପସ୍ଥିତ ରହିଥିଲେ ।



ଡେମୋ ନ ଦେଖାଇ ବିଲ୍ ପାସ୍ କରିନେଲେ

ଅନ୍ୟ ପକ୍ଷରେ ଲିଙ୍ଗରାଜ ମନ୍ଦିରରେ ଏଆସ୍ଆଇର ୪ଜଣିଆ ସହସ୍ୟ ପହଞ୍ଚି ମନ୍ଦିରର ସ୍ଥିତି ଆନୁଧ୍ୟାନ କରି ଫେରିଛନ୍ତି । ଏନେଇ ଏଏସ୍ଆଇର ମୁଖ୍ୟ ନନ୍ଦ କିଶୋର ସ୍ୱାଇଁ କୁହନ୍ତି ଲିଙ୍ଗରାଜ ମନ୍ଦିର ସମ୍ପୂର୍ଣ୍ଣ ଭାବରେ ସୁରକ୍ଷିତ ରହିବା ସହ କୈଣସି କ୍ଷୟକ୍ଷତି ହୋଇନାହିଁ । ଯେଉଁ ପତକା ପୋଡ଼ିବା କଥା କୁହାଯାଉଛି ପତକା ପୋଡ଼ି ନାହିଁ ଚିରିବା ସହ ଅନ୍ୟ କୈଣସି କ୍ଷୟକ୍ଷତି ହୋଇନାହିଁ ବୋଲି ସେ କହିଛନ୍ତି । ମନ୍ଦିରର ସ୍ଥିତି ଅନୁଧ୍ୟାନ କରିବା ବେଳେ ଏଏସ୍ଆଇର ଡ଼େପୁଟି ସୁପରିନଟେଣ୍ଡେଣ୍ଟ ଆର୍କୋଲୋଜିଷ୍ଟ ସଞ୍ଜୟ ପଣ୍ଡା, ଇଞ୍ଜିନିୟର ଚିତ୍ତରଞ୍ଜନ ଦାସ, କଞ୍ଜରଭେସନ୍ ଆସିଷ୍ଟାଣ୍ଟ ମାନସ ସାହୁ ଉପସ୍ଥିତ ରହିଥିଲେ ।

## ଦୁଷ୍କର୍ମ ଉଦ୍ୟମ ଅଭିଯୋଗରେ ଗିରଫ



ଭୁବନେଶ୍ୱର, ୯।୧୦ (ସମିସ): ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି ମଳିପଡ଼ା ସାଇ ପ୍ରତିକ୍ ଆପାର୍ଟମେଣ୍ଟରେ ରହୁଥିବା ମାନସ ରଞ୍ଜନ ଦାଶ (୪୫) । ପୁଲିସ ସୂଚନାନୁସାରେ, ଶ୍ୟାମପୁର ଅଞ୍ଚଳର ଜଣେ ମହିଳା ମାନସ ଓ ତାଙ୍କ ପତ୍ନୀଙ୍କୁ ୨୦୨୨ ମସିହାରୁ ଜାଣିଥିଲେ । ମହିଳାଙ୍କର ପଟିଆ ଛକରେ ଥିବା ଦୁଇଟି ଫ୍ଲାଟକୁ କିଣିବା ଲାଗି ମାନସ ସ୍ଥିର କରିବା ସହିତ ଅଗ୍ରୀମ ବାବଦକୁ ୨୭ ଲକ୍ଷ ଟଙ୍କା ଦେଇଥିଲା ଓ ବାକି ଟଙ୍କା ଫ୍ଲାଟ୍ ପଞ୍ଜିକରଣ ସମୟରେ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲା । ହେଲେ ମାନସ ଓ ତା'ର ପତ୍ନୀ ବାକି ଟଙ୍କା ନଦେବାକୁ କଥାବାର୍ତ୍ତା ହେଉଥିବା ମହିଳା ଜଣକ ଜାଣିବାକୁ ପାଇଥିଲେ । ମହିଳା ଜଣକ ଏନେଇ ଆଲୋଚନା କରିବା ପାଇଁ ମାନସକୁ ଗତ ଜୁଲାଇ ୧୦ ତାରିଖ ଦିନ ଶ୍ୟାମପୁର ସ୍ଥିତ ଘରକୁ ଡାକିଥିଲେ । ମାନସ ଆଲୋଚନା କରିବା ଲାଗି ଯାଇଥିବାବେଳେ ମହିଳାଙ୍କୁ ପ୍ରେମ ନିବେଦନ କରିଥିଲା । ମହିଳାଙ୍କୁ ଅଶାଳୀନ ବ୍ୟବହାର କରିବା ସହ ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲା । ମହିଳା ଜଣକ କୌଣସି ମତେ ମାନସ କବଳରୁ ନିଜକୁ ରକ୍ଷା କରି ନେଇଥିଲେ । ଏନେଇ ସେ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା । ଜୁଲାଇ ୨୪ ତାରିଖ ରାତିରେ ପୁଲିସ ମାନସକୁ କାବୁ କରିବାକୁ ବକ୍ସି ବଜାର ସ୍ଥିତ କୁଳଦୀପ ଜୀ ଜାତୁକର ଘରେ ଚଢ଼ଉ କରିଥିଲା । ହେଲେ କୁଳଦୀପ ମାନସକୁ ଖସାଇ ଦେବା ସହିତ ପୁଲିସ ସହିତ ଯୁକ୍ତିତର୍କ କରିଥିଲେ । ଫଳରେ ମାନସ ଖସି ଯାଇଥିବା ବେଳେ ଆତ୍ମଗୋପନରେ ସହଯୋଗ କରିଥିବା ଅଭିଯୋଗରେ କୁଳଦୀପକୁ ଗିରଫ କରିଥିଲା ପୁଲିସ । ସେବେଠାରୁ ଫେରାର ଥିବା ମାନସକୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି ।

## ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ଗୋପବନ୍ଧୁ ଜୟନ୍ତୀ



ଭୁବନେଶ୍ୱର, ୯।୧୦(ସମିସ): ଭୁବନେଶ୍ୱରଠାରେ ବିଶ୍ୱ ଓଡ଼ିଆ ପରିବାରର କାର୍ଯ୍ୟାଳୟରେ ଅନୁଷ୍ଠିତ ଉତ୍କଳ ମଣି ଗୋପବନ୍ଧୁଙ୍କ ଜୟନ୍ତୀ ଅବସରରେ ମୁଖ୍ୟ ଅତିଥି ଭାବରେ ଶିକ୍ଷାବିତ୍ ପ୍ରଫେସର ଡ. ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଯୋଗଦେଇ କହିଛନ୍ତି ଯେ, ଗୋପବନ୍ଧୁଙ୍କ ଦାନ କେବଳ ଓଡ଼ିଶା ନୁହେଁ ସମଗ୍ର ଦେଶ ପାଇଁ ଅତୁଳନୀୟ । ଗୋପବନ୍ଧୁ ଏବେବି ପ୍ରତ୍ୟେକ ଓଡ଼ିଆର ପ୍ରାଣରେ, ହୃଦୟରେ ରହିଛନ୍ତି । ଏହିଭଳି ମହାପୁରୁଷ ସମଗ୍ର ଦେଶରେ ବିରଳ ବୋଲି ସେ କହିଛନ୍ତି ।

କାର୍ଯ୍ୟକ୍ରମରେ 'ବିଶ୍ୱ ଓଡ଼ିଆ ପରିବାର'ର ଅଧ୍ୟକ୍ଷ ସଜ୍ଜନ ଶର୍ମା ସଭାପତିତ୍ୱ କରିଥିବା ବେଳେ କାର୍ଯ୍ୟକ୍ରମରେ ଭବାନୀ ପ୍ରସାଦ ମିଶ୍ର, ଉତ୍କଳ ସମ୍ମିଳନୀରେ ସମ୍ପାଦକ ହରିହର ମିଶ୍ର, ଶ୍ରମିକ ନେତା କୃଷ୍ଣଚନ୍ଦ୍ର ଲେଙ୍କା, କୂଳମଣି ରାଉତ, ପରିବେଶବିତ୍ ଡ଼.ହାଡିବନ୍ଧୁ ପାଣିଗ୍ରାହୀ, ଡ଼.ପ୍ରତାପ ପାଣି, ପୂର୍ବତନ ଶିକ୍ଷା ବିଭାଗର ସହ ନିର୍ଦ୍ଦେଶିକା ଡ଼.ପ୍ରୀତିପ୍ରତିଭା ଭୋଳ, ଶ୍ରୀଧର ଦାଶ, ସାଧୁଚରଣ ବେହେରା, ପୂର୍ବତନ ବୟନ ଶିଳ୍ପ ନିର୍ଦ୍ଦେଶକ ରାଜା ପରିଜା, ବିଶିଷ୍ଟ ଫେସନ୍ ଡିଜାଇନର ଶ୍ରୀମତୀ ସୌଜନ୍ୟା ପାଣି, ଶେଷ କୁମାର ମେହେର, ଓୟୁଟିଆରର ପ୍ରଫେସର ଡ. ଅସିମାନନ୍ଦ ଖଣ୍ଡାଲ୍, ଡ଼.ଅଶ୍ୱନୀ କୁମାର ଦାସ, ରଜନୀକାନ୍ତ ସାହୁ, ରଞ୍ଜିତ କୁମାର ସାହୁ, ସୌମ୍ୟ ରଞ୍ଜନ ଦାଶ, ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ଯୋଗାଚାର୍ଯ୍ୟ ଡ଼.ବିଶ୍ୱ ରଞ୍ଜନ ରଥ, ପ୍ରମୋଦ କୁମାର ମହାନ୍ତି, ଭାରତୀ ମିଶ୍ର, ଆରତି ମିଶ୍ର, ରାଜମିତ୍ରା ପ୍ରହରାଜ, ସୁବ୍ରତ ନାୟକ, ଦେବାଶିଷ ନାୟକ, ପ୍ରଦୀପ ସାହୁ, ସାଗତିକା ଧଳ, ଦିଲ୍ଲୀପ କୁମାର ପଟ୍ଟନାୟକ, ରଞ୍ଜନ କୁମାର ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ଏକାମ୍ର ନିର୍ବାଚନ ମଣ୍ଡଳୀରେ ଜନସମ୍ପର୍କ ପଦଯାତ୍ରା

# ସରକାରଙ୍କ ଉପରେ ବର୍ଷିଲେ ବିଜେଡି ନେତୃବୃନ୍ଦ

### ରାଜ୍ୟ ବିଜେପି ସରକାରଙ୍କ ଉପରୁ ଆସ୍ଥା ହରାଇଲେଣି ଜନସାଧାରଣ

ଭୁବନେଶ୍ୱର, ୯।୧୦(ସମିସ): ଗୁରବାର ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉପଲକ୍ଷେ ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀରେ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଆ । ।ରମ୍ଭ ହୋଇଛି । ଡୁମୁଡୁମା କିଡସ୍ ହସ୍ପିଟାଲ ଛକଠାରୁ ଏହି ପଦଯାତ୍ରା ବାହାରି ମୁନ୍ ମଣ୍ଡପ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଏହାପରେ ସେଠାରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ଦଳୀୟ ନେତାମାନେ ରାଜ୍ୟ ବିଜେପି ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି । ମାତ୍ର ୧୫ ମାସରେ ରାଜ୍ୟ ସରକାରଙ୍କ ଅପରାଗତା, ବିଫଳତା ପଦାକୁ ଆସିଛି । ରାଜ୍ୟରେ ଆଇନ ଶୃଙ୍ଖଳା ବ୍ୟବସ୍ଥା ଭୁଷୁଡ଼ି ପଡ଼ିଥିବା ବେଳେ ଜନସାଧାରଣ ଏ ସରକାରଙ୍କ ଉପରୁ ଆସ୍ଥା ହରାଇଲେଣି ବୋଲି ନେତୃବୃନ୍ଦ ମାନେ ମତପ୍ରକାଶ କରିଛନ୍ତି ।

ପୂର୍ବତନ ମନ୍ତ୍ରୀ ତଥା ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ସଭାପତି ଅଶୋକ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ବିଶାଳ ପଦଯାତ୍ରାରେ ବରିଷ୍ଠ ଉପ ସଭାପତି ଦେବୀ ପ୍ରସାଦ ମିଶ୍ର, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ମନ୍ମଥ ରାଉତରାୟ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଜେଡି ନେତା ପ୍ରକାଶ ବସ୍ତିଆ, ଅମିୟ ଦାସ ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ବିଫଳତାକୁ ସମାଲୋଚନା କରି ସ୍ଲୋଗାନ ଦେଇଥିଲେ । ସେହିପରି ପଦ ଯାତ୍ରାରେ ସାମିଲ ହୋଇଥିବା ଶତାଧିକ ମହିଳା, ଯୁବ, ବିଜୁ ଜନତା ଦଳର ବରିଷ୍ଠ କର୍ମକର୍ତ୍ତା, ବିଭିନ୍ନ ୱାର୍ଡର କର୍ପୋରେଟର, ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ଏବଂ ସମସ୍ତ ଅତିଥି ମାନେ ସଭା ସ୍ଥଳରେ ପହଞ୍ଚିବା ପରେ ଡୁମୁଡୁମା, ଯଦୁପୁର, ରଘୁନାଥ ନଗର ଅଞ୍ଚଳର ହିନ୍ଦୁ ଓ ମୁସଲମାନ ମହିଳାମାନେ ଭବ୍ୟ ସ୍ୱାଗତ ଜଣାଇଥିଲେ । ଏହି ସଭାରେ ଶ୍ରୀ ପଣ୍ଡାଙ୍କ ସମେତ ସମସ୍ତ ଅତିଥି ପ୍ରଦୀପ ପ୍ରଜ୍ୱଳନ କରି ଉତ୍କଳମଣି ଗୋପବନ୍ଧୁ ଦାସ, ମହାତ୍ମା ଗାନ୍ଧି, ବିଜୁ ବାବୁଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ସଭାକାର୍ଯ୍ୟ ଆରମ୍ଭ କରିଥିଲେ । ନିଜ ଅଭିଭାଷଣରେ ଶ୍ରୀ ପଣ୍ଡା କହିଥିଲେ ରାଜ୍ୟ ସରକାରଙ୍କ ବିଫଳତା ଦାଣ୍ଡରେ ପଡ଼ି ହାରେ ଗଡୁଛି । ରାଜ୍ୟରେ ଆଇ ଶୃଙ୍ଖଳା ବ୍ୟବସ୍ଥା ଭୁଷୁଡ଼ି ପଡ଼ିଥିବା ବେଳେ ମହିଳାମାନେ ପଦାକୁ ବାହାରିବାକୁ ଭୟ କରୁଛନ୍ତି । ପ୍ରତ୍ୟେକ ଦିନ ରାଜ୍ୟର ଅପରାଧ, ଲୁଣ୍ଠନ, ନାରୀ ନିର୍ଯାତନା ଖବର ରାଜ୍ୟ ଏବଂ ଜାତୀୟ ଗଣମାଧ୍ୟମରେ ଶୀର୍ଷ ସ୍ଥାନରେ ରହୁଛି । ଯାହାଫଳରେ ଜନସାଧାରଣ ଏ ସରକାରଙ୍କ ଉପରେ ଆସ୍ଥା ହରାଇ ବସିଲେଣି । ସେହିପରି ଅନ୍ୟ ଅତିଥିମାନେ ରାଜ୍ୟ ସରକାରଙ୍କ ବିଫଳତା ବିଷୟରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କର୍ପୋରେଟର ଛବି ଦାସ, ସକିବା ମୁସାରତ, ପୂର୍ବତନ କର୍ପୋରେଟର ମୁଜାହିଦ୍ ହୁସେନ, ଯୁବନେତା ରାଜେଶ ପାତ୍ର, ସେଖ ଅମିର ପ୍ରମୁଖ ଉପସ୍ଥିତ ଥିଲେ ।




## ରାସ୍ତା ତାଡ଼ି ଠିକାଦାର ଫେରାର୍



ଭୁବନେଶ୍ୱର, ୯।୧୦(ସମିସ): ରାସ୍ତା ଭଲ ଥିଲା । କେଉଁଠି କେମିତି ସାମାନ୍ୟ ମରାମତି ହୋଇଥାନ୍ତା । ଏଣୁ ଦଶହରା ପୂର୍ବରୁ ରାସ୍ତାଟିକୁ ମରାମତି କରିବାକୁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଗଲା । ଏଥିପାଇଁ ଏକ ଠିକା ସଂସ୍ଥା ସାମ୍ନାକୁ ଆସିଲା । ବୁଲଡ୍ରୋଜର ଲଗାଇ ରାସ୍ତାକୁ ସମ୍ପୂର୍ଣ୍ଣ ଭାବେ ଖୋଳି ଦେଇ ଚାଲିଗଲା । ରାସ୍ତା ଖୋଳା ହେବା ଦିନ ଠାରୁ ଠିକାଦାର କିମ୍ବା ପ୍ରଶାସନର କୌଣସି ଅଧିକାରୀଙ୍କର ଘଟଣାସ୍ଥଳରେ ଆଉ ଦେଖା ନାହିଁ । ମାସେ ହେବ ଏହି ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି । ଠିକାଦାର ଓ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଲୋକଙ୍କୁ ବିପଦ ମୁହଁକୁ ଠେଲି ଦେଇଛି ।

ଡେଲଟା ଛକ ନିକଟରେ ରାସ୍ତାକୁ ଜଣେ ଠିକାଦାର ଖୋଳି ଚାଲିଗଲେ । ଖୋଳା ଯାଇଥିବା ରାସ୍ତାର ଅବସ୍ଥା ଏବେ ଶୋଚନୀୟ ହୋଇ ପଡ଼ିଲାଣି । ବର୍ଷା ଯେତେ ଅଧିକ ହେଉଛି ରାସ୍ତାରେ ଖାଲ ସଂଖ୍ୟା ସେତିକି ବଢ଼ି ଚାଲିଛି । ବର୍ଷା ହେଲେ ରାସ୍ତାରେ ପାଣି ଜମିବା ସହ କାଦୁଅ ହୋଇଯାଉଛି । ରାସ୍ତା ଅବସ୍ଥା ଖରାପ ହେବା ଯୋଗୁଁ ଯାତ୍ରୀମାନେ ଦୁର୍ଘଟଣାର ଶିକାର ହେଉଛନ୍ତି । ହେଲେ ପ୍ରଶାସନର କିନ୍ତୁ ଚେତା ପଶୁ ନାହିଁ । ଏହି ରାସ୍ତା ଉପରେ ସିଆର୍ପି, ବରମୁଣ୍ଡା, ଡେଲଟା, ୟୁନିଟ୍-୮ ର ଲୋକେ ନିର୍ଭରଶୀଳ । ଏହାସହ ରାଜ୍ୟ ସରକାରଙ୍କ ଏକାଧିକ ବିଭାଗର ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ରହିଛି । ଏହା ସତ୍ତ୍ୱେ ମଧ୍ୟ ଏଭଳି ଅବ୍ୟବସ୍ଥା ଉପରେ ପ୍ରଶାସନ କିପରି ଚୁପ୍ ରହିଛି । ତାହାକୁ ନେଇ ଲୋକେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି ।

ପୂଜା ପୂର୍ବରୁ ରାଜଧାନୀର ସମସ୍ତ ରାସ୍ତାକୁ ମରାମତି କରାଯିବ ବୋଲି ମନ୍ତ୍ରୀ ଏବଂ ସଚିବସ୍ତରୀୟ ବୈଠକରେ ଘୋଷଣା କରାଗଲା । କିଛି ରାସ୍ତାରେ ମରାମତି ହେଲା । କିନ୍ତୁ ଶାରଦୀୟ ଦୁର୍ଗାପୂଜା ଶେଷ ହୋଇଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ବହୁତ ରାସ୍ତାର ମରାମତି ହୋଇପାରିଲା ନାହିଁ । ଜନପଥ, ମାଉସୀ ମା ଛକ, ରାଜମହଲ ଛକରେ ରାସ୍ତା ମରାମତି ନ ହେବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଅନ୍ୟପକ୍ଷରେ ମରାମତି ହୋଇଥିବା ଅଧିକାଂଶ ରାସ୍ତା ଏବେ ପୂଜା ପରେ ହୋଇଥିବା ମାତ୍ର ୨ଟି ବର୍ଷାରେ ପୂର୍ବାବସ୍ଥାକୁ ଫେରି ଆସିଲାଣି । ହଂସପାଳ ଛକ ସର୍ଭିସ ରୋଡ ଏବଂ ଖଣ୍ଡଗିରିରୁ କସମୋପଲିସ ଫ୍ଲାଏଓଭର ଗଡ଼ାରେ ମରାମତି ହୋଇଥିବା ରାସ୍ତାକୁ ଗୋଡି ଉଠି ଗଲାଣି ।

## ଆପତ୍ତିଜନକ ପୋଷ୍ଟ କଲେ କଡ଼ା କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୯ ।୧୦(ସମିସ): କଟକରେ ଗତ କିଛିଦିନ ପୂର୍ବରୁ ଘଟିଥିବା ହିଂସା ଘଟଣା ନେଇ ପୁଲିସ କମିସନର ସୁରେଶ ଦେବଦତ୍ତ ସିଂ ସାମ୍ବାଦିକ ସମ୍ମିଳନୀରେ କଡ଼ା ପ୍ରତିକ୍ରିୟା ରଖିଛନ୍ତି । ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀଙ୍କୁ କମିସନରେଟ୍ ପୁଲିସ ଚେତାବନୀ ଦେଇଛି । ଆପତ୍ତିଜନକ ନକରିବାକୁ ପୁଲିସ ପକ୍ଷରୁ ପରାମର୍ଶ ଜାରି କରାଯାଇଛି । ଯଦି କେହି ଆପତ୍ତିଜନକ ପୋଷ୍ଟ କରନ୍ତି, ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିପି କହିଛନ୍ତି ।

ସେ ଆହୁରି ମଧ୍ୟ କହିଛନ୍ତି ଯେ, କଟକ ହିଂସା ଘଟଣାରେ ବର୍ତ୍ତମାନ ସୁଦ୍ଧା ୯ ଜଣଙ୍କୁ ଗିରଫ କରାଯାଇଛି । ପ୍ରଥମ ଦିନରେ ୬ ଜଣ ଏବଂ ଆଜି ୩ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି । ଆପତ୍ତିଜନକ ପୋଷ୍ଟ ପାଇଁ ୨ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି । ରାଲି ପାଇଁ ଅନୁମତି ନଦେବାରୁ ହିଂସା ଘଟାଇଥିବା ୨୦ ଜଣଙ୍କୁ ଗିରଫ ହୋଇଛନ୍ତି । ପାଖାପାଖି ୩୦୦ରୁ ଉର୍ଦ୍ଧ୍ୱ ସୋସିଆଲ ମିଡିଆ ପୋଷ୍ଟକୁ ହଟାଇ ଦିଆଯାଇଛି । ସଭାବନା ଓ ଶାନ୍ତି ଭଙ୍ଗ କରିଥିବା ଲୋକଙ୍କୁ ଦମନ କରାଯିବ । ଅଭିଯୁକ୍ତମାନଙ୍କର ବିରୋଧରେ କଡ଼ାକାର୍ଯ୍ୟାନୁଷ୍ଠାନ ନିଆଯିବ । ପରାମର୍ଶ ମାଧ୍ୟମରେ ପୁଲିସ କମିସନର କହିଛନ୍ତି, ନିଜ କ୍ୟାରିୟର ଉପରେ ଦୃଷ୍ଟିରେ ଦିଅନ୍ତୁ । ସାମାଜିକ ଗଣମାଧ୍ୟମରେ କିଛି ବି ଆପପ୍ରଚର କରନ୍ତୁ ନାହିଁ । ବର୍ତମାନ କଟକରେ ସ୍ଥିତି ନିୟନ୍ତ୍ରଣରେ ଅଛି । ଜନଜୀବନ ସ୍ୱାଭାବି ଭାବେ ଚାଲିଛି । ହିଂସାକୁ ତୁରନ୍ତ ନିୟନ୍ତ୍ରଣ କରାଯାଇଛି । ସତର୍କତା ଅବଲମ୍ବନ କରାଯାଇଛି । ପୁଲିସ କଟକ ଉପରେ କଡା ନଜର ରଖିଛି । ସୂଚନାଯୋଗ୍ୟ, କଟକ ସହରରେ ଗତ କିଛି ଦିନ ପୂର୍ବରୁ ୨ଟି ଗୋଷ୍ଠୀ ମଧ୍ୟରେ ହିଂସା ଦେଖାଯାଇଥିଲା । ଏହି ଘଟଣା ସମୟ କ୍ରମେ ବଢ଼ି ଚାଲିଥିଲା । ପରିସ୍ଥିତିକୁ ନିୟନ୍ତ୍ରଣରେ ଆଣିବା ପାଇଁ ପୁଲିସ ମୁତୟନ କରାଯାଇଥିଲା । ଏହି ସମୟରେ ଦୁର୍ବୃତ୍ତମାନେ ପୁଲିସ ଉପରେ ଆକ୍ରମଣ କରିଥିଲେ । ଆକ୍ରମଣରେ ମୋଟ ୨୫ ଜଣ ପୁଲିସ କର୍ମଚାରୀ ଆହତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ୮ ଜଣଙ୍କର ଅବସ୍ଥା ଗୁରୁତର ଥିଲା । ପରିସ୍ଥିତିର ମୁକାବିଲା କରିବା ପାଇଁ ପୁଲିସ କାର୍ଯ୍ୟାନୁଷ୍ଠାନ ନେଇଥିଲା । କଟକ ସହରର ୧୩ଟି ଥାନା ଅଞ୍ଚଳରେ ଦୁଇଦିନ ପାଇଁ ଇଣ୍ଟରନେଟ ସେବା ଲାଗୁ କରିଥିଲା । ସେହିପରି ୩୬ ଘଣ୍ଟା ପାଇଁ କର୍ଫ୍ୟୁ ଜାରି କରିଥିଲା ।

- ୩୦୦ରୁ ଉର୍ଦ୍ଧ୍ୱ ସୋସିଆଲ ମିଡିଆ ପୋଷ୍ଟକୁ ହଟାଇ ଦିଆଯାଇଛି
- ପ୍ରଥମ ଦିନରେ ୬ ଏବଂ ଗୁରୁବାର ଆଉ ୩ ଗିରଫ

## ଚାକିରି ଦେଇ ଦୁଷ୍କର୍ମ; ଜଣେ ଗିରଫ

ଭୁବନେଶ୍ୱର, ୯ ।୧୦(ସମିସ): ଯୁବତୀଙ୍କୁ ଚାକିରି ଦେବା ଆଳରେ ଦୁଷ୍କର୍ମ କରାଯିବା ଅଭିଯୋଗରେ ମହିଳା ଥାନା ପୁଲିସ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଜନାର୍ଦ୍ଦନ ପାଢ଼ୀ । ପୁଲିସ ତାଙ୍କର ମୋବାଇଲ୍ ଫୋନ୍ ଜବତ କରି ତଦନ୍ତ ଚଳାଇଛି । ଜନାର୍ଦ୍ଦନଙ୍କ ରାଜଧାନୀରେ ଏକ ଘରୋଇ ସଂସ୍ଥା ରହିଛି । ସେ ବିବାହିତ ହୋଇଥିବା ବେଳେ ତାଙ୍କ ପତ୍ନୀ ବେଙ୍ଗାଲୁରୁରେ ରୁହନ୍ତି । ଗତ ମାସ ହେବ ଗଞ୍ଜାମର ଜିଲ୍ଲାର ଜଣେ ଯୁବତୀଙ୍କୁ ଅଫିସରେ ଚାକିରି ଦେଇଥିଲେ । ବିବାହର ପ୍ରତିଶ୍ରୁତି ଦେଇ ବଳପୂର୍ବକ ଯୁବତୀଙ୍କୁ ଦୁଷ୍କର୍ମ କରିଥିଲେ । ଯୁବତୀ ବିବାହ ପାଇଁ କହିବାରୁ ତାଙ୍କୁ ଘରୁ ବାହାର କରି ଦେଇଥିଲେ ।

## ବାବାଙ୍କ ନାଁରେ ଅସଦାଚରଣ ଅଭିଯୋଗ

ଭୁବନେଶ୍ୱର, ୯।୧୦ (ସମିସ): ଉଦୟଗିରି ପାହାଡ଼ର ଜଣେ ବାବାଙ୍କ ନାଁରେ ଅସଦାଚରଣ କରିଥିବା ଅଭିଯୋଗ ଆସିଛି । ମହିଳା ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୁଲିସ ବାବାଙ୍କୁ ଥାନାକୁ ଉଠାଇ ଆଣିଛି । ଅଭିଯୋଗ ଅନୁଯାୟୀ, ମହିଳାଙ୍କ ସ୍ୱାମୀଙ୍କର ଉଦୟଗିରି ପାହାଡ଼କୁ ଲାଗି ଏକ ଦୋକାନ ରହିଛି । ଗତକାଲି ରାତିରେ ଦୋକାନୀ ଜଣକ ଗାଳିଗୁଲଜ କରିଥିଲେ । ସେହି ସମୟରେ ନବ ବାବା ତାଙ୍କୁ ବିରୋଧ କରିବା ମାଡ଼ ମାରିଥିଲେ । ଏହାର କିଛି ସମୟପରେ ଦୋକାନୀଙ୍କ ପତ୍ନୀ ଆସି ମଠ ଭିତରେ ପଶି ବାବାଙ୍କୁ ଘଟଣା ବିଷୟରେ ପଚାରିଥିଲେ ଓ ଅସଦାଚରଣ କରିଥିବା ସେ ଅଭିଯୋଗ କରିଛନ୍ତି । ମଦ୍ୟପାନ କରିବା ସହ ମାଂସ ଖାଇ ଅସଦାଚରଣ କରିଥିବା ମହିଳା ଜଣକ ଅଭିଯୋଗ ଆଣିଛନ୍ତି । ସେପଟେ ପୂର୍ବ ଶତ୍ରୁତାରୁ ଏଭଳି ଅଭିଯୋଗ ଆସିଥିବା ବାବା ନବ କିଶୋର ଦାସ ଓରଫ ନବ ବାବା କହିଛନ୍ତି । ଖଣ୍ଡଗିରି ଥାନା ପୁଲିସ ଏକ ମାମଲା ରୁଜୁ କରିବା ସହ ବାବାଙ୍କୁ ଉଠାଇ ଆଣି ପଚରାଉଚରା ଚଳାଇଛି ।

# ପ୍ରିୟଦର୍ଶିନୀ ମାର୍କେଟ୍‌ର ରୂପ ବଦଳିବ


ଭୁବନେଶ୍ୱର, ୯।୧୦(ସମିସ): ବଦଳିବ ପ୍ରିୟଦର୍ଶିନୀ ମାର୍କେଟ କମ୍ପ୍ଲେକ୍ସର ସ୍ଥିତି । ପୁଣି ପୂର୍ବଭଳି ଚମକିବ । କାରଣ ଏହାକୁ ପୁନଃନିର୍ମାଣ କରିବାକୁ ବିଡିଏ ଯୋଜନା ପ୍ରସ୍ତୁତ କରିଛି । ଏହା କେବଳ ମାର୍କେଟ୍ କମ୍ପ୍ଲେକ୍ସରେ ଆଉ ସୀମିତ ହୋଇ ରହିବନି । ଏଠାରେ ଦୋକାନ ସହିତ ଆବାସିକ ୟୁନିଟ୍ ନିର୍ମାଣ କରିବାକୁ ଯୋଜନା ପ୍ରସ୍ତୁତ କରାଯାଉଛି ।

ଖୁବ୍ଶୀଘ୍ର ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଦ୍ୱାରା ଆଧୁନିକ ଉଚ୍ଚମାନର ଆବାସିକ-ବାଣିଜ୍ୟିକ ସୁବିଧା ସହିତ ପୁନଃର୍ବିକାଶ କରାଯିବ ବୋଲି ସୂଚନା ମିଳିଛି ।

ସହରର ସବୁଠାରୁ ପୁରୁଣା ମାର୍କେଟ କମ୍ପ୍ଲେକ୍ସ ମଧ୍ୟରେ ପ୍ରିୟଦର୍ଶିନୀ ମାର୍କେଟର ନାଁ ରହିଛି । ଏହାକୁ ୧୯୮୯ ମସିହାରେ ପାଇକନଗର ମୌଜା ନିକଟସ୍ଥ ସିଆରପିଏଫ ଛକ ନିକଟରେ ୧.୪୪୦ ଏକର ଜମିରେ ନିର୍ମାଣ କରାଯାଇଥିଲା । ଏହି ମାର୍କେଟରେ ୭୨ ଭୂତଳ ଦୋକାନ ଏବଂ ଦୁଇଟି ରେଷ୍ଟୁରାଣ୍ଟ ଥିଲା, ପ୍ରଥମ, ଦ୍ୱିତୀୟ ଓ ତୃତୀୟ ମହଲାରେ ୮୦ଟି ଦୋକାନ ରହିଛି । ପ୍ରାୟ ୧୦୦ଟି ପିଣ୍ଡି ଥିଲା ।

ଏହି କମ୍ପ୍ଲେକ୍ସ ବର୍ତ୍ତମାନ ତିନି ଦଶନ୍ଧିରୁ ଅଧିକ ପୁରୁଣା ହୋଇଗଲାଣି । ଗଠନଗତ ଉପଯୁକ୍ତତା ଦୃଷ୍ଟିରୁ ଏହା ଭଲ ଅବସ୍ଥାରେ ନାହିଁ । ଏହି କମ୍ପ୍ଲେକ୍ସକୁ ସାର୍ବଜନିକ-ଘରୋଇ ଭାଗିଦାରୀ (ପିପିପି) ମୋଡରେ ପୁନର୍ବିକାଶ କରାଯିବ । ଅଭିଜ୍ଞ ଡେଭେଲପରମାନଙ୍କ ଠାରୁ ଆଗ୍ରହ ପ୍ରକାଶର ଆମନ୍ତ୍ରଣ କରାଯାଇଛି । ବର୍ତ୍ତମାନର ପ୍ରାୟ ୪୦, ୦୦୦ ବର୍ଗଫୁଟ ଜାଗା ରହିଛି । ଯେଉଁଥିରେ ୪, ୩୩୦ ବର୍ଗଫୁଟ ମାର୍କେଟ ପିଣ୍ଡି ଅଞ୍ଚଳ ଅନ୍ତର୍ଭୁକ୍ତ । କିନ୍ତୁ ବିଡିଏ ପ୍ରସ୍ତାବିତ ପ୍ରକଳ୍ପରେ ଭୂତଳ ଓ ପ୍ରଥମ ତିନି ମହଲାରେ ଅତି କମରେ ୨ ଲକ୍ଷ ବର୍ଗଫୁଟ ନିର୍ମିତ ଜାଗା ରଖିବାକୁ ଯୋଜନା କରୁଛି ।

ଅଧିକ ବାଣିଜ୍ୟିକ ସ୍ଥାନ ଏବଂ ଆବାସିକ ୟୁନିଟ୍ ବ୍ୟତୀତ, ପ୍ରସ୍ତାବିତ ଉଚ୍ଚମାନର ଭବନରେ ଆଧୁନିକ ସୁବିଧା ଯଥା ଦୁଇଟି ସ୍ତରର ବେସମେଣ୍ଟ ପାର୍କିଂ ସୁବିଧା ଏବଂ ସୌନ୍ଦର୍ଯ୍ୟପୂର୍ଣ୍ଣ ଭାବେ ଡିଜାଇନ କରାଯାଇଥିବା ଅନ୍ତର୍ଭାଗ ରହିବ । ପ୍ରକଳ୍ପ କାର୍ଯ୍ୟକାରୀ ହେବା ପୂର୍ବରୁ, ବର୍ତ୍ତମାନର ଆବଣ୍ଟିତ ଦୋକାନୀମାନଙ୍କୁ ୫କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତର କରାଯିବ କିମ୍ବା ପ୍ରସ୍ତାବିତ ଭବନ ନିର୍ମାଣ ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ମାସିକ କ୍ଷତିପୂରଣ ପ୍ରଦାନ କରାଯିବ ।



- ଗୋଟିଏ କୋଠାରେ ମିଳିବ ଉଭୟ ଆବାସିକ ଓ ବାଣିଜ୍ୟିକ ସୁବିଧା
- ୪୦ ହଜାର ବଦଳରେ ଉପଲବ୍ଧ ହେବ ୨ ଲକ୍ଷ ବର୍ଗଫୁଟ୍‌ର ଜାଗା

# ନୂଆପଡ଼ା ଉପନିର୍ବାଚନ ପାଇଁ ସର୍ବଦଳୀୟ ବୈଠକ

ଭୁବନେଶ୍ୱର, ୯।୧୦(ସମିସ): ନଭେମ୍ବର ୧୧ ତାରିଖରେ ହେବାକୁ ଥିବା ନୂଆପଡ଼ା ଉପନିର୍ବାଚନ ପରିପ୍ରେକ୍ଷୀରେ ସବୁ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍. ଏସ୍. ଗୋପାଳନ ରାଜନୈତିକ ଦଳମାନଙ୍କୁ ନିଜ ତାରକା ପ୍ରଚାରକଙ୍କ ତାଲିକା ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ଗୋପାଳନ କହିଲେ ଯେ ଚଳିତ ଉପନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସବୁ ପ୍ରକାର ବନ୍ଦୋବସ୍ତ କରାଯାଇଛି। ଚଳିତ ବର୍ଷ ଭାରତ ନିର୍ବାଚନ ଆୟୋଗଙ୍କ ମାର୍ଗଦର୍ଶିକା ଅନୁଯାୟୀ ପ୍ରତି ବୁଥ୍‌ରେ ଭୋଟର ସଂଖ୍ୟା ୧୨୦୦ ମଧ୍ୟରେ ସୀମିତ କରାଯାଇଛି। ଚୂଡ଼ାନ୍ତ ଭୋଟର ତାଲିକାରେ ୨,୫୩,୬୨୪ ଜଣ ରହିଥିବା ବେଳେ ତନ୍ମଧ୍ୟରେ ୧,୨୪,୧୦୮ ଜଣ ପୁରୁଷ ଭୋଟର, ୧,୨୯,୪୯୫ ଜଣ ମହିଳା, ୨୧ ଜଣ ତୃତୀୟ ଲିଙ୍ଗ ଭୋଟର ରହଥିବା ବେଳେ ୯,୪୨୯ ଜଣ ଯୁବ ଭୋଟର, ୩୯୮୮ ଜଣ ଦିବ୍ୟାଙ୍ଗ ଭୋଟର ଏବଂ ୧୭୮୬ ଜଣ ବରିଷ୍ଠ ଭୋଟର (୮୫ ବର୍ଷରୁ ଉଦ୍ଧ୍ୱର୍) ରହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜାନୁଆରୀରୁ ହୋଇଥିଲା...

ଅର୍ଥାତ୍ ଜାନୁଆରୀ ମାସରୁ ଚାକିରି ବିକ୍ରି ପାଇଁ ଷଡ଼ଯନ୍ତ୍ର ହୋଇଥିଲା। ଫେବ୍ରୁଆରୀ ଶେଷ ସପ୍ତାହ ଓ ମାର୍ଚ୍ଚ ପ୍ରଥମ ସପ୍ତାହରେ ଅନେକ ପରୀକ୍ଷାର୍ଥୀ ପ୍ରଶ୍ନପତ୍ର ଅଭ୍ୟାସ ପାଇଁ ରାଜ୍ୟରୁ ଉଭାନ ହୋଇ ଯାଇଥିଲେ । ମାର୍ଚ୍ଚ ୩ ତାରିଖରୁ ରାଜ୍ୟରୁ ଉଭାନ ହୋଇଯାଇଥିବା ପରୀକ୍ଷାର୍ଥୀଙ୍କ ସାଙ୍ଗସାଥିମାନେ ସେତେବେଳେ ଏ ସଂକ୍ରାନ୍ତରେ ୟୁଟ୍ୟୁବ୍‌ରେ ଭିଡ଼ିଓ ଅପଲୋଡ଼୍ କରିଥିଲେ ହେଁ ତାହାକୁ ଏତେ ଗୁରୁତ୍ୱ ଦିଆଯାଇ ନ ଥିଲା। ତେବେ ପ୍ରଶ୍ନପତ୍ର ଲିକ୍ କରି ଚାକିରି ବିକ୍ରି କରିବା ପାଇଁ ଯୋଜନା ହୋଇଥିବା ଏବଂ ବହୁ ବରିଷ୍ଠ ଅଧିକାରୀ ତହିଁରେ ସାମିଲ୍ ହୋଇଥିବା ରିଚ୍‌ମାଇଣ୍ଡ କମ୍ପାନୀର ଜଣେ ଅଂଶୀଦାର ସେତେବେଳେ ପ୍ରଥମେ ମୌଖିକ ଓ ପରେ ବିଧିବଦ୍ଧ ଅଭିଯୋଗ କରିବା ଯୋଗୁଁ ସେତେବେଳେ ଏହି ଯୋଜନାକୁ ଭଣ୍ଡୁର ହୋଇ ଯାଇଥିଲା। କମ୍ପାନୀର ଜଣେ ଅଧିକାରୀଙ୍କ ସୂଚନା ଅନୁସାରେ ଗୁଜୁରାଟ୍‌ରେ ଜିପିଏସ୍‌ଏସ୍‌ପି ପରୀକ୍ଷା ପରିଚାଳନା ସମୟରେ କିଛି ଅନିୟମିତତା ହୋଇଥିବାରୁ ତତ୍କାଳୀନ ନିର୍ଦ୍ଦେଶକଙ୍କୁ ଜେଲ୍ ଯିବାକୁ ପଡ଼ିଥିଲା। ଏହି କାରଣରୁ କୌଣସି ଅନିୟମିତତାକୁ ପ୍ରଶ୍ରୟ ଦେବା ସପକ୍ଷରେ କମ୍ପାନୀ ନ ଥିଲା। ମାତ୍ର କମ୍ପାନୀ ସହ ଜଡ଼ିତ ଅନ୍ୟଜଣେ ବ୍ୟକ୍ତିଙ୍କ ସହ ଓଡ଼ିଶାରେ ପରୀକ୍ଷା ପରିଚାଳନାରେ ସମ୍ପୃକ୍ତ କିଛି ପୁଲିସ ଅଧିକାରୀ ଗଡ଼ବଡ଼ ସନ୍ଦେହ କରି ଅନ୍ୟଜଣେ ଅଂଶୀଦାର ସେତେବେଳେ ଏ ସମ୍ପର୍କରେ ବିଧିବଦ୍ଧ ଅଭିଯୋଗ କରିଥିଲେ। କୁହାଯାଉଛି ଯେ ସେତେବେଳେ ଏହି ଅଭିଯୋଗ ଆଧାରରେ ତଦନ୍ତ ନିର୍ଦ୍ଦେଶ ମଧ୍ୟ ଦିଆଯାଇଥିଲା ।

ପରୀକ୍ଷା ବାତିଲ୍ ପଛରେ ପ୍ରଶ୍ନପତ୍ର ଲିକ୍ ହିଁ ପ୍ରମୁଖ କାରଣ ରହିଥିବା ସରକାରୀ ସ୍ତରରେ ହଲଚଲ୍ କରିଥିଲା। ଅଚାନକ ପରୀକ୍ଷା ସ୍ଥଗିତ ଘଟଣାରେ ସରକାର ହସ୍ତକ୍ଷେପ କରିଥିଲେ ଓ ମୁଖ୍ୟମନ୍ତ୍ରୀ ପୁଲିସ୍ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ ଓ ତତ୍କାଳୀନ ଏଡିଜି (ମୁଖ୍ୟାଳୟ) ଦୟାଲ୍ ଗଙ୍ଗୱାରଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଏହାପରେ ପରୀକ୍ଷା ପରିଚାଳନା ସହ ଜଡ଼ିତ ଜଣେ ବରିଷ୍ଠ ପୁଲିସ୍ ଅଧିକାରୀଙ୍କୁ କୈଫିୟତ ତଲବ କରାଯାଇଥିଲା। ହେଲେ ସମ୍ପୃକ୍ତ ଅଧିକାରୀଜଣକ କଣ ଉତ୍ତର ରଖିଲେ ତାହା ଆଜିଯାଏ ଜଣା ପଡ଼ିନାହିଁ। ଏହାପରେ ପୂର୍ବରୁ ପରୀକ୍ଷା ପରିଚାଳନାରେ ବିଫଳ ହୋଇଥିବା ଦର୍ଶାଇ ରିଚ୍‌ମାଇଣ୍ଡ କମ୍ପାନୀକୁ ମଧ୍ୟ ପରୀକ୍ଷା ପରିଚାଳନାରୁ ଟେଣ୍ଡର ପାଇଥିବା ଆଇଟିଆଇ ଲିମିଟେଡ୍ ବାଦ୍ ଦେବା ସହ ତା ସ୍ଥାନରେ ସିଲିକନ୍ କମ୍ପାନୀକୁ ସବ୍-କଣ୍ଟ୍ରାକ୍ଟ ମିଳିଥିଲା। ସେହି କମ୍ପାନୀ ପୁଣି ପଞ୍ଚସଫ୍ଟ କମ୍ପାନୀକୁ ସବ୍-କଣ୍ଟ୍ରାକ୍ଟ ଦେବା ସହ ଚାକିରି ବିକ୍ରି ପାଇଁ ଯୋଜନାବଦ୍ଧ ରଣନୀତି ପ୍ରସ୍ତୁତ କରାଯାଇଥିବା ଅଭିଯୋଗ ହୋଇଛି। ହେଲେ ଯୋଜନା କାର୍ଯ୍ୟାନ୍ୱୟନ ହେବା ପୂର୍ବରୁ ଶ୍ରୀକାକୁଲମ୍ ପୁଲିସ୍ ହାତରେ ୧୧୪ ଜଣ ପରୀକ୍ଷାର୍ଥୀଙ୍କ ସମେତ ୩ ଦଲାଲ୍ ଧରାପଡ଼ିବା ପରେ ଚାକିରି ବିକ୍ରି ପ୍ରକରଣ ଲୋକଲୋଚନକୁ ଆସିଛି। ମାତ୍ର ଚାକିରି ପାଇଁ ଟଙ୍କା ଦେଇଥିବା ପିଲାମାନେ ଜେଲ୍ ଯାଇଥିବାବେଳେ ଟଙ୍କା ନେଇଥିବା ଲୋକମାନେ କୁଆଡ଼େ ଗଲେ ବୋଲି ଏବେ ସାଧାରଣରେ ପ୍ରଶ୍ନ ଉଠିଛି ।

### ହାଇକୋର୍ଟରେ ଜନସ୍ୱାର୍ଥ...

ପ୍ରାର୍ଥୀ ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ମଧ୍ୟ ଆଣିଥିଲେ। ଏହି କେଲେଙ୍କାରୀ ଘଟଣାରେ ଚାକିରି ଦେବା ପାଇଁ ପ୍ରାର୍ଥୀଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରାଯାଇଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଘଟଣାରେ ସମ୍ପୃକ୍ତ ଅଧିକାରୀ ଓ ଅନ୍ୟମାନେ ଧରାପଡ଼ିନାହାନ୍ତି। ଏହାର ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ ପାଇଁ ଭାରତୀୟ ନ୍ୟାୟ ସଂହିତା-୨୦୨୩ର ଧାରା ୬୧(୨) ଅନୁସାରେ ସିବିଆଇକୁ ମାମଲା ହସ୍ତାନ୍ତର ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଏଥିସହ ଏହି ସମ୍ବେଦନଶୀଳ ମାମଲାରେ ହୋଇଥିବା ତଦନ୍ତର ସ୍ଥିତି ସମ୍ପର୍କରେ ଅଦାଲତ ରିପୋର୍ଟ ତଲବ କରନ୍ତୁ ବୋଲି ଆବେଦନରେ ଦର୍ଶାଯାଇଛି। ମାମଲାରେ ରାଜ୍ୟ ମୁଖ୍ୟ ଶାସନ ସଚିବ,ଡିଜିପି,କ୍ରାଇମବ୍ରାଞ୍ଚ ଏଡିଜି, ଓଡିଶା ପୁଲିସ ନିଯୁକ୍ତି ବୋର୍ଡ ଅଧ୍ୟକ୍ଷଙ୍କୁ ଆବେଦନକାରୀ ପକ୍ଷଭୁକ୍ତ କରିଛନ୍ତି।

### ସାମ୍ବାଦିକ ସମ୍ମିଳନୀ...

ଦିଆଯିବ ବୋଲି କୁହାଗଲା। କ୍ରାଇମବ୍ରାଞ୍ଚ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରୁଛି। ମାମଲାରେ ଜଡ଼ିତ ସମସ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ଆଶାୟୀମାନଙ୍କୁ ଅନୁରୋଧ କରିବା ସହ ଉପଯୁକ୍ତ ପ୍ରକ୍ରିୟା ଅନୁସରଣ କରି ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ ବୋଲି ଓପିଆର୍‌ବି ଅଧ୍ୟକ୍ଷ ଆଶ୍ୱାସନା ଦେଲେ। ମାତ୍ର ରାଜ୍ୟବାସୀ ଏତେ ବଡ଼ ଘୋଟାଲାର ବିଭିନ୍ନ ଦିଗ ଓ ସେମାନଙ୍କ ମନରେ ଥିବା ଅନେକ ପ୍ରଶ୍ନର ଉତ୍ତର ଅପେକ୍ଷାରେ ଥିବା ବେଳେ ସାମ୍ବାଦିକ ସମ୍ମିଳନୀ ଡ଼ାକି ବାତିଲ୍ କରିବା ଆହୁରି ସନ୍ଦେହ ସୃଷ୍ଟି କରିଛି। ଉପରୁ ଚାପ ଯୋଗୁଁ ସାମ୍ବାଦିକ ସମ୍ମିଳନୀ ବାତିଲ କରାଗଲା ବୋଲି କୁହାଯାଉଥିଲେ ହେଁ ଓପିଆର୍‌ବି ନିଜ ଜାଲରେ ଛନ୍ଦି ହେବା ଆଶଙ୍କାରେ ସାମ୍ବାଦିକ ସମ୍ମିଳନୀକୁ ସ୍ଥଗିତ ରଖିଥିବା କୁହାଯାଉଛି ।

### ହଙ୍ଗେରୀର ଲାସ୍‌ଲୋଙ୍କୁ...

ଆନୁଷ୍ଠାନିକ ଭାବେ ପ୍ରଦାନ କରାଯିବ। ସୂଚନାଯୋଗ୍ୟ ଯେ ଲାସ୍‌ଲୋ ଇଂଲିଶ, ହଙ୍ଗେରୀ ଭାଷାରେ ଅନେକ ପୁସ୍ତକ ରଚନା କରିଛନ୍ତି। ତାଙ୍କ ପୁସ୍ତକକୁ ଅଧାର କରାଯାଇ ବହୁ ସଂଖ୍ୟାରେ ସିନେମା ନିର୍ମାଣ କରାଯାଇଛି ଓ ଏଗୁଡିକ ଲୋକପ୍ରିୟ ସାବ୍ୟସ୍ତ ହୋଇଛି। ଲାସଲ୍ଲୋ ୧୯୫୪ରେ ରୋମାନିଆର ସୀମା ନିକଟରେ ହଙ୍ଗେରୀର ଗିଉଲା ସହରରେ ଜନ୍ମଗ୍ରହଣ କରିଥିଲେ। ୧୯୮୫ରେ ତାଙ୍କର ପ୍ରଥମ ଉପନ୍ୟାସ 'ସାଟାନଟାଙ୍ଗୋ' ପ୍ରକାଶିତ ହୋଇଥିଲା ଓ ସେତେବେଳେ ବେଶ୍ ଲୋକପ୍ରିୟତା ହାସଲ କରିଥିଲା। ସେହିପରି ତାଙ୍କ ଦ୍ୱାରା ଲିଖିତ 'ହେରଶ୍ଟ୍ ୦୭୭୬୯' ପୁସ୍ତକକୁ ଏବେ ମଧ୍ୟ ଉଚ୍ଚକୋଟୀର ତଥା ଶ୍ରେଷ୍ଠ ବୋଲି ବିବେଚନା କରାଯାଏ। ସେହିପରି ୧୯୯୯ରେ ପ୍ରକାଶିତ ତାଙ୍କର ପୁସ୍ତକ 'ୱାର ଆଣ୍ଡ ୱାର', '୧୯୯୨ରେ ପ୍ରକାଶିତ ଦି ପ୍ରିଜନର ଅଫ୍ ଉରଗା' ବେଶ୍ ଲୋକପ୍ରିୟତା ହାସଲ କରିଥିଲା। ସାହିତ୍ୟରେ ତାଙ୍କ ଲେଖା, ପୁସ୍ତକ, ଉପନ୍ୟାସର ତାଲିକା ବେଶ୍ ଲମ୍ବା। ଗତବର୍ଷ ଦକ୍ଷିଣ କୋରିଆର ହାନ କାଙ୍ଗଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା।

### ସରକାରଙ୍କ କାର୍ଯ୍ୟ...

ସରକାର କିପରି ଲୋକାଭିମୁଖୀ ହୋଇପାରିବ ସେନେଇ ବ୍ୟାପକ ମାନସ ମନ୍ଥନ ହୋଇଥିବା ବେଳେ ମନ୍ତ୍ରିମଣ୍ଡଳର ପ୍ରତ୍ୟେକ ସଦସ୍ୟଙ୍କଠାରୁ ଆଗାମୀ ଦିନର ଯୋଜନା ସମ୍ପର୍କରେ ସେ ପଚାରି ବୁଝିଥିବା ଦଳୀୟ ସୂତ୍ରରୁ ଜଣାପଡ଼ିଛି ।

ତେବେ ଗତ ୧୫ ମାସରେ ରାଜ୍ୟରେ ଆଇନ ଶୃଙ୍ଖଳା ଏବଂ କେତେକ ମନ୍ତ୍ରୀଙ୍କ ଅମାନିଆ ତୁଣ୍ଡକୁ ନେଇ ଶ୍ରୀ ସନ୍ତୋଷ ଚିନ୍ତା ପ୍ରକଟ କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ବିଶେଷକରି ନିକଟରେ ମହିଳା ବିରୋଧୀ ହିଂସା, ଦୁଷ୍କର୍ମ ଏବଂ କଟକ ଦଙ୍ଗାକୁ ନେଇ ବିଜେପିର ଛବି ରାଜ୍ୟ ତଥା ଜାତୀୟସ୍ତରରେ ମଳିନ ପଡ଼ିଛି। ତେଣୁ ରାଜ୍ୟ ସରକାର ଏନେଇ ଅଧିକ କଠୋର ହେବାର ଆବଶ୍ୟକତା ରହିଛି। ସେହିପରି ମନ୍ତ୍ରୀମାନେ ନିଜ ନିଜ ବିଭାଗ ବ୍ୟତୀତ ଅନ୍ୟ ବିଭାଗରେ ଅଯଥା ମୁଣ୍ଡ ନ ପୂରାଇବାକୁ ସେ ପରାମର୍ଶ ଦେଇଛନ୍ତି। ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପ ମୁଖ୍ୟମନ୍ତ୍ରୀ କେ ଭି ସିଂହଦେଓ, ମନ୍ତ୍ରୀ ରବି ନାରାୟଣ ନାଏକ, ନିତ୍ୟାନନ୍ଦ ଗଣ୍ଡ, ପ୍ରଦୀପ ବଳସାମନ୍ତ, କୃଷ୍ଣଚନ୍ଦ୍ର ପାତ୍ର, ବିଭୂତି ଭୂଷଣ ଜେନା, ସୁରେଶ ପୂଜାରୀ, ସୂର୍ଯ୍ୟବଂଶୀ ସୂରଜ, କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

# ଦୁଇ ଯବାନଙ୍କ ସମେତ ୭ ଅଟକ!

ବ୍ରହ୍ମପୁର, ୯ ।୧୦ (ସମିସ): ବରିଷ୍ଠ ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡାଙ୍କୁ ଗୁଳି କରି ହତ୍ୟା ମାମଲାରେ ବ୍ରହ୍ମପୁର ପୁଲିସ ଦୁଇ ଯବାନଙ୍କ ସମେତ ୭ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାଯାଇଛି। ଆମ୍ବପୁଆସ୍ଥିତ ରିଜର୍ଭ ପୁଲିସ ବାରାକ୍‌ରେ ସେମାନଙ୍କୁ ଜେରା କରାଯାଉଥିବା ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି। ଅଟକ ୭ଜଣଙ୍କ ମଧ୍ୟରେ ସିଆଇଏସଏଫ୍ ଜଣେ ଯବାନ, ୮ମ ବାଟାଲିଅନ୍‌ର ଅନ୍ୟ ଜଣେ ଯବାନଙ୍କ ସମେତ ଦିଗପହଣ୍ଡି, ହିଞ୍ଜିଳି ଓ ପିତଳ ଅଞ୍ଚଳର କିଛି ଯୁବକ ରହିଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି। ଏହି ମାମଲାର ତଦନ୍ତ ପାଇଁ ଗଠିତ ୬ଟି ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଏମାନଙ୍କୁ ଉଠାଇଛି।

ଘଟଣା ଦିନ ଅର୍ଥାତ କୁମାରପୂର୍ଣ୍ଣିମା ରାତିରେ ପୀତବାସ ନିଜ କାମ ସାରି ନୂଆ ବସଷ୍ଟାଣ୍ଡସ୍ଥିତ ଭୂପତି ହୋଟେଲରୁ ଖାଇବା ସାମଗ୍ରୀ ଆଣିବାକୁ ଯାଇଥିଲେ। ସେହି ସମୟରେ ଅଟକ ଯୁବକମାନେ ମଧ୍ୟ ଉକ୍ତ ହୋଟେଲକୁ ଖାଇବା ଆଣିବାକୁ ଯାଇଥିଲେ। ପୀତବାସ ହୋଟେଲରୁ ଖାଇବା ନେଇ ଘରକୁ ଯିବା ବେଳେ କାର୍‌ରେ ବସିଥିବା ଯୁବକଙ୍କ ପକ୍ଷରୁ କାହାରିକୁ ଫୋନ କଲ ଯାଇଥିଲା ଏବଂ ତାହାର କିଛି ସମୟ ପରେ ବୈକୁଣ୍ଠନଗର ଅଞ୍ଚଳରେ ଗୁଳିକାଣ୍ଡ ଘଟିଥିବା କୁହାଯାଉଛି। ଦୁଇଜଣ ହେଲମେଟ୍‌ଧାରୀ ସୁପାରି କିଲର୍ ପୀତବାସଙ୍କୁ ଗୁଳି କରି

### ସିସିଟିଭି ଫୁଟେଜ୍ ଆଧାରରେ ଦୁଇ କାର୍ ଜବତ

### 'ସିଡିଆର' ଓ 'ସିସିଟିଭି' ଫୁଟେଜ୍ ହିଁ ପୁଲିସକୁ ଦେବ ସୁରାକ

### ଚୋରା ବାଲି କାରବାର ଓ ମାଫିଆଙ୍କ ସମ୍ପୃକ୍ତି ଘନୀଭୂତ

ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ତେଣୁ, ଏହି ହତ୍ୟାକାଣ୍ଡ ପଛରେ ସେମାନଙ୍କ ସଂପୃକ୍ତି ଥିବା ସନ୍ଦେହ କରାଯାଉଛି।

ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ପୁଲିସ ସହରର ଅନ୍ୟତମ ପ୍ରବେଶପଥ ଫାଷ୍ଟଗେଟ୍‌ଠାରୁ ଆରମ୍ଭ କରି ବଡ଼ବଜାର ଥାନା, ବିଜୁ ପଟ୍ଟନାୟକ ପାର୍କ ରୋଡ୍, ମାର୍କେଟର ମଧ୍ୟ ଭାଗରେ ଥିବା ପୀତବାସଙ୍କ ଚାମ୍ବର, ଗେଟବଜାର, ଲୋଚାପଡ଼ା, ପାୟଲ ସିନେମା ହଲ ରୋଡ, ଭୂପତି ହୋଟେଲ ରୋଡ ସମେତ ସହରର ପ୍ରମୁଖ ଛକ ଓ ଛୋଟବଡ଼ ଦୋକାନରେ ଲାଗିଥିବା ୬୦ରୁ ଅଧିକ ସିସିଟିଭି ଫୁଟେଜକୁ ତନ୍ନତନ୍ନ କରି ଯାଞ୍ଚ କରିଛି ପୁଲିସ। ଏପରିକି, କିଛି ଟୋଲଗେଟ୍‌ର ସିସିଟିଭି ଫୁଟେଜକୁ ମଧ୍ୟ ପୁଲିସ ଯାଞ୍ଚ କରିଛି। ଯାଞ୍ଚ ବେଳେ ପୁଲିସ ସନ୍ଦେହରେ କିଛି ଗାଡ଼ିକୁ ଚିହ୍ନଟ କରିଥିଲା। ଚିହ୍ନଟ ଗାଡ଼ି ମଧ୍ୟରେ ଯବାନଙ୍କ ଗୋଟିଏ ଏକ୍ସୟୁଭି ଓ ଅନ୍ୟ ଗୋଟିଏ ନିଶାନ ଗାଡ଼ି ରହିଥିଲା। ଉଭୟ ଗାଡ଼ିକୁ ପୁଲିସ ଜବତ କରିଥିବା ଜଣାପଡ଼ିଛି। ଅପରପକ୍ଷେ, ପୁଲିସ ହାତରେ ଲାଗିଛି ପୀତବାସଙ୍କ ମୋବାଇଲ କଲ ଡିଟେଲ୍ସ ରିପୋର୍ଟ (ସିଡିଆର୍) ରିପୋର୍ଟ। ଏହି ରିପୋର୍ଟରୁ କିଏ କେତେବେଳେ ପୀତବାସଙ୍କୁ କଲ୍ କରିଥିଲେ ଏବଂ କେତେ ସମୟଧରି ବାର୍ତ୍ତାଳାପ କରିଥିଲେ, ତାହାର ବିସ୍ତୃତ ବିବରଣୀ ପୁଲିସ ସହଜରେ ପାଇପାରିବ।

ସମ୍ଭାବ୍ୟ ବିଭିନ୍ନ ଦିଗକୁ ନେଇ ତଦନ୍ତ ପ୍ରକ୍ରିୟାକୁ ପୁଲିସ ତ୍ୱରାନ୍ୱିତ କରିଥିବା ବେଳେ ହସ୍ତଗତ ହୋଇଥିବା ପୀତବାସଙ୍କ ମୋବାଇଲ ସିଡିଆର୍ ଓ ସହରର ବିଭିନ୍ନ ସ୍ଥାନରୁ ସଂଗୃହୀତ ୬୦ରୁ ଊର୍ଦ୍ଧ୍ୱ ସିସିଟିଭି ଫୁଟେଜରୁ କିଛି ରହସ୍ୟ ଉନ୍ମୋଚିତ ହୋଇପାରିବ ବୋଲି ପୁଲିସ ଆଶା ରଖିଛି।

ସେପଟେ ଘଟଣାକୁ ନେଇ ଜଣେ ବାଲିମାଫିଆଙ୍କ ନାମ ଚର୍ଚ୍ଚାକୁ ଆସିଥିବା ବେଳେ ପୀତବାସଙ୍କ ସହ ତାଙ୍କର କି' ଶତ୍ରୁତା ଥିଲା, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସମ୍ପୃକ୍ତ ବାଲିମାଫିଆଙ୍କ କ୍ରସର୍ ସହ ବ୍ରହ୍ମପୁରରେ ଏକ ଅନଲାଇନ୍ ପରୀକ୍ଷା କେନ୍ଦ୍ର ପରିଚାଳିତ ହେଉଥିବା ସୂଚନା ମିଳିଛି। ବଡ଼ କଥା ହେଲା, ଏକ ହାଇପ୍ରୋଫାଇଲ୍ ହତ୍ୟା ମାମଲାରେ ପୁଲିସ ବିଭିନ୍ନ ସମ୍ଭାବ୍ୟ ଦିଗକୁ ନେଇ ତଦନ୍ତ କରୁଥିବା ବେଳେ ସବୁ କ୍ଷେତ୍ରରେ ପୁଲିସକୁ ଦ୍ୱନ୍ଦ୍ୱ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଥିବା ଜଣାପଡ଼ିଛି।

## ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ

# କ୍ରାଇମବ୍ରାଞ୍ଚ ସ୍କାନରରେ ୬ କୋଚିଂ ସେଣ୍ଟର

ଭୁବନେଶ୍ୱର, ୯ ।୧୧(ସମିସ): ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ ମାମଲାରେ ଏବେ କ୍ରାଇମ୍‌ବ୍ରାଞ୍ଚ ସିଆଇଡି ତଦନ୍ତକୁ ଜୋରଦାର କରିଛି। ଗତକାଲି ପୂର୍ବତନ ଡିଆଇଜିଙ୍କ ପୁଅ ଓ ଅନ୍ୟମାନଙ୍କୁ ପଚରାଉଚରା କରିବା ପରେ ସେମାନେ ବିଭିନ୍ନ କୋଚିଂ ସେଣ୍ଟରରେ ତାଲିମ ନେଉଥିବା ସୂଚନା ମିଳିଛି। ୬ଟି କୋଚିଂ ସେଣ୍ଟର ମଧ୍ୟରୁ ଆଜି କ୍ରାଇମବ୍ରାଞ୍ଚ 'ବଣିକ' କୋଚିଂ ସେଣ୍ଟର ଉପରେ ଚଢ଼ଉ କରିଛି କ୍ରାଇମବ୍ରାଞ୍ଚ। କ୍ରାଇମ୍‌ବ୍ରାଞ୍ଚର ଏକ ୭ଜଣିଆ ଟିମ୍ ଆଜି ଅପରାହ୍ନରେ ବଣିକ କାର୍ଯ୍ୟାଳୟ ଓ ପିଲାମାନେ କୋଚିଂ ନେଉଥିବା ସାମଗ୍ରୀର ଯାଞ୍ଚ କରିଛନ୍ତି । ସେହିପରି ବିଭିନ୍ନ

- 'ବଣିକ'ରେ ଚଢ଼ଉ ; କମ୍ପ୍ୟୁଟରରୁ ଡ଼ାଟା ସଂଗ୍ରହ
- ଗିରଫ ୧୧୪ ଜଣ ଭିତରୁ ୧୨ ଜଣ ବଣିକ ଛାତ୍ର
- ଗୁଇନ୍ଦା ରିପୋର୍ଟରେ ୪ ପୁଲିସ ଅଧିକାରୀଙ୍କ ନାମ

କମ୍ପ୍ୟୁଟରରୁ ବିଭିନ୍ନ ଡ଼ିଜିଟାଲ ତଥ୍ୟ ମଧ୍ୟ ସେମାନେ ସଂଗ୍ରହ କରିଛନ୍ତି। ପଞ୍ଚସଫ୍ଟ ମୁଖ୍ୟ ଶଙ୍କର ପୃଷ୍ଟି ସହ 'ବଣିକ' କର୍ତ୍ତୃପକ୍ଷଙ୍କ ସମ୍ପର୍କ ଥିଲା କି ନାହିଁ ସେ ସମ୍ପର୍କରେ ଅନୁସନ୍ଧାନ ଆରମ୍ଭ କରିଛି କ୍ରାଇମ୍ରାଞ୍ଚ।

ବିଜୟ ନଗରମ୍ ଯିବା ସମୟରେ ଶ୍ରୀକାକୁଲମ୍‌ରୁ ଧରାପଡିଥିବା ପରୀକ୍ଷାର୍ଥୀଙ୍କ ଭିତରୁ ୧୨ଜଣ ପିଲା ପୂର୍ବରୁ ବଣିକରେ ପାଠ ପଢୁଥିଲେ। ତେଣୁ ବଣିକରେ ତାଲିମ ନେଉଥିବା ପିଲାମାନଙ୍କର ୫ ବର୍ଷର ରେକଡର୍ କ୍ରାଇମବ୍ରାଞ୍ଚ ଖୋଜାଖୋଜି କରୁଛି। ପୁନଶ୍ଚ 'ବଣିକ' ଛଡ଼ା ଅନ୍ୟ ୬ଟି ଇନଷ୍ଟିଚ୍ୟୁଟ୍‌ରେ ପିଲାମାନେ ତାଲିମ ନେଉଥିବା ସଂକ୍ରାନ୍ତରେ କ୍ରାଇମ୍‌ବ୍ରାଞ୍ଚ ସୂଚନା ପାଇଥିବାରୁ ଏଠାରେ ଚଢ଼ଉ କରାଯାଇପାରେ ବୋଲି ସୂନା ମିଳିଛି।

ଅପରପକ୍ଷରେ ପରୀକ୍ଷା ପରିଚାଳନା ଦାୟିତ୍ୱ ପାଇଥିବା ସିଲିକନ୍ ଟେକ୍‌ଲାବ୍ ଏବଂ ପଞ୍ଚସଫ୍ଟ ଟେକ୍ନୋଲୋଜିର ଅଫିସକୁ ନିୟମିତ ଯାଉଥିବା କିଛି ବଡ଼ ପୁଲିସ ଅଧିକାରୀଙ୍କ ସମ୍ପର୍କରେ ଖୋଳତାଡ଼ ଆରମ୍ଭ ହୋଇଛି। ଏହି ଅଧିକାରୀଙ୍କ ନାମ ଡ଼ିଜିଙ୍କୁ ପ୍ରଦାନ କରାଯାଇଛି। ସେମାନେ ଏହି ଚାକିରି ବିକ୍ରି ଘଟଣାରେ ସମ୍ପୃକ୍ତ ଅଛନ୍ତି କି ନାହିଁ ତାହାର ଅନୁସନ୍ଧାନ ଆରମ୍ଭ ହୋଇଛି । ଗତ କେଇମାସ ତଳେ ସରକାରୀ ନିଯୁକ୍ତି ପରୀକ୍ଷା ପରିଚାଳନା ଦାୟିତ୍ୱ ଆଉଟସୋର୍ସି କମ୍ପାନୀକୁ ନ ଦେବା ଲାଗି ରାଜ୍ୟ ସରକାର ନିର୍ଦ୍ଦେଶ ଜାରି କରିଥିଲେ। ଏହାସତ୍ତ୍ୱେ ଓପିଆରବି କାହିଁକି ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବା ଆଉଟସୋର୍ସି ସଂସ୍ଥା ସମ୍ପର୍କରେ କୌଣସି ସମୀକ୍ଷା କଲା ନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି। ପୁନଶ୍ଚ ଏସ୍‌ଆଇ ଚାକିରି କେଲେଙ୍କାରୀ ପଛରେ ଖାରପଡ଼ାର ଆଶିଷ ଦାସ ନାମକ ଜଣେ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଛି। ଏହି ଯୁବକଜଣକ ଶଙ୍କର ପୃଷ୍ଟି ଏବଂ ମୁନ୍ନା ସହ ଲିଙ୍କ୍‌ରେ ରହିଥିବା କ୍ରାଇମ୍‌ବ୍ରାଞ୍ଚ ସୂଚନା ପାଇଛି। ଶଙ୍କର, ମୁନ୍ନାନର ଫୋନ୍ କଲ ଏବଂ ବ୍ୟାଙ୍କ୍ ଟ୍ରାଞ୍ଜାକସନ୍‌ରୁ ଆଶିଷର ଲିଙ୍କ୍ ଜଣାପଡ଼ିଥିଲା। ଆଶିଷ କ୍ରାଇମ୍‌ବ୍ରାଞ୍ଚ ହେପାଜତକୁ ଆଶିବା ପରେ ଶଙ୍କର ଏବଂ ମୁନ୍ନା ଫେରାର ହେବ ସମ୍ପର୍କରେ ଲିଙ୍କ୍ ମିଳିବ ବୋଲି ଜଣାପଡ଼ିଛି।

### ପିଲାମାନେ ଅନ୍ୟ କୋଚିଂ ସେଣ୍ଟର ନାଁ କହିଛନ୍ତି: ସୁବ୍ରତ

ବଣିକ କୋଚିଂ ସେଣ୍ଟରରେ ଚଢ଼ଉକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଏହାର ଅଧ୍ୟକ୍ଷ ସୁବ୍ରତ ଛାଟୋଇ। ସେ କହିଛନ୍ତି ଯେ ଗିରଫ ହୋଇଥିବା ୧୧୪ଜଣ ପିଲାଙ୍କୁ ପଚରାଉଚରା କରିବା ବେଳେ ସେମାନଙ୍କ ମଧ୍ୟରୁ ୧୨ଜଣ ବଣିକରେ କୋଚିଂ ନେଉଥିବା କହିଥିଲେ। ସେହିପରି ଅନ୍ୟ ପିଲାମାନେ ଅନ୍ୟ କୋଚିଂ ସେଣ୍ଟରରେ ତାଲିମ ନେଇଛନ୍ତି । ମାତ୍ର ସେମାନଙ୍କ କଥା କେହି ଉଠାଉ ନାହାନ୍ତି । ଆମେ ପିଲାମାନଙ୍କୁ ଉନ୍ନତ ତାଲିମ ଦେଇଥାଉ ଓ ପରୀକ୍ଷାରେ ସଫଳତା ପାଇବାକୁ ନିଷ୍ଠାର ସହ କାମ କରୁ । ଯେଉଁଥିପାଇଁ ଆମ ପିଲାମାନେ କୃତକାର୍ଯ୍ୟ ହୋଇଥାଆନ୍ତି । ଏଠାରେ ହଜାର ହଜାର ପିଲା ପାଠଛନ୍ତି ଏବଂ ହଜାର ହଜାର ପିଲା ସରକାରୀ ଚାକିରି କରିଛନ୍ତି। ସୋସିଆଲ ମିଡ଼ିଆରେ ବୁଲୁଥିବା ଲିଷ୍ଟ ଆଧାରରେ ବାଣିକରେ ଚଢଉ କରିବା ଠିକ୍ ନୁହେଁ। ସେ ବିଜେଡି ସହ ସମ୍ପୃକ୍ତ ଥିବାରୁ ଉଦ୍ଦେଶ୍ୟମୂଳକ ଭାବରେ ତାଙ୍କୁ ନିଶାଣ କରାଯାଉଛି ବୋଲି ସୁବ୍ରତ କହିଛନ୍ତି ।

# କଟକ ସାମ୍ପ୍ରଦାୟିକ ଘଟଣା ପାଇଁ ବିଜେପିକୁ ଦାୟୀକଲେ ମମତା

ଭୁବନେଶ୍ୱର, ୯।୧୦(ସମିସ): କଟକରେ ଦୁର୍ଗା ମେଢ଼ ଭସାଣି ବେଳେ ହୋଇଥିବା ଗୋଷ୍ଠୀ ସଂଘର୍ଷକୁ ନେଇ ରାଜ୍ୟ ବିଜେପି ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। କଟକର ଏହି ବାବାଦ ପାଇଁ ସେ ସିଧାସଳଖ ବିଜେପିକୁ ଦାୟୀ କରିଛନ୍ତି। ଏକ ଭିଡିଓ ବାର୍ତ୍ତାରେ ମମତା କହିଛନ୍ତି ଯେ ବିଜେପି କଟକରେ ସାମ୍ପ୍ରଦାୟିକ ହିଂସା କରାଇଛି। ଏହି ବିବାଦରେ ବଜରଙ୍ଗଦଳର ସମ୍ପୃକ୍ତି ନେଇ ମଧ୍ୟ ମମତା ମନ୍ତବ୍ୟ ଦେଇଛନ୍ତି। ଏହାସହ ବିଜେପି ସରକାରକୁ ଏକ ଅହଙ୍କାରୀ ସରକାର ବୋଲି ମମତା କହିଛନ୍ତି।

ଏହାପୂର୍ବରୁ ମହାରାଷ୍ଟ୍ର ରାଜ୍ୟସଭା ସାଂସଦ ପ୍ରିୟଙ୍କା ଚତୁର୍ବେଦୀ ମଧ୍ୟ କଟକ ସାମ୍ପ୍ରଦାୟିକ ଘଟଣାରେ ବିଜେପିର ଭୂମିକାକୁ ନେଇ ପ୍ରଶ୍ନ ଉଠାଇଥିଲେ। ସେ କହିଥିଲେ ଯେ ଓଡ଼ିଶାରେ ଶାନ୍ତିପ୍ରିୟ ଲୋକମାନେ ବସବାସ କରନ୍ତି। ଏଠାରେ ବିଜେଡି ସରକାରରେ ଥିବା ସମୟରେ ଏଭଳି କୌଣସି ଘଟଣା ଦେଖିବାକୁ ମିଳୁ ନ ଥିଲା। ମାତ୍ର ସରକାର ପରିବର୍ତ୍ତନ ଓ ବିଜେପି ସରକାରକୁ ଆସିବା ପରେ ଏଠାକାର ସ୍ଥିତି ବଦଳିଯାଇଛି। ବିଜେପି ନିଜର ରାଜନୈତିକ ଫାଇଦା ପାଇଁ ଲୋକଙ୍କୁ ବିଭାଜିତ କରିଥାଏ। ଏଭଳି ବିବାଦ କରି ବିଜେପି ରାଜନୈତିକ ଫାଇଦା ନେଇଥାଏ, ଓଡ଼ିଶାବାସୀ ଏହା ବୁଝିବା ଦରକାର ବୋଲି ସେ କହିଛନ୍ତି।

ତେବେ ମମତାଙ୍କ ମନ୍ତବ୍ୟକୁ ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନାପସନ୍ଦ କରିଛନ୍ତି। ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ପଶ୍ଚିମବଙ୍ଗରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ନିଜ କଥା ମମତା ବୁଝନ୍ତୁ। କଟକରେ ଯାହା ଘଟିଥିଲା ତାହା ଏକ ଦୁର୍ଘଟଣା ଥିଲା। ଓଡ଼ିଶାରେ ଯେତେବେଳେ ହିଂସା ହୋଇଛି, ସରକାର ସଠିକ ମୁକାବିଲା କରିଛନ୍ତି। ପଶ୍ଚିମବଙ୍ଗରେ କଣ ଘଟୁଛି ଠିକ୍ ଢଙ୍ଗରେ ଦେଖିଲେ ବିଫଳତା ଦେଖିପାରିବେ। ଓଡ଼ିଶାକୁ ବଦନାମ କରିବାକୁ ମମତା ଉଦ୍ୟମ କରୁଛନ୍ତି। ପଶ୍ଚିମବଙ୍ଗଠାରୁ ଆମେ କିଛି ଟିପ୍ପଣୀ ଆଶା କରୁନୁ। କଟକର ପରିସ୍ଥିତି ଆଉ ପରିବେଶ ଏବେ ଶାନ୍ତ ଅଛି। ଶାନ୍ତ ଥିବା କଟକକୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଯଦି ପ୍ରବର୍ତ୍ତାଇବାକୁ ଚାହିଁବେ ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ କଥା। ସରକାର ଉପରେ ଓଡ଼ିଶାବାସୀଙ୍କ ଭରସା ଅଛି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

# ଜମ୍ବୁବତୀ-ଭୀମସେନ ଚତୁର୍ଥ ସ୍ମୃତି ସମ୍ମାନ

### ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ସମ୍ବର୍ଦ୍ଧିତ

ଯାଜପୁର/ଭୁବନେଶ୍ୱର, ୯ ।୧୦(ସମିସ): ଶିକ୍ଷକ ସର୍ବଦା ପ୍ରଥ ପ୍ରଦର୍ଶକ। ସୁସ୍ଥ ସମାଜ ଓ ଦୃଢ଼ ନାଗରିକ ଗଠନ କରିବାରେ ଶିକ୍ଷକଙ୍କ ଭୂମିକା ଅତୁଳନୀୟ ବୋଲି ଜମ୍ବୁବତୀ-ଭୀମସେନ ଚତୁର୍ଥ ସ୍ମୃତି ସମ୍ମାନ ପ୍ରଦାନ ଅବସରରେ ମୁଖ୍ୟ ଅତିଥି ତଥା ତିରୁବନ୍ନାମଲାଇସ୍ଥିତ ବେଦ ବିଶ୍ୱବିଦ୍ୟାଳୟର କୁଳପତି ଡ. ହରିହର କାନୁନଗୋ ମତବ୍ୟକ୍ତ କରିଛନ୍ତି। ଆଜିର ଅବକ୍ଷୟମୁଖୀ ସମାଜରେ ମାତା-ପିତାଙ୍କ ସ୍ମୃତିରେ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରିବା ଓ ସେମାନଙ୍କୁ ମନେପକାଇବା ଏକ ନୂଆ ତଥା ଉଚ୍ଚ ପରମ୍ପରା ସୃଷ୍ଟି କରିଛି ବୋଲି ସେ କହିଛନ୍ତି। ଯାଜପୁର ବ୍ଲକ୍ ଅନ୍ତର୍ଗତ ଛତିଶ ଦେବିଲର ନକ୍ଷତ୍ର ମାଳିନୀ ନୋଡାଲ ଉଚ୍ଚ ବିଦ୍ୟାଳୟର ୫ଜଣ ଅବସରପ୍ରାପ୍ତ ଶିକ୍ଷକ ଓ ଅଫିସ ସହାୟକଙ୍କୁ ଋଷିପୁରସ୍ଥିତ ଜମ୍ବୁବତୀ-ଭୀମସେନ ସ୍ମୃତି ପରିଷଦ ପକ୍ଷରୁ ଭୀମସେନ ବିଶ୍ୱାଳଙ୍କ ଚତୁର୍ଥ ଶ୍ରାଦ୍ଧଦିବସ ଅବସରେ ସମ୍ବର୍ଦ୍ଧିତ କରାଯାଇଛି। ଅନ୍ୟତମ ଅତିଥି ତଥା ଉଦ୍‌ଘାଟକ ଡ. ଶରତ କୁମାର ବିଶ୍ୱାଳ ଏପରି ଏକ ନିଆରା କାର୍ଯ୍ୟକ୍ରମ ଆଜିର ଯୁବପିଢ଼ିକୁ



ପ୍ରେରଣା ଯୋଗାଇବ ବୋଲି କହିଥିଲେ।

ନକ୍ଷତ୍ର ମାଳିନୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ୩ ଦଶନ୍ଧି ଧରି ଶିକ୍ଷାଦାନ କରିବା ପରେ ଅବସର ନେଇଥିବା ପ୍ରଧାନ ଶିକ୍ଷକ ଆନନ୍ଦ ଚନ୍ଦ୍ର ବିଶ୍ୱାଳ, ବିଜ୍ଞାନ ଶିକ୍ଷକ ମଦନମୋହନ ଦାଶ, ହିନ୍ଦୀ ଓ ଭୂଗୋଳ ଶିକ୍ଷକ ଅମର ଚରଣ ଘଡ଼େଇ, କ୍ରୀଡ଼ା ଶିକ୍ଷକ ଜୟରାମ ବିଶ୍ୱାଳ ଓ ଅଫିସ ସହାୟକ ଜଗବନ୍ଧୁ ଦାଶଙ୍କୁ ଅତିଥିମନେ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସୁଜନପୁର ଆଞ୍ଚଳିକ ପଞ୍ଚାୟତ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ସୁକାନ୍ତ କୁମାର ବିଶ୍ୱାଳ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ଥାନୀୟ ମୁରବି ତଥା ସୁଜନପୁର ସେବା ସମବାୟ ସମିତି ସଭାପତି କୁଳମଣି ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରିଷଦର ସଭାପତି ସରୋଜ କୁମାର ବିଶ୍ୱାଳ ସଭା ପରିଚାଳନା କରିଥିଲା ବେଳେ ନୀଳମଣି ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ସମ୍ପାଦକ ସଞ୍ଜୀବ ବିଶ୍ୱାଳ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଭୁବନେଶ୍ୱରସ୍ଥିତ ଏକାମ୍ର ଶିଶୁ ସାହିତ୍ୟ ପରିଷଦ ପକ୍ଷରୁ ସଭାପତି ଡ. ଶରତ କୁମାର ବିଶ୍ୱାଳ ପରିଷଦର ସମ୍ପାଦକ ସଞ୍ଜୀବ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ବଦଳିଲେ ୧୯ ଅତିରିକ୍ତ ଏସ୍‌ପି

ଭୁବନେଶ୍ୱର, ୯।୧୦ (ସମିସ): ଅତିରିକ୍ତ ପୁଲିସ ଏସ୍‌ପିସ୍ତରରେ ରାଜ୍ୟରେ ଏକ ବଡ଼ ଅଦଳବଦଳ ହୋଇଛି। ମୋଟ ୧୯ ଜଣଙ୍କ ବଦଳି ହୋଇଥିବା ନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବ୍ରହ୍ମପୁର ଅତିରିକ୍ତ ଏସ୍‌ପି ସୀମା ସ୍ୱାଇଁଙ୍କୁ ଉତ୍ତର କେନ୍ଦ୍ରାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟକୁ ବଦଳି କରାଯାଇଥିବା ବେଳେ ତାଙ୍କ ସ୍ଥାନରେ ବଲାଙ୍ଗୀରର ଅତିରିକ୍ତ ଏସ୍‌ପି ଆଲୋକ ଜେନାଙ୍କୁ ଅବସ୍ଥାପିତ କରାଯାଇଛି। ବରଗଡ଼ ଆଇୟୁସିଏଡବ୍ଲୁର ଇନ୍ଦୁରେଖା ପଶ୍ଚିମକବାଟଙ୍କୁ ଢେଙ୍କାନାଳ ଆଇୟୁସିଏଡବ୍ଲୁ, ରାୟଗଡ଼ା ଆଇୟୁସିଏଡବ୍ଲୁର ସ୍ୱସ୍ତିକ ପଣ୍ଡାଙ୍କୁ ଭିଜିଲାନ୍ସ, ଏସ୍‌ଓଜିରେ କାର୍ଯ୍ୟରତ ଅମ୍ରିତ ପଣ୍ଡାଙ୍କୁ ବଲାଙ୍ଗୀର ଜିଲ୍ଲାକୁ ବଦଳି ହୋଇଛି। ବରଗଡ଼ ଡିଆଇବିର ସୌରଭ ଓଟାଙ୍କୁ ରାଜ୍ୟ ପୁଲିସ ମୁଖ୍ୟାଳୟ, ବାଲେଶ୍ୱର ଡିଆଇବିରେ କାର୍ଯ୍ୟରତ ଅଶ୍ୱିନୀ କୁମାର ନାୟକଙ୍କୁ ଭିଜିଲାନ୍ସ, ଢେଙ୍କାନାଳ ଆଇୟୁସିଏଡବ୍ଲୁର ପ୍ରଭାତ କୁମାର ବିଶ୍ୱାଳଙ୍କୁ କେନ୍ଦ୍ରାପଡ଼ା ଆଇୟୁସିଏଡବ୍ଲୁ, ସିକ୍ୟୁରିଟି ୱିଙ୍ଗର ଅତିରିକ୍ତ ଏସ୍‌ପି ସଞ୍ଜୀବ କୁମାର ଶତପଥୀଙ୍କୁ ଏସଟିଏଫ୍, ଇଓଡବ୍ଲୁର ଅତିରିକ୍ତ ଏସ୍‌ପି ସସ୍ମିତା ସାହୁଙ୍କୁ ଭିଜିଲାନ୍ସରେ ଅବସ୍ଥାପିତ କରାଯାଇଛି।

ଅତିରିକ୍ତ ଏସ୍‌ପି (ଗୁଇନ୍ଦା) ଦେବଜିତ୍ ଭଟ୍ଟାଚାର୍ଯ୍ୟଙ୍କୁ ଡିଆଇବି ବାଲେଶ୍ୱର, ସ୍ପେଶାଲ ବ୍ରାଞ୍ଚର ଅତିରିକ୍ତ ଏସପି ପ୍ରଦୀପ କୁମାର କେରକେଟାଙ୍କୁ ଡିଆଇବି ବରଗଡ଼, ବଲାଙ୍ଗୀର ଆଇୟୁସିଏଡବ୍ଲୁର ଅତିରିକ୍ତ ଏସ୍‌ପି ଗୁଣନିଧି ମଲ୍ଲିକଙ୍କୁ ସ୍ପେଶାଲ ବ୍ରାଞ୍ଚ, ପୁଲିସ ଟ୍ରେନିଂ ଇନଷ୍ଟିଚ୍ୟୁଟ୍ (ବରୀ)ରେ କାର୍ଯ୍ୟରତ ଅତିରିକ୍ତ ଏସ୍‌ପି ଆକାଶ ଚନ୍ଦ୍ର ସାହୁଙ୍କୁ ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମୀ ଓ କେନ୍ଦୁଝର ଆଇୟୁସିଏଡବ୍ଲୁର ହରପ୍ରିୟା ନାୟକଙ୍କୁ ଭିଜିଲାନ୍ସ ବିଭାଗକୁ ବଦଳି ହୋଇଛି। ସେହିପରି, ଭଦ୍ରକ ଡିଆଇବିର ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀଙ୍କୁ ରାୟଗଡ଼ା, କ୍ରାଇମବ୍ରାଞ୍ଚର ଅତିରିକ୍ତ ଏସ୍‌ପି ସତ୍ୟବିକାଶ ଭୂୟାଁଙ୍କୁ ଡିଆଇବି ଭଦ୍ରକ, କନ୍ଧମାଳର ଅତିରିକ୍ତ ଏସ୍‌ପି ସ୍ନେହାଶିଷ ସାହୁଙ୍କୁ କେନ୍ଦୁଝର ଓ ସମ୍ବଲପୁରର ଅତିରିକ୍ତ ଏସ୍‌ପି ପ୍ରକାଶ ଜେମ୍ସ ଟପ୍ପୋଙ୍କୁ ରାଉରକେଲାସ୍ଥିତ ପଶ୍ଚିମାଞ୍ଚଳ ଡିଆଇଜିଙ୍କ କାର୍ଯ୍ୟାଳୟକୁ ବଦଳି କରାଯାଇଛି।

## ଆଜିର ରାଶିଫଳ

**ମେଷ:** ମନ ପ୍ରସନ୍ନ ରହିବ। ବ୍ୟବହାରରେ ପରିବର୍ତ୍ତନ ଆଣିବେ। ସମାଜସେବାରେ ମନୋନିବେଶ କରିବେ। ଅଫିସ୍‌ରେ ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ସଫଳତା ପାଇଁ କଠିନ ପରିଶ୍ରମ କରିବେ।

**ବୃଷ:** ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ। ରାଜନୀତିରେ ନୂଆ ଲୋକଙ୍କ ସହ ମିଳାମିଶା ବଢ଼ିବ। ବନ୍ଧୁଙ୍କଠାରୁ ଆର୍ଥିକ ସାହାଯ୍ୟ ପାଇବେ। ଆଜି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇ ପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ଯାନବାହନ ଓ ଭୂମି କିଣିବା ଯୋଗ ଅଛି। ପରିବାରକୁ ସମୟ ଦେବେ। କମ୍ ନିବେଶ କରି ଅଧିକ ଲାଭ ପାଇବେ। ପାରିବାରିକ ଜୀବନ ସୁଖମୟ ହେବ। ମହିଳାଙ୍କ ସମୟ ଭଲରେ ଅତିବାହିତ ହେବ।

**କର୍କଟ:** ଦିନଟି ଶୁଭଫଳ ପ୍ରଦାନ କରିବ। ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇ ମଧ୍ୟରେ କଳହ ଲାଗିପାରେ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ ନାହିଁ। ଘରେ ପୂଜାପାଠ ଆୟୋଜନ କରିବେ।

**ସିଂହ:** ପାରିବାରିକ ବ୍ୟବସାୟକୁ ଆଗକୁ ନେବେ। ପରିବାରରେ ହସଖୁସିର ପରିବେଶ ରହିବ। ସମ୍ମାନ ହାନି ଯୋଗ ଅଛି। ଚାଷ କ୍ଷେତ୍ରରେ ଲାଭ ମିଳିବ। ଛୋଟଛୋଟ ଆଲୋଚନାକୁ ଅଣଦେଖା ନ କରିବା ଭଲ।

**କନ୍ୟା:** କୌଣସି କାମ ସମୟାନୁସାରେ ସମ୍ପନ୍ନ କରିବେ ନାହିଁ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଦାମ୍ପତ୍ୟ ଜୀବନରେ ଭୁଲ ବୁଝାମଣା ଦେଖାଦେବ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

**ତୁଳା:** ସମାଜସେବା ପ୍ରତି ଆଗ୍ରହ ବଢ଼ିବ। ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିପାରେ। ସମସ୍ତ କାର୍ଯ୍ୟକୁ ପୂରା କରିବାରେ ସଫଳ ହେବେ। ଅଚାନକ ଖୁସି ଖବର ପାଇପାରନ୍ତି।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବିବାହ ସମସ୍ୟାର ସମାଧାନ ହେବ। ଘରେ ପୂଜାପାଠ, ଭଜନକୀର୍ତ୍ତନ ଆୟୋଜନ କରିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖା ଦେବ।

**ଧନୁ:** ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କୌଣସି ନୂଆ କାମ ଆରମ୍ଭ କରିବେ। ଉଚ୍ଚଶିକ୍ଷା ପାଇଁ ଭଲ ସମୟ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**ମକର:** କର୍ମତତ୍ପର ରହିବେ। ଛାତ୍ରଛାତ୍ରୀମାନେ ନୂଆ ବିଷୟ ପାଇଁ ଆଗ୍ରହ ପ୍ରକାଶ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଦେଖାଦେବ। ଦୂରସ୍ଥାନ ଯାତ୍ରା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

**କୁମ୍ଭ:** କର୍ମ ଅନୁସାରେ ଫଳ ମିଳିବ। ବ୍ୟବସାୟରୁ ଆଶାଜନକ ଲାଭ ମିଳିବ। ସକାରାତ୍ମକ ଚିନ୍ତାଧାରା ନେଇ ଆଗକୁ ବଢ଼ିବେ। ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ ଓ ନୂଆ ଯୋଜନା କରିବେ।

**ମୀନ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଦୂରସ୍ଥାନକୁ ବୁଲିବା ଯୋଜନା କରିବେ। ଧାର କରଜରୁ ନିବୃତ୍ତ ରହିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ଅତିଥି ସତ୍କାର କରିପାରନ୍ତି।



**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୭୫
- ପାଉଣ୍ଡ ୧୧୯.୩୩
- ୟୁରୋ ୧୦୩.୨୪
- ୟେନ୍ ୦.୫୮




**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୩,୮୦୦ (ଭୁବନେଶ୍ୱର)
- ରୁପା : ୧,୭୧,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୧୭୨.୦୦
- ନିଫ୍ଟି ୨୫,୧୮୧.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



● ଭାରତର କ୍ରେଡିଟ୍ କାର୍ଡ କିଙ୍ଗ୍ ମନୀଷ ଘମେଜା

## ରଖିଛନ୍ତି ୧୬୩୮ କ୍ରେଡିଟ୍ କାର୍ଡ, ନାହିଁ କୌଣସି ଋଣ

ନୂଆଦିଲ୍ଲୀ, ୯।୧୦(ଏଜେନ୍ସି): ଆପଣ ହୁଏତ ଅନେକ ଉଦ୍ଦେଶ୍ୟରେ କ୍ରେଡିଟ୍ କାର୍ଡ ବ୍ୟବହାର କରିଥିବେ, ତାହା ଅନଲାଇନ୍ ସର୍ଫିଂ କିମ୍ବା ବିଲ୍ ପେମେଣ୍ଟ ହେଉ। କିନ୍ତୁ ଜଣେ ବ୍ୟକ୍ତି କ୍ରେଡିଟ୍ କାର୍ଡକୁ ଏପରି ଆୟର ଉତ୍ସରେ ପରିଣତ କରିଛନ୍ତି। ସେ ହେଉଛନ୍ତି ମନୀଷ ଘମେଜା, ଯାହାଙ୍କୁ ଭାରତର 'କ୍ରେଡିଟ୍ କାର୍ଡ କିଙ୍ଗ୍' କୁହାଯାଉଛି। ତାଙ୍କ ପାଖରେ ରହିଛି ୧୬୩୮ଟି ବୈଧ କ୍ରେଡିଟ୍ କାର୍ଡ। ହେଲେ କୌତୂହଳର ବିଷୟ ହେଉଛିଯେ, ମନୀଷଙ୍କର କୌଣସି ଋଣ ନାହିଁ। ଏତେ ସଂଖ୍ୟକ କ୍ରେଡିଟ୍ କାର୍ଡ



**ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସାମିଲ୍**

ରଖିଥିବାରୁ ମନୀଷ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସାମିଲ୍ ହୋଇଛନ୍ତି। ଶୂନ୍ୟ ଋଣ ସହିତ ସେ ଏହି କାର୍ଡଗୁଡ଼ିକୁ ଟଙ୍କା ରୋଜଗାର ମେସିନ୍ ପରି ବ୍ୟବହାର କରନ୍ତି। ଏକ ଇନ୍‌ଭେଷ୍ଟ ଅପ୍ ମିଡିଆ ପୋଷ୍ଟରେ ଏହି ତଥ୍ୟ ପ୍ରଦାନ କରାଯାଇଛି। ମନୀଷ ଘାମେଜା କ୍ରେଡିଟ୍ କାର୍ଡ ଏବଂ ମୁଦ୍ରା ସଂଗ୍ରହ ପାଇଁ ଗିନିଜ୍ ୱାର୍ଲ୍ଡ ରେକର୍ଡଧାରୀ। ସେ ବର୍ତ୍ତମାନ ଦିଲ୍ଲୀରେ ରୁହନ୍ତି, କିନ୍ତୁ ମୂଳତଃ ଉତ୍ତର ପ୍ରଦେଶର ଲକ୍ଷ୍ନୌର ମୂଳ ନିବାସୀ। ମନୀଷ ତାଙ୍କ ଶିକ୍ଷା ସମୟରେ ବିଭିନ୍ନ କ୍ଷେତ୍ରରେ କାମ କରିଛନ୍ତି। ସେ କାନପୁରର ସିଏସ୍‌ଜେଏମ୍‌ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଏବଂ ଗଣିତରେ ଡିଗ୍ରୀ ହାସଲ କରିଥିଲେ। ତା'ପରେ ସେ ଲକ୍ଷ୍ନୌର ଇଣ୍ଟିଗ୍ରାଲ ବିଶ୍ୱବିଦ୍ୟାଳୟରୁ ଏମ୍‌ସିଏ ଏବଂ ସାମାଜିକ କାର୍ଯ୍ୟରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ମନୀଷ ଦୁଇଥର ଗିନିଜ୍ ୱାର୍ଲ୍ଡ ରେକର୍ଡଧାରୀ - କ୍ରେଡିଟ୍ କାର୍ଡ ଏବଂ କଏନ୍ ସଂଗ୍ରହ ପାଇଁ। ସେ ଜଣେ ମୁଦ୍ରାବିଦ୍, କଳାକାର, ଡାଟା ବୈଜ୍ଞାନିକ ଏବଂ ସମାଜସେବୀ। ସେ ଲିଙ୍କଡିନ୍‌ରେ ପରାମର୍ଶଦାତା ଏବଂ ଇନଷ୍ଟାଗ୍ରାମ୍ ଏବଂ ଫେସବୁକ୍‌ରେ ତାଙ୍କ ଅନୁସରଣକାରୀଙ୍କ ସହିତ କ୍ରେଡିଟ୍ କାର୍ଡ ଟିପ୍ସ ସେୟାର କରନ୍ତି।

## ବିଶ୍ୱ ଅର୍ଥନୀତିରେ ଆସିବ ଭୂ-ଚାଳ

ୱାଶିଂଟନ୍, ୯।୧୦(ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ଝଟ୍‌କା ସତ୍ତ୍ୱେ ବିଶ୍ୱ ଅର୍ଥନୀତି ଆଶାଠାରୁ ଭଲ ସ୍ଥିତିରେ ଅଛି। କିନ୍ତୁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ମୁଖ୍ୟ କହିଛନ୍ତି ଯେ ଏହି ସ୍ଥିରତା ଅଧିକ ସମୟ ପର୍ଯ୍ୟନ୍ତ ରହିପାରିବ ନାହିଁ। ବୁଧବାର ଏକ ଅଭିଭାଷଣରେ, ଆଇଏମ୍‌ଏଫ୍ ଏମ୍‌ଡି କ୍ରିଷ୍ଟାଲିନା ଜର୍ଜିଭା କହିଛନ୍ତି ଯେ, ନିଜକୁ ସମ୍ଭାଳି ରଖ। ଅନିଶ୍ଚିତତା ଏବେ ସ୍ୱାଭାବିକ ଏବଂ ଏହା ସବୁଦିନ ପାଇଁ ରହିବ। ନିବେଶକମାନେ ଦୁର୍ବଳ ଡଲାର ଏବଂ ଭୂ-ରାଜନୈତିକ ଅନିଶ୍ଚିତତାରୁ ନିଜକୁ ରକ୍ଷା କରିବା ପାଇଁ ନିରାପଦ ଆଶ୍ରୟସ୍ଥଳ ଖୋଜୁଛନ୍ତି। ଏହା ସହିତ, ଆଇଏମ୍‌ଏଫ୍ ଏବଂ ବିଶ୍ୱ ବ୍ୟାଙ୍କର ବାର୍ଷିକ ବୈଠକ ଆସନ୍ତା ସପ୍ତାହରେ ୱାଶିଂଟନରେ ଅନୁଷ୍ଠିତ ହେବ। ଯେତେବେଳେ ବିଶ୍ୱ ଆର୍ଥିକ କ୍ଷେତ୍ରର ନେତୃବୃନ୍ଦ ଏବଂ କେନ୍ଦ୍ରୀୟ ବ୍ୟାଙ୍କ ମୁଖିଆମାନେ ଏକାଠି ହେବେ। ସେଠାରେ ଟ୍ରମ୍ପ୍ ଶୁଳ୍କ ଉପରେ ଜୋରଦାର ବିତର୍କ ହେବ ବୋଲି ଆଶା କରାଯାଉଛି। ଚଳିତ ବର୍ଷ ବିଶ୍ୱ ଅର୍ଥନୀତି ୩% ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି।

**ଆଇଏମ୍‌ଏଫ୍‌ର ଚେତାବନୀ**

**ଟ୍ରମ୍ପଙ୍କ ୟୁ-ଟର୍ଣ୍ଣ**

## ଜେନେରିକ୍ ଔଷଧ ଉପରେ ଲାଗିବନି ଟାରିଫ୍

ନୂଆଦିଲ୍ଲୀ, ୯।୧୦(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁଳ୍କ ବୋମା ମାଧ୍ୟମରେ ଅନେକ ଦେଶର ଅର୍ଥନୀତିକୁ ପ୍ରଭାବିତ କରିଛନ୍ତି। ଭାରତ ମଧ୍ୟ ଏହାର ପ୍ରଭାବ ଅନୁଭବ କରୁଛି। ତଥାପି , ବର୍ତ୍ତମାନ ସମୟ ପାଇଁ ଟ୍ରମ୍ପ ପ୍ରଶାସନ ଜେନେରିକ୍ ଔଷଧ ଉପରେ ଶୁଳ୍କ ଲଗାଇବା ଯୋଜନାକୁ ସ୍ଥଗିତ ରଖିଛି। ଏହି ନିଷ୍ପତ୍ତି ଭାରତୀୟ ଔଷଧ ଶିଳ୍ପକୁ ବଡ଼ ଆଶ୍ୱସ୍ତି ଆଣିଛି, କାରଣ ଆମେରିକାରେ ବ୍ୟବହୃତ ଅଧିକାଂଶ କମ୍ ମୂଲ୍ୟର ଔଷଧ ଭାରତରୁ ରପ୍ତାନି କରାଯାଏ। ଯଦି ଶୁଳ୍କ ଲଗାଯାଏ ତେବେ ଭାରତୀୟ ଔଷଧ ଆମେରିକା ବଜାରରେ ମହଙ୍ଗା ହୋଇଯିବ।

ମେଡିକାଲ୍ ଡାଟା ଆନାଲିଟିକ୍ସ କମ୍ପାନୀ ଆଇକ୍ୟୁଭିଆର ଏକ ରିପୋର୍ଟ ଅନୁଯାୟୀ, ଆମେରିକାରେ ବ୍ୟବହୃତ ଜେନେରିକ୍ ଔଷଧର ପ୍ରାୟ ୪୭% ଭାରତରୁ ଆସିଥାଏ। ଭାରତର ଅଂଶ ଏତେ ବଡ଼ ଯେ ଏହାକୁ ପ୍ରାୟତଃ ବିଶ୍ୱର ଫାର୍ମାସୀ କୁହାଯାଏ। ଭାରତୀୟ ଔଷଧ ଆମେରିକାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ମଧୁମେହ, ରକ୍ତଚାପ, କୋଲେଷ୍ଟ୍ରଲ୍ ଏବଂ ଆଣ୍ଟିବାୟୋଟିକ୍ ଭଳି ଜୀବନରକ୍ଷାକାରୀ ଔଷଧ ଭାରତୀୟ କମ୍ପାନୀଗୁଡ଼ିକରୁ ଆମେରିକାକୁ ବହୁ ପରିମାଣରେ ଆମଦାନୀ କରାଯାଇଥାଏ। ଏହି ଔଷଧର ମୂଲ୍ୟ ଆମେରିକାରେ ସ୍ଥାନୀୟ ଭାବରେ ଉତ୍ପାଦିତ ଔଷଧ ତୁଳନାରେ ଯଥେଷ୍ଟ କମ୍, ଯାହା ଆମେରିକୀୟ ନାଗରିକମାନଙ୍କୁ ଆଶ୍ୱସ୍ତି ପ୍ରଦାନ କରେ।

### ■ କାହିଁକି ୟୁ-ଟର୍ଣ୍ଣ ନେଲେ ଟ୍ରମ୍ପ

ଦି ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ପ୍ରଶାସନ ଜେନେରିକ୍ ଔଷଧ ଉପରେ ଶୁଳ୍କ ଲାଗୁ କରିବା ଘଟଣା ଉପରେ ଏକ ତଦନ୍ତ ଆରମ୍ଭ କରିଥିଲା। ଏହି ତଦନ୍ତରେ କେବଳ ପ୍ରସ୍ତୁତ ଔଷଧ ନୁହେଁ ବରଂ ସେମାନଙ୍କ ଉତ୍ପାଦନରେ ବ୍ୟବହୃତ କଞ୍ଚାମାଲ (ଏପିଆଇ) ମଧ୍ୟ ଅନ୍ତର୍ଭୁକ୍ତ ଥିଲା। ତଥାପି, ତଦନ୍ତ ପରେ ବାଣିଜ୍ୟ ବିଭାଗ ପରିସରକୁ ସଙ୍କୁଚିତ କରିବାକୁ ସୁପାରିଶ କରିଥିଲା, କାରଣ ଅନେକ ବିଶେଷଜ୍ଞ ବିଶ୍ୱାସ କରୁଥିଲେ ଯେ ଜେନେରିକ୍ ଔଷଧ ଉପରେ ଶୁଳ୍କ ଲଗାଇବା ଦ୍ୱାରା ଆମେରିକାରେ ଔଷଧର ମୂଲ୍ୟ ବୃଦ୍ଧି ପାଇବ ଏବଂ ବଜାରରେ ତାହାର ଅଭାବ ମଧ୍ୟ ଦେଖାଦେଇପାରେ। ଗୋଟିଏ ଗୋଷ୍ଠୀ ବିଦେଶୀ ଔଷଧ ଉପରେ ଉଚ୍ଚ ଶୁଳ୍କ ଲଗାଇ ଉତ୍ପାଦନକୁ ଆମେରିକାକୁ ଫେରାଇ ଆଣିବାକୁ ଚାହୁଁଥିଲା, ଯେତେବେଳେ କି ଅନ୍ୟ ଏକ ଗୋଷ୍ଠୀ ବିଶ୍ୱାସ କରୁଥିଲେ ଯେ ଏପରି ପଦକ୍ଷେପ ଆମେରିକୀୟ ଜନସାଧାରଣଙ୍କ ପାଇଁ କ୍ଷତିକାରକ ହେବ।



**● ଦୀପାବଳି ପୂର୍ବରୁ ଭାରତକୁ ଦେଲେ ଖୁସି ଖବର**

**● ଫାର୍ମା କମ୍ପାନୀ ଆଶ୍ୱସ୍ତ**

### ■ ଟାରିଫ୍ ଯୁଦ୍ଧ ଏବଂ ବିଶ୍ୱ ପ୍ରଭାବ

ସାମ୍ପ୍ରତିକ ମାସଗୁଡ଼ିକରେ ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଟାରିଫ୍ ନୀତି ବିଶ୍ୱସ୍ତରୀୟ ଶିରୋନାମା ପାଲଟିଛି। ପ୍ରଥମେ, ସେ ଚୀନ୍ ଉପରେ ଆମଦାନୀ ଶୁଳ୍କ ଲାଗୁ କରିଥିଲେ, ଯାହାର ଜବାବରେ ଚୀନ୍ ଆମେରିକୀୟ କୃଷି ଉତ୍ପାଦ କିଣିବା ବନ୍ଦ କରିଦେଇଥିଲା। ଏହା ଆମେରିକୀୟ କୃଷକମାନଙ୍କ ପାଇଁ ଏକ ବଡ଼ ଆଘାତ ଦେଇଥିଲା ଏବଂ କୃଷି ବଜାରରେ ଏକ ସଙ୍କଟ ସୃଷ୍ଟି କରିଥିଲା। ସେହିପରି, ଯଦି ଭାରତରେ ଔଷଧ ଶୁଳ୍କ ଲଗାଯାଇଥାନ୍ତା ତେବେ ଏହା ଆମେରିକୀୟ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ପ୍ରଭାବିତ କରିଥାନ୍ତା। ଭାରତର ସୁଲଭ ଏବଂ ନିର୍ଭରଯୋଗ୍ୟ ଔଷଧ ବିନା ଆମେରିକୀୟ ରୋଗୀମାନଙ୍କ ପାଇଁ ସମାନ ଚିକିତ୍ସା ବହୁତ ମହଙ୍ଗା ହୋଇଥାନ୍ତା।

### ■ ଭାରତୀୟ ଔଷଧ ଶିଳ୍ପର ଭୂମିକା

ଜେନେରିକ୍ ଔଷଧ କ୍ଷେତ୍ରରେ ଭାରତର ଔଷଧ ଶିଳ୍ପ ବିଶ୍ୱରେ ବେଶ ଅଗ୍ରଣୀ। ଭାରତୀୟ କମ୍ପାନୀଗୁଡ଼ିକ କେବଳ ଆମେରିକାକୁ ନୁହେଁ ବରଂ ୟୁରୋପ, ଆଫ୍ରିକା ଏବଂ ଏସିଆର ଦେଶଗୁଡ଼ିକୁ ମଧ୍ୟ ସୁଲଭ ଏବଂ ଉଚ୍ଚମାନର ଔଷଧ ରପ୍ତାନି କରନ୍ତି। ଆମେରିକାର ବଜାର ହେଉଛି ଭାରତର ସର୍ବବୃହତ ରପ୍ତାନି ଗନ୍ତବ୍ୟସ୍ଥଳ, ଯାହା ପ୍ରତିବର୍ଷ କୋଟି କୋଟି ଡଲାର ମୂଲ୍ୟର ଔଷଧ ପଠାଇଥାଏ। ତେଣୁ, ଟ୍ରମ୍ପ ପ୍ରଶାସନର ନିଷ୍ପତ୍ତିକୁ ସ୍ଥଗିତ ରଖିବା ଭାରତୀୟ କମ୍ପାନୀଗୁଡ଼ିକ ପାଇଁ ଏକ ବଡ଼ ଆଶ୍ୱସ୍ତି ଆଣିଛି।

## ଲାଲ୍‌ଚନ୍ଦ୍‌ର ଧନତେରସ ଓ ଦୀପାବଳି ଅଫର


ଭୁବନେଶ୍ୱର, ୯।୧୦(ସମିସ): ଧନତେରସ ଓ ଦୀପାବଳି ଉପଲକ୍ଷେ ଲାଲ୍‌ଚନ୍ଦ୍ ଜୁଏଲର୍ସ ତରଫରୁ ମନଲୋଭା ରିଆତି ଅଫର ଘୋଷଣା କରାଯାଇଛି। ସୁନାର ମୂଲ୍ୟ ବଢୁଥିବାବେଳେ ଗ୍ରାହକମାନଙ୍କୁ ସୁଲଭ ମୂଲ୍ୟରେ ଅଳଙ୍କାର ଯୋଗାଇଦେବା ପାଇଁ ଲାଲ୍‌ଚନ୍ଦ୍ ଆଣିଛନ୍ତି ସବୁଠୁ କମ୍ ଗଢ଼ା ମଜୁରୀ। ସମସ୍ତ ୨୨ କ୍ୟାରେଟ୍ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସ୍ୱର୍ଣ୍ଣ ଅଳଙ୍କାରର ଗଢ଼ା ମଜୁରିରେ ଫ୍ଲାଟ୍ ୬୦% ରିଆତି। ରୁପା ଅଳଙ୍କାରର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୬୦% ରିଆତି ଥିବାବେଳେ ହୀରା ମୂଲ୍ୟ ଉପରେ ଫ୍ଲାଟ୍ ୨୫% ରିହାତି ରହିଛି। ନିର୍ଦ୍ଦିଷ୍ଟ ହାତଘଣ୍ଟା ଉପରେ ଅଛି ଫ୍ଲାଟ୍ ୫୦% ରିହାତି। ରୁପା ବ୍ରାଣ୍ଡେଡ୍ ଆଇଟମ ଉପରେ ରହିଛି ଫ୍ଲାଟ୍ ୧୫% ରିଆତି। ତା' ସହିତ ୧.୫ ଲକ୍ଷ ଟଙ୍କାର ସ୍ୱର୍ଣ୍ଣ ଅଳଙ୍କାର କିଣିଲେ ମାଗଣା ସ୍ୱର୍ଣ୍ଣ ମୁଦ୍ରା ଏବଂ ପ୍ରତ୍ୟେକ କ୍ରୟ ଉପରେ ନିଶ୍ଚିତ ଉପହାର। ଏସ୍‌ବିଆଇ କାର୍ଡ ଉପଭୋକ୍ତାମାନେ ୧୧ରୁ ୨୦ ଅକ୍ଟୋବର ମଧ୍ୟରେ ଖରିଦ କରି ୫,୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାସ୍ ବ୍ୟାକ୍ ପାଇପାରିବେ। ୨ ନଭେମ୍ବର ପର୍ଯ୍ୟନ୍ତ ଲକି ଲକ୍ଷ୍ମୀ ଜ୍ୱେଲରୀ ଫେଷ୍ଟିଭାଲ୍ ଚାଲୁ ରହିଛି। ଯେଉଁଥିରେ ବମ୍ପର ପୁରସ୍କାର ଭାବରେ ଜଣେ ଗ୍ରାହକ ଜିତିବେ ୧ କେଜି ସୁନା। ୪ ଜଣ ଜୋନ୍ ସ୍ତରୀୟ ବିଜେତା ଜିତିବେ ଜଣକା ୨୫୦ ଗ୍ରାମ୍‌ର ଗୋଲ୍ଡ ବାର୍। ସାମୟିକ ପ୍ରାଇଜ୍ ହିସାବରେ ରହିଛି ୧୫ ହଜାରରୁ ଅଧିକ ପୁରସ୍କାର ଯଥା- ୧ ଗ୍ରାମ୍ ଏବଂ ୫ ଗ୍ରାମ୍‌ର ସ୍ୱର୍ଣ୍ଣ ମୁଦ୍ରା, ୧୦ ଗ୍ରାମ୍ ଏବଂ ୫୦ ଗ୍ରାମ୍‌ର ରୌପ୍ୟ ମୁଦ୍ରା। ସେହିପରି ୭ଟି ସାପ୍ତାହିକ ଡ୍ର ରହିଛି, ଯେଉଁଥିରେ ୧୪୦ଟି ପ୍ରାଇଜ୍। ଅର୍ଥାତ୍ ପ୍ରତି ସପ୍ତାହରେ ୨୦ଟି ପ୍ରାଇଜ୍, ଯେଉଁଥିରେ ରହିଛି ୨୦ଟି ୫ ଗ୍ରାମ୍‌ର ସ୍ୱର୍ଣ୍ଣ ମୁଦ୍ରା। କେବଳ ସେତିକି ନୁହେଁ, ନିଶ୍ଚିତ ଉପହାର ଭାବରେ ରହିଛି ୨୦୦ ଟଙ୍କାର ଡିଜିଟାଲ୍ ଗିଫ୍ଟ ଭାଉଚର। ଜିଜେସି ପ୍ରସ୍ତୁତ ଲକି ଲକ୍ଷ୍ମୀ ଯୋଜନାରେ ଗ୍ରାହକମାନେ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ଉପହାର ଜିତିବା ସହ ୨୦ କୋଟି ଟଙ୍କା ପର୍ଯ୍ୟନ୍ତ ନିଶ୍ଚିତ ଉପହାର ପାଇବେ।


LALCHND
Trusted Brand Since 1948


## ହାରୋ କର୍ମକର୍ତ୍ତା ନିର୍ବାଚନ



ଭୁବନେଶ୍ୱର, ୯।୧୦(ସମିସ): ହୋଟେଲ ଆଣ୍ଡ ରେସ୍ତୋରାଁ ଆସୋସିଏସନ୍ ଅଫ୍ ଇଣ୍ଡିଆ (ହାରୋ)ର ୩୬ ତମ ବାର୍ଷିକ ସାଧାରଣ ବୈଠକ ସହ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ୨୦୨୫-୨୬,୨୦୨୬-୨୭ ଏବଂ ୨୦୨୭-୨୮ ବର୍ଷ ପାଇଁ ଅନୁଷ୍ଠିତ ଏହି କର୍ମକର୍ତ୍ତା ନିର୍ବାଚନରେ ସଂଘ ପାଇଁ ଉପସଭାପତି, କାର୍ଯ୍ୟକାରୀ ସଭାପତି,ସାଧାରଣ ସମ୍ପାଦକ, କୋଷାଧ୍ୟକ୍ଷ, ଯୁଗ୍ମ କୋଷାଧ୍ୟକ୍ଷ , ଯୁଗ୍ମ ସମ୍ପାଦକ ଏବଂ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟମାନଙ୍କୁ ଚୟନ କରାଯାଇଛି। ଏଥିରେ ହାରୋର ୯ ଜଣ ଉପସଭାପତି, ଜଣେ କାର୍ଯ୍ୟକାରୀ ସଭାପତି, ସାଧାରଣ ସମ୍ପାଦକ, କୋଷାଧ୍ୟକ୍ଷ ଓ ଯୁଗ୍ମ କୋଷାଧ୍ୟକ୍ଷ ଭାବେ ଏବଂ ୯ ଜଣ ଯୁଗ୍ମ ସମ୍ପାଦକ ଓ ୧୬ ଜଣ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି।




## ଏଚ୍‌ଆରଟି ନେଉଥିଲେ...

ମାସିକ ଧର୍ମ ବା ଋତୁସ୍ରାବ ମହିଳାଙ୍କର ଏକ ସ୍ୱାଭାବିକ ପ୍ରକ୍ରିୟା। ହେଲେ ମହିଳାମାନଙ୍କର ୪୦ରୁ ୪୫ ବର୍ଷ ମଧ୍ୟରେ ମେନୋପଜ ବା ରଜୋନିବୃତ୍ତି ହୋଇଥାଏ। ଏହି ସମୟେ ଶରୀରରେ ନିର୍ଦ୍ଦିଷ୍ଟ ହର୍‌ମୋନ ନିର୍ଗତ ଧୀମା ହୁଏ। ଏହାଦ୍ୱାରା ରାତିରେ ଝାଳ ବାହାରିବା, ନିଦ୍ରାସମସ୍ୟା, ବିଚଳିତ ଆଦି ସ୍ୱାସ୍ଥ୍ୟସମସ୍ୟା ଦେଖାଯାଏ। ହେଲେ ଅଧିକାଂଶ ମହିଳା ଚିରଯୌବନ ଆଶାରେ ଉକ୍ତ ହର୍‌ମୋନକୁ ସନ୍ତୁଳନ ରଖିବାକୁ ଏଚ୍‌ଆରଟି ଥେରାପି ନିଅନ୍ତି। ଏହା ବ୍ୟୟବହୁଳ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ବିନା ପରାମର୍ଶରେ ଏହି ଥେରାପି ନେବା ଦ୍ୱାରା ଶରୀରରେ ବିଭିନ୍ନ ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଏ। ତେବେ ଏଚ୍‌ଆରଟି ନିର୍ଣ୍ଣୟ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ଓ ଲକ୍ଷଣର ଗମ୍ଭୀରତା ଉପରେ ନିର୍ଭର କରେ।



ଏଚ୍‌ଆରଟି ବା ହର୍‌ମୋନ ରିପ୍ଲେସ୍‌ମେଣ୍ଟ ଥେରାପି ଶରୀରକୁ ଅପ୍ରାକୃତିକ ଉପାୟରେ ଏଷ୍ଟ୍ରୋଜେନ୍ ଏବଂ ପ୍ରୋଜେଷ୍ଟେରୋନର ଅଭାବକୁ ପୂରା କରେ। ଏହା ପ୍ୟାଚ୍, ବଟିକା ତଥା ଜେଲ୍ ଆକାରରେ ଉପଲବ୍ଧ। ମେନୋପଜ ଲକ୍ଷଣକୁ କମ୍ କରିବାରେ ସାହାଯ୍ୟ କରିଥାଏ। ଏଚ୍‌ଆର୍‌ଟି ଆରମ୍ଭ କରିବା ପୂର୍ବରୁ ରକ୍ତପରୀକ୍ଷା, ଫ୍ୟାମିଲ୍ ହିଷ୍ଟ୍ରି, ମେଡିକାଲ କଣ୍ଡିସନ ଯାଞ୍ଚ ଜରୁରି। ଏହି ଥେରାପି ତ୍ୱଚାକୁ ଯୁବା ରଖେ। ହେଲେ ଅଧିକାଂଶ ମହିଳାଙ୍କ ଶରୀରରେ ଏହା ଭିନ୍ନ ଭିନ୍ନ ପାର୍ଶ୍ୱପ୍ରତିକ୍ରିୟା ସୃଷ୍ଟି କରାଏ। ଏହା ଓଜନ ବୃଦ୍ଧି, ହୃଦୟ ଏବଂ ମସ୍ତିଷ୍କସମ୍ବନ୍ଧୀୟ ରୋଗ, ଡିହାଇଡ୍ରେସନ, ପିତ୍ତଶୟ ପଥୁରୀ, ରକ୍ତଚାପ, ଟାଇପ୍-୨ ମଧୁମେହ, ଅଷ୍ଟିଓପୋରୋସିସ ତଥା କର୍କଟ ଆଶଙ୍କାକୁ ବଢ଼ାଇଥାଏ ବୋଲି ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ଦେବେନ୍ଦ୍ର କୁମାର ନାଏକ କୁହନ୍ତି। ତେଣୁ ମହିଳାମାନେ ଡାକ୍ତରଙ୍କ ବିନା ପରାମର୍ଶରେ ଏହି ଥେରାପି ନେବା ଅନୁଚିତ। ଏଚ୍‌ଆର୍‌ଟି ଉପଯୋଗ କମ୍ କରି ଓଜନ ନିୟନ୍ତ୍ରଣ କରିପାରିବେ। ଡାଏଟ୍‌ରେ କ୍ୟାଲ୍‌ସିୟମ, ଭିଟାମିନ୍-ଡି, ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଯଥା- ଅଳସି, ସୋୟାମିଲ୍କ, ତିଳ, ଚଣା ଆଦି ସାମିଲ କରି ଇଷ୍ଟ୍ରୋଜେନ୍ ହରମୋନ ବଢ଼ାଇପାରିବେ। ନିୟମିତ ଯୋଗ, ପ୍ରାଣାୟମ କରିବା ଭଲ ବିକଳ୍ପ।

## ବିଶ୍ୱ ମାନସିକ ଦିବସର ଅନୁଚିନ୍ତା

**ଡା. ନୀଳମାଧବ ରଥ**

**ମାନସାମ୍ ବିଧି ମାନବମ୍- ମନ ହିଁ ମନୁଷ୍ୟ ଅଟେ ମନକୁ ହିଁ ମନୁଷ୍ୟ ଜାଣେ।**

ମାନସିକ ସ୍ୱାସ୍ଥ୍ୟର ସଠିକ୍ ଯତ୍ନ ଜଣେ ବ୍ୟକ୍ତିଙ୍କୁ ସୁଖୀ ଏବଂ ସମୃଦ୍ଧ ଜୀବନଯାପନ କରିବାରେ ସାହାଯ୍ୟ କରେ। ତେଣୁ ଶାରୀରିକ ସ୍ୱାସ୍ଥ୍ୟ ପରି ମାନସିକ ସ୍ୱାସ୍ଥ୍ୟର ଯତ୍ନ ନେବା ଜରୁରି। ହେଲେ ଔଷଧୀୟ ବୈଦ୍ୟୁତିକ, କୃତ୍ରିମ ବୁଦ୍ଧିମତା ଏବଂ ସ୍ନାୟୁ ଭେଷଜ, ସ୍ନାୟୁ ଶଲ୍ୟ ତଥା ମସ୍ତିଷ୍କରେ ଖଞ୍ଜାଯାଉଥିବା ଟେଲିପାଥିକ ପେସ୍ ମେକର ଚିକିତ୍ସା ପଦ୍ଧତିର ପ୍ରଭୃତି ବୈଜ୍ଞାନିକ ଉନ୍ନତି ସତ୍ତ୍ୱେ ଏବେ ବି ଅଶୀ ଭାଗ ମାନବ ଉଚିତ ମୂଲ୍ୟରେ ଉତ୍କୃଷ୍ଟ ମାନସିକ ଚିକିତ୍ସା ପାଇପାରୁନାହାଁନ୍ତି। ତେଣୁ ମାନସିକ ସ୍ୱାସ୍ଥ୍ୟ ସମସ୍ୟାକୁ ସର୍ବ ସମ୍ମୁଖକୁ ଆଣିବା ତଥା ଏହି ରୋଗ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅକ୍ଟୋବର ୧୦କୁ ବିଶ୍ୱ ମାନସିକ ଦିବସ ଭାବେ ପାଳନ କରାଯାଏ। ଚଳିତ ବର୍ଷ ଏହି ଦିବସର ଅନୁଚିନ୍ତା ହେଉଛି, ବ୍ୟକ୍ତିଗତ ଓ ସମଷ୍ଟିଗତ ବିପତ୍ତିରେ ଉପଯୋଗୀ ହୋଇ ମାନସିକ ସ୍ୱାସ୍ଥ୍ୟ ସେବା ଆଶୁ ଚିକିତ୍ସା ସମସ୍ତଙ୍କ ପାଖରେ ପହଞ୍ଚାଇବା।

ପ୍ରାକୃତିକ ଆପଦା ଅତିବୃଷ୍ଟି, ଅନାବୃଷ୍ଟି, ଭୂମିକମ୍ପ, ବାତ୍ୟା, ମହାଦେଶ ବ୍ୟାପୀ ବନାଗ୍ନି, ପ୍ରାକୃତିକ ସବୁଜିମାର ଅବକ୍ଷୟ ଯନ୍ତ୍ର ଜୀବନ ମାନସିକ ଚାପ ବୃଦ୍ଧି କରୁଛି। ଅନ୍ୟ ପକ୍ଷରେ କରୋନା ମହାମାରୀ ଜୀବାଣୁ ବୀଜାଣୁ ପ୍ରତିଷେଧକ ମୂଳକ ବ୍ୟବସ୍ଥାରେ ମୁକ୍ତ ହେଲେ ମଧ୍ୟ ମନୁଷ୍ୟ ତା'ର ଅସ୍ତିତ୍ୱ ଏବଂ ମାନବ ସମାଜର ସ୍ମୃତି ଦୁର୍ବଳ କରୁଛି। ଗାଜା, ୟୁକ୍ରେନ୍ ଭଳି ବିଶ୍ୱର ବିଭିନ୍ନ ସ୍ଥାନରେ ଲାଗି ରହିଥିବା ଯୁଦ୍ଧସ୍ଥିତି, ଧର୍ମୀୟ ବିବାଦ ଆଦି ମାନବୀୟ ବିପଦ ମାନବିକତାକୁ ଆକ୍ରାନ୍ତ କରୁଛି। କ୍ଷୁଦ୍ରତମ ମାଇକ୍ରୋ ପ୍ଲାଷ୍ଟିକ, ଅଣୁ କେମିକାଲ କଣିକା, ଓଜୋନ ଛତାରେ ଛିଦ୍ରତା, ନିଶା ସେବନ, ମଦ୍ୟପାନ, ଯୌନବିକୃତି ମାନବ ସମାଜକୁ ବିଚଳିତ କରୁଛି। ମାନସିକସ୍ତରରେ ଆମେରିକାରେ ଆର୍ଥିକ ତାରିଫ ଅତ୍ୟାଚାର, କମ୍ୟୁନିଜିମ୍ ବିରୋଧୀ ମାରଣ ନୀତି ଓ ଅମାନବୀୟ ଚାପ, କୃତ୍ରିମ ଖାଦ୍ୟାଭାବ ଦୁର୍ଭିକ୍ଷ ବିଶ୍ୱ ମାନସିକତାକୁ କବଳିତ କରିଛି। ସେଭଳି ଲାଭଖୋରୀ ବ୍ୟବସାୟ ଅର୍ଥ ସର୍ବସ୍ୱ ଓ ସଭ୍ୟତାର ଶଠତା ଅଶୀ ପ୍ରତିଶତ ମାନବିକତାକୁ ଘୋର ଜୀବନ ଯନ୍ତ୍ରଣା ଓ ରୁଗ୍ଣ ମାନସିକତାକୁ ଜନ୍ମ କଲାଣି।

ବିଷାକ୍ତକର ଖାଦ୍ୟ ଓ ପାନୀୟଜଳ, ଅସ୍ୱାସ୍ଥ୍ୟକର ପରିବେଶ, ସ୍ୱଚ୍ଛବାୟୁର ଅଭାବରୁ ଶିଶୁ ମୃତ୍ୟୁ ବା ବିକଳାଙ୍ଗ ଶରୀର ଓ ବିକଟ ମାନସିକତା ସୃଷ୍ଟି ହେଉଛି। ବିଶ୍ୱର ୨୦ ପ୍ରତିଶତ ବିଷାଦଗ୍ରସ୍ତ ରୋଗୀ, ୧୦ ପ୍ରତିଶତ ବାତାଳ ଓ ୨ ପ୍ରତିଶତ ମାନସିକ ନ୍ୟୂନତା ଏବଂ ୧ ପ୍ରତିଶତ ଗଭୀର ଅପରାଧିକ ତତ୍ତ୍ୱର ରୋଗୀ ବର୍ତ୍ତମାନ ଚିକିତ୍ସା ଆବଶ୍ୟକ କରୁଛନ୍ତି।

ତେଣୁ ଭାରତ ତା'ର ସାଂସ୍କୃତିକ ନୀତିରେ ଏ ପରିସ୍ଥିତିରେ ସଂଗଠିତ ହେବା ଉଚିତ। କରୋନା ମହାମାରୀ ସମୟରେ ଭାରତ ଅଶୀ ପ୍ରତିଶତ ଦେଶକୁ ସାହାଯ୍ୟ ଯୋଗାଇଥିଲା। ତେଣୁ ଆମକୁ, ପ୍ରତ୍ୟେକ ବ୍ୟକ୍ତିଙ୍କୁ ଓ ମାନସିକ ଚିକିତ୍ସାକ୍ଷେତ୍ରରେ ଏସବୁ ରୋଗକୁ ପ୍ରତିରୋଧ କରିବାକୁ ଚିକିତ୍ସାବିଦ୍‌ମାନେ ଏବଂ ମାନସିକ ଚିକିତ୍ସାବିଦ୍‌ମାନେ ବିଶ୍ୱ ପ୍ରତି ସମର୍ପିତ ହେବା ଉଚିତ। ମନସାମ ଅପାରି ମନମ୍।



## ଯନ୍ତ୍ରଣାର ଜଣାଶୁଣା ଶତ୍ରୁ ଆର୍ଥ୍ରାଇଟିସ୍

**ବର୍ତ୍ତମାନ ସମୟରେ ଆର୍ଥ୍ରାଇଟିସ୍ ଏକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଭାବେ ଉଭାହୋଇଛି। ଏହା ଗତିଶୀଳତା ଓ ଦୈନନ୍ଦିନ କାର୍ଯ୍ୟକୁ ପ୍ରଭାବିତ କରିଥାଏ। ଗବେଷଣା ଅନୁଯାୟୀ, ଭାରତରେ ପ୍ରାୟ ୧୯.୫ କୋଟି ଲୋକ ଏହି ରୋଗରେ ପୀଡ଼ିତ। ମହିଳାମାନେ ଏହି ରୋଗରେ ପୁରୁଷମାନଙ୍କଠାରୁ ଦୁଇ ଗୁଣା ଅଧିକ ପ୍ରଭାବିତ। କେବଳ ବୟସ୍କ ନୁହଁନ୍ତି; ଏବେ ଯୁବଗୋଷ୍ଠୀ ମଧ୍ୟ ଏହି ରୋଗର ଶିକାର ହେଉଛନ୍ତି। ତେବେ ଆର୍ଥ୍ରାଇଟିସ୍‌କୁ ଠିକ୍ ସମୟରେ ଚିକିତ୍ସା ନ ମିଳିଲେ ଏହା ଜଣକୁ ଅକର୍ମଣ୍ୟ କରିଦେଇପାରେ।**



ପ୍ରଫେସର ଡା. ଜ୍ୟୋତିରଞ୍ଜନ ପରିଡ଼ା

### ଆର୍ଥ୍ରାଇଟିସ୍‌ର ପ୍ରକାର ଓ ଲକ୍ଷଣ

ଆର୍ଥ୍ରାଇଟିସ୍ ବିଭିନ୍ନ ପ୍ରକାରର ରହିଛି। ପ୍ରତ୍ୟେକର କାରଣ, ଲକ୍ଷଣ ଓ ପ୍ରଭାବ ଅଲଗା ଅଟେ।

**ଅଷ୍ଟିଓ ଆର୍ଥ୍ରାଇଟିସ୍:** ବୟସ ଓ କାର୍ଯ୍ୟ ଦ୍ୱାରା ଗଣ୍ଠିରେ କାର୍ଟିଲେଜର କ୍ଷୟ ଯୋଗୁ ସାଧାରଣତଃ ଏହା ବୃଦ୍ଧା ଅବସ୍ଥାରେ ଦେଖାଦେଇଥାଏ। ଗଣ୍ଠିରେ ଯନ୍ତ୍ରଣା, ଚାଲିବାରେ କଠିନତା ଆଦି ଏହାର ଲକ୍ଷଣ।

**ରୁମାଟଏଡ୍ ଆର୍ଥ୍ରାଇଟିସ୍ (RA):** ଏକ ସ୍ୱୟଂ ପ୍ରତିରୋଧୀ ରୋଗ। ଏହା ଗଣ୍ଠି ଓ ରକ୍ତକଣିକାକୁ ପ୍ରଭାବିତ କରେ। ହାତ ଓ ଗୋଡ଼ର ଗଣ୍ଠିଗୁଡିକ ଫୁଲିବା ସହ ଦରଜ ଅନୁଭୁତ ହୁଏ।

**ସୋରିଆଟିକ୍ ଆର୍ଥ୍ରାଇଟିସ୍:** ଏହା ଗଣ୍ଠି ଏବଂ ଚର୍ମକୁ ପ୍ରଭାବିତ କରେ। ଗଣ୍ଠିଯନ୍ତ୍ରଣା, କଠିନତା, ଫୁଲିବା ତଥା ତ୍ୱଚାରେ ନାଲି ଚିହ୍ନ ଦେଖାଦେବା ଏହାର ଲକ୍ଷଣ ହୋଇପାରେ।

**ଗାଉଟ୍:** ୟୁରିକ୍ ଅମ୍ଳ ବୃଦ୍ଧି ହୋଇ ପାଦ ଗଣ୍ଠିରେ କ୍ରିଷ୍ଟାଲ ଜମି ଅଚାନକ ଯନ୍ତ୍ରଣା ହେବା ସହ ଫୁଲିଯାଏ। ଯନ୍ତ୍ରଣା ଏବଂ ଫୁଲା ଯୋଗୁ ଗଣ୍ଠିକୁ ଚଳପ୍ରଚଳ କରିବାରେ ସମସ୍ୟା ହୁଏ।

**Systemic Lupus Erythematosus (SLE):** ଏହା ଏକ ବ୍ୟାପକ ସ୍ୱୟଂ ପ୍ରତିରୋଧୀ ରୋଗ, ଯେଉଁଥିରେ ଯକୃତ, ଫୁସ୍‌ଫୁସ୍, ବୃକ୍କ ଆଦି ଅଙ୍ଗ ପ୍ରଭାବିତ ହୋଇଥାଏ।

**ଆଙ୍କାଇଲୋଜିଂ ସ୍ପଣ୍ଡିଲାଇଟିସ୍:** ଏହା ମୁଖ୍ୟତଃ ପିଠି ବା ଅଣ୍ଟାରେ ଦେଖାଦେଇଥାଏ। ଏହି ରୋଗରେ ହାଡ଼ ଯୋଡ଼ି ହୋଇଯିବାର ସମ୍ଭାବନା ଥାଏ। ସକାଳୁ ଉଠିଲେ ଅଣ୍ଟା ଓ ପିଠି ଦରଜ ହେବା ଆଦି ଏହାର ଲକ୍ଷଣ।

ତେଣୁ ଦୀର୍ଘ ଦିନ ଧରି ଗଣ୍ଠି, ହାତ, ପାଦ, କାନ୍ଧ ଆଦିରେ ଯନ୍ତ୍ରଣା ବା ଫୁଲା, ଜ୍ୱର ଅନୁଭୂତି, ଥକ୍କାପଣ, ଚାଲିବାରେ ଯନ୍ତ୍ରଣା, ତ୍ୱଚାରେ ଲାଲ ଚିହ୍ନ, ରକ୍ତପରୀକ୍ଷାରେ ଇଏସ୍‌ଆର, ସିଆର୍‌ପିରେ ବୃଦ୍ଧି ଥିଲେ ର୍ୟୁମାଟୋଲୋଜିଷ୍ଟଙ୍କ ପରାମର୍ଶ ନେବା ଆବଶ୍ୟକ।

**ଜୀବନଶୈଳୀରେ ପରିବର୍ତ୍ତନ ଜରୁରି:** ଜୀବନଶୈଳୀ ଜନିତ ସାବଧାନତା ଯଥା- ସଠିକ ଓଜନ ରଖିବା, ହାଲୁକା ବ୍ୟାୟାମ କରିବା, ଗଣ୍ଠି ଉପରେ ଚାପ ପଡ଼ିବା ଭଳି କାର୍ଯ୍ୟରୁ ବଞ୍ଚିତ ହେବା ଆବଶ୍ୟକ। ଓମେଗା-୩ ଫ୍ୟାଟି ଏସିଡ୍, କ୍ୟାଲସିୟମ୍, ଭିଟାମିନ୍ D ଯୁକ୍ତ ଖାଦ୍ୟ ଗ୍ରହଣ କରିବା ଦ୍ୱାରା ଆର୍ଥ୍ରାଇଟିସ୍ ଜନିତ ଅସୁବିଧା କମି ଯାଇପାରେ। ଧୂମପାନ ଓ ମଦ୍ୟପାନଠୁ ଦୂରେଇବା ଭଲ।

**ଚିକିତ୍ସା ପଦ୍ଧତି:** ଆର୍ଥ୍ରାଇଟିସ୍‌ର ଚିକିତ୍ସା ରୋଗର ପ୍ରକାର, ତୀବ୍ରତା ଓ ରୋଗୀର ସ୍ୱାସ୍ଥ୍ୟ ଅବସ୍ଥା ନିରୂପଣ ହୋଇଥାଏ। ସାଧାରଣତଃ ଯନ୍ତ୍ରଣା ଓ ଫୁଲା ହ୍ରାସ ପାଇଁ ଔଷଧ ଯଥା- ଏନ୍‌ଏସ୍‌ଏଆଇଡିସ୍, ଡିଏମ୍‌ଏଆର୍‌ଡିସ୍, ବାୟୋଲୋଜିକ୍ସ, ଫିଜିଓଥେରାପି ଓ ଜୀବନଶୈଳୀ ପରିବର୍ତ୍ତନ ମୁଖ୍ୟ ଭୂମିକା ନିଭାନ୍ତି। ପ୍ରଶିକ୍ଷିତ ଡାକ୍ତରଙ୍କ ପରାମର୍ଶ କ୍ରମେ ଚିକିତ୍ସା ସହିତ ଉଚିତ ଆହାର, ବ୍ୟାୟାମ, ଓ ଯୋଗ ଦ୍ୱାରା ରୋଗୀ ଦୈନନ୍ଦିନ ଜୀବନକୁ ଆରାମଦାୟକ କରିପାରିବେ।

ଚିକିତ୍ସା ନିର୍ଦ୍ଦେଶକ
ଓଡିଶା ଆର୍ଥ୍ରାଇଟିସ୍ ଆଣ୍ଡ ର୍ୟୁମାଟୋଲୋଜି ସେଣ୍ଟର,
ସହୀଦ ନଗର ଭୁବନେଶ୍ୱର

### ମହିଳା ଦିନିକିଆ ବିଶ୍ୱକପ୍

# ବିଜୟ ଛଡ଼ାଇନେଲା ଦ.ଆଫ୍ରିକା

**ଭାରତର ବିଜୟରେ ବ୍ରେକ**

ବିଶାଖାପାଟଣମ, ୯ ।୧୦ (ଏଜେନ୍ସି): ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ଆୟୋଜକ ଭାରତ ପ୍ରଥମ ପରାଜୟବରଣ କରିଛି। ଗୁରୁବାର ଅନୁଷ୍ଠିତ ଏକ ରୋମାଞ୍ଚକ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୩ ୱିକେଟ୍‌ରେ ଭାରତକୁ ହରାଇ ଦେଇଛି। ପୂର୍ବରୁ



ଶ୍ରୀଲଙ୍କାକୁ ୫୯ ରନରେ ଓ ପାକିସ୍ତାନକୁ ୮୮ ରନରେ ପରାସ୍ତ କରିଥିବା ଭାରତ ଏଥିସହ ହ୍ୟାଟ୍ରିକ ବିଜୟରୁ ବଞ୍ଚିତ ହୋଇଛି। ଅପରପକ୍ଷରେ ଦକ୍ଷିଣ ଆଫ୍ରିକା ୩ୟ ମ୍ୟାଚରୁ ୨ୟ ବିଜୟ ସହ ୪ ପଏଣ୍ଟ ପାଇ ୪ର୍ଥ ସ୍ଥାନକୁ ଉଠିଛି। ଭାରତ ପରବର୍ତ୍ତୀ ମ୍ୟାଚରେ ରବିବାର ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆକୁ ଭେଟିବ।

ଭାରତ ପକ୍ଷରୁ ଧାର୍ଯ୍ୟ ୨୫୧ ରନର ଲକ୍ଷ୍ୟକୁ ପିଛା କରିଥିବା ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୮୧ ରନ ମଧ୍ୟରେ ଅଧା ବ୍ୟାଟର୍‌ଙ୍କୁ ହରାଇ ସାଂଘାତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ଅଭିଜ୍ଞ ଓପନର୍ ତଥା ଅଧିନାୟିକା ଲୌରା ୱଲଭାର୍ଡଟ (୭୦ ରନ,୧୧୧ ବଲ୍) ଙ୍କ ସହ ଦୁଇ ଅଲ୍‌ରାଉଣ୍ଡର କ୍ଲୋଏ ଟ୍ରିୟନ (୪୯ ରନ) ଓ ନାଦିନେ ଡି କ୍ଲର୍କ (ଅପରାଜିତ ୮୪) ଲଢୁଆ ବ୍ୟାଟିଂ କରି ୭ ବଲ୍ ଓ ୩ ୱିକେଟ୍ ବଳକା ଥାଇ ଦଳକୁ ସ୍ମରଣୀୟ ବିଜୟ ଭେଟି ଦେଇଥିଲେ। ଶେଷ ୧୧ ଓଭରରେ ୮୯ ରନ ଆବଶ୍ୟକ ହେଉଥିବାବେଳେ ନାଦିନେ ଓ ଟ୍ରିୟନ ଯୋଡ଼ିଙ୍କ ବିସ୍ଫୋରକ ବ୍ୟାଟିଂ କରି ଭାରତ ହାତରୁ ନିଶ୍ଚିତ ବିଜୟ ଛଡ଼ାଇ ନେଇଥିଲେ। ନାଦିନେ ମାତ୍ର ୫୪ ବଲ୍ ସାମ୍ନା କରି ୮ ଚୌକା ଓ ୫ ଛକା ଅପରାଜିତ ୮୪ ରନ କରିଥିଲେ। ନ୍ୟୁଜିଲାଣ୍ଡ ବିପକ୍ଷରେ ଶତକ ହାସଲ କରିଥିବା ତାଜମିନ ବ୍ରିଟ୍ସ ଆଜି ଶୂନରେ ଆଉଟ୍ ହୋଇଥିଲେ ମଧ୍ୟ ଭାରତ ଏହାର ଫାଇଦା ଉଠାଇ ପାରି ନ ଥିଲା। ଘରୋଇ ଦଳ ପକ୍ଷରୁ କ୍ରାନ୍ତି ଗୌଡ଼ା ଓ ସ୍ନେହ ରାଣା ୨ଟି ଲେଖାଏ ୱିକେଟ୍ ନେଇଥିଲେ। ପୂର୍ବରୁ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ୧୦୨ ରନରେ ୬ଟି ୱିକେଟ୍ ହରାଇ ସଙ୍କଟରେ ପଡ଼ିଥିଲା। ତେବେ ନିମ୍ନଭାଗରେ ରିଚା ଘୋଷ ୯୫ ରନର ରେକର୍ଡ ଅର୍ଦ୍ଧଶତକୀୟ ପାଳି ଖେଳିବାରୁ ଭାରତ ୪୯.୫ ଓଭରରେ ୨୫୧ ରନର ସମ୍ମାନଜନକ ସ୍କୋର କରି ଅଲ୍‌ଆଉଟ୍ ହୋଇଥିଲା। ରିଚା ୭୭ ବଲର ସମ୍ମୁଖୀନ ହୋଇ ୧୧ ଚୌକା ଓ ୪ ଛକା ମାରିଥିଲେ। ଆଫ୍ରିକା ପକ୍ଷରୁ କ୍ଲୋଏ ଟ୍ରାୟନ ୩ ଏବଂ ମାରିଜାନେ କାପ୍ସ, ନାଦିନେ ଡି କ୍ଲର୍କ ଓ ଏନ୍. ମାଲବା ୨ଟି ଲେଖାଏ ୱିକେଟ ନେଇଥିଲେ।

**ଆଜିର ମ୍ୟାଚ୍**
**ନ୍ୟୁଜିଲାଣ୍ଡ - ବାଂଲାଦେଶ**
**ଆରମ୍ଭ : ଅପରାହ୍ଣ ୩ଟା**
**ସ୍ଥାନ : ଗୌହାଟୀ**

## ଆଜିଠାରୁ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ଟେଷ୍ଟ

# କ୍ଲିନ୍ ସୁଇପ୍, ପୂରା ପଏଣ୍ଟ ଲକ୍ଷ୍ୟରେ ଭାରତ

ନୂଆଦିଲ୍ଲୀ, ୯।୧୦(ଏଜେନ୍ସି):

ଆୟୋଜକ ଭାରତ ଓ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଚଳିତ ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ତଥା ଶେଷ ମୁକାବିଲା ଆସନ୍ତାକାଲି ବା ଶୁକ୍ରବାର ଏଠାରେ ଖେଳାଯିବ। ଏହା ପୂର୍ବରୁ ଅହମ୍ମଦାବାଦ୍‌ରେ ଅନୁଷ୍ଠିତ ପ୍ରଥମ ଟେଷ୍ଟକୁ ଭାରତ ଏକ ଇନିଂସ ଓ ୧୪୦ ରନ୍‌ରେ ବିଜୟୀ ହୋଇଥିଲା। ଏହା ଫଳରେ ଭାରତ ବୃହତ୍ ବିଜୟ ହାସଲ କରିବା ସହ ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନସିପ୍‌ରେ ସମସ୍ତ ୧୨ ପଏଣ୍ଟ ହାସଲ କରିଥିଲା। ଏଠାରେ ଖେଳାଯିବାକୁ ଥିବା ଦ୍ୱିତୀୟ ଟେଷ୍ଟରେ ମଧ୍ୟ ଭାରତ ସମାନ ଲକ୍ଷ୍ୟ ନେଇ ଖେଳିବ। ଯଦିଓ ଭାରତକୁ ଏହି ମୁକାବିଲାରେ ଫେଭରାଇଟ୍ ବିବେଚନା କରାଯାଉଛି, ତଥାପି ପୂରା ପଏଣ୍ଟ ହାସଲ କରିବା ଲାଗି ଭାରତ ଆପ୍ରାଣ ଉଦ୍ୟମ କରିବ ନିଶ୍ଚୟ। ଅନ୍ୟପକ୍ଷରେ ୨୦୦୨ ପରଠାରୁ ଭାରତରେ ଟେଷ୍ଟ ମ୍ୟାଚ୍ ଜିତି ନ ଥିବା ୱେଷ୍ଟଇଣ୍ଡିଜ୍‌ର ଏହାର ପୁନରାବୃତ୍ତି ଆଶା ରଖୁ ନ ଥିଲେ ମଧ୍ୟ ପ୍ରଥମ ମ୍ୟାଚ୍ ଅପେକ୍ଷା କିଛି ଲଢୁଆ ଖେଳିବାକୁ ଲକ୍ଷ୍ୟ ରଖିଛି।

କ୍ରିକେଟ ଖେଳରେ ଏକଦା ଅପ୍ରତିଦ୍ୱନ୍ଦ୍ୱୀ ଦେଶ ଭାବେ ବିବେଚିତ ହେଉଥିବା ୱେଷ୍ଟଇଣ୍ଡିଜ୍ ଏବେ ସବୁଠାରୁ ନିମ୍ନଧରଣର ଖେଳ ପ୍ରଦର୍ଶନ କରୁଛି। ଟେଷ୍ଟ ସିରିଜ୍ ପୂର୍ବରୁ ନେପାଳଠାରୁ ଦିନିକିଆ ସିରିଜ୍ ପରାଜୟ ୱେଷ୍ଟଇଣ୍ଡିଜ୍‌ର ମନୋବଳକୁ ଭାଙ୍ଗିଦେଇଥିଲେ। ଅହମ୍ମଦାବାଦ୍‌ରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ୱେଷ୍ଟଇଣ୍ଡିଜ୍ ଗୋଟିଏ ଦିନରେ ଖେଳାଯାଉଥିବା ୯୦ ଓଭର ମଧ୍ୟ ଖେଳିପାରି ନ ଥିଲା। ଭ୍ରମଣକାରୀ ଦଳ ପ୍ରଥମ ଇନିଂସରେ ୪୪.୧ ଓଭର ଖେଳି ୧୬୨ ଓ ଦ୍ୱିତୀୟ ଇନିଂସରେ ୪୫.୧ ଓଭର ବ୍ୟାଟିଂ କରି ୧୪୬ ରନ୍‌ରେ ଅଲଆଉଟ ହୋଇଥିଲା। ଏପରିକି ଦଳର ଜଣେ ହେଲେ ବ୍ୟାଟର ଅର୍ଦ୍ଧଶତକଟିଏ ପୂରଣ କିମ୍ବା ୪୦ ରନ୍ ମଧ୍ୟ କରିପାରି ନ ଥିଲେ। ଟେଷ୍ଟରେ ବ୍ୟାଟରମାନେ ଏକାଧିକ ମେଡେନ ଓଭର ଖେଳି ବୋଲରଙ୍କୁ ନିରାଶ କରିଥାନ୍ତି। ପ୍ରଥମ ଟେଷ୍ଟରେ ଦଳ ୧୬ଟି ମେଡେନ ଓଭର ଖେଳିଥିଲା। ଦ୍ୱିତୀୟ ଟେଷ୍ଟରେ ଦଳ କେତେ ଓଭର ମେଡେନ ଖେଳିବ ଓ ଭାରତୀୟ ବୋଲିଂକୁ ଆଗରେ ମ୍ୟାଚଟି କେତେସମୟରେ ଶେଷ ହେବ ତାହା ଦେଖିବାର କଥା। ଏହି ମ୍ୟାଚ ଲାଗି ଦଳରେ ସ୍ଥାନ ପାଇଥିବା ବାମହାତୀ ସ୍ପିନର ଜେଡିଆ ବ୍ଲେଡ୍‌ସଙ୍କ ଖେଳିବା ସମ୍ଭାବନା ରହିଛି।



ଅନ୍ୟପକ୍ଷରେ ଭାରତ ଆଗରେ ମୂଳ ଲକ୍ଷ୍ୟ ହେଉଛି ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନସିପ୍‌ର ପୂରା ପଏଣ୍ଟ ହାସଲ କରିବା। ଦ୍ୱିତୀୟ ଟେଷ୍ଟରେ ଦଳ କୌଣସି ଖେଳାଳି ପରିବର୍ତ୍ତନ କରିବ ନାହିଁ ବୋଲି ଆଶା କରାଯାଉଛି। କିନ୍ତୁ ଦୁଇଜଣ ଖେଳାଳିଙ୍କ ଉପରେ ନଜର ରହିଛି। ସେମାନେ ହେଲେ ନଂ-୩ରେ ବ୍ୟାଟିଂ କରୁଥିବା ସାଇ ସୁଦର୍ଶନ ଓ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ। ସୁଦର୍ଶନ ପ୍ରଥମ ଟେଷ୍ଟରେ ମାତ୍ର ୭ ରନ କରିଥିଲେ। ଗତ ୭ଟି ଇନିଂସରେ ସୁଦର୍ଶନ ମାତ୍ର ୧୪୭ ରନ୍ କରିଛନ୍ତି। ଅନ୍ୟ ପକ୍ଷରେ ବ୍ୟାଟିଂ ସୁଯୋଗ ପାଇ ନ ଥିବା ନୀତୀଶ ରେଡ୍ଡୀ ମାତ୍ର ୪ ଓଭର ବୋଲିଂ କରିଥିଲେ। ଏମାନେ ବ୍ୟାଟିଂ ଅର୍ଡରରେ ଆଗୁଆ ଆସିଲେ ସନ୍ଦେହର ଅବକାଶ ନାହିଁ। ଦିଲ୍ଲୀ ୱିକେଟ ସ୍ପିନରଙ୍କୁ ସହାୟତା ଦେଉଥିଲାବେଳେ ଏହି ମ୍ୟାଚ୍‌କୁ ଭାରତ ପୁଣିଥରେ ଅଢ଼େଇ ଦିନରେ ଲଢ଼େଇ ଶେଷ କରିବ ବୋଲି ଆଶା କରାଯାଇପାରେ।

**ଖେଳ ଆରମ୍ଭ : ସକାଳ ୯ଟା ୩୦**
**ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**

### କ୍ରମାଗତ ୯ମ ସିରିଜ୍ ବିଜୟ

ଟେଷ୍ଟ କ୍ରିକେଟରେ ଭାରତ ଶେଷଥର ଲାଗି ୱେଷ୍ଟଇଣ୍ଡିଜ୍‌ଠାରୁ ୨୦୦୨ରେ ପରାଜିତ ହୋଇଥିଲା। ଏହା ପରଠାରୁ ଭାରତ କ୍ରମାଗତ ଭାବେ ୯ଟି ଟେଷ୍ଟ ସିରିଜ୍‌ରେ କବ୍‌ଜା କରିଛି।

୧୯୮୭ରେ ଶେଷଥର ଲାଗି ଏଠାରେ ଭାରତକୁ ହରାଇଛି ୱେଷ୍ଟଇଣ୍ଡିଜ୍। ଏହାପରଠାରୁ ଭାରତ ଏଠାରେ ୧୧ଟି ଟେଷ୍ଟରେ ବିଜୟୀ ହୋଇଛି ଓ ୨ଟି ଟେଷ୍ଟ ଡ୍ର ରଖିଛି।

ଦିଲ୍ଲୀରେ ଭାରତ ଶେଷଥର ୨୦୨୩ରେ ଟେଷ୍ଟ ମ୍ୟାଚ୍ ଖେଳିଥିଲା। ଏଥିରେ ଜାଡେଜା ପ୍ରଥମ ଇନିଂସରେ ୭ଟି ଓ ମ୍ୟାଚ୍‌ରେ ୧୦ଟି ୱିକେଟ ନେଇ ଅଷ୍ଟ୍ରେଲିଆ ବିପକ୍ଷରେ ଶ୍ରେଷ୍ଠ ବୋଲିଂ ସଫଳତା ହାସଲ କରିଥିଲେ।

ଅନ୍ୟ ପକ୍ଷରେ ୱେଷ୍ଟଇଣ୍ଡିଜ୍ ଖେଳିଥିବା ଗତ ୧୩ଟି ଟେଷ୍ଟ ଇନିଂସରେ ଓପନରମାନେ ଥରେ ହେଲେ ୫୦ ରନ୍‌ର ଭାଗୀଦାରି କରିପାରି ନାହାନ୍ତି। ସେହିପରି ଚଳିତବର୍ଷ ଖେଳିଥିବା ୧୨ଟି ଟେଷ୍ଟରେ ଦଳର ଓପନର ଥରେ ମାତ୍ର ୫୦ ରନ୍ ଭାଗୀଦାରି କରିଛନ୍ତି।

**ସମ୍ଭାବ୍ୟ ଖେଳାଳି ଦଳ**

**ଭାରତ :** ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ, ଶୁବମନ ଗିଲ୍ (ଅଧିନାୟକ), ଧ୍ରୁବ ଜୁରେଲ (ୱିକେଟରକ୍ଷକ), ନୀତୀଶ କୁମାର ରେଡ୍ଡୀ, ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, ଯଶପ୍ରୀତ୍ ବୁମ୍‌ରା, କୁଲଦୀପ ଯାଦବ ଓ ମହମ୍ମଦ ସିରାଜ।

**ୱେଷ୍ଟଇଣ୍ଡିଜ୍ :** ଜନ୍ କ୍ୟାମ୍ପବେଲ, ତାଗନାରିନ ଚନ୍ଦରପଲ, ଆଲିକ ଆଥାନାଜେ, ବ୍ରାଣ୍ଡନ କିଙ୍ଗ୍, ରୋଷ୍ଟୋନ ଚେଜ୍ (ଅଧିନାୟକ), ସାଇ ହୋପ୍, ଜଷ୍ଟିନ ଗ୍ରିଭ୍‌ସ, ଖାରୀ ପିଏରେ, ଜୋମେଲ ୱାରିକାନ, ଜୋହାନ ଲେନ୍/ଜେଡିଆ ବ୍ଲେଡ୍‌ସ, ଜେଡେନ ସିଲ୍ସ।

# ରିଙ୍କୁ ସିଂଙ୍କୁ ଦାଉଦ ଗ୍ୟାଙ୍ଗରୁ ମିଳିଲା ଧମକ

ଲକ୍ଷ୍ନୌ, ୯ ।୧୦ (ଏଜେନ୍ସି): ଭାରତୀୟ କ୍ରିକେଟର୍ ରିଙ୍କୁ ସିଂଙ୍କୁ ଡି-କମ୍ପାନୀ ତଥା ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ ଗ୍ୟାଙ୍ଗରୁ ଧମକ ମିଳିଛି। ମୁମ୍ବାଇ କ୍ରାଇମବ୍ରାଞ୍ଚ ପକ୍ଷରୁ ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ଦିଆଯାଇଛି। ରିପୋର୍ଟ ଅନୁଯାୟୀ, ଦାଉଦ ଗ୍ୟାଙ୍ଗ ପକ୍ଷରୁ ଚଳିତ ବର୍ଷ ଫେବୃଆରୀରୁ ଏପ୍ରିଲ ମଧ୍ୟରେ ରିଙ୍କୁଙ୍କ ପ୍ରମୋସନାଲ ଟିମ୍ ନିକଟକୁ ୩ଟି ଧମକପୂର୍ଣ୍ଣ ମେସେଜ ପଠାଯାଇଥିଲା। ଯେଉଁଥିରେ ରିଙ୍କୁଙ୍କୁ ୧୦ କୋଟି ଟଙ୍କା ଦେବା ଲାଗି ଦାବି କରାଯାଇଥିଲା। ଏହି ମାମଲାରେ ପୋଲିସ ୨ଜଣଙ୍କୁ ଗିରଫ କରିସାରିଛି। ସେମାନଙ୍କ ମଧ୍ୟରୁ ମହମ୍ମଦ ଦିଲଶାଦ ନୌସାଦଙ୍କୁ ପୋଲିସ ତ୍ରିନିଦାଦରୁ ଗିରଫ କରିଥିଲା। ୩୩ ବର୍ଷୀୟ ନୌସାଦ ବିହାରର ମୂଳବାସିନ୍ଦା। ସେ ରିଙ୍କୁଙ୍କ ଇଭେଣ୍ଟ ମ୍ୟାନେଜରଙ୍କୁ ୧୦ କୋଟି ଟଙ୍କା ଦେବା ଲାଗି ଦାବି କରିଥିଲେ। ଟଙ୍କା ନ ମିଳିଲେ ରିଙ୍କୁଙ୍କୁ ହତ୍ୟା କରିବା ଲାଗି ମଧ୍ୟ ଧମକ ଦେଇଥିଲା। ଭାରତୀୟ କ୍ରିକେଟର୍ ରିଙ୍କୁଙ୍କୁ ଅଣ୍ଡରୱାର୍ଲ୍ଡରୁ ଧମକ ମିଳିବା ଖବର ଏବେ ଆଲୋଡ଼ନ ସୃଷ୍ଟି କରିଛି।



# ପ୍ରଥମଥର ଲାଗି ପଦକ ନିଶ୍ଚିତ କଲା ଭାରତ

**ବିଶ୍ୱ ବ୍ୟାଡ୍‌ମିଣ୍ଟନ ଜୁନିଅର ମିକ୍ସଡ ଟିମ୍ ଚାମ୍ପିଅନସିପ୍**

ଗୌହାଟୀ, ୯ ।୧୦ (ଏଜେନ୍ସି): ବିଶ୍ୱ ବ୍ୟାଡ୍‌ମିଣ୍ଟନ ଜୁନିଅର ମିକ୍ସଡ ଟିମ୍ ଚାମ୍ପିଅନସିପ୍ ଇତିହାସରେ ଭାରତ ଏହାର ସର୍ବପ୍ରଥମ ପଦକ ଜିତିବା ନିଶ୍ଚିତ ହୋଇଛି। ଏଠାରେ ଚାଲିଥିବା ଚଳିତ ସଂସ୍କରଣରେ ଗୁରୁବାର ଆୟୋଜକ ଭାରତୀୟ ଦଳ ୪୪-୪୫, ୪୫-୩୦, ୪୫-୩୩ ପଏଣ୍ଟରେ ଶକ୍ତିଶାଳୀ କୋରିଆକୁ ପରାସ୍ତ କରି ସେମିଫାଇନାଲରେ ପହଞ୍ଚିଛି। ସେମିଫାଇନାଲରେ ପ୍ରବେଶ ସହ ଘରୋଇ ଭାରତୀୟ ଦଳ ପଦକ ନିଶ୍ଚିତ କରିଛି। ଏହି ପ୍ରତିଯୋଗିତାର ଇତିହାସରେ ଭାରତର ଏହା ସର୍ବପ୍ରଥମ ପଦକ ହେବ। ସେମିଫାଇନାଲରେ ଭାରତର ମୁକାବିଲା ଇଣ୍ଡୋନେସିଆ ସହ ହେବ।


### ରାଜମାତା ଜିଜାବାଈ ଟ୍ରଫି

# ସାଥ୍ ଦେଲାନି ଟସ୍; ଓଡ଼ିଶାର ଅଭିଯାନ ଶେଷ

କଟକ, ୯।୧୦(ସମିସ): ୩୦ତମ ବରିଷ୍ଠ ମହିଳା ଜାତୀୟ ଫୁଟବଲ ଚାମ୍ପିଅନସିପ୍ ରାଜମାତା ଜିଜାବାଈ ଟ୍ରଫିରେ ଓଡ଼ିଶାର ଅଭିଯାନ ଶେଷ ହୋଇଛି। ଛତିଶଗଡ ନାରାୟଣପୁରର ଆରକେଏମ ଆଶ୍ରମ ଗ୍ରାଉଣ୍ଡରେ ଆଜି ଖେଳାଯାଇଥିବା ତାମିଲନାଡୁ ବିପକ୍ଷ ୪ର୍ଥ ତଥା ଅନ୍ତିମ ଲିଗ୍ ମ୍ୟାଚ୍‌କୁ ଓଡ଼ିଶା ୧-୧ ଗୋଲରେ ଡ୍ର ରହିଥିଲା। ପଶ୍ଚିମବଙ୍ଗ ସର୍ବାଧିକ ୧୦ ପଏଣ୍ଟ ସଂଗ୍ରହ କରି ପରବର୍ତ୍ତୀ ପର୍ଯ୍ୟାୟକୁ ପ୍ରବେଶ କରିଥିଲା। କିନ୍ତୁ ତାମିଲନାଡୁ ଏବଂ ଓଡ଼ିଶା ଉଭୟ ୭ ପଏଣ୍ଟ ଲେଖାଏ ହାସଲ କରି ମିଳିତ ଭାବେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏପରିକି ଗୋଲ୍ ବ୍ୟବଧାନରେ ମଧ୍ୟ ଉଭୟ ଦଳ ସମାନ ସ୍ଥିତିରେ ରହିଥିଲେ। ଫଳରେ ଦ୍ୱିତୀୟ ଦଳ ଭାବେ କିଏ ଫାଇନାଲ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହେବ ତାହା କଏନ୍ ଟସ୍ ଦ୍ୱାରା ନିର୍ଦ୍ଧାରଣ ହୋଇଥିଲା। ଟସ୍‌ରେ ତାମିଲନାଡୁ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ଫାଇନାଲ ରାଉଣ୍ଡର ପରବର୍ତ୍ତୀ ପର୍ଯ୍ୟାୟରେ ସ୍ଥାନ ସୁରକ୍ଷିତ କରିଥିଲା।

# ରଶିଦ ଖାନଙ୍କ ଏସୀୟ କୀର୍ତ୍ତିମାନ

ଆବୁଧାବି, ୯ ।୧୦ (ଏଜେନ୍ସି): ଏଠାରେ ଖେଳାଯାଇଥିବା ବାଂଲାଦେଶ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚରେ ଆଫଗାନିସ୍ତାନ ୫ ୱିକେଟ୍‌ରେ ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ଅଧିନାୟକ ମେହିଦୀ ହାସନ ମିରାଜ (୬୦) ଓ ତୌହିଦ ହ୍ରିଦୟ (୫୬) ଙ୍କ ଅର୍ଦ୍ଧଶତକ ବଳରେ ୪୮.୫ ଓଭରରେ ୨୨୧ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ରହମତ୍ ଶାହ ଓ ରହମନଉଲ୍ଲା ଗୁରବାଜ ୫୦ ରନ ଲେଖାଏ କରିବା ଫଳରେ ଆଫଗାନିସ୍ତାନ ୧୭ ବଲ୍ ଓ ୫ ୱିକେଟ୍ ବଳକା ଥାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଏହି ମ୍ୟାଚରେ ଆଫଗାନିସ୍ତାନ ସ୍ପିନର ରଶିଦ ଖାନ ୩ଟି ୱିକେଟ୍ ନେଇ ଏକ କୀର୍ତ୍ତିମାନ ନିଜ ନାମରେ ଲିପିବଦ୍ଧ କରିଛନ୍ତି। ରଶିଦ ବର୍ତ୍ତମାନ ୧୧୫ଟି ଦିନିକିଆ ଖେଳି ୨୦୨ଟି ୱିକେଟ୍ ନେଇଛନ୍ତି। ଏଥିସହ ଏସିଆ ମହାଦେଶର ପ୍ରଥମ କ୍ରିକେଟର୍ ଭାବେ ସେ ଟି-୨୦ ଫର୍ମାଟରେ ଦେଢ଼ଶହରୁ ଊର୍ଦ୍ଧ୍ୱ ଏବଂ ଦିନିକିଆରେ ୨୦୦ରୁ ଊର୍ଦ୍ଧ୍ୱ ୱିକେଟ୍ ନେବାର ସଫଳତା ପାଇଛନ୍ତି। ଟି-୨୦ରେ ସେ ୧୦୬ ମ୍ୟାଚରୁ ୧୭୯ ୱିକେଟ୍ ଅକ୍ତିଆର କରିଛନ୍ତି।



# ଭାରତ-ସିଙ୍ଗାପୁର ମ୍ୟାଚ୍ ଡ୍ର

ସିଙ୍ଗାପୁର, ୯।୧୦(ଏଜେନ୍ସି): ରହିମ ଅଲିଙ୍କ ଶେଷ ମୁହୂର୍ତ୍ତ ଗୋଲ ବଳରେ ଏଠାରେ ଗୁରୁବାର ଅନୁଷ୍ଠିତ ୨୦୨୭ ଏସିଆ କପ୍ ଗ୍ରୁପ୍-ସି’ କ୍ୱାଲିଫାୟର୍ସ ମୁକାବିଲାରେ ସିଙ୍ଗାପୁର ସହ ୧-୧ ଗୋଲରେ ମ୍ୟାଚ୍ ଡ୍ର ରଖିଛି ଭାରତ। ଏହି ମୁକାବିଲାର ପ୍ରଥମାର୍ଦ୍ଧ ଖେଳର ଠିକ୍ ପୂର୍ବରୁ ସିଙ୍ଗାପୁର ଗୋଲ ଦେଇଥିଲା। ଦ୍ୱିତୀୟାର୍ଦ୍ଧ ଖେଳର ୨ ମିନିଟ୍ ପରେ ମିଡ୍‌ଫିଲ୍ଡର ସନ୍ଦେଶ ଝିଙ୍ଗାନ ଦ୍ୱିତୀୟ ୟେଲୋ କାର୍ଡ ପାଇବା ପରେ ଭାରତ ୧୦ଜଣଙ୍କୁ ନେଇ ଖେଳିଥିଲା। ସିଙ୍ଗାପୁର ମ୍ୟାଚ୍ ଜିତିବା ନିକଟତର ହେଉଥିଲାବେଳେ ୯୦ତମ ମିନିଟ୍‌ରେ ଗୋଲ ଦେଇ ରହିମ ଖେଳକୁ ସମାନସ୍ତରକୁ ନେଇ ଆସିଥିଲେ। ଏବେ ଗ୍ରୁପ୍-ସି’ରେ ଭାରତ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି।

# ମହିଳା ଟି-୨୦: ଓଡ଼ିଶାର ୨ୟ ପରାଜୟ

କଟକ, ୯।୧୦(ସମିସ): ବିସିସିଆଇ ଆନୁକୂଲ୍ୟରେ ଗ୍ୱାଲିୟରରେ ଚାଲିଥିବା ଜାତୀୟ ସିନିଅର ମହିଳା ଟି-୨୦ ଟ୍ରଫିରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ପରାଜୟର ସମ୍ମୁଖୀନ ହୋଇଛି। ଗୁରୁବାର ୨ୟ ଲିଗ୍ ମ୍ୟାଚ୍‌ରେ ହିମାଚଳପ୍ରଦେଶ ୪୨ ରନରେ ଓଡ଼ିଶାକୁ ପରାସ୍ତ କରିଛି। ହିମାଚଳପ୍ରଦେଶ ୨ ୱିକେଟ ବିନିମୟରେ ୧୭୨ ରନ ସଂଗ୍ରହ କରିଥିଲା। ଓପନର ନିକିତା ଚୌହାନ ୮୭ ରନର ଅପରାଜିତ ପାଳି ଖେଳିଥିଲେ। ବୋଲିଂରେ ଓଡ଼ିଶାର ଶୁଭ୍ର ନିର୍ଝରିଣୀ ସ୍ୱାଇଁଙ୍କୁ ୨ଟି ୱିକେଟ ମିଳିଥିଲା। ଜବାବରେ ଓଡ଼ିଶା ଦଳ ୭ ୱିକେଟ ହରାଇ ୧୨୯ ରନ କରିବାକୁ ସକ୍ଷମ ହୋଇଥିଲା। ସଙ୍ଗୀତା ଖାଡିଆ ୩୩ ଓ ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ୩୧ ରନର ପାଳି ଖେଳିଥିଲେ।

# କଳିଙ୍ଗ କପ୍ ଜିତିଲା ରକ୍‌ଷ୍ଟାର



ଭୁବନେଶ୍ୱର, ୯।୧୦(ସମିସ): ଥାର୍ଡ ଆଇ ବିଦ୍ୟୁତ୍‌କୁ ହରାଇ ରକ୍‌ଷ୍ଟାର କ୍ଲବ୍ ଚତୁର୍ଥ କଳିଙ୍ଗ କପ୍ ଚାମ୍ପିଅନ ହୋଇଛି। ଗୋପବନ୍ଧୁ କ୍ଲବ୍ ଆନୁକୂଲ୍ୟରେ ଅକ୍ଟୋବର ୨ରୁ ୯ ତାରିଖଯାଏ ଗୋପବନ୍ଧୁ ପଡ଼ିଆରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯାଇଥିଲା। ଏଥିରେ ଚାମ୍ପିଅନ ଦଳକୁ ଟ୍ରଫି ସହ ୧.୫ ଲକ୍ଷ ଓ ରନର୍ସଅପ୍ ଦଳକୁ କପ୍ ସହ ୧ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଖେଳ ଶେଷରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ମୁଖ୍ୟ ଅତିଥି, ଗୌତମ କୁମାର ବେହେରା ଓ ମନୋଜ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ ଗୋପବନ୍ଧୁ କ୍ଲବ୍‌ର ସଭାପତି ଦେବପ୍ରସାଦ ଜେନା ଓ ସମ୍ପାଦକ ଅବିନାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଟୁର୍ଣ୍ଣାମେଣ୍ଟକୁ ଅଭିନେତ୍ରୀ ଭୂମିକା ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ।

# ବିନୁ ମଙ୍କଡ ଟ୍ରଫି: ହାରିଲା ଓଡ଼ିଶା

କଟକ, ୯।୧୦(ସମିସ): ୧୯ବର୍ଷରୁ କମ୍ ଜାତୀୟ ବାଳକ ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବିନୁ ମଙ୍କଡ ଟ୍ରଫି ଗୁରୁବାରଠାରୁ ଆରମ୍ଭ ହୋଇଛି। ହରିୟାଣା ଚୌଧୁରୀ ବଂଶୀଲାଲ କ୍ରିକେଟ ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ମୁକାବିଲାରେ ଓଡ଼ିଶା ୪ ୱିକେଟରେ ଗୁଜରାଟଠାରୁ ପରାସ୍ତ ହୋଇଛି। ସମ୍ବିତ ବେଜଙ୍କ ନେତୃତ୍ୱାଧୀନ ଓଡ଼ିଶା ୧୫୧ ରନରେ ଅଲଆଉଟ ହୋଇଥିଲା। ପିୟୂଷ ରଞ୍ଜନ ମନ୍ତ୍ରୀ ସର୍ବାଧିକ ୨୬ ରନ କରିଥିଲେ। ଜବାବରେ ଏମ ଚାଭଡା ୧୦୩ ରନ ବଳରେ ୬ ୱିକେଟ ହରାଇ ଗୁଜରାଟ ବିଜୟୀ ହୋଇଥିଲା। ଶନିବାର ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ଆନ୍ଧ୍ରପ୍ରଦେଶକୁ ଭେଟିବ।

# ଜାତୀୟ ଦଳରେ ବିକେ ଓରାମ୍

କଟକ, ୯।୧୦ (ସମିସ): ଭାରତୀୟ ୨୩ବର୍ଷରୁ କମ୍ ବାଳକ ଫୁଟବଲ ଦଳରେ ଓଡ଼ିଶାର ବିକେ ଓରାମ ସ୍ଥାନ ପାଇଛନ୍ତି। ଚଳିତ ମାସ ୧୦ ଓ ୧୩ ତାରିଖରେ ଇଣ୍ଡୋନେସିଆ ବିପକ୍ଷରେ ଭାରତ ଦୁଇଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ। ଉଭୟ ମ୍ୟାଚ୍ ଜାକର୍ତ୍ତାରେ ଖେଳାଯିବ। ଏକମାତ୍ର ଓଡ଼ିଆ ଖେଳାଳି ଭାବେ ମିଡଫିଲ୍ଡର ବିକେ ଘୋଷିତ ୨୩ ବର୍ଷରୁ କମ୍ ଭାରତୀୟ ଦଳରେ ସ୍ଥାନ ପାଇବା ସହ ରାଜ୍ୟ ନିମନ୍ତେ ଗୌରବ ଆଣି ଦେଇଛନ୍ତି। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ସଭାପତି ଟଙ୍କଧର ତ୍ରିପାଠୀ ଓ ସମ୍ପାଦକ ଡଃ ଆଶୀର୍ବାଦ ବେହେରା ଏଥିଲାଗି ବିକେଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



# ଆଜିଠାରୁ କଳିଙ୍ଗରେ ଜାତୀୟ ଜୁନିଅର ଆଥ୍ଲେଟିକ୍ସ

ଭୁବନେଶ୍ୱର, ୯ ।୧୦(ସମିସ):

ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଆଉ ଏକ ଜାତୀୟସ୍ତରର ଇଭେଣ୍ଟ ଆୟୋଜନ ହେବାକୁ ଯାଉଛି। ଶୁକ୍ରବାରଠାରୁ ଏଠାରେ ଜାତୀୟ ଜୁନିଅର ଆଥଲେଟିକ୍ ଚାମ୍ପିଅନସିପ୍‌ର ୪୦ତମ ସଂସ୍କରଣ ଆରମ୍ଭ ହେବ। ଓଡ଼ିଶା ସରକାର ଓ ଓଡ଼ିଶା ଆଥଲେଟିକ୍ ଆସୋସିଏସନ (ଓଏଏ) ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ୫ ଦିନିଆ କ୍ରୀଡ଼ାରେ ଦେଶର ୨୮ଟି ରାଜ୍ୟ ଓ ୮ଟି କେନ୍ଦ୍ରଶାସିତ ପ୍ରଦେଶରୁ ମୋଟ୍ ୨,୦୦୦ ଆଥଲେଟ୍ ଭାଗନେବେ। ହରିୟାଣାରୁ ସର୍ବାଧିକ ୧୪୭ ଆଥ୍ଲେଟ୍ ଅଂଶଗ୍ରହଣ କରିବେ। ସେହିପରି ୩୮ ବାଳକ ଓ ୩୭ ବାଳିକାଙ୍କ ସମେତ ମୋଟ୍ ୭୫ ଜଣ ଓଡ଼ିଆ କ୍ରୀଡ଼ାବିତ ନିଜର ଦକ୍ଷତା ଓ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ପାଇବେ। ଓଡ଼ିଶାର ଓମକାର ନନ୍ଦ (ଥ୍ରୋ), ପ୍ରତୀକ ମହାରଣା (୧୦୦/୨୦୦ ମି), ଅଙ୍କିତା ମହାପାତ୍ର (ଥ୍ରୋ) ଓ ବାପି ହାଁସଦା (୧୦୦, ୨୦୦ମି, ୪ ଗୁଣା ୧୦୦ମି)ଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିଛି।




ଏଥିରେ ଭଲ ପ୍ରଦର୍ଶନ କରି କ୍ରୀଡ଼ାବିତ ଭାବେ ବାହାରିନ୍‌ରେ ଆୟୋଜନ ହେବାକୁ ଥିବା ତୃତୀୟ ଏସୀୟ ଯୁବ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ କରିବେ। ଅର୍ଥାତ ଏହି ଚାମ୍ପିଅନସିପ୍‌ରୁ ଏସୀୟ ଯୁବ କ୍ରୀଡ଼ା ପାଇଁ ଭାରତୀୟ ଦଳ ଚୟନ ହେବ। ଉଭୟ ବାଳକ ଓ ବାଳିକା ବର୍ଗରେ ୧୪, ୧୬, ୧୮ ଓ ୨୦ ବର୍ଷରୁ କମ୍ ବୟସ ବର୍ଗର ଆଥଲେଟ୍‌ମାନେ ବିଭିନ୍ନ ଇଭେଣ୍ଟରେ ଅଂଶଗ୍ରହଣ କରିବେ।

### ପ୍ରୀତି ଲାକ୍ରାଙ୍କୁ ନେଇ ବିବାଦ

ଏହି ଇଭେଣ୍ଟରେ ସୁନ୍ଦରଗଡ଼ର ପ୍ରୀତି ଲାକ୍ରାଙ୍କୁ ଚୟନ କରାଯାଇ ନ ଥିବାରୁ ବିବାଦ ସୃଷ୍ଟି ହୋଇଛି। ପ୍ରୀତି ସେପ୍ଟେମ୍ବର ୨୨ରୁ ୨୪ ମଧ୍ୟରେ ରାଞ୍ଚିରେ ଅନୁଷ୍ଠିତ ପୂର୍ବାଞ୍ଚଳ ଜୁନିଅର ଚାମ୍ପିଅନସିପ୍‌ରେ ୩ଟି ପଦକ ଜିତିଥିଲେ ମଧ୍ୟ ତାଙ୍କୁ ଦଳରେ ସାମିଲ କରାଯାଇନାହିଁ। ସେ ୨୦ ବର୍ଷରୁ କମ୍ ମହିଳା ୧୦୦ ମିଟରରେ ୧୩.୦୬ ସେକେଣ୍ଡ ସହ ରୌପ୍ୟ, ଟ୍ରିପଲ ଜମ୍ପରେ କାଂସ୍ୟ ଓ ୪ ଗୁଣା ୧୦୦ ମିଟର ରିଲେରେ ସ୍ୱର୍ଣ୍ଣମ ସଫଳତା ଅର୍ଜନ କରିଥିଲେ। ଏଏଫ୍‌ଆଇର କ୍ୱାଲିଫିକେଶନ ମାର୍କ ୧୨.୭୫ ରହିଛି। ତେବେ ଗତମାସ ଓଏଏ ଆନୁକୂଲ୍ୟରେ କଟକରେ ଅନୁଷ୍ଠିତ ସିଲେକ୍ସନ ଟ୍ରାଏଲ୍‌ରେ ପ୍ରୀତି ଅପେକ୍ଷାକୃତ କମ୍ ସମୟ ୧୨.୫୮ ସେକେଣ୍ଡ ନେଇ ପ୍ରଥମ ହୋଇଥିଲେ ମଧ୍ୟ ତାଙ୍କୁ ଦଳରେ ନିଆଯାଇନାହିଁ। ଏନେଇ ମଧ୍ୟ ଏଏଫ୍‌ଆଇର ଅଧିକାରୀମାନେ ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS